# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୬ (୧୬ ପୃଷ୍ଠା+ଛୁଟିଦିନ) | Bhubaneswar, Sunday, March 8 /2026 | Page 16 | ₹ 7.00

୫୨ଶ ଭାଗ ୧୦୨ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul | VOLUME 52 ISSUE 102 | ମୂଲ୍ୟ₹୭/-



No. 33001/17/2526

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ

ମୁଖ୍ୟମନ୍ତ୍ରୀ

**ଶ୍ରୀ ମୋହନ ଚରଣ ମାଝୀଙ୍କ**

କରକମଳରେ




# ସୁଭଦ୍ରା ଚତୁର୍ଥ କିସ୍ତି



୧ କୋଟିରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ

**୫ ହଜାର କୋଟିରୁ ଊର୍ଦ୍ଧ୍ୱ**

ଟଙ୍କାର ଆର୍ଥିକ ସହାୟତା ପ୍ରଦାନ



ଗରିମାମୟ ଉପସ୍ଥିତି

ଶ୍ରୀ କନକ ବର୍ଦ୍ଧନ ସିଂହ ଦେଓ
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀମତୀ ପ୍ରଭାତୀ ପରିଡ଼ା
ଉପ-ମୁଖ୍ୟମନ୍ତ୍ରୀ, ଓଡ଼ିଶା

ଶ୍ରୀ ସମ୍ବିତ ପାତ୍ର
ସାଂସଦ, ପୁରୀ

ଶ୍ରୀ ବିଭୁପ୍ରସାଦ ତରାଇ
ସାଂସଦ, ଜଗତସିଂହପୁର

ଶ୍ରୀ ତୁଷାରକାନ୍ତି ବେହେରା
ବିଧାୟକ, କାକଟପୁର

ଶ୍ରୀ ସୁନୀଲ କୁମାର ମହାନ୍ତି
ବିଧାୟକ, ପୁରୀ

ଶ୍ରୀମତୀ ଉପାସନା ମହାପାତ୍ର
ବିଧାୟିକା, ବ୍ରହ୍ମଗିରି

ଶ୍ରୀ ଓମ୍ ପ୍ରକାଶ ମିଶ୍ର
ବିଧାୟକ, ସତ୍ୟବାଦୀ

ଶ୍ରୀ ଆଶ୍ରିତ ପଟ୍ଟନାୟକ
ବିଧାୟକ, ପିପିଲି

୮ ମାର୍ଚ୍ଚ ୨୦୨୬, ପୁରୀ

••• ସଶକ୍ତ ନାରୀ, ସମୃଦ୍ଧ ଓଡ଼ିଶା •••

ପୁଲିସ୍ ହେଲ୍ପଲାଇନ୍ ୧୧୨ | ଚାଇଲ୍ଡ ହେଲ୍ପଲାଇନ୍ ୧୦୯୮ | ମହିଳା ହେଲ୍ପଲାଇନ୍ ୧୮୧ | ସୁଭଦ୍ରା ହେଲ୍ପଲାଇନ୍ ୧୪୬୬୮

OIPR-33001/33001/2/25-26/0004

**ମହିଳା ଓ ଶିଶୁ ବିକାଶ ବିଭାଗ, ଓଡ଼ିଶା ସରକାର**

# ରାଜ୍ୟ ସଭା: ଜିତିବା ହାରିବା ନେଇ ଯୁକ୍ତି

**ଭୁବନେଶ୍ୱର, ୭।୩(ସୁନିତ୍ ମିଶ୍ର)**

- **ଖାର୍ଗେଙ୍କୁ ଭେଟିଲେ ଦତ୍ତେଶ୍ୱର**
- **ନୈତିକତାକୁ ବଳିଦେଲେ ଭାଜପା ଜିତିବ: ଅରୁଣ**
- **ଶାସକ ଦଳ ସମର୍ଥିତ ପ୍ରାର୍ଥୀ ଜିତିବା କାମରେ ଲାଗିଛନ୍ତି: କୃଷ୍ଣଚନ୍ଦ୍ର ପାତ୍ର**
- **ଗୋଟିଏ ଭୋଟ ଏପଟସେପଟ ହେବନି: ରାମଚନ୍ଦ୍ର କାଡାମ**

ଓଡ଼ିଶାର ୪ ରାଜ୍ୟ ସଭା ଆସନରେ ହେବାକୁ ଥିବା ନିର୍ବାଚନ ଉପରେ ସମସ୍ତଙ୍କ ନଜର ରହିଛି। ୪ର୍ଥ ଆସନରେ କିଏ ଜିତିବ ହାରିବ ସେନେଇ ବିଜେଡି, ଭାଜପା ଏବଂ କଂଗ୍ରେସ ମଧ୍ୟରେ ଯୁକ୍ତି ଚାଲିଛି। ଏହି ଆସନ ଲାଗି ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ସମର୍ଥିତ ପ୍ରାର୍ଥୀ ଡାକ୍ତର ଦତ୍ତେଶ୍ୱର ହୋତା ବର୍ତ୍ତମାନ ସବୁ ଦଳର ନେତାଙ୍କୁ ଭେଟୁଛନ୍ତି। ଦତ୍ତେଶ୍ୱର ଶନିବାର ନୂଆଦିଲ୍ଲୀ ଗସ୍ତରେ ଯାଇ ଶନିବାର ଅଖିଳ ଭାରତ କଂଗ୍ରେସ କମିଟି(ଏଆଇସିସି) ଅଧ୍ୟକ୍ଷ ମଲିକାର୍ଜୁନ ଖାର୍ଗେଙ୍କୁ ଭେଟିଛନ୍ତି। ସୂଚନାଯୋଗ୍ୟ, ନାମାଙ୍କନ କରିବା ପୂର୍ବରୁ ମଲିକାର୍ଜୁନଙ୍କୁ ଭେଟିବା ଲାଗି ଦତ୍ତେଶ୍ୱର ଦିଲ୍ଲୀ ଯାଇଥିଲେ। ମାତ୍ର କୌଣସି କାରଣବଶତଃ ସେ ନ ଭେଟି ଫେରି ଆସିଥିଲେ ବୋଲି ଶୁଣିବାକୁ ମିଳିଥିଲା। କଂଗ୍ରେସ ପାଖରେ ରହିଥିବା ୧୪ ବିଧାୟକଙ୍କ ସମର୍ଥନ ଯେପରି ମିଳିବା ନିଶ୍ଚିତ ହେବ ସେଥିଲାଗି ଦତ୍ତେଶ୍ୱର ଉଦ୍ୟମ ଜାରି ରଖିଛନ୍ତି। ମଲିକାର୍ଜୁନଙ୍କ ସାଙ୍ଗରେ ଭେଟିବା ଖବର ଦେଇ ତାଙ୍କ ପ୍ରତି ଦିଲ୍ଲୀ ନେତାଙ୍କ ସମର୍ଥନ ରହିଥିବା କଥା ପରୋକ୍ଷରେ ରାଜ୍ୟର ସବୁ କଂଗ୍ରେସ ବିଧାୟକଙ୍କୁ ସେ ଜଣାଇଛନ୍ତି ବୋଲି ଚର୍ଚ୍ଚା ହେଉଛି। ସେହିପରି ରାଜ୍ୟ ସଭା ୪ର୍ଥ ଆସନରେ କିଏ ଜିତିବେ ତାକୁ ନେଇ ରାଜନୈତିକ ମହଲରେ ବାକ୍‌ବିତଣ୍ଡା ଆରମ୍ଭ ହୋଇଛି। ଉଭୟ ଶାସକ ଏବଂ ବିରୋଧୀ ଦଳର ବିଧାୟକମାନେ ନିଜ ପ୍ରାର୍ଥୀମାନଙ୍କ ସପକ୍ଷରେ ନାନା ପ୍ରକାର ଯୁକ୍ତି ରଖିଛନ୍ତି। ଦତ୍ତେଶ୍ୱରଙ୍କ ସାଙ୍ଗରେ ପ୍ରଦେଶ କଂଗ୍ରେସ କମିଟି(ପିସିସି) ସଭାପତି ଭକ୍ତ ଚରଣ ଦାସ ଏବଂ ଦଳର ରାଜ୍ୟ ପ୍ରଭାରୀ ଅଜୟ କୁମାର ଲଲ୍ଲୁ ମଧ୍ୟ ଉପସ୍ଥିତ ଥିଲେ।

ବିଜେଡି ବିଧାୟକ ଅରୁଣ କୁମାର ସାହୁ ଗଣମାଧ୍ୟମକୁ ପ୍ରତିକ୍ରିୟା ଦେଇ କହିଛନ୍ତି, ଭାଜପା ରାଜ୍ୟ ସଭା ଆସନକୁ ନେଇ କେଉଁଭଳି ଆକଳନ କରୁଛି ଜାଣିନାହିଁ। ୩ ପ୍ରାର୍ଥୀ ରାଜ୍ୟ ସଭାକୁ ନିର୍ବାଚନ କରିବା ଭଳିଆ ସଂଖ୍ୟା ଶାସକ ଦଳ ପାଖରେ ନାହିଁ। ଏହା ବାଦ୍ ଯଦି ଭାଜପା ୩ଟି ଯାକ ଆସନରେ ଜିତିବ ବୋଲି କହୁଛି ଏହାକୁ କ'ଣ ସୁସ୍ଥ ଗଣତନ୍ତ୍ର ବୋଲି କୁହାଯିବ। ଯଦି ନୀତି, ନୈତିକତା ଏବଂ ବିଧି ଓ ସାମ୍ବିଧାନିକତାକୁ ବଳି ଦେଇଦେବେ ତା'ହେଲେ ସେମାନେ ଜିତିବା ସମ୍ଭାବନା ରହିବ ବୋଲି ଅରୁଣ କହିଛନ୍ତି।

ରାଜ୍ୟ ସଭା ନିର୍ବାଚନ ନେଇ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି, ସ୍ୱାଧୀନ ପ୍ରାର୍ଥୀଙ୍କୁ ଭାଜପା ସମର୍ଥନ ଜଣାଇସାରିଛି। ସେ କିପରି ଜିତିବେ ସେହି କାମରେ ସେ ଲାଗିପଡ଼ିଛନ୍ତି। ବିଜେଡିରେ ବହୁ ବିଜୁପ୍ରେମୀ ଅଛନ୍ତି। ସେହିପରି ନବୀନପ୍ରେମୀ ମଧ୍ୟ ସେହି ଦଳରେ ଅଛନ୍ତି। ବିଜୁପ୍ରେମୀମାନେ ତାଙ୍କ ଦଳର ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲୀପ ରାୟଙ୍କୁ ପସନ୍ଦ କରୁଛନ୍ତି। ବିଜେଡି ଧୀରେ ଧୀରେ ଭାଙ୍ଗି ଭାଙ୍ଗି ଯାଉଛି। ତେଣୁ କିଏ ଭୋଟ ଦେଲେ କି ନ ଦେଲେ ସେକଥା ମାର୍ଚ୍ଚ ୧୬ରେ ଜଣାପଡ଼ିବ। ଭାଜପା ୩ ଆସନରେ ଜିତିବ ବୋଲି ଆଶା ରଖିଥିବା ମନ୍ତ୍ରୀ ପାତ୍ର କହିଛନ୍ତି। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ କହିଛନ୍ତି, ରାଜ୍ୟ ସଭାରେ ନିଶ୍ଚିତ ଦତ୍ତେଶ୍ୱର ଜିତିବେ। ବିଜେଡି, କଂଗ୍ରେସ ଏବଂ ସିପିଆଇ(ଏମ୍) ଭୋଟ ଜମା ବି ଏପଟସେପଟ ହେବନାହିଁ ବୋଲି ସେ କହିଛନ୍ତି।

# ଡେଙ୍ଗାଜାନିଗୁଡ଼ାର ଦୁଃଖ ନାଲ୍‌କୋ ରେଡ୍‌ମଡ୍ ପଣ୍ଡ

## ରାସାୟନିକ ପାଣିରୁ ବ୍ୟାପୁଛି ଚର୍ମରୋଗ, ଦୃଷ୍ଟିଶକ୍ତି ହରାଉଛନ୍ତି ଲୋକେ



ନାଲ୍‌କୋର ରେଡ୍‌ମଡ୍ ପଣ୍ଡ

**କୋରାପୁଟ/ ସୁନାବେଡ଼ା,୭।୩**
**(ଅମିତାଭ ବେହେରା/କୃତ୍ତିବାସ ପ୍ରଧାନ)**

ଚାଇନାର ଦୁଃଖ କୁହାଯାଉଥିବା ହୋୟାଂ ହୋ ନଦୀ ଭଳି କୋରାପୁଟ ଜିଲା ଦାମନଯୋଡ଼ିସ୍ଥିତ ନାଲ୍‌କୋ କମ୍ପାନୀ ରେଡ୍‌ମଡ୍ ପଣ୍ଡ ଦଶମନ୍ତପୁର ବ୍ଲକ୍ ମୁଜାଙ୍ଗ ପଞ୍ଚାୟତ ଡେଙ୍ଗାଜାନୀଗୁଡ଼ା ଗ୍ରାମର ଦୁଃଖ ପାଲଟିଛି। ରାସାୟନିକ ମିଶା ଦୂଷିତ ପାଣି ବ୍ୟବହାରକରି ବିଭିନ୍ନ ଚର୍ମରୋଗ ହେଉଛି। ଖାଲି ସେତିକି ନୁହେଁ, ଏହି ପ୍ରଦୂଷିତ ରାସାୟନିକ ପାଣି ବ୍ୟବହାରକରି ଗ୍ରାମର କେତେଜଣ ଲୋକ ଦୃଷ୍ଟିଶକ୍ତି ହରାଉଛନ୍ତି। ସେହିଭଳି ଅନ୍ୟ କେହି ମାନସିକ ଭାରସାମ୍ୟ ହରାଇବା ସହ ଗ୍ରାମର ବୟସ୍କ ପୁରୁଷ ଓ ମହିଳାଙ୍କ ଗୋଡ଼ହାତ ଫୁଲିଯାଉଥିବା ଅଭିଯୋଗ ହୋଇଛି। ବିଡ଼ମ୍ବନାର କଥା, ଏହି ପାଣି ସମସ୍ୟା ଯୋଗୁ ଡେଙ୍ଗାଜାନିଗୁଡ଼ା ଗ୍ରାମର ପୁଅଙ୍କୁ ଅନ୍ୟ ଗ୍ରାମର ଲୋକେ ଝିଅ ଦେଉନାହାନ୍ତି। ଯଦି କେହି ବୋହୂ ହୋଇ ଆସୁଛନ୍ତି ୨ ମାସ ମଧ୍ୟ ନ ରହି ଗାଁ ଛାଡ଼ି ଚାଲିଯାଉଥିବା ଗ୍ରାମବାସୀ କହିଛନ୍ତି। ସମସ୍ୟା ନେଇ କମ୍ପାନୀ କର୍ତ୍ତୃପକ୍ଷଙ୍କ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କେହି ଦୃଷ୍ଟି ଦେଉ ନ ଥିବା ଗ୍ରାମବାସୀ କହିଛନ୍ତି।

ସୂଚନାନୁଯାୟୀ, ୪୦ ବର୍ଷ ଆଗରୁ ନାଲ୍‌କୋ କମ୍ପାନୀ ପ୍ରତିଷ୍ଠା ପୂର୍ବରୁ ଆଖପାଖ ଅଞ୍ଚଳର ୧୩ ଗାଁକୁ ବିସ୍ଥାପିତ କରିଥିଲା। କିନ୍ତୁ ସେହି ସମୟରେ ଡେଙ୍ଗାଜାନିଗୁଡ଼ା ଗାଁକୁ କମ୍ପାନୀ ବାଦ୍ ଦେଇଥିଲା। ଏବେ ଉକ୍ତ ଗାଁରେ ଶୁଣ୍ଡି, ଆଦିବାସୀ ଓ ଦଳିତ ୩ ସାହିରେ ପ୍ରାୟ ୧୩୦ ପରିବାରର ୬ ଶହ ଲୋକ ରହୁଛନ୍ତି। ସେମାନେ ଶିକ୍ଷା, ସ୍ୱାସ୍ଥ୍ୟ ଆଦି ମୌଳିକ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏହା ବ୍ୟତୀତ ଗାଁକୁ ଭଲ ରାସ୍ତା ନ ଥିବା ବେଳେ ପିଇବା ପାଣି ବ୍ୟବସ୍ଥା ମଧ୍ୟ କରାଯାଇ ନାହିଁ। କମ୍ପାନୀର ବର୍ଜ୍ୟ ବିଷାକ୍ତ କଷ୍ଟିକ୍ ସୋଡ଼ା ମିଶା ପାଣି ଗାଁର ଚାଷ ଓ ପିଇବା ପାଇଁ ବ୍ୟବହାର ହେଉଛି। ଏହା ସେମାନଙ୍କ ପାଇଁ କାଳ ସାଜିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି।

ଖରାଦିନରେ ରେଡ୍‌ମଡ୍ ପଣ୍ଡର ମାଟି ଶୁଖି ପବନରେ ଉଡ଼ି ସମସ୍ୟା ସୃଷ୍ଟି କରୁଛି। ବର୍ଷାଦିନରେ ଲୋକଙ୍କ ପାଇଁ ସମସ୍ୟା ଅଧିକ ଦୁର୍ବିଷହ ହୋଇପଡ଼େ ବୋଲି ଗ୍ରାମର ଟଙ୍କଧର ବିଶୋୟୀ, ମୁଣ୍ଡ ମୁଦୁଲି, ମଧୁ ଭୋଇ, ଧନ ମୁଦୁଲି ଓ ବଳବ ମୁଦୁଲିଆ କହିଛନ୍ତି। ବିଷାକ୍ତ ପାଣି ପିଇ ଗୋରୁ, ଛେଳି, ମେଣ୍ଢା ଆଦି ପ୍ରାଣୀ ରୋଗଗ୍ରସ୍ତ ହେବା ସହ ଅକାଳରେ ମୃତ୍ୟୁ ହେଉଥିବା କହିଛନ୍ତି। ଗାଁରେ ୩ ନଳକୂପ ଥିବା ସତ୍ତ୍ୱେ ସେଥିରୁ ଦୂଷିତ ପାଣି ବାହାରୁଛି। ଏହା ଲୋକଙ୍କ ବ୍ୟବହାରରେ ଲାଗୁ ନ ଥିବା କୁହାଯାଇଛି। ପାଣି ଟୋପାଏ ପାଇଁ ଗ୍ରାମବାସୀଙ୍କୁ ପ୍ରାୟ ୮ କି.ମି. ଦୂର ମୁଜାଙ୍ଗ ପଞ୍ଚାୟତ ପାହାଡ଼ରେ ଥିବା ଝରଣାକୁ ଯିବାକୁ ପଡ଼େ ବୋଲି କହିଛନ୍ତି। ଏ ନେଇ ଜିଲା ପ୍ରଶାସନଠାରୁ ଆରମ୍ଭକରି ନାଲ୍‌କୋ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅଭିଯୋଗ କରାଯାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳି ନ ଥିବା ଗ୍ରାମବାସୀ କହିଛନ୍ତି।

ଗାଁର ସମସ୍ୟାକୁ ନେଇ କୋରାପୁଟ ଏମ୍‌ପି ସପ୍ତଗିରି ଶଙ୍କର ଉଲାକାଙ୍କୁ ପଚାରିବାରୁ ନାଲ୍‌କୋ ସିଏମ୍‌ଡି ଓ ଖଣିମନ୍ତ୍ରୀଙ୍କ ସହ ଆଲୋଚନାକରି ଏହି ପ୍ରସଙ୍ଗକୁ ନେଇ ପାର୍ଲାମେଣ୍ଟରେ ପ୍ରଶ୍ନ ଉଠାଇବେ ବୋଲି ସେ କହିଛନ୍ତି। ଏ ନେଇ ଦଶମନ୍ତପୁର ବ୍ଲକ୍ ମୁଜାଙ୍ଗ ସରପଞ୍ଚ କୁନୁ ଭୋଇ କହିଛନ୍ତି, ନାଲ୍‌କୋ କମ୍ପାନୀ ଦ୍ୱାରା ପ୍ରଭାବିତ ଗ୍ରାମବାସୀ ଦୁଃଖ କଷ୍ଟରେ ରହୁଥିବା ବେଳେ କମ୍ପାନୀ କିନ୍ତୁ ଗାଁ ପାଇଁ ପିଇବା ପାଣି, ସ୍ୱାସ୍ଥ୍ୟ ଓ ଶିକ୍ଷା ଯୋଗାଇ ଦେଉନାହିଁ। ଆଗକୁ ଏହିଭଳି ସମସ୍ୟା ଲାଗି ରହିଲେ ଆଗାମୀ ଦିନରେ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି। ଡେଙ୍ଗାଜାନିଗୁଡ଼ାର ସମସ୍ୟାକୁ ନେଇ କୋରାପୁଟ ଜିଲାପାଳ ମନୋଜ ସତ୍ୟବାନ ମହାଜନଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ନାଲ୍‌କୋ ଓ ଡେଙ୍ଗାଜାନିଗୁଡ଼ା ଗ୍ରାମବାସୀଙ୍କ ମଧ୍ୟରେ ଆଲୋଚନା ହୋଇଥିବା ଓ ଜିଲା ପ୍ରଶାସନ ପକ୍ଷରୁ ଗ୍ରାମର ବିଭିନ୍ନ ସମସ୍ୟା ସମାଧାନ ପାଇଁ ଦଶମନ୍ତପୁର ବିଡିଓଙ୍କୁ କୁହାଯାଇଥିବା ସେ କହିଛନ୍ତି। ଏ ସମ୍ପର୍କରେ ଦାମନଯୋଡ଼ି ନାଲ୍‌କୋ ଜିଏମ୍‌ଏଚ୍‌ଆର୍ ସି.ଏମ୍. ମହନ୍ତଙ୍କୁ ପଚାରିବାରୁ ନାଲ୍‌କୋ ପକ୍ଷରୁ ଡିଏମ୍‌ଏଫ୍ ଜରିଆରେ ଡେଙ୍ଗାଜାନିଗୁଡ଼ା ଗାଁରେ ବିଦ୍ୟୁତ୍, ପାନୀୟଜଳ ଓ ରାସ୍ତା ଆଦି ବିଭିନ୍ନ ମୌଳିକ ସମସ୍ୟା ସମାଧାନ ଅତିଶୀଘ୍ର କରାଯିବ ବୋଲି ସେ ପ୍ରକାଶ କରିଛନ୍ତି।

# ଅନୁଗୋଳ-ଛେଣ୍ଡିପଦା ରାଜପଥ ଅବରୋଧ, ଫେରିଲା ୪୦ ଟ୍ରକ୍

## କୋଇଲା ପରିବହନକୁ ତୀବ୍ର ବିରୋଧ, ଅଶାନ୍ତ ଛେଣ୍ଡିପଦା

**ଛେଣ୍ଡିପଦା, ୭।୩ (ଅଜିତ ଧଳ)**

ଅନୁଗୋଳ-ଛେଣ୍ଡିପଦା ୬୩ନଂ. ରାଜ୍ୟ ରାଜପଥର କୋଶଳା ଓ ଅନ୍ୟ ଗ୍ରାମ ଦେଇ କୋଇଲା ପରିବହନକୁ ଶୁକ୍ରବାର ରାତିରୁ ତୀବ୍ର ବିରୋଧ କରାଯାଇଛି। କୋଶଳା ଗ୍ରାମବାସୀ ରାଜପଥ ଅବରୋଧ କରିଥିବାବେଳେ ପଡ଼ୋଶୀ ଗ୍ରାମବାସୀ ଛେଣ୍ଡିପଦା-ଜରପଡ଼ା ପୂର୍ତ୍ତ ବିଭାଗ ରାସ୍ତାରେ ଜଗି ବସିଥିଲେ। ଫଳରେ ନୟନୀ କୋଇଲା ଖଣିରୁ କୋଇଲା ବୋଝେଇ କରି ୬୩ନଂ. ରାଜ୍ୟ ରାଜପଥରେ ଆସୁଥିବା ୪୦ ଟ୍ରକ୍ କୋଶଳାଠାରେ ତୀବ୍ର ବିରୋଧର ସମ୍ମୁଖୀନ ହୋଇ ଫେରିଯାଇଛି। କୋଇଲା ପରିବହନ ପାଇଁ ସ୍ୱତନ୍ତ୍ର ରାସ୍ତା ନିର୍ମାଣ ନ କରି ପ୍ରଶାସନ ଗାଁ ଭିତରେ ଯାଇଥିବା ରାଜ୍ୟ ରାଜପଥରେ କୋଇଲା ଟ୍ରକ୍ ଚଳାଚଳ କରାଇବାକୁ ବାରମ୍ବାର ଉଦ୍ୟମ କରୁଥିବାରୁ ଏହାକୁ ନେଇ ଛେଣ୍ଡିପଦା ଅଞ୍ଚଳ ଅଶାନ୍ତ ହୋଇପଡ଼ିଛି।

ସୂଚନା ଅନୁଯାୟୀ, ଛେଣ୍ଡିପଦା ବ୍ଲକର ନୟନୀ କୋଇଲା ଖଣିରୁ କୋଇଲା ଉତ୍ତୋଳନ କରାଯାଇ ୬୩ନଂ. ରାଜ୍ୟ ରାଜପଥର କୋଶଳା ଗାଁ ଦେଇ କୋଇଲା ପରିବହନ ପାଇଁ ଉଦ୍ୟମ କରାଯାଉଛି। ଏହାର ପ୍ରତିବାଦରେ କୋଶଳା ଗ୍ରାମବାସୀ କୋଶଳା ଚନ୍ଦନନଗର ଠାରେ ରାଜ୍ୟ ରାଜପଥକୁ ଶୁକ୍ରବାର ରାତିରେ ଅବରୋଧ କରିଥିଲେ। ଫଳରେ ନୟନୀ କୋଇଲା ଖଣିରୁ ପ୍ରାୟ ୪୦ଟି ଟ୍ରକ୍‌ରେ ଆସୁଥିବା କୋଇଲା ଅନୁଗୋଳ ଅଭିମୁଖେ ଯାଇପାରି ନ ଥିଲା। ସେହିପରି କମ୍ପସଲା ସରପଞ୍ଚ ବାବୁଲା ପ୍ରଧାନଙ୍କ ଆହ୍ୱାନ କ୍ରମେ କମ୍ପସଲା ଜଗନ୍ନାଥ ମନ୍ଦିର ସମ୍ମୁଖରେ କମ୍ପସଲା ଗ୍ରାମ ସଭାପତି ଭୀମସେନ ସାହୁଙ୍କ ସଭାପତିତ୍ୱରେ ଏକ ଜରୁରୀ ବୈଠକ ବସିବା ସହ ରାତିରେ ଗାଁ ରାସ୍ତା ଉପରେ ନଜର ରଖାଯାଇଥିଲା। ସେହିପରି ଛେଣ୍ଡିପଦା-ଜରପଡ଼ା ପୂର୍ତ୍ତ ରାସ୍ତା ଦେଇ କୋଇଲା ପରିବହନ ଆଶଙ୍କା କରି ଅନ୍ୟ ୬ଟି ଗାଁର ଲୋକେ ତେନ୍ତୁଲୋଇ ଠାରେ ରାସ୍ତାରେ ଜଗି ରହିଥିଲେ। ଅନ୍ୟପକ୍ଷରେ କୋଇଲା ବୋଝେଇ ଟ୍ରକ୍ ଗୁଡ଼ିକ ଚଳାଚଳ କରିପାରୁ ନ ଥିବାରୁ ଏହାକୁ ନେଇ ଚିନ୍ତାବ୍ୟକ୍ତ କରିଛନ୍ତି ଛେଣ୍ଡିପଦା ଟ୍ରକ୍ ମାଲିକ ସଂଘ ସଭାପତି ମହେଶ୍ୱର ହେବରା। ଘଟଣା ସମ୍ପର୍କରେ ଛେଣ୍ଡିପଦା ଥାନା ଅଧିକାରୀ ବିଭୂଦତ୍ତ ରାଉତରାୟ କହିଛନ୍ତି, ଉପରିସ୍ଥ ଅଧିକାରୀଙ୍କ ନିର୍ଦ୍ଦେଶ ଓ ଲୋକଙ୍କ ଦାବିକୁ ଦୃଷ୍ଟିରେ ରଖି କାର୍ଯ୍ୟ କରାଯିବ।



୬୩ନଂ. ରାଜ୍ୟ ରାଜପଥର କୋଶଳାଠାରେ କୋଇଲା ବୋଝେଇ ଟ୍ରକ୍‌ଗୁଡ଼ିକୁ ଅଟକାଯାଇଛି।






# ଧରିତ୍ରୀ
DHARITRI

ଧରିତ୍ରୀ 52 Years

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୬ | Bhubaneswar, Sunday, March 8 /2026 | ପୃଷ୍ଠା-୧


## ରୁଷୀୟ ତୈଳ କ୍ରୟ ଅନୁମତି ସହ ଆମେରିକାର ପ୍ରତିକ୍ରିୟା

# ବୋଲ ମାନୁଛି ଭାରତ

**ଭାରତୀୟମାନେ ଭଲ ଅଭିନେତା। ସେମାନଙ୍କୁ ଯେମିତି କହିଲେ ସେମିତି ଅଭିନୟ କରୁଛନ୍ତି ବୋଲି ରୁଷୀୟ ତୈଳ କ୍ରୟ ଅନୁମତି ପ୍ରଦାନ ପ୍ରସଙ୍ଗରେ ଆମେରିକା ତାଚ୍ଛଲ୍ୟ କରିଛି। ଟ୍ରମ୍ପ୍ ପ୍ରଶାସନର ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ ଏକ ପ୍ରେସ୍ ମିଟ୍‌ରେ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଆମେରିକା ପକ୍ଷରୁ ରୁଷୀୟ କ୍ରୁଡ୍ ଉପରେ କଟକଣା ଜାରି କରାଯିବା ପରେ ଭାରତ ମସ୍କୋଠାରୁ ଅଶୋଧିତ ତୈଳ କ୍ରୟ ବନ୍ଦ କରିଦେଇଥିଲା। ସମ୍ପ୍ରତି ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଇରାନ୍ ବିଶ୍ୱର ତୈଳ ଯୋଗାଣକୁ ପଣବନ୍ଦୀ କରିବାକୁ ଉଦ୍ୟମ ଚଳାଇଥିବାରୁ ଆମେରିକା ଭାରତକୁ ପୁଣି ରୁଷୀୟ ତୈଳ କିଣିବାକୁ ଅନୁମତି ଦେଇଛି। ସେମାନେ ଏବେ ରୁଷିଆଠାରୁ ତୈଳ କିଣିବେ। ଭାରତ ଭଲ ବୋଲ ମାନୁଛି। ତେବେ ଏହା ଏକ ସାମୟିକ ଆଶ୍ୱସ୍ତି ବୋଲି ବେସେଣ୍ଟ ସ୍ପଷ୍ଟ କରିଛନ୍ତି। ଆମେରିକାର ଏପରି କଟାକ୍ଷକୁ ନେଇ ଭାରତ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଅନ୍ୟପକ୍ଷେ କଂଗ୍ରେସ କେନ୍ଦ୍ରକୁ ଭୀରୁ ଓ ସାଲିସକାରୀ ସରକାର ବୋଲି ସମାଲୋଚନା କରିଛି ।**

**ନ୍ୟୁୟର୍କ,୭।୩**

ପଶ୍ଚିମ ଏସିଆରେ ଯୁଦ୍ଧ ଲାଗି ରହିଥିବାବେଳେ ରୁଷିଆରୁ ତେଲ କିଣିବା ଲାଗି ଭାରତକୁ ଆମେରିକା ଅନୁମତି ଦେଇଥିବା ଏହାର ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଥିଲେ। ବିଶ୍ୱର ତୈଳ ଯୋଗାଣ ପଥକୁ ଅବରୋଧ କରିବାକୁ ଇରାନର ଉଦ୍ୟମ ଯୋଗୁ ସୃଷ୍ଟ ଚାପକୁ ଲାଘବ କରିବା ନିମନ୍ତେ ସାମୟିକ ଭାବେ ଏହି ରିହାତି ଦିଆଯାଇଥିବା ସେ ସ୍ପଷ୍ଟ କରିଥିଲେ। ବେସେଣ୍ଟ ଭାରତୀୟଙ୍କୁ ଭଲ ଅଭିନୟକାରୀ ବୋଲି କହିଛନ୍ତି। ଆମେରିକା କହିବାରୁ ଭାରତ ରୁଷିଆରୁ ତୈଳ କିଣିବା ବନ୍ଦ କରିଥିଲା ବୋଲି ସେ ଦାବି କରିଛନ୍ତି। ଏହାର ବିକଳ୍ପ ଭାବେ ସେମାନେ ଆମେରିକା ତେଲ କିଣିବାକୁ ଯାଉଛନ୍ତି। ତେବେ ବିଶ୍ୱରେ ସାମୟିକ ଭାବେ ସୃଷ୍ଟି ହୋଇଥିବା ତୈଳ ପ୍ରତିବନ୍ଧକକୁ ଲାଘବ କରିବା ପାଇଁ ଭାରତକୁ ରୁଷିଆ ତେଲ ଗ୍ରହଣ କରିବାକୁ ଆମେ ଅନୁମତି ଦେଇଛୁ। ଆମେ ଅନ୍ୟ ରୁଷିଆ ତୈଳକୁ କଟକଣାମୁକ୍ତ କରିପାରୁ ବୋଲି ବେସେଣ୍ଟ ଫକ୍ସ ବିଜନେସ୍‌କୁ ଏକ ସାକ୍ଷାତ୍କାରରେ କହିଛନ୍ତି।

ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିବାରୁ ଉପସାଗରୀୟ ସଙ୍କଟ ଗମ୍ଭୀର ହୋଇଛି। ତୈଳ ଆବଶ୍ୟକତା ମେଣ୍ଟାଇବା ପାଇଁ ରୁଷିଆରୁ ତେଲ କିଣା ଜାରି ରଖିବା ନିମନ୍ତେ ଆମେରିକା ଭାରତକୁ ୩୦ ଦିନ ରିହାତି ପ୍ରଦାନ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍‌ଙ୍କ ଶକ୍ତି କାର୍ଯ୍ୟସୂଚୀ ଯୋଗୁ ତୈଳ ଓ ଗ୍ୟାସ ଉତ୍ପାଦନ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବିଶ୍ୱ ବଜାରକୁ ତୈଳ ପରିବହନ ଜାରି ରଖିବା ପାଇଁ ଭାରତୀୟ ରିଫାଇନରମାନଙ୍କୁ ସାମୟିକ ଭାବେ ୩୦ ଦିନ ପାଇଁ ରୁଷିଆରୁ ତେଲ କିଣିବାକୁ ଟ୍ରେଜେରି ବିଭାଗ ଅନୁମତି ଦେଇଥିବା ବେସେଣ୍ଟ କହିଥିଲେ। ଭାରତ ୪୦ ପ୍ରତିଶତ ତୈଳ ମଧ୍ୟପ୍ରାଚ୍ୟରୁ ଆମଦାନୀ କରିଥାଏ, ଯାହାର ଅଧିକାଂଶ ଭାଗ ଗୁରୁତ୍ୱପୂର୍ଣ୍ଣ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ଦେଇ ପରିବହନ ହୋଇଥାଏ। ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନ ଉକ୍ତ ଷ୍ଟ୍ରେଟ୍‌କୁ ଅବରୋଧ କରିଛି।

ରୁଷିଆରୁ ତୈଳ କିଣିବାକୁ ଆମେରିକା ଅନୁମତି ଦେଇଥିବା ଏହାର ଟ୍ରେଜେରି ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ସାହସ ନାହିଁ**

**ପଡ଼ୋଶୀଙ୍କୁ କ୍ଷମା ମାଗିଲା ଇରାନ**

........୯........

### ଆଜିର ମନ୍ତବ୍ୟ

“ଶିକ୍ଷିତ, ସଶକ୍ତ ମହିଳାମାନେ ଏକ ସମୃଦ୍ଧ ଓ ପ୍ରଗତିଶୀଳ ରାଷ୍ଟ୍ର ପାଇଁ ଦୃଢ଼ ଭାବେ ସହାୟକ ହୋଇପାରିବେ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**






# ପଶ୍ଚିମବଙ୍ଗରେ ରାଷ୍ଟ୍ରପତିଙ୍କୁ ଅସମ୍ମାନ

## ନିନ୍ଦାକଲେ ମୋଦି, ଶାହା



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**କୋଲକାତା/ନୂଆଦିଲ୍ଲୀ,୭।୩**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେବାକୁ ଶନିବାର ପଶ୍ଚିମବଙ୍ଗର ଗୋସାଇପୁର ଯାଇଥିବାବେଳେ ସେଠାରେ ତାଙ୍କୁ ଅସମ୍ମାନିତ କରାଯାଇଛି। ଏଥିସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଷ୍ଟ୍ରପତିଙ୍କ ପ୍ରତି ଦେଇଥିବା ମନ୍ତବ୍ୟ ମଧ୍ୟ ରାଜନୈତିକ ସ୍ତରରେ ବିବାଦ ସୃଷ୍ଟି କରିଛି।

ରାଷ୍ଟ୍ରପତି ମୁର୍ମୁ ବାଗ୍‌ଡୋଗରା ବିମାନବନ୍ଦରରେ ପହଞ୍ଚିବା ସମୟରେ ତାଙ୍କୁ ସ୍ୱାଗତ କରିବାକୁ ସେଠାରେ ମମତା କିମ୍ବା ପଶ୍ଚିମବଙ୍ଗର କୌଣସି ମନ୍ତ୍ରୀ ଉପସ୍ଥିତ ନ ଥିଲେ। ଏହାକୁ ନେଇ ରାଷ୍ଟ୍ରପତି ପରୋକ୍ଷରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମମତା ତାଙ୍କ ଉପରେ ରାଗିଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଏହାଛଡ଼ା ସାନ୍ତାଳ ସମ୍ମିଳନୀକୁ ପ୍ରଥମେ ବିଧାନନଗରରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲାବେଳେ ପରେ ଏହାକୁ ଗୋସାଇପୁରକୁ ସ୍ଥାନାନ୍ତର କରାଯାଇଥିବାରୁ ଏଥିନେଇ ମଧ୍ୟ ରାଷ୍ଟ୍ରପତି ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ବିଧାନନଗରରେ ପର୍ଯ୍ୟାପ୍ତ ଜାଗା ଥିବାରୁ ସେଠାରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲେ ☞ପୃଷ୍ଠା-୨

### ଓଡ଼ିଶାବାସୀ ମର୍ମାହତ, ଆଦିବାସୀ ସମ୍ପ୍ରଦାୟ ଦୁଃଖିତ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୩ (ସୁନିତ୍ ମିଶ୍ର)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗର ସିଲିଗୁଡ଼ି ଗସ୍ତ ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରଙ୍କ ଆଚରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ନେଇ ଓଡ଼ିଶାବାସୀ ମର୍ମାହତ ଓ ସମଗ୍ର ଆଦିବାସୀ ସମ୍ପ୍ରଦାୟ ଦୁଃଖିତ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ନିଜ X ହ୍ୟାଣ୍ଡଲରେ ଅସନ୍ତୋଷ ବ୍ୟକ୍ତକରି ଲେଖିଛନ୍ତି, ଅନ୍ତର୍ଜାତୀୟ ସାନ୍ତାଳ ସମାବେଶ ପାଇଁ ସିଲିଗୁଡ଼ିରେ ଅନୁମତି ଦିଆ ନ ଯିବା ଏବଂ ପରିବହନଜନିତ ସମସ୍ୟା ହେତୁ ତରବରିଆ ☞ପୃଷ୍ଠା-୨

# ଆଜି ମିଳିବ ୪ର୍ଥ କିସ୍ତି ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୭।୩ (ସୁଚିସ୍ମିତା ସାହୁ)**

ମହିଳା ଦିବସ ଅବସରରେ ୮ ତାରିଖ ରବିବାର ମିଳିବ ଚତୁର୍ଥ କିସ୍ତି ସୁଭଦ୍ରା ଟଙ୍କା। ମୋଟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫




ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୫ ହଜାର କୋଟିରୁ ଅଧିକ ଟଙ୍କା ସିଧା ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ପୁରୀ ତାଳବଣିଆଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରିବା ପରେ ସମସ୍ତ ଆକାଉଣ୍ଟକୁ ଟଙ୍କା ପଠାଯିବ। ଏବେସୁଦ୍ଧା ମୋଟ ୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ଜଣ ଆବେଦନ କରିଛନ୍ତି। ଯୋଗ୍ୟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀଙ୍କ ମଧ୍ୟରେ ୨ ଲକ୍ଷ ୧୩ ହଜାର ୧୯୮ଜଣ ନୂଆ ହିତାଧିକାରୀ ଯୋଡି ହୋଇଛନ୍ତି। ସୁଭଦ୍ରା ଗ୍ରୀଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗ ଆଧାରରେ ଯାଞ୍ଚ କରାଯାଇ ଆଉ ୩୬ ହଜାର ୩୮୫ଜଣ ସୁଭଦ୍ରା ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଏପ୍ରିଲ ମାସରେ ୨୧ ବର୍ଷ ହୋଇଥିବା ମହିଳାମାନେ ସୁଭଦ୍ରା ସହାୟତା ପାଇଁ ଆବେଦନ କରିପାରିବେ। ୨୧ ବର୍ଷ ହୋଇଥିବା ଯେଉଁ ମହିଳାମାନେ ଗତ ଜାନୁଆରୀ ମାସରେ ପ୍ରଥମ ସୁଭଦ୍ରା ଟଙ୍କା ପାଇଛନ୍ତି, ସେମାନଙ୍କ ପାଇଁ ଏହା ଦ୍ୱିତୀୟ କିସ୍ତି ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।




DHARITRI

ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୬ | Bhubaneswar, Sunday, March 8 /2026 | ପୃଷ୍ଠା-୧

## ରୁଷୀୟ ତୈଳ କ୍ରୟ ଅନୁମତି ସହ ଆମେରିକାର ପ୍ରତିକ୍ରିୟା

# ବୋଲ ମାନୁଛି ଭାରତ

ଭାରତୀୟମାନେ ଭଲ ଅଭିନେତା। ସେମାନଙ୍କୁ ଯେମିତି କହିଲେ ସେମିତି ଅଭିନୟ କରୁଛନ୍ତି ବୋଲି ରୁଷୀୟ ତୈଳ କ୍ରୟ ଅନୁମତି ପ୍ରଦାନ ପ୍ରସଙ୍ଗରେ ଆମେରିକା ତାଚ୍ଛଲ୍ୟ କରିଛି। ଟ୍ରମ୍ପ ପ୍ରଶାସନର ଟ୍ରେଜେରି ସେକ୍ରେଟାରି ସ୍କଟ୍ ବେସେଣ୍ଟ ଏକ ପ୍ରେସ୍ ମିଟ୍‌ରେ କହିଛନ୍ତି, ୟୁକ୍ରେନ୍ ଯୁଦ୍ଧର ଅବସାନ ପାଇଁ ଆମେରିକା ପକ୍ଷରୁ ରୁଷୀୟ କ୍ରୁଡ୍ ଉପରେ କଟକଣା ଜାରି କରାଯିବା ପରେ ଭାରତ ମସ୍କୋଠାରୁ ଅଶୋଧିତ ତୈଳ କ୍ରୟ ବନ୍ଦ କରିଦେଇଥିଲା। ସମ୍ପ୍ରତି ମଧ୍ୟପ୍ରାଚ୍ୟ ଯୁଦ୍ଧ ପରିପ୍ରେକ୍ଷୀରେ ଇରାନ୍ ବିଶ୍ୱର ତୈଳ ଯୋଗାଣକୁ ପଣବନ୍ଦୀ କରିବାକୁ ଉଦ୍ୟମ ଚଳାଇଥିବାରୁ ଆମେରିକା ଭାରତକୁ ପୁଣି ରୁଷୀୟ ତୈଳ କିଣିବାକୁ ଅନୁମତି ଦେଇଛି। ସେମାନେ ଏବେ ରୁଷିଆଠାରୁ ତୈଳ କିଣିବେ। ଭାରତ ଭଲ ବୋଲ ମାନୁଛି। ତେବେ ଏହା ଏକ ସାମୟିକ ଆଶ୍ୱସ୍ତି ବୋଲି ବେସେଣ୍ଟ ସ୍ପଷ୍ଟ କରିଛନ୍ତି। ଆମେରିକାର ଏପରି କଟାକ୍ଷକୁ ନେଇ ଭାରତ ସରକାରଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ଆସିନାହିଁ। ଅନ୍ୟପକ୍ଷେ କଂଗ୍ରେସ କେନ୍ଦ୍ରକୁ ଭୀରୁ ଓ ସାଲିସକାରୀ ସରକାର ବୋଲି ସମାଲୋଚନା କରିଛି ।

**ନ୍ୟୁୟର୍କ,୭।୩**

ପଶ୍ଚିମ ଏସିଆରେ ଯୁଦ୍ଧ ଲାଗି ରହିଥିବାବେଳେ ରୁଷିଆରୁ ତେଲ କିଣିବା ଲାଗି ଭାରତକୁ ଆମେରିକା ଅନୁମତି ଦେଇଥିବା ଏହାର ଟ୍ରେଜେରି ସଚିବ ସ୍କଟ୍ ବେସେଣ୍ଟ କହିଥିଲେ। ବିଶ୍ୱର ତୈଳ ଯୋଗାଣ ପଥକୁ ଅବରୋଧ କରିବାକୁ ଇରାନର ଉଦ୍ୟମ ଯୋଗୁ ସୃଷ୍ଟ ଚାପକୁ ଲାଘବ କରିବା ନିମନ୍ତେ ସାମୟିକ ଭାବେ ଏହି ରିହାତି ଦିଆଯାଇଥିବା ସେ ସ୍ପଷ୍ଟ କରିଥିଲେ। ବେସେଣ୍ଟ ଭାରତୀୟଙ୍କୁ ଭଲ ଅଭିନୟକାରୀ ବୋଲି କହିଛନ୍ତି। ଆମେରିକା କହିବାରୁ ଭାରତ ରୁଷିଆରୁ ତୈଳ କିଣିବା ବନ୍ଦ କରିଥିଲା ବୋଲି ସେ ଦାବି କରିଛନ୍ତି। ଏହାର ବିକଳ୍ପ ଭାବେ ସେମାନେ ଆମେରିକା ତେଲ କିଣିବାକୁ ଯାଉଛନ୍ତି। ତେବେ ବିଶ୍ୱରେ ସାମୟିକ ଭାବେ ସୃଷ୍ଟି ହୋଇଥିବା ତୈଳ ପ୍ରତିବନ୍ଧକକୁ ଲାଘବ କରିବା ପାଇଁ ଭାରତକୁ ରୁଷିଆ ତେଲ ଗ୍ରହଣ କରିବାକୁ ଆମେ ଅନୁମତି ଦେଇଛୁ। ଆମେ ଅନ୍ୟ ରୁଷିଆ ତୈଳକୁ କଟକଣାମୁକ୍ତ କରିପାରୁ ବୋଲି ବେସେଣ୍ଟ ଫକ୍ସ ବିଜନେସ୍‌କୁ ଏକ ସାକ୍ଷାତ୍‌କାରରେ କହିଛନ୍ତି।

ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ଦେଇ ଜାହାଜ ଚଳାଚଳ ବାଧାପ୍ରାପ୍ତ ହୋଇଥିବାରୁ ଉପସାଗରୀୟ ସଙ୍କଟ ଗମ୍ଭୀର ହୋଇଛି। ତୈଳ ଆବଶ୍ୟକତା ମେଣ୍ଟାଇବା ପାଇଁ ରୁଷିଆରୁ ତେଲ କିଣା ଜାରି ରଖିବା ନିମନ୍ତେ ଆମେରିକା ଭାରତକୁ ୩୦ ଦିନ ରିହାତି ପ୍ରଦାନ କରିଛି। ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଶକ୍ତି କାର୍ଯ୍ୟସୂଚୀ ଯୋଗୁ ତୈଳ ଓ ଗ୍ୟାସ ଉତ୍ପାଦନ ରେକର୍ଡ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି। ବିଶ୍ୱ ବଜାରକୁ ତୈଳ ପରିବହନ ଜାରି ରଖିବା ପାଇଁ ଭାରତୀୟ ରିଫାଇନରମାନଙ୍କୁ ସାମୟିକ ଭାବେ ୩୦ ଦିନ ପାଇଁ ରୁଷିଆରୁ ତେଲ କିଣିବାକୁ ଟ୍ରେଜେରି ବିଭାଗ ଅନୁମତି ଦେଇଥିବା ବେସେଣ୍ଟ କହିଥିଲେ। ଭାରତ ୪୦ ପ୍ରତିଶତ ତୈଳ ମଧ୍ୟପ୍ରାଚ୍ୟରୁ ଆମଦାନୀ କରିଥାଏ, ଯାହାର ଅଧିକାଂଶ ଭାଗ ଗୁରୁତ୍ୱପୂର୍ଣ୍ଣ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ୍ ଦେଇ ପରିବହନ ହୋଇଥାଏ। ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣ ପରେ ଇରାନ ଉକ୍ତ ଷ୍ଟ୍ରେଟ୍‌କୁ ଅବରୋଧ କରିଛି।

ରୁଷିଆରୁ ତୈଳ କିଣିବାକୁ ଆମେରିକା ଅନୁମତି ଦେଇଥିବା ଏହାର ଟ୍ରେଜେରି ☞ପୃଷ୍ଠା-୨

### ଆଜିର ସମ୍ପାଦକୀୟ

**ସାହସ ନାହିଁ**

**ପଡ଼ୋଶୀଙ୍କୁ କ୍ଷମା ମାଗିଲା ଇରାନ**

୯

### ଆଜିର ମନ୍ତବ୍ୟ

"ଶିକ୍ଷିତ, ସଶକ୍ତ ମହିଳାମାନେ ଏକ ସମୃଦ୍ଧ ଓ ପ୍ରଗତିଶୀଳ ରାଷ୍ଟ୍ର ପାଇଁ ଦୃଢ଼ ଭାବେ ସହାୟକ ହୋଇପାରିବେ।

**-ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**






## ପଶ୍ଚିମବଙ୍ଗରେ ରାଷ୍ଟ୍ରପତିଙ୍କୁ ଅସମ୍ମାନ

**ନିନ୍ଦାକଲେ ମୋଦି, ଶାହା**



ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ

**କୋଲକାତା/ନୂଆଦିଲ୍ଲୀ,୭।୩**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଅନ୍ତର୍ଜାତୀୟ ସାନ୍ତାଳ ସମ୍ମିଳନୀରେ ମୁଖ୍ୟ ଅତିଥିଭାବେ ଯୋଗଦେବାକୁ ଶନିବାର ପଶ୍ଚିମବଙ୍ଗର ଗୋସାଇପୁର ଯାଇଥିବାବେଳେ ସେଠାରେ ତାଙ୍କୁ ଅସମ୍ମାନିତ କରାଯାଇଛି। ଏଥିସହ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଷ୍ଟ୍ରପତିଙ୍କ ପ୍ରତି ଦେଇଥିବା ମନ୍ତବ୍ୟ ମଧ୍ୟ ରାଜନୈତିକ ସ୍ତରରେ ବିବାଦ ସୃଷ୍ଟି କରିଛି।

ରାଷ୍ଟ୍ରପତି ମୁର୍ମୁ ବାଗ୍‌ଡୋଗରା ବିମାନବନ୍ଦରରେ ପହଞ୍ଚିବା ସମୟରେ ତାଙ୍କୁ ସ୍ୱାଗତ କରିବାକୁ ସେଠାରେ ମମତା କିମ୍ବା ପଶ୍ଚିମବଙ୍ଗର କୌଣସି ମନ୍ତ୍ରୀ ଉପସ୍ଥିତ ନ ଥିଲେ। ଏହାକୁ ନେଇ ରାଷ୍ଟ୍ରପତି ପରୋକ୍ଷରେ ଅସନ୍ତୋଷ ବ୍ୟକ୍ତ କରିଥିଲେ। ମମତା ତାଙ୍କ ଉପରେ ରାଗିଛନ୍ତି କି ବୋଲି ସେ ପ୍ରଶ୍ନ କରିଥିଲେ। ଏହାଛଡ଼ା ସାନ୍ତାଳ ସମ୍ମିଳନୀକୁ ପ୍ରଥମେ ବିଧାନନଗରରେ କରିବାକୁ ନିଷ୍ପତ୍ତି ନିଆଯାଇଥିଲାବେଳେ ପରେ ଏହାକୁ ଗୋସାଇପୁରକୁ ସ୍ଥାନାନ୍ତର କରାଯାଇଥିବାରୁ ଏଥିନେଇ ମଧ୍ୟ ରାଷ୍ଟ୍ରପତି ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ, ବିଧାନନଗରରେ ପର୍ଯ୍ୟାପ୍ତ ଜାଗା ଥିବାରୁ ସେଠାରେ ଏହି ସମ୍ମିଳନୀ ଆୟୋଜନ କରାଯାଇଥିଲେ ☞ପୃଷ୍ଠା-୨

### ଓଡ଼ିଶାବାସୀ ମର୍ମାହତ, ଆଦିବାସୀ ସମ୍ପ୍ରଦାୟ ଦୁଃଖିତ: ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୭।୩ (ସୁନିତ୍ ମିଶ୍ର)**

ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ପଶ୍ଚିମବଙ୍ଗର ସିଲିଗୁଡ଼ି ଗସ୍ତ ବେଳେ ତୃଣମୂଳ କଂଗ୍ରେସ (ଟିଏମ୍‌ସି) ସରକାରଙ୍କ ଆଚରଣ ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏହାକୁ ନେଇ ଓଡ଼ିଶାବାସୀ ମର୍ମାହତ ଓ ସମଗ୍ର ଆଦିବାସୀ ସମ୍ପ୍ରଦାୟ ଦୁଃଖିତ ବୋଲି ଶନିବାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ନିଜ X ହ୍ୟାଣ୍ଡଲରେ ଅସନ୍ତୋଷ ବ୍ୟକ୍ତକରି ଲେଖିଛନ୍ତି, ଅନ୍ତର୍ଜାତୀୟ ସାନ୍ତାଳ ସମାବେଶ ପାଇଁ ସିଲିଗୁଡ଼ିରେ ଅନୁମତି ଦିଆ ନ ଯିବା ଏବଂ ପରିବହନଜନିତ ସମସ୍ୟା ହେତୁ ତରବରିଆ ☞ପୃଷ୍ଠା-୨

## ଆଜି ମିଳିବ ୪ର୍ଥ କିସ୍ତି ସୁଭଦ୍ରା ଟଙ୍କା

**ଭୁବନେଶ୍ୱର,୭।୩ (ସୁଚିସ୍ମିତା ସାହୁ)**

ମହିଳା ଦିବସ ଅବସରରେ ୮ ତାରିଖ ରବିବାର ମିଳିବ ଚତୁର୍ଥ କିସ୍ତି ସୁଭଦ୍ରା ଟଙ୍କା। ମୋଟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫




ଜଣ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ଦିଆଯିବ ବୋଲି ଶନିବାର ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ସୂଚନା ଦେଇଛନ୍ତି। ସେ କହିଛନ୍ତି, ୫ ହଜାର କୋଟିରୁ ଅଧିକ ଟଙ୍କା ସିଧା ସୁଭଦ୍ରା ହିତାଧିକାରୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ଯିବ। ପୁରୀ ତାଳବଣିଆଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ହିତାଧିକାରୀଙ୍କୁ ସୁଭଦ୍ରା ଟଙ୍କା ପ୍ରଦାନ କରିବା ପରେ ସମସ୍ତ ଆକାଉଣ୍ଟକୁ ଟଙ୍କା ପଠାଯିବ। ଏବେସୁଦ୍ଧା ମୋଟ ୧ କୋଟି ୧୨ ଲକ୍ଷ ୫୭ ହଜାର ୬୬୭ଜଣ ଆବେଦନ କରିଛନ୍ତି। ଯୋଗ୍ୟ ୧ କୋଟି ୨ ଲକ୍ଷ ୧୨ ହଜାର ୬୬୫ ଜଣ ହିତାଧିକାରୀଙ୍କ ମଧ୍ୟରେ ୨ ଲକ୍ଷ ୧୩ ହଜାର ୧୯୮ଜଣ ନୂଆ ହିତାଧିକାରୀ ଯୋଡି ହୋଇଛନ୍ତି। ସୁଭଦ୍ରା ଗ୍ରୀଭାନ୍ସ ପୋର୍ଟାଲରେ ଆସିଥିବା ଅଭିଯୋଗ ଆଧାରରେ ଯାଞ୍ଚ କରାଯାଇ ଆଉ ୩୬ ହଜାର ୩୮୫ଜଣ ସୁଭଦ୍ରା ଟଙ୍କା ପାଇବାକୁ ଯୋଗ୍ୟ ବିବେଚିତ ହୋଇଛନ୍ତି। ସେହିପରି ଏପ୍ରିଲ ମାସରେ ୨୧ ବର୍ଷ ହୋଇଥିବା ମହିଳାମାନେ ସୁଭଦ୍ରା ସହାୟତା ପାଇଁ ଆବେଦନ କରିପାରିବେ। ୨୧ ବର୍ଷ ହୋଇଥିବା ଯେଉଁ ମହିଳାମାନେ ଗତ ଜାନୁଆରୀ ମାସରେ ପ୍ରଥମ ସୁଭଦ୍ରା ଟଙ୍କା ପାଇଛନ୍ତି, ସେମାନଙ୍କ ପାଇଁ ଏହା ଦ୍ୱିତୀୟ କିସ୍ତି ହେବ ବୋଲି ଉପମୁଖ୍ୟମନ୍ତ୍ରୀ କହିଛନ୍ତି।




# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ମହିଳା ଗଣଦୌଡ଼/ସାଂସ୍କୃତିକ କାର୍ଯ୍ୟକ୍ରମ (ବିଚିତ୍ରା) ଓ ସାଧାରଣ ସଭା, ସ୍ଥାନ: ମାଷ୍ଟରକ୍ୟାଣ୍ଟିନ୍ ଛକ/ଉତ୍କଳ ମଣ୍ଡପ, ସମୟ: ସକାଳ ୬ଟା/ଅପରାହ୍ନ ୫ଟା।
- ସୂର୍ଯ୍ୟକ୍ଷେତ୍ର ଫାଉଣ୍ଡେଶନ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ସମାରୋହ, ସ୍ଥାନ: ରମାଦେବୀ ବାଳିକା ଉଚ୍ଚ ବିଦ୍ୟାଳୟ, ନହରକଣ୍ଟା, ସମୟ: ସକାଳ ୯ଟା।
- ଧଉଳି ସାହିତ୍ୟ ସଂସଦ ପକ୍ଷରୁ କବିତା ଆସର 'ଚିତ୍ରିତ ଚଇତ', ସ୍ଥାନ: ସିଫା ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ପୁଣ୍ୟ ଉତ୍କଳ ମହିଳା ମହାସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଲୋହିଆ ଏକାଡେମୀ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ନିଖିଳ ଓଡ଼ିଶା ମଧ୍ୟାହ୍ନ ଭୋଜନ ପାଚିକାପାଚକ ମହାସଂଘ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: କ୍ୱାର୍ଟର ନଂ ୪, ଭିଆଇଆର୍ ୪, ୟୁନିଟ୍ ୬, ସମୟ: ପୂର୍ବାହ୍ନ ୧୧ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ନାଟକ 'ନାଟ୍ୟକଳା କ୍ଷେତ୍ରରେ ନାରୀର ଭୂମିକା ଓ ଅବଦାନ' ମଞ୍ଚସ୍ଥ ହେବ, ସ୍ଥାନ: ସଂସ୍କୃତି ଭବନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ପିକକ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ,ସ୍ଥାନ: ବାଲିଅନ୍ତା ବ୍ଲକର ସତ୍ୟଭାମାପୁର ପଞ୍ଚାୟତ କାର୍ଯ୍ୟାଳୟସ୍ଥିତ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଇତ୍‌ଶା ଫାଉଣ୍ଡେଶନ୍ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ରୋଟାରୀ ଭବନ, ସମୟ: ଅପରାହ୍ନ ୨ଟା।
- ସୋସାଇଟି ଫର୍ ନେଚର୍, ଏଜୁକେଶନ୍ ଆଣ୍ଡ ହେଲ୍‌ଥ(ଏସ୍‌ଏନ୍‌ଇଏଚ୍) ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ଏସ୍‌ଏନ୍‌ଇଏଚ୍ ସେଣ୍ଟର, ମେ ଫେୟାର ନଗର, ସମୟ: ଅପରାହ୍ନ ୩ଟା।
- ସାହିତ୍ୟ ପତ୍ରିକା 'ଝରଣା' ଉନ୍ମୋଚନ ଉତ୍ସବ ଓ ଆଲୋଚନାଚକ୍ର, ସ୍ଥାନ: ବୁଦ୍ଧମନ୍ଦିର, ସମୟ: ଅପରାହ୍ନ ୫ଟା ୪୫।
- ଡ. ହରିପଦ ଶତପଥୀଙ୍କ ପୁସ୍ତକ ଲୋକାର୍ପଣ ସମାରୋହ, ସ୍ଥାନ: ଗୀତଗୋବିନ୍ଦ ସଦନ, ସମୟ: ସନ୍ଧ୍ୟା ୬ଟା।
- ବାଦି ପାଲା ମହୋତ୍ସବ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ ନଂ ୱାଡ଼ର୍ ଇଁଆରୀ ଗ୍ରାମର ଭଗବତ ବାସୁଦେବ ପୀଠସ୍ଥଳୀ, ସମୟ: ସନ୍ଧ୍ୟା ୭ଟା।
- ଦୋଳଯାତ୍ରା ଉପଲକ୍ଷେ ଅପେରା ପାର୍ଟିର ଫି ସେଲ ନାଟକ ପରିବେଷଣ, ସ୍ଥାନ: ଭୁବନେଶ୍ୱର ମହାନଗର ନିଗମର ୪ ନଂ ୱାର୍ଡ ଜୟପୁର ମେଳନ ପଡିଆ, ସମୟ: ରାତି ୧୧ ଟା।

## କଟକ

- ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ମାନବ ଶୃଙ୍ଖଳ, ସ୍ଥାନ: ଜୁଡିସିଆଲ ଏକାଡେମୀ ଟ୍ରାଫିକ ଗୋଲେଇ, ସମୟ: ସକାଳ ୮ଟା ୩୦।
- କାଠଯୋଡ଼ି ସାହିତ୍ୟ ସଂସଦର ନବମ ବାର୍ଷିକ ଉତ୍ସବ, ସ୍ଥାନ: ପଞ୍ଚମୁଖୀ ହନୁମାନ ମନ୍ଦିର ପ୍ରାଙ୍ଗଣ, ଖାନନଗର, ସମୟ: ପୂର୍ବାହ୍ନ ୧୦ଟା।
- ଓଡ଼ିଶା ପ୍ରୋଜେକ୍ଟ ଆଣ୍ଡ ମାର୍କେଟିଂ ଡେଭେଲପମେଣ୍ଟ ସେଣ୍ଟର ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ, ସ୍ଥାନ: ଟେଷ୍ଟିଂ ଲାବୋରାଟୋରୀ, ଖପୁରିଆ, ସମୟ: ପୂର୍ବାହ୍ନ ୧୦ଟା।
- ଅଭୀପ୍‌ସା ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସରେ ଆଲୋଚନା ସଭା, ସ୍ଥାନ: ଗାନ୍ଧୀ ଭବନ, ବାଖରାବାଦ, ସମୟ: ଅପରାହ୍ନ ୫ଟା।

## ପୁରୀ

- ମହିଳା ଦିବସ ଅବସରରେ ଖେଳ ବଦଳ ଗ୍ରୁପ କାର୍ଯ୍ୟକ୍ରମ, ସ୍ଥାନ: ଗୌଡ଼ବାଡ଼ ସାହି, ମହାବୀର ମନ୍ଦିର ନିକଟ, ସମୟ: ସକାଳ ୯ଟା।
- ଉତ୍କଳ ମହିଳା ସମିତି ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ପୁରୀ ବସଷ୍ଟାଣ୍ଡସ୍ଥିତ ମୋଟର କର୍ମଚାରୀ ସଂଘ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୦ଟା।
- ସୁଭଦ୍ରା ୪ର୍ଥ କିସ୍ତି ପ୍ରଦାନ, ସ୍ଥାନ: ତାଳବଣିଆ ପଡ଼ିଆ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବେଲ ପକ୍ଷରୁ ମହିଳା କ୍ରିକେଟ ଚାମ୍ପିୟନଶିପ, ସ୍ଥାନ: ଶ୍ରୀଜଗନ୍ନାଥ ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା ୩୦।
- ସପ୍ତାବରଣ ଲେଖିକା ସାହିତ୍ୟ ଓ ସଂସ୍କୃତି ପରିଷଦ ପକ୍ଷରୁ ଆଲୋଚନାଚକ୍ର, ସ୍ଥାନ: ରାଣୀ ସତୀ ଭବନ, ସମୟ: ଅପରାହ୍ନ ୩ଟା।
- ସିଟୁ ଓ ଏସ୍‌ଏଫଆଇ ପକ୍ଷରୁ ମହିଳା ଦିବସ, ସ୍ଥାନ: ପୁରୀ ସେବା ସମିତି, ସମୟ: ଅପରାହ୍ନ ୩ଟା ୩୦।
- ସଙ୍ଗଶ୍ରୀ ଫାଉଣ୍ଡେଶନ ପକ୍ଷରୁ ମହିଳା ଦିବସ, ସ୍ଥାନ: ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ, ସମୟ: ଅପରାହ୍ନ ୫ଟା।
- ମହାତ୍ମା ଗାନ୍ଧୀ ସାମାଜିକ ଅନୁଷ୍ଠାନ ପକ୍ଷରୁ ମହିଳା ଦିବସ ପାଳନ, ସ୍ଥାନ: ନାୟକ ପ୍ଲାଜା ସମ୍ମିଳନୀ ଗୃହ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ବାପା ମା' ସେବାଶ୍ରମ ଟ୍ରଷ୍ଟ ପକ୍ଷରୁ ଆନ୍ତର୍ଜାତିକ ମହିଳା ଦିବସ ପାଳନ, ସ୍ଥାନ: ସେବାଶ୍ରମ ପରିସର, ରାଣୀପୁର, ଜଟଣୀ, ସମୟ: ପୂର୍ବାହ୍ନ ୧୦ଟା।

## ବାଲେଶ୍ୱର

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସର ଉଦ୍‌ଯାପନୀ ଉତ୍ସବ, ସ୍ଥାନ: ଇନ୍‌ଡୋର ଷ୍ଟାଡିୟମ୍, ଆଇଟିଆଇ ଛକ, ବାଲେଶ୍ୱର, ସମୟ: ସକାଳ ୭ଟା।
- କ୍ୟାନ୍ସର ରୋକିବାକୁ ସଚେତନତା ଶିବିର, ସ୍ଥାନ: ସାହାବାଜିପୁର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଭୋଗରାଇ, ସମୟ: ଅପରାହ୍ନ ୪ଟା।

## ଭଦ୍ରକ

- ଟିଲୋ କପ୍‌ର ୩ୟ ଦିବସର ପ୍ରଥମ ମ୍ୟାଚ୍, ସ୍ଥାନ: ଟିଲୋ ହନୁମାନ ଜୀଉ ଷ୍ଟାଡିୟମ୍, ବନ୍ତ, ସମୟ: ପୂର୍ବାହ୍ନ ୧୦ଟା।
- ରାଜ୍ୟସ୍ତରୀୟ ଲଉଡ଼ି ପ୍ରତିଯୋଗିତା, ସ୍ଥାନ: ସେନବାଡ଼, ସିନ୍ଦୋଳ, ତିହିଡ଼ି, ସମୟ: ସନ୍ଧ୍ୟା ୭ଟା।

## କେନ୍ଦୁଝର

- ରକ୍ତଦାନ ଶିବିର, ସ୍ଥାନ: ଆରିୟା ଷ୍ଟିଲ ପ୍ଲାଣ୍ଟ, ମାଟକାମବେଦା, ବଡ଼ବିଲ, ସମୟ : ପୂର୍ବାହ୍ନ ୧୦ଟା।
- ୱାନ ଡ୍ରେ କ୍ରିକେଟ ଟୁର୍ନାମେଣ୍ଟ, ସ୍ଥାନ: ବାଲିବରେଇ, ହାଟଡ଼ିହୀ, ସମୟ: ପୂର୍ବାହ୍ନ ୧୧ଟା।

## ମୟୂରଭଞ୍ଜ

- ଆଞ୍ଚଳିକ କୃଷି ଯନ୍ତ୍ରପାତି ମେଳା, ସ୍ଥାନ: ଛଉ ପଡିଆ ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ସୁନାପାଳ ହସ୍ତତନ୍ତ କେନ୍ଦ୍ର ପରିସର, ଉଦଳା, ସମୟ: ଅପରାହ୍ନ ୩ଟା ୩୦।

## ବ୍ରହ୍ମପୁର

- ବିଶାଳ ହିନ୍ଦୁ ସମ୍ମିଳନୀ, ସ୍ଥାନ: ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ ଖେଳପଡ଼ିଆ, ସମୟ: ସକାଳ ୬ ଟା।
- ଭାରତର କମ୍ୟୁନିଷ୍ଟ ପାର୍ଟି (ମାର୍କ୍ସବାଦୀ–ଲେନିନବାଦୀ) ରେଡଷ୍ଟାରର ବିକ୍ଷୋଭ, ସ୍ଥାନ: ଖଲ୍ଲିକୋଟ କଲେଜ ନିକଟ, ସମୟ: ପୂର୍ବାହ୍ନ ୧୧ଟା।

## ଗଞ୍ଜାମ

- ଶ୍ରୀଶ୍ରୀଠାକୁର ଅନୁକୂଳଚନ୍ଦ୍ରଙ୍କ ଆବିର୍ଭାବ ମହୋତ୍ସବ, ସ୍ଥାନ: ବୁଗୁଡ଼ା,ସୂର୍ଯ୍ୟନଗର ପଡିଆ , ସମୟ: ସକାଳ ୬ ଟା।

## କନ୍ଧମାଳ

- ବିଶ୍ୱ ମହିଳା ଦିବସ, ସ୍ଥାନ: ଦାରିଙ୍ଗବାଡ଼ି ସାରିଙ୍ଗିଇର୍ପି ଆମ୍ବ ତୋଟା, ସମୟ: ମଧ୍ୟାହ୍ନ ୧୨ ଟା।

## ଢେଙ୍କାନାଳ

- ସୁଭଦ୍ରା ଯୋଜନା ସମ୍ପର୍କିତ କାର୍ଯ୍ୟକ୍ରମ, ସ୍ଥାନ: ଆର୍ଟ ଆଣ୍ଡ୍ କ୍ରାଫ୍ଟ ସେଣ୍ଟର, ଢେଙ୍କାନାଳ, ସମୟ: ପୂର୍ବାହ୍ନ ୧୦ଟା।

## ଅନୁଗୋଳ

- ଆତ୍ମରକ୍ଷା କୌଶଳ ଶିବିର, ସ୍ଥାନ: ଆଠମଲ୍ଲିକ କଲେଜ, ସମୟ: ସକାଳ ୭ଟା।

## ଜଗତ୍‌ସିଂହପୁର

- ଜିଲାସ୍ତରୀୟ ସୁଭଦ୍ରା ୪ର୍ଥ କିସ୍ତି ବଣ୍ଟନ କାର୍ଯ୍ୟକ୍ରମର ସିଧାପ୍ରସାରଣ, ସ୍ଥାନ: ଆଦିକବି ସାରଳା ଦାସ ସଂସ୍କୃତି ଭବନ, ଜଗତ୍‌ସିଂହପୁର,ସମୟ: ସକାଳ ୯ଟା ୩୦।

## କେନ୍ଦ୍ରାପଡ଼ା

- ଜିଲା ପ୍ରଶାସନ ପକ୍ଷରୁ ବିଶ୍ୱ ମହିଳା ଦିବସ ପାଳନ, ସ୍ଥାନ: ସଂସ୍କୃତି ଭବନ, ଉଦୟନଗର, ଡେରାବିଶ, ସମୟ: ପୂର୍ବାହ୍ନ ୧୧ଟା।

## ଯାଜପୁର

- ଧର୍ମଶାଳା ପ୍ରେସ୍‌କ୍ଲବ୍‌ର ୨୩ତମ ବାର୍ଷିକୋତ୍ସବ, ସ୍ଥାନ: ଧର୍ମଶାଳା ଷ୍ଟାଡିୟମ୍ ପରିସର, ସମୟ: ପୂର୍ବାହ୍ନ ୧୦ଟା।

## ନୟାଗଡ଼

- ୨୮ ତମ ରାଜ୍ୟସ୍ତରୀୟ ଫୁଟ୍‌ବଲ ଟୁର୍ନାମେଣ୍ଟର ଶୁଭାରମ୍ଭରେ ଅହମ୍ମଦିଆ ସ୍ପୋଟସ୍ କ୍ଲବ କେରଙ୍ଗ ବନାମ ଗ୍ରେନ୍ ଫୁଟ୍‌ବଲ କ୍ଲବ ବୌଦ୍ଧ, ସ୍ଥାନ: ଖଣ୍ଡପଡା ବ୍ଲକ ବାଇଗୁଣିଆ ହାଇସ୍କୁଲ ଖେଳ ପଡିଆ, ସମୟ: ଅପରାହ୍ନ ୩ଟା ୩୦।

## ରାୟଗଡ଼ା

- ମହିଳା ଦିବସ ଅବସରରେ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ: ଉଗ୍ରତାରା ପଡିଆ, କୁମୁଟିପେଣ୍ଠ, ରାୟଗଡା, ସମୟ: ପୂର୍ବାହ୍ନ ୧୦ଟା।

## ନବରଙ୍ଗପୁର

- ମଦ ବିରୋଧ ଅଭିଯାନରେ ଶପଥ ନେବେ ମହିଳା, ସ୍ଥାନ: ନବରଙ୍ଗପୁରର ପାତ୍ରପୁର, ସମୟ:ପୂର୍ବାହ୍ନ ୧୧ଟା।

## କୋରାପୁଟ

- ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ସ୍ୱଦେଶୀ ମେଳା, ସ୍ଥାନ: ଦଶହରା ପଡ଼ିଆ, ଜୟପୁର, ସମୟ: ସକାଳ ୯ଟା ୩୦।

## ମାଲକାନଗିରି

- ଜିଲା ପ୍ରଶାସନ ତରଫରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଓ ସୁଭଦ୍ରା କିସ୍ତି ପ୍ରଦାନ, ସ୍ଥାନ: ସଂସ୍କୃତି ଭବନ, ମାଲକାନଗିରି, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଆଦିବାସୀ ସଂଘ ତରଫରୁ ପ୍ରାକୃତିକ ସମ୍ପଦ ସୁରକ୍ଷା ଓ ଲୋକ ଅଧିକାର ଯାତ୍ରା, ସ୍ଥାନ: ମାଲକାନଗିରି ବସ୍‌ଷ୍ଟାଣ୍ଡ,ସମୟ: ମଧ୍ୟାହ୍ନ ୧୨ଟା ୩୦ ।

## ସମ୍ବଲପୁର

- ସମ୍ବଲପୁର ପ୍ରେସ କ୍ଲବ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ଓ ଜର୍ଣ୍ଣାଲିଷ୍ଟ ମିଟ, ସ୍ଥାନ : ଅଇଁଠାପାଲି ସ୍ଥିତ ପ୍ରେସ ଭବନ, ସମୟ : ପୂର୍ବାହ୍ନ ୧୧ଟା।
- ଜିଲା ପ୍ରଶାସନ ପକ୍ଷରୁ ଶ୍ରୀଜଗନ୍ନାଥ ଦର୍ଶନ ଯୋଜନାରେ ତୀର୍ଥଯାତ୍ରା ଶୁଭାରମ୍ଭ , ସ୍ଥାନ : ପାନ୍ଥ ନିବାସ, ସମୟ : ଅପରାହ୍ନ ୫ଟା।

## ବଲାଙ୍ଗୀର

- ଲୋଇସିଂହା ଷ୍ଟାଡିୟମ ଜିମ୍‌ଖାନା ଉଦ୍‌ଘାଟନ,ସ୍ଥାନ: ଲୋଇସିଂହା ଷ୍ଟାଡ଼ିୟମ ପରିସର,ସମୟ: ପୂର୍ବାହ୍ନ ୧୦ଟା ୩୦ ।
- ସୁଭଦ୍ରା ଶକ୍ତି ମେଳା, ସ୍ଥାନ: ଭୀମଭୋଇ ମେଡିକାଲ କଲେଜ ଅଡିଟୋରିୟମ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୧୦ଟା ୩୦ ।

## ରାଉରକେଲା

- ମହିଳା କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପନୀ, ସ୍ଥାନ: ସେକ୍ଟର–୬ ଇସ୍ପାତ ଷ୍ଟାଡିୟମ୍, ସମୟ: ସକାଳ ୮ଟା।
- ବରିଷ୍ଠ ନାଗରିକ ସୁରକ୍ଷା ମଞ୍ଚର ବାର୍ଷିକୋତ୍ସବ, ସ୍ଥାନ: ଜଗଦା ମା' ବାଟ ମଙ୍ଗଳା ଶକ୍ତିପୀଠ, ସମୟ: ପୂର୍ବାହ୍ନ ୧୦ଟା ୩୦।

## ସୁନ୍ଦରଗଡ଼

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ଶକ୍ତି ଦୌଡ/ଗଣ ଦୌଡ, ସ୍ଥାନ: ଡିଆରଡିଏଛକ,ସମୟ:ସକାଳ ୬ଟା୩୦।
- ସୁଭଦ୍ରା ଯୋଜନାର ଚତୁର୍ଥ କିସ୍ତି ପ୍ରଦାନ ଓ ଜିଲା ସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ସଂସ୍କୃତି ଭବନ,ସମୟ: ପୂର୍ବାହ୍ନ ୧୦ଟା।
- ଅନ୍ତର୍ଜାତୀୟ ମହିଳା ଦିବସ, ସ୍ଥାନ: ରୁରାଲ ରିସୋର୍ସ ସେଣ୍ଟର, ମହୁଲପାଲି,ସୁନ୍ଦରଗଡ,ସମୟ: ପୂର୍ବାହ୍ନ ୧୦ଟା।
- ଅବସରପ୍ରାପ୍ତ ବରିଷ୍ଠ ସରକାରୀ କର୍ମଚାରୀ ସଂଘ ପକ୍ଷରୁ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ସମାରୋହ, ସ୍ଥାନ : ରେଭନ୍ୟୁ କଲୋନୀ ଅବସର ଭବନ, ସୁନ୍ଦରଗଡ,ସମୟ: ଅପରାହ୍ନ୫ଟା।

## ବରଗଡ଼

- ଆନ୍ତର୍ଜାତିକ ମହିଳା ଦିବସ ଅବସରରେ ପଦଯାତ୍ରା, ସ୍ଥାନ:ଲେଙ୍ଗୁ ମିଶ୍ର ମିନି ଷ୍ଟାଡିୟମ, ବରଗଡ଼,ସମୟ:ସକାଳ ୬ଟା ୩୦।
- ଶ୍ରୀ ଜଗନ୍ନାଥ ଦର୍ଶନ ଯୋଜନାର ଶୁଭାରମ୍ଭ, ସ୍ଥାନ:ପାଣି ପଞ୍ଚାୟତ ଭବନ, ବରଗଡ଼, ସମୟ:ଅପରାହ୍ନ ୪ଟା ୩୦।

## କଳାହାଣ୍ଡି

- ସାମ୍ପ୍ରତିକ ପରିସ୍ଥିତିରେ ମହିଳାମାନଙ୍କ ସ୍ଥିତି ଓ କର୍ତ୍ତବ୍ୟ ଉପରେ ଆଲୋଚନା ଚକ୍ର, ସ୍ଥାନ: ଜୁନାଗଡ଼ ଟାଉନହଲ, ସମୟ: ପୂର୍ବାହ୍ନ ୧୦ଟା।
- ମହିଳାଙ୍କ ମଧ୍ୟରେ ମାରାଥନ, ସ୍ଥାନ: ଲାଞ୍ଜିଗଡ଼ ସରକାରୀ ଏସ୍‌ଏସ୍‌ଡି ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୭ଟା।

## ବୌଦ୍ଧ

- ସୁଭଦ୍ରା ଶକ୍ତି ମେଳାର ତୃତୀୟ ଦିବସ, ସ୍ଥାନ: କଚେରି ଖେଳ ପଡିଆ ବୌଦ୍ଧ, ସମୟ: ସନ୍ଧ୍ୟା ୬ଟା।

## ଦେବଗଡ଼

- ରାଜ୍ୟସ୍ତରୀୟ କବାଡ଼ି ଟୁର୍ନାମେଣ୍ଟ ଉଦ୍‌ଯାପିତ, ସ୍ଥାନ: ରାଜାବାସୁଦେବ ହାଇସ୍କୁଲ ପଡିଆ, ସମୟ: ଅପରାହ୍ନ ୫ଟା।

## ସୁବର୍ଣ୍ଣପୁର

- ବିଶ୍ୱ ମହିଳା ଦିବସ ପାଳନ ଅବସରରେ ସୁବର୍ଣ୍ଣପୁର ସହରରେ ପଦଯାତ୍ରା, ସ୍ଥାନ: ସୁରେଶ୍ୱରୀ ମନ୍ଦିର ସମ୍ମୁଖ, ସମୟ: ସକାଳ ୭ଟା।

## ନୂଆପଡ଼ା

- ଜିଲାସ୍ତରୀୟ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ, ସ୍ଥାନ: ପୋଲିସ ପଡିଆ ନୂଆପଡ଼ା, ସମୟ: ସକାଳ ୯ଟା।

## ଝାରସୁଗୁଡ଼ା

- ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କାର୍ଯ୍ୟକ୍ରମ, ସ୍ଥାନ: ଇଞ୍ଜିନିୟରିଂ ସ୍କୁଲ, ଝାରସୁଗୁଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ହୋଲି ଉପଲକ୍ଷେ ବନ୍ଧୁମିଳନ, ସ୍ଥାନ: ବିଟିଏମ୍‌ସ୍ଥିତ ଭାଜପା କାର୍ଯ୍ୟାଳୟ, ସମୟ: ସନ୍ଧ୍ୟା ୬ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ** ଆଜି ଗ୍ରହସ୍ଥିତିର ସୁପ୍ରଭାବରେ କର୍ମକ୍ଷେତ୍ର ଓ ପାରିବାରିକ ଜୀବନ ଶୃଙ୍ଖଳିତ ରହିବ। ପିଲାଙ୍କ ଆବଶ୍ୟକତା ଅନୁସାରେ ଜିନିଷ ନ ଆଣିବାରୁ ମାନସିକ ଅଶାନ୍ତିର ସମ୍ମୁଖୀନ ହେବେ। ପ୍ରତ୍ୟେକ କ୍ଷେତ୍ରରେ ଯୁକ୍ତିଯୁକ୍ତ କଥା କହି ପରିସ୍ଥିତିକୁ ସୁଧାରିନେବେ। ବାହାର ଜାଗାରେ ସତର୍କତାର ସହ କାମ ନ କଲେ କ୍ଷତିରେ ପଡ଼ିପାରନ୍ତି।

**ବୃଷ** ରାଶ୍ୟାଧିପ ଭାଗ୍ୟାଧିପତିଙ୍କ ନକ୍ଷତ୍ରସ୍ଥ ହେତୁ ଆପଣ ସାହାଯ୍ୟ, ସମର୍ଥନ ଲାଭକରି ଚେଷ୍ଟା କରୁଥିବା କାମରେ ସଫଳତା ହାସଲ କରିବେ। ତଥାପି ଆଲୋଚନା ପରିସରରେ ବନ୍ଧୁଙ୍କ ସହ ମତାନ୍ତର ଘଟିପାରେ। ସମସ୍ତ ପ୍ରକାରର ସୁବିଧା ଥାଇ ମଧ୍ୟ କେତେକ କାରଣକୁ ନେଇ ମନରେ ସବୁବେଳେ ଟେନ୍‌ସନ ଲାଗି ରହିବ।

**ମିଥୁନ** ଆଜି ଚନ୍ଦ୍ରଙ୍କ କୋଣଭାବସ୍ଥ ବୃହସ୍ପତିଙ୍କ ଶୁଭଦୃଷ୍ଟିରୁ କୌଣସି ଚେଷ୍ଟା ନିଷ୍ଫଳ ହେବନାହିଁ। ଗ୍ରହଚକ୍ର ଆପଣଙ୍କୁ ଋଣ ପରିଶୋଧ କରିବା ସକାଶେ ବାଧ୍ୟ କରିପାରେ। ଜଣେ ବନ୍ଧୁ ମାର୍ଗଦର୍ଶକ ସାଜିପାରନ୍ତି। ବାଣିଜ୍ୟ, ପରିବହନ, ପ୍ରଶାସନ, ଆଇନ, ଅଦାଲତ, ନିର୍ମାଣାଦି କ୍ଷେତ୍ରରେ ସମସ୍ୟା ସମାଧାନ ହେବାରେ ପ୍ରତିବନ୍ଧକ ଦୂରେଇଯିବ।

**କର୍କଟ** ରାଶ୍ୟାଧିପତି କେନ୍ଦ୍ରସ୍ଥ ହୋଇ ଗୁରୁଦୃଷ୍ଟିରେ ରହି ସାମଗ୍ରିକ ସୁଖ ସାଧନର ପୃଷ୍ଠଭୂମି ସାଜିପାରନ୍ତି। ସବୁ ଭଲ ହେଲେ ମଧ୍ୟ କେତେକ କାରଣକୁ ନେଇ ଘର କଥା ଓ ଆର୍ଥିକ ସମସ୍ୟା ନେଇ ମନରେ ବିଭିନ୍ନ ପ୍ରକାର ଦୁର୍ଭାବନା ସୃଷ୍ଟି କରିବ। ପ୍ରତ୍ୟେକ କ୍ଷେତ୍ରରେ ପରସ୍ପର ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ କରିବାରେ ସମର୍ଥ ହେବେ।

**ସିଂହ** ଆଜି ବାକ୍‌ପଟୁତା ଯେକୌଣସି ପରିସ୍ଥିତିକୁ ସଜାଡ଼ି ନେବାରେ ସାହାଯ୍ୟ କରିବ। ମନରେ ସାହସ ବାନ୍ଧି କାମ କଲେ ସଫଳତା ପାଇବେ। ଯେତେ ସୁବିଧା ସୁଯୋଗ ସୃଷ୍ଟି କଲେ ମଧ୍ୟ ବନ୍ଧୁପରିଜନମାନଙ୍କୁ ସନ୍ତୁଷ୍ଟ କରିପାରିବେ ନାହିଁ। ତଥାପି ଘରେ ବନ୍ଧୁମିଳନ ଓ ନୂତନ ଅତିଥିଙ୍କ ଆଗମନ ଯୋଗୁ ଆମୋଦ ପ୍ରମୋଦର ମଜା ଉଠାଇପାରନ୍ତି।

**କନ୍ୟା** ଟଙ୍କା ବାକି ରଖିଥିବା ଲୋକଟି ଖୋଜି ଖୋଜି ଘରେ ଆସି ଟଙ୍କା ଦେଇଯିବ। ପାରିବାରିକ କ୍ଷେତ୍ରରେ ବୃଥା ସନ୍ଦେହ କରି ନିଜ ଲୋକଙ୍କୁ ଭୁଲ୍ ବୁଝିପାରନ୍ତି। କର୍ମକ୍ଷେତ୍ରରେ ସାଧାରଣ କଥାରେ ମତାନ୍ତରରୁ ବିତର୍କ ସୃଷ୍ଟିର ସୂଚନା ରହିଛି। ରାଶ୍ୟାଧିପତିଙ୍କ ଦୁର୍ବଳତା କାରଣରୁ ସ୍ୱାସ୍ଥ୍ୟ ସମସ୍ୟା ଦୁଶ୍ଚିନ୍ତାର କାରଣ ହୋଇପାରେ।

**ତୁଳା** ଯାତ୍ରାରେ ଲକ୍ଷ୍ୟ ପୂରଣ, ବାଣିଜ୍ୟରେ ଉନ୍ନତି ଏବଂ ଗୃହାରମ୍ଭ ପୂର୍ବକ ଖୁସି ରହିପାରନ୍ତି। କରି ଜାଣିଲେ ସବୁ କିଛି ଠିକ୍ ହୋଇପାରିବ। କଳହ ଲାଗିଥିବା ବନ୍ଧୁଟି ପ୍ରତି ସତର୍କ ରୁହନ୍ତୁ, ଅନ୍ୟଥା କୌଣସି ସମସ୍ୟାର ସମ୍ମୁଖୀନ ହୋଇପାରନ୍ତି। ବିବାଦୀୟ ସ୍ଥିତି କିମ୍ବା ମାଲିମକଦ୍ଦମାରେ ଆଲୋଚନା ଦ୍ୱାରା ସମସ୍ୟାର ସରଳ ସମାଧାନ ହୋଇଯିବ।

**ବିଛା** ଭାବପ୍ରବଣତାଜନିତ ମାନସିକ ସ୍ଥିତି ଭଲ ରହିବ ନାହିଁ। ଉତ୍ତେଜନା ସୃଷ୍ଟିକାରୀ ଭାଷା ପ୍ରୟୋଗରୁ କ୍ଷାନ୍ତ ରହିବା ଭଲ। ଭାବିଚିନ୍ତି ପଦକ୍ଷେପ ନେଲେ କୌଣସି ଅସୁବିଧା ନଥାଇ କାର୍ଯ୍ୟସିଦ୍ଧି ଘଟିବ। ସାହିତ୍ୟ, ସାମ୍ବାଦିକତା, ରାଜନୀତି, ସଭାସମିତି, କ୍ରୀଡ଼ା, କଳା, ସଙ୍ଗୀତ ଓ ଚଳଚ୍ଚିତ୍ରରେ ସମସ୍ୟା ସମାଧାନ ହୋଇଯିବ।

**ଧନୁ** ବନ୍ଧୁଙ୍କ ପରାମର୍ଶ ଆପଣଙ୍କ ଉଦ୍ୟମକୁ ବାସ୍ତବତାରେ ପରିଣତ କରିବ। ବିଭିନ୍ନ ସମସ୍ୟା ଓ ପ୍ରତିବନ୍ଧକ ଭିତରେ ଚଳିବା କାରଣରୁ ମନ ଚହଲିଯିବ। ବ୍ୟବସାୟ, ପରିବହନ, ଆମଦାନୀ କ୍ଷେତ୍ରରେ ଖୁସି ରହିବେ। ରାଜନୀତିରେ ଓ ସାଙ୍ଗଠନିକ କ୍ଷେତ୍ରରେ ବହୁତ ଜନକଲ୍ୟାଣ କାମ ହାତକୁ ନେଇ ପ୍ରଶଂସିତ ହୋଇପାରନ୍ତି।

**ମକର** କୌଣସି ଅସୁବିଧା ନ ଥାଇ ମଧ୍ୟ ପ୍ରିୟବନ୍ଧୁଟିର ଅନୁପସ୍ଥିତିର ଚିନ୍ତା ମନକୁ ବ୍ୟାକୁଳିତ କରିପାରେ। ଆଜି ଯାହା କରିବାକୁ ଚାହୁଁଛନ୍ତି ବନ୍ଧୁଙ୍କ କଥା ମାନି କଲେ ଭଲ। ଅସମର୍ଥିତ ସୂତ୍ରରୁ ଶୁଣାକଥାକୁ ବିଶ୍ୱାସ କରି ବିସ୍ମୟ ପ୍ରକାଶ କରିବେ। ବ୍ୟବସାୟ, ପରିବହନ, ଗଠନମୂଳକ କାମ, ଲେଖାପଢ଼ା ଓ ଗବେଷଣା କ୍ଷେତ୍ରରୁ ଶୁଭଫଳ ପାଇବେ।

**କୁମ୍ଭ** ଆଜି ଯେଉଁ କାମରେ ହାତ ଦିଅନ୍ତୁନା କାହିଁକି ପ୍ରତିବନ୍ଧକ ଭିତର ଦେଇ କାମ ସମ୍ପନ୍ନ କରିପାରିବେ। ପରିବାରରେ କାହାର ସ୍ୱାସ୍ଥ୍ୟ ସକାଶେ ଅସୁବିଧାର ସମ୍ମୁଖୀନ ହେବେ। ବନ୍ଧୁଙ୍କ କାର୍ଯ୍ୟରେ ଅସନ୍ତୁଷ୍ଟ ପୂର୍ବକ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିଯିବ। ସମ୍ପର୍କୀୟଙ୍କ ସହାୟତାରେ ବକେୟା ଅର୍ଥ ଆଦାୟ କରିବାରେ ସକ୍ଷମ ହୋଇପାରନ୍ତି।

**ମୀନ** ଆପଣଙ୍କ ଚିନ୍ତାଧାରା ସହ କାର୍ଯ୍ୟପଦ୍ଧତି ମନ୍ଦ ନ ହେଲେ ମଧ୍ୟ ପ୍ରକାଶଭଙ୍ଗୀର ବ୍ୟତିକ୍ରମ ସବୁକିଛି ବିଗାଡ଼ି ଦେବ। ଏହି କାରଣ ଅନୁସରଣରେ କର୍ମକ୍ଷେତ୍ରରେ ଈର୍ଷାପରାୟଣ ସହକର୍ମୀଟି ସହ ବିବାଦ ବୃଦ୍ଧିର ସୂଚନା ରହିଛି। ଏଣେ ଘରୋଇ କ୍ଷେତ୍ରରେ ନିଜ ଆତ୍ମୀୟମାନେ ମଧ୍ୟ କେତେକ କାରଣକୁ କେନ୍ଦ୍ରକରି ବିଶ୍ୱାସଘାତକତା କରିପାରନ୍ତି।

ଆଜି ମାର୍ଚ୍ଚ ୮ ତାରିଖ, ବିଶ୍ୱ ମହିଳା ଦିବସ, ଚୈତ୍ର କୃଷ୍ଣ ୫ମୀ ରବିବାର, ରାଶିନକ୍ଷତ୍ର–ଦିବା ଘ.୦୧।୩୨ମି. ଗତେ ବିଶାଖା/ତୁଳା, ୫ମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ସକାଳ ଘ.୦୬।୦୪ ଗତେ ଘ.୦୯।୫୯ ମଧ୍ୟେ, ଘ.୦୧।୨୫ ଗତେ ଘ.୦୧।୫୫ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ୦୪/୨୨ ଗତେ ଘ.୦୫।୫୦ ମଧ୍ୟେ ରାହୁକାଳ।

# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଅକାଳେ ସକାଳେ କଲି ବେଉସା
ମୁଣ୍ଡରେ ବାଜିଲା କୁରାଢ଼ି ପସା।**

ପ୍ରତ୍ୟେକ କାର୍ଯ୍ୟ ଆରମ୍ଭ ପାଇଁ ସଠିକ ସମୟ ରହିଥାଏ। ଜୀବନର ଠିକ୍ ସମୟରେ ବ୍ୟବସାୟ ଆରମ୍ଭ ନ କରି ଡେରିରେ ଆରମ୍ଭ କଲେ ବ୍ୟବସାୟର ଗୁମର ଜାଣିହୁଏ ନାହିଁ। ବ୍ୟବସାୟ କ୍ଷେତ୍ରରେ ବିଭିନ୍ନ ଆଡ଼କୁ ଯିବାଆସିବା କରିବା ଦରକାର ପଡେ, ବହୁ ଧାଁ ଦୌଡ଼ କରିବାକୁ ପଡ଼ିଥାଏ। ବହୁ ଡେରିରେ ବା ବର୍ଷ ପରେ ବ୍ୟବସାୟ ଆରମ୍ଭ ଯୋଗୁ ଅନେକ ଲୋକଙ୍କ ଉପରେ ବିଶ୍ୱାସ ଓ ନିର୍ଭର କରି ବ୍ୟବସାୟରେ କ୍ଷତି ଘଟିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଅଦୃଷ୍ଟେ ଅଛି ତୋର କୋଟିଲା ଫଳ
ଭୁଞ୍ଜି ବସି ତୁ କିମ୍ପା ହେଉ ବିକଳ?**

ଯାହା ଭାଗ୍ୟରେ ଯାହା ଥିବ, ସେଇ ଫଳ ହିଁ ସେ ଭୋଗ କରିବ। ସେଥିପାଇଁ ବ୍ୟାକୁଳ ହେବାର କିଛି ମୂଲ୍ୟ ନାହିଁ ବୋଲି ଏଠାରେ ପ୍ରକାଶ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ



ଶନିବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।




## ବୋଲ ମାନୁଛି ...

ସଚିବଙ୍କ ମନ୍ତବ୍ୟ ଉପରେ କଂଗ୍ରେସ ଶନିବାର ନରେନ୍ଦ୍ର ମୋଦି ସରକାରଙ୍କୁ କଡ଼ା ସମାଲୋଚନା କରିଛି। କେନ୍ଦ୍ର ସରକାର ଭୀରୁତାର ସହ ସାଲିସ୍ କରୁଥିବା କଂଗ୍ରେସ ଅଭିଯୋଗ କରିଛି। ରୁଷିଆ ଜାହାଜଗୁଡ଼ିକରେ ତୈଳ ଲୋଡ୍ ହୋଇ ସମୁଦ୍ରରେ ଅଟକି ରହିଥିବାବେଳେ ଭାରତ ଉକ୍ତ ତୈଳ କିଣିବା ପାଇଁ ଆମେରିକା ୩୦ ଦିନ ପାଇଁ ଅନୁମତି ଦେଇଥିବା କହିଥିଲା। ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶକୁ ବିଶ୍ୱସ୍ତ ଭାବେ ପାଳନ କରୁଥିବା ମୋଦି ସରକାରଙ୍କୁ ଆମେରିକା ଟ୍ରେଜେରି ସଚିବ ବେସେଣ୍ଟ ସାର୍ଟିଫିକେଟ ଦେଇଥିବା କଂଗ୍ରେସ ସାଧାରଣ ସମ୍ପାଦକ ଜୟରାମ ରମେଶ କହିଛନ୍ତି। ନିଜର ୫୬ ଇଞ୍ଚ ଛାତି ବୋଲି ଦାବି କରୁଥିବା ମୋଦି କିପରି ଭୀରୁତା ଓ ସାଲିସ୍‌କାରୀ ହୋଇଯାଇଛନ୍ତି, ସେ ନେଇ ଅଧିକ କହିବା ଆବଶ୍ୟକ ନାହିଁ ବୋଲି ରମେଶ Xରେ ଲେଖିବା ସହ ବେସେଣ୍ଟଙ୍କ ଭିଡିଓ କ୍ଲିପ୍ ପୋଷ୍ଟ କରିଛନ୍ତି।

ଅନ୍ୟପକ୍ଷରେ ବିରୋଧୀଙ୍କ ଅଭିଯୋଗକୁ ଖଣ୍ଡନ କରି ଜଣେ ବରିଷ୍ଠ ସରକାରୀ ପଦାଧିକାରୀ କହିଛନ୍ତି, ରୁଷିଆରୁ ତୈଳ କିଣିବା ପାଇଁ କୌଣସି ଦେଶର ଅନୁମତି ଉପରେ ଭାରତ କଦାପି ନିର୍ଭର କରେନାହିଁ। ରୁଷିଆରୁ ଅଶୋଧିତ ତୈଳ କିଣିବା ପାଇଁ ଆମେରିକା କଟକଣାମୁକ୍ତ ଅନୁମତି ଦେଇଥିଲେ ମଧ୍ୟ ଏହା ଦେଶର ନୀତିକୁ ସ୍ଥିର କରେନାହିଁ। ଆମେରିକାର ପ୍ରତିବାଦ ସତ୍ତ୍ୱେ ରୁଷିଆରୁ ତୈଳ କିଣା ଜାରି ରହିଥିଲା। ୨୦୧୩ରେ ଆମେରିକାର କଟକଣା ବେଳେ ତତ୍କାଳୀନ କଂଗ୍ରେସ ସରକାରଙ୍କ ଦ୍ୱାରା ତୈଳ ଆମଦାନୀରେ ପରିବର୍ତ୍ତନ ଅଣାଯାଇଥିଲା ବୋଲି ଅଧିକାରୀ ଜଣକ କହିଛନ୍ତି।

## ପଶ୍ଚିମବଙ୍ଗରେ ରାଷ୍ଟ୍ରପତିଙ୍କୁ ...

ଅଧିକ ଜନସମାଗମ ହୋଇପାରିଥାଆନ୍ତା। କିନ୍ତୁ ପଶ୍ଚିମବଙ୍ଗ ସରକାର ଏଠାରେ ସମ୍ମିଳନୀ କରାଇ ନ ଦେବା ପଛରେ କି କାରଣ ରହିଛି ତାହା ଜଣାପଡୁନାହିଁ। ବାଗଡୋଗରା ବିମାନବନ୍ଦର ନିକଟସ୍ଥ ଏକ ଛୋଟ ସ୍ଥାନ ଗୋସାଇପୁରରେ ସମ୍ମିଳନୀ ଆୟୋଜନ କରାଯାଇଥିବାରୁ ଅଧିକାଂଶ ଲୋକ ଏଠାକୁ ଆସିପାରିନାହାନ୍ତି। ରାଷ୍ଟ୍ରପତି ନିଜକୁ ପଶ୍ଚିମବଙ୍ଗର ଝିଅ ବୋଲି କହିବା ସହ ମମତା ତାଙ୍କର ଜଣେ ଭଉଣୀ ପରି ବୋଲି କହିଥିଲେ। ରାଷ୍ଟ୍ରପତିଙ୍କ ଅଭିଭାଷଣରେ ପରେ ମମତା କୋଲକାତାଠାରେ ଏକ ସଭା କାର୍ଯ୍ୟକ୍ରମରେ ଭାଜପାକୁ ଟାର୍ଗେଟ କରି ପରୋକ୍ଷରେ ରାଷ୍ଟ୍ରପତିଙ୍କ ପ୍ରତି ଟିପ୍ପଣୀ ଦେଇଥିଲେ। ରାଷ୍ଟ୍ରପତିଙ୍କୁ ଆୟୁଧ କରି ଭାଜପା ଆଗାମୀ ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନକୁ ପ୍ରଭାବିତ କରିବାକୁ ଉଦ୍ୟମ କରୁଛି ବୋଲି ମମତା କହିଥିଲେ। ତେବେ ମମତାଙ୍କ ଏହି ଅଭିଯୋଗ ପରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ତାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ପଶ୍ଚିମବଙ୍ଗ ସରକାର ସବୁ ସୀମା ଟପିଯାଇଛନ୍ତି। ରାଷ୍ଟ୍ରପତି ଯେଉଁ ବିଷୟକୁ ନେଇ ଅସନ୍ତୋଷ ବ୍ୟକ୍ତ କରିଛନ୍ତି, ତାହା ଆଦିବାସୀ ସମୁଦାୟକୁ ମଧ୍ୟ ବ୍ୟଥିତ କରିଛି। ଗଣତାନ୍ତ୍ରିକ ମୂଲ୍ୟବୋଧ ରଖୁଥିବା ଯେକୌଣସି ସରକାର ଏଭଳି କାର୍ଯ୍ୟ କରିବା ଅନୁଚିତ ବୋଲି ପ୍ରଧାନମନ୍ତ୍ରୀ ମୋଦି 'X'ରେ ଉଲ୍ଲେଖ କରି ମମତାଙ୍କୁ ତୀବ୍ର ସମାଲୋଚନା କରିଛନ୍ତି। ସେହିପରି ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ୍ ଶାହା ମଧ୍ୟ ମମତାଙ୍କ ଟିପ୍ପଣୀକୁ ଦୃଢ଼ ସମାଲୋଚନା କରିଛନ୍ତି। ପ୍ରୋଟୋକଲ୍‌ର ଖୋଲା ଉଲ୍ଲଂଘନ କରି ରାଷ୍ଟ୍ରପତି ମୁର୍ମୁଙ୍କୁ ଅସମ୍ମାନିତ କରାଯିବା ଟିଏମ୍‌ସି ସରକାରଙ୍କ ବିଶୃଙ୍ଖଳିତ ଆଚରଣର ଅତ୍ୟନ୍ତ ନିମ୍ନ ସ୍ତରକୁ ଦର୍ଶାଉଛି ବୋଲି ସେ କହିଛନ୍ତି।

## ଓଡ଼ିଶାବାସୀ ମର୍ମାହତ, ....

ଭାବେ ଏହାର ସ୍ଥାନ ପରିବର୍ତ୍ତନ କରାଯିବା ଏକ ଆଳ। ରାଷ୍ଟ୍ରପତି ମୁଖ୍ୟଅତିଥି ଭାବେ ଯୋଗ ଦେଉଥିବା କାର୍ଯ୍ୟକ୍ରମକୁ ନେଇ ଏଭଳି କାର୍ଯ୍ୟ ଅତ୍ୟନ୍ତ ଚିନ୍ତାଜନକ ଏବଂ ଖରାପ ସନ୍ଦେଶ ଦେଉଛି। ରାଜନୈତିକ ବିଚାରରୁ ଊର୍ଦ୍ଧ୍ୱକୁ ଯାଇ ଟିଏମ୍‌ସି ସରକାର ଏଥିପାଇଁ ଅନୁମତି ଦେବା ଉଚିତ ଥିଲା। କାରଣ ଏହା ଏଭଳି ଏକ କାର୍ଯ୍ୟକ୍ରମ, ଯେଉଁଠି ସାନ୍ତାଳ ସମୁଦାୟର ଐତିହ୍ୟ ଓ ପରିଚୟକୁ ନେଇ ଆଦିବାସୀମାନେ ଉତ୍ସବ ପାଳିଥାନ୍ତି। ତେଣୁ ପଶ୍ଚିମବଙ୍ଗ ସରକାର ଉକ୍ତ କାର୍ଯ୍ୟକ୍ରମକୁ ଉପଯୁକ୍ତ ମର୍ଯ୍ୟାଦା ଓ ସମ୍ମାନ ଦେବା ଉଚିତ ଥିଲା। ଏଭଳି ସମାବେଶ ପ୍ରତି ନକାରାତ୍ମକ ମନୋଭାବ ଆମ ଆଦିବାସୀ ଭଉଣୀଭାଇଙ୍କ ପ୍ରତି ପଶ୍ଚିମବଙ୍ଗ ସରକାରଙ୍କ ସମ୍ବେଦନହୀନତାକୁ ପ୍ରତିଫଳିତ କରୁଛି।

ରାଷ୍ଟ୍ରପତି ମୁର୍ମୁ ଆମ ମାଟିର ଝିଅ, ଯିଏକି ରାଇରଙ୍ଗପୁରରୁ ରାଷ୍ଟ୍ରପତି ଭବନରେ ପହଞ୍ଚି ଅନେକ ନିୟୁତ ଲୋକଙ୍କ ଆକାଂକ୍ଷା ଓ ଗର୍ବକୁ ପ୍ରତିନିଧିତ୍ୱ କରୁଛନ୍ତି। ସନ୍ତାଳ ସମୁଦାୟର ଜଣେ ସଦସ୍ୟ ଭାବେ ଟିଏମ୍‌ସି ସରକାରଙ୍କ କାର୍ଯ୍ୟ ମୋତେ ଗଭୀର ଆଘାତ ଦେଇଛି। ଓଡ଼ିଶାବାସୀ ମଧ୍ୟ ଏହାକୁ ନେଇ ମର୍ମାହତ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଉକ୍ତ ପୋଷ୍ଟରେ ସେ ଆହୁରି ଉଲ୍ଲେଖ କରିଛନ୍ତି, ରାଷ୍ଟ୍ରପତି ପଦବୀ ହେଉଛି ଆମ ଗଣତନ୍ତ୍ରର ସର୍ବୋଚ୍ଚ ସାମ୍ବିଧାନିକ ପଦ। ଏହା ରାଜନୈତିକ ମତଭେଦ ଊର୍ଦ୍ଧ୍ୱରେ ଥିବାରୁ ସ୍ୱତନ୍ତ୍ର ସାମ୍ବିଧାନିକ ମର୍ଯ୍ୟାଦା ବହନ କରେ। ରାଷ୍ଟ୍ରପତିଙ୍କ ପଦର ଗରିମାକୁ ନ୍ୟୂନ କରିବା ଭଳି କୌଣସି କାର୍ଯ୍ୟ ଆମ ସାମ୍ବିଧାନିକ ଢାଞ୍ଚା ପ୍ରତି ଅସମ୍ମାନ। ଭାରତ ଭଳି ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ଏପରି ସଂକୀର୍ଣ୍ଣ ରାଜନୈତିକ ବିଚାରର କୌଣସି ସ୍ଥାନ ନାହିଁ। ଆମ ସାମ୍ବିଧାନିକ ସଂସ୍ଥା ଓ ନେତୃବୃନ୍ଦଙ୍କୁ ସର୍ବଦା ସର୍ବୋଚ୍ଚ ସମ୍ମାନ ଦିଆଯିବା କଥା। ଆଦିବାସୀମାନଙ୍କ ଐତିହ୍ୟକୁ ପ୍ରତିପାଦିତ କରୁଥିବା କାର୍ଯ୍ୟକ୍ରମଗୁଡ଼ିକୁ ପ୍ରୋତ୍ସାହିତ କରାଯିବା ଉଚିତ, ଯାହାର ବ୍ୟତିକ୍ରମ ସିଲିଗୁଡ଼ିରେ ଦେଖିବାକୁ ମିଳିଛି ବୋଲି ମୁଖ୍ୟମନ୍ତ୍ରୀ କ୍ଷୋଭ ପ୍ରକାଶ କରିଛନ୍ତି।

ଧରିତ୍ରୀ
DHARITRI
ଧରିତ୍ରୀ 52 Years
ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୬ | Bhubaneswar, Sunday, March 8/2026




ଇରାନ୍ ଯୁଦ୍ଧ ଯୋଗୁ ତୈଳ ସଙ୍କଟ ପରିପ୍ରେକ୍ଷୀରେ ପେଟ୍ରୋଲ ମିଳୁନାହିଁ ବୋଲି ଗୁଜବ ସୃଷ୍ଟି ହୋଇଛି। ଏଥିଯୋଗୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟ ସମ୍ମୁଖ ପେଟ୍ରୋଲ ପମ୍ପରେ ଶନିବାର ଲୋକଙ୍କ ଗହଳି ଲାଗିଛି। (ଫଟୋ: ସୁଚିତ୍ରା ଦାସ)

# ମଧ୍ୟପ୍ରାଚ୍ୟରେ ଯୁଦ୍ଧ, ଏଠି ମହଙ୍ଗା

ଇରାନ୍ ସହ ଆମେରିକା-ଇସ୍ରାଏଲ୍ ଯୁଦ୍ଧର ସିଧାସଳଖ ପ୍ରଭାବ ଏବେ ଭାରତରେ ପଡ଼ିଲାଣି। ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ହୋର୍ମୁଜ ପ୍ରଣାଳୀ ଦେଇ କ୍ରୁଡ୍ ଅଏଲ୍ ଓ ପ୍ରାକୃତିକ ବାଷ୍ପ ଆମଦାନୀ ବାଧାପ୍ରାପ୍ତ ହୋଇଛି। ଫଳରେ ଦେଶରେ ଏଲ୍‌ପିଜି ସିଲିଣ୍ଡର ପିଛା ୬୦ ଟଙ୍କା ମହଙ୍ଗା ହୋଇଛି। ଯୁଦ୍ଧ ପୂର୍ବରୁ ଅଶୋଧିତ ତୈଳ ବ୍ୟାରେଲ ପିଛା ୬୨ ଡଲାର ଥିବାବେଳେ ମାତ୍ର ସପ୍ତାହେ ଭିତରେ ଏହା ୯୨.୬୯ ଡଲାରରେ ପହଞ୍ଚିଛି। ସରକାର ରନ୍ଧନ ଗ୍ୟାସ୍ ଦର ବଢ଼ାଇଥିବାରୁ ପେଟ୍ରୋଲ, ଡିଜେଲ ମୂଲ୍ୟରେ ମଧ୍ୟ ବୃଦ୍ଧି ଆଶଙ୍କା କରି ମାଲକାନଗିରି ସମେତ ଓଡ଼ିଶାର ବିଭିନ୍ନ ସ୍ଥାନରେ ପେଟ୍ରୋଲ ଟାଙ୍କିରେ ଭିଡ଼ ଦେଖିବାକୁ ମିଳିଛି। ତୈଳ ଦର ବଢ଼ିଲେ ପରିବହନ ଖର୍ଚ୍ଚ ବୃଦ୍ଧି ସାଙ୍ଗକୁ ଅତ୍ୟାବଶ୍ୟକ ସାମଗ୍ରୀଗୁଡ଼ିକ ମହଙ୍ଗା ହେବ। ତେଣୁ ଦରଦାମ ନିୟନ୍ତ୍ରଣ ପାଇଁ ସରକାର ଉଚିତ ପଦକ୍ଷେପ ନିଅନ୍ତୁ ବୋଲି ବିଭିନ୍ନ ମହଲରେ ମତ ପ୍ରକାଶ ପାଇଛି।

ୱାଶିଂଟନ୍/ନୂଆଦିଲ୍ଲୀ(ରଏଟର୍ସ)/ଭୁବନେଶ୍ୱର(ସୁନିତ୍ ମିଶ୍ର),୭।୩

ଇରାନ୍ ବିରୋଧୀ ଯୁଦ୍ଧ ଶନିବାର ଅଷ୍ଟମ ଦିନରେ ପହଞ୍ଚିଛି। ଗତ ସପ୍ତାହରେ ଯୁଦ୍ଧର ଠିକ୍ ପୂର୍ବରୁ ଅଶୋଧିତ ତୈଳ ବ୍ୟାରେଲ ପିଛା ୬୨ ଆମେରିକୀୟ ଡଲାର ଥିବାବେଳେ ଏବେ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବା ଆଶଙ୍କାରେ ଏହା ୯୨ ଡଲାର ଡେଇଁଲାଣି। ବିଶ୍ଳେଷକଙ୍କ ମତରେ ବର୍ତ୍ତମାନ ଯେପରି ଭୂରାଜନୈତିକ ଉତ୍ତେଜନା ଲାଗିରହିଛି ତାକୁ ଦେଖିଲେ ସ୍ଥିତିରେ ସୁଧାର ଆଶା କରାଯାଇ ନ ପାରେ। ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଦେଇ ତୈଳ ଯୋଗାଣରେ ବାଧା ଉପୁଜୁଥିବାରୁ ଖୁବ୍‌ଶୀଘ୍ର ଅନ୍ତର୍ଜାତୀୟ ତୈଳ ବଜାରରେ ନିଆଁ ଲାଗିବ। କ୍ରୁଡ୍ ମୂଲ୍ୟରେ ୧୨% ବୃଦ୍ଧି ଘଟିଥିବାବେଳେ ଆଗାମୀ ଟ୍ରେଡ଼ିଂ ସେସନ୍‌ରେ ବ୍ୟାରେଲ ପିଛା ୧୦୦ ଡଲାର ଛୁଇଁବ। ଏପରି କି ୧୫୦ ଡଲାରରେ ପହଞ୍ଚିବା ପାଇଁ ସପ୍ତାହେ ମଧ୍ୟ ଲାଗି ନ ପାରେ ବୋଲି ଅନ୍ତର୍ଜାତୀୟ ଘଟଣାବଳୀ ଉପରେ ନଜର ରଖୁଥିବା ବଜାର ବିଶେଷଜ୍ଞମାନେ କହିଛନ୍ତି।

- ଅଶୋଧିତ ତୈଳ ୧୦୦ ଡଲାର ମୁହାଁ
- ଓଡ଼ିଶାରେ ପେଟ୍ରୋଲ ଟାଙ୍କିରେ ଭିଡ଼

ଦେଖିବାକୁ ଗଲେ ମଧ୍ୟପ୍ରାଚ୍ୟ ଯୁଦ୍ଧର ନକାରାତ୍ମକ ପ୍ରଭାବ ବିଶ୍ୱବ୍ୟାପୀ ଅନୁଭୂତ ହୋଇଛି। ଲଜିଷ୍ଟିକ୍ ଓ ଶିପିଙ୍ଗ୍‌ରେ ଅସୁବିଧା ଯୋଗୁ ତୈଳ ପରିବହନ ପୂର୍ବ ଭଳି ହୋଇପାରୁ ନାହିଁ। ଭାରତକୁ ☞ପୃଷ୍ଠା-୧୧

## ପେଟ୍ରୋଲ ମିଳୁ ନ ଥିବା ଗୁଜବ, ପମ୍ପରେ ଭିଡ଼

ମାଲକାନଗିରି,୭।୩(ସୁଚିତ୍ରା ଦାସ/ଦୁର୍ଯ୍ୟୋଧନ ପାତ୍ର)

ମଧ୍ୟପ୍ରାଚ୍ୟ ଯୁଦ୍ଧ ଯୋଗୁ ତେଲ ନ ମିଳିବା ଗୁଜବକୁ ନେଇ ମାଲକାନଗିରି ସଦର ମହକୁମାର ସମସ୍ତ ପେଟ୍ରୋଲ ପମ୍ପରେ ଗାଡ଼ି ଚାଳକଙ୍କ ଭିଡ଼ ଦେଖିବାକୁ ମିଳିଛି। ଏପରିକି ପ୍ରତ୍ୟେକ ଗାଡ଼ି ଚାଳକ ପ୍ରାୟ ୧ ହଜାର ଟଙ୍କାର ପେଟ୍ରୋଲ ଓ ଡିଜେଲ ନିଜ ନିଜ ଗାଡ଼ିରେ ପକାଉଥିବା ବେଳେ ସ୍ୱତନ୍ତ୍ର ଭାବେ ଏକ ଜାର୍‌କିନ୍‌ରେ ମଧ୍ୟ ପେଟ୍ରୋଲ ନେଇ ଘରେ ଗଚ୍ଛିତ ରଖୁଥିବା ନଜର ଆସିଛି। ଅନ୍ୟପକ୍ଷେ ରନ୍ଧନ ଗ୍ୟାସ୍ ମୂଲ୍ୟରେ ମଧ୍ୟ ୬୦ ଟଙ୍କା ବୃଦ୍ଧିକୁ ନେଇ ବିଭିନ୍ନ ମହଲରେ ମହିଳାଙ୍କ ପ୍ରତିକ୍ରିୟା ପ୍ରକାଶ ପାଇଛି। ଏ ସମ୍ବନ୍ଧରେ ଜିଲା ଯୋଗାଣ ☞ପୃଷ୍ଠା-୧୧

# ଆଜି ଭାରତ-ନ୍ୟୁଜିଲାଣ୍ଡ ଫାଇନାଲ

**ଟି୨୦ ବିଶ୍ୱକପ୍**

ଅହମଦାବାଦ,୭।୩(ପି.ଟି.)

ଆଇସିସି ଟି୨୦ ବିଶ୍ୱକପ୍‌ର ୧୦ମ ସଂସ୍କରଣ ଫାଇନାଲ ମ୍ୟାଚ୍ ରବିବାର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଅନୁଷ୍ଠିତ ହେବ। ଏହି ମୁକାବିଲାରେ ଡିଫେଣ୍ଡିଂ ତଥା ଦୁଇଥରର ଚାମ୍ପିୟନ ଭାରତ ଓ ପ୍ରଥମଥର ଟାଇଟଲ ଲକ୍ଷ୍ୟରେ ଥିବା ମିଚେଲ ସାଣ୍ଟନରଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ପରସ୍ପରକୁ ଭେଟିବାକୁ ଯାଉଛନ୍ତି। ସୂର୍ଯ୍ୟକୁମାର ଯାଦବଙ୍କ ନେତୃତ୍ୱାଧୀନ ଭାରତୀୟ ଦଳ ଏହି ମ୍ୟାଚ୍‌କୁ ଜିତି ବିଶ୍ୱର ପ୍ରଥମ ଦଳ ଭାବେ ନିଜ ଟାଇଟଲକୁ ଡିଫେଣ୍ଡ କରିବା ସହ ତୃତୀୟଥର ପାଇଁ ଟ୍ରଫି ଉଠାଇବାକୁ ଲକ୍ଷ୍ୟ ରଖିଛି। ମୋଟ ଉପରେ ଏହା ଭାରତ ପାଇଁ ଚତୁର୍ଥ ଫାଇନାଲ। ପୂର୍ବରୁ ଭାରତ ୨୦୦୭, ୨୦୧୪ ଓ ୨୦୨୪ରେ ଫାଇନାଲ ଖେଳିଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ୨୦୨୧ ସଂସ୍କରଣରେ ଫାଇନାଲ ଖେଳିଥିଲା। ଉଲ୍ଲେଖଯୋଗ୍ୟ ଯେ, ଟି୨୦ ବିଶ୍ୱକପ୍ ଇତିହାସରେ ଦୁଇ ଦଳ ପରସ୍ପରକୁ ୩ ଥର ଭେଟିଥିବା ବେଳେ ନ୍ୟୁଜିଲାଣ୍ଡ ପ୍ରତ୍ୟେକ ଥର ବାଜିମାତ୍ କରିଛି।

୨୦୨୩, ନଭେମ୍ବର ୧୯ ତାରିଖରେ ବିଶ୍ୱର ସର୍ବବୃହତ୍ କ୍ରିକେଟ ଷ୍ଟାଡିୟମରେ ଖେଳାଯାଇଥିବା ଫାଇନାଲକୁ କୌଣସି ଭାରତୀୟ ଭୁଲି ପାରିନାହାନ୍ତି। ୯୩ ହଜାର ଦର୍ଶକଙ୍କୁ ଚକିତ କରି ଭାରତକୁ ହରାଇ ଅଷ୍ଟ୍ରେଲିଆ ଆଇସିସି ଦିନିକିଆ ବିଶ୍ୱକପ୍ ଟ୍ରଫି ଜିତିଥିଲା। ହେଲେ ଏଥର ଏହି ଷ୍ଟାଡିୟମରେ ଭାରତୀୟ କ୍ରିକେଟ ପ୍ରଶଂସକଙ୍କ ପାଇଁ କିଛି ସ୍ମରଣୀୟ କରିବାର ସୁଯୋଗ ଟିମ୍ ଇଣ୍ଡିଆ ପାଖରେ ରହିଛି। ୨୦୨୩ ବିଶ୍ୱକପ୍ ଫାଇନାଲ ପରଠାରୁ ଭାରତ କୌଣସି ଟୁର୍ନାମେଣ୍ଟ ☞ପୃଷ୍ଠା-୧୧

# ସ୍ତ୍ରୀଙ୍କୁ ପିଟି ମାରିଦେଲେ

ଦେବଗଡ଼,୭।୩(ଶଶାଙ୍କ ଶେଖର ଝାଙ୍କର)

ସ୍ୱାମୀଙ୍କ ମୃତ୍ୟୁ ପରେ, ଯାହାଙ୍କୁ ଜୀବନର ସବୁକିଛି ଭାବି ପାଖରେ ଆଶ୍ରୟ ନେଇଥିଲେ, ଶେଷରେ ତାଙ୍କରି ଆକ୍ରମଣରେ ଜୀବନ ଗଲା। ଶୁକ୍ରବାର ରାତିରେ ଏଭଳି ଏକ ଅଭାବନୀୟ ଘଟଣା ଘଟିଛି ଦେବଗଡ଼ ଜିଲା ବାରକୋଟ ଥାନା ଅଞ୍ଚଳରେ। ଘରୋଇ ପାଟିତୁଣ୍ଡକୁ କେନ୍ଦ୍ରକରି ସ୍ତ୍ରୀଙ୍କୁ ବାଡ଼ିରେ ପିଟି ସ୍ୱାମୀ ମାରିଦେଇଛନ୍ତି। ମୃତା ମହିଳା ହେଲେ ସୁନ୍ଦରଗଡ଼ ଜିଲା ବଣାଇ ଅଞ୍ଚଳର ମଞ୍ଜୁ ବେହେରା(୪୫)। ତେବେ ଏହି ଘଟଣାରେ ଅଭିଯୁକ୍ତ ସ୍ୱାମୀ ଅନୁଗୋଳ ଜିଲା ସମଲ ଥାନା ଅଧୀନ ପବିତ୍ରନଗର ଗ୍ରାମର ଅଜିତ ବେହେରାଙ୍କୁ ପୋଲିସ ଅଟକ ରଖିଛି।

ବାରକୋଟ ଥାନା ଅଧିକାରୀ ସୁଶାନ୍ତ କୁମାର ବଢ଼େଇଙ୍କ ସୂଚନା ଅନୁଯାୟୀ, ଅଜିତ ବାରକୋଟ ଥାନା ଅଧୀନ ବମ୍ପରଡ଼ା ଆଇଆର୍‌ବି ବାଟାଲିୟନ ନିକଟ ବାଘମାରି ଜଙ୍ଗଲ ପାର୍ଶ୍ୱରେ ରହୁଥିଲେ। ଅପରପକ୍ଷେ ମଞ୍ଜୁଙ୍କ ପ୍ରଥମ ସ୍ୱାମୀଙ୍କ ମୃତ୍ୟୁ ପରେ ସେ ପ୍ରାୟ ଦେଢ଼ବର୍ଷ ହେବ ଅଜିତଙ୍କ ପାଖରେ ରହି ଆସୁଥିଲେ। ଉଭୟେ ସ୍ତ୍ରୀସ୍ୱାମୀ ଭାବେ ଚଳୁଥିଲେ। ସେମାନେ ବାରକୋଟ ଥାନା ଅଞ୍ଚଳରେ ବୁଲି ବୁଲି ଭିକ୍ଷାବୃତ୍ତିକରି ଗୁଜୁରାଣ ମେଣ୍ଟାଉଥିଲେ। ଶୁକ୍ରବାର ରାତିରେ କୌଣସି କଥାକୁ ନେଇ ☞ପୃଷ୍ଠା-୧୧







ସାଧାରଣ ଜୀବନଟି ହେଉଛି-ବହୁବିଧ ଆକାଂକ୍ଷା ଓ ପ୍ରଲୋଭନର ଗୋଟିଏ ଗତାନୁଗତିକ ପରିକ୍ରମା । ଯେତେଦିନ ପର୍ଯ୍ୟନ୍ତ ବ୍ୟକ୍ତି ତହିଁରେ ବ୍ୟସ୍ତ ରହିଥାଏ, ସେତେଦିନ ପର୍ଯ୍ୟନ୍ତ ତା'ର କୌଣସି ସ୍ଥାୟୀ ଅଗ୍ରଗତି ହୁଏ ନାହିଁ।-ଶ୍ରୀମା



# ସାହସ ନାହିଁ



ଆକାର ପଟେଲ

ଏକ ଦେଶ ଭାବରେ ଆମେ ସବୁବେଳେ କିମ୍ବା ପ୍ରାୟତଃ ଯାହା ଚାହୁଁ ତାହା ପାଇପାରିବୁ ନାହିଁ, ଏହି ବାସ୍ତବତାକୁ ସ୍ୱୀକାର କରିବାରେ ମୋର କୌଣସି ସମସ୍ୟା ନାହିଁ। ତେବେ ନିଜକୁ ଏବଂ ନିଜର ଇଚ୍ଛାକୁ ସମ୍ପୂର୍ଣ୍ଣ ଭାବରେ ବିଶ୍ୱ ଉପରେ ଲଦି ପାରୁଥିବା କୌଣସି ଦେଶ ପ୍ରକୃତରେ ସର୍ବୋଚ୍ଚ ଶାସକ ବା ପ୍ରଭୁତ୍ୱସମ୍ପନ୍ନ ନୁହେଁ। ଏହା ଇତିହାସର ସବୁଠାରୁ ଶକ୍ତିଶାଳୀ ଦେଶଗୁଡ଼ିକ ପାଇଁ ମଧ୍ୟ ସତ୍ୟ। ଯଦି ଏହା ସତ୍ୟ ହୋଇ ନ ଥାନ୍ତା, ତେବେ ଭିଏତ୍‌ନାମ, ଆଫଗାନିସ୍ତାନ ଏବଂ ଇରାକ ଛାଡ଼ି ଆମେରିକା ପଳାଇ ନ ଥାନ୍ତା ଏବଂ ଏବେ ଇରାନ୍‌ରେ ପରାଜୟର ସମ୍ମୁଖୀନ ହେବାକୁ ଯାଉ ନ ଥାନ୍ତା। ଆମେରିକା ହିଂସା ମାଧ୍ୟମରେ ଇରାନକୁ ନତମସ୍ତକ କରାଇବାକୁ ଚାହୁଁଛି ଏବଂ ତାହା ଘଟିବ ନାହିଁ। ଆମେ ଏକ ଶକ୍ତିଶାଳୀ ରାଷ୍ଟ୍ର ନୁହେଁ, ତେଣୁ ଆମକୁ ଆମ କ୍ଷମତା ଅନୁସାରେ କାମ କରିବାକୁ ପଡ଼ିବ। ସତ୍ୟକୁ ଗ୍ରହଣ କରିବା ଏବଂ ପରିଦୃଶ୍ୟ ବିଷୟଗୁଡ଼ିକୁ ଅନୁଧ୍ୟାନକରି ତ୍ରୁଟିକୁ ସ୍ୱୀକାର କରିବାରେ କୌଣସି ଲଜ୍ଜା କରିବାର ନାହିଁ। ହେଲେ ଗରିବ ଜନସଂଖ୍ୟାର ପ୍ରକୃତ ପ୍ରତିଛବି ସାମ୍ନାକୁ ଆସିପାରୁନାହିଁ, ଯାହାର ଏକ ବୃହତ୍ ଅଂଶ ମାଗଣା ଶସ୍ୟ ପାଇଁ ପ୍ରତି ମାସରେ ଧାଡ଼ିରେ ଠିଆହେବାକୁ ବାଧ୍ୟ ହେଉଛନ୍ତି। ଏହା ସତ୍ୟ ଯେ, ଭାରତର ବିଶାଳ ଜନସଂଖ୍ୟାର ଶକ୍ତି ଅନୁଭୂତ ହେଉନାହିଁ। ଏହା ଭବିଷ୍ୟତରେ ହୋଇପାରେ, କିନ୍ତୁ ବର୍ତ୍ତମାନ ହୋଇପାରିନାହିଁ। ଆମ କ୍ଷମତାର ଅଭାବ ଅଛି ଏବଂ ଶକ୍ତିଶାଳୀ ରାଷ୍ଟ୍ରଗୁଡ଼ିକ ତୁଳନାରେ ଆମେ କମ୍ ସାର୍ବଭୌମ ବୋଲି ଗ୍ରହଣ କରିବାରେ ମୋର ବି କୌଣସି ଅସୁବିଧା ନାହିଁ । ତଥାପି ମୋ ମତରେ ଏକ ସମସ୍ୟା ଅଛି। ଆମର ସୀମିତ ସାର୍ବଭୌମତ୍ୱ ବା ପ୍ରଭୁତ୍ୱକୁ ନିୟୋଜିତ କରାଯିବାରେ ଛୋଟ ସମସ୍ୟାଟି ରହିଛି। ଆମେ ଯେଉଁ କଠୋର ଜାତୀୟତାବାଦ ଦେଖାଉଛୁ ତାହା ଦୁର୍ବଳ ରାଷ୍ଟ୍ର ଏବଂ ସାଧାରଣତଃ ଆମର ପଡ଼ୋଶୀଙ୍କ ପାଇଁ ପ୍ରଯୁଜ୍ୟ। ମୋ ମତରେ ବୃହତ୍ ଶକ୍ତି ହେଉଛନ୍ତି ସେମାନେ, ଯେଉଁମାନେ ଆଞ୍ଚଳିକ କ୍ଷେତ୍ରରେ ନିଜର ଶକ୍ତି ଦେଖାଇ ନ ଥାନ୍ତି କିମ୍ବା ବାଂଲାଦେଶରୁ ଖେଳାଳି ବାଛିବାରୁ ଆଇପିଏଲ୍ ଦଳଗୁଡ଼ିକୁ ରୋକିବାରେ ଶକ୍ତି ଖର୍ଚ୍ଚ କରନ୍ତି ନାହିଁ,ଯେପରି ଆମେ କରୁ। ସେମାନେ କ୍ରୀଡ଼ା କ୍ଷେତ୍ରରେ ପ୍ରତିପକ୍ଷଙ୍କ ସହ ହାତ ମିଳାଇବାକୁ ମନାକରନ୍ତି ନାହିଁ। ଭାରତ ତାହା କରେ।

ଯେଉଁଠାରେ ପ୍ରକୃତ ଜାତୀୟ ସ୍ୱାର୍ଥର ପ୍ରଶ୍ନ ଉଠେ ସେକ୍ଷେତ୍ରରେ ଆମେ ସାଧାରଣତଃ ବିଫଳ ହେଉଛୁ। ପ୍ରତିରୋଧ କଷ୍ଟକର ହେଉଛି ଏବଂ ସହଜରେ ଆଜ୍ଞା ପାଳନ କରୁଛୁ। ଆମେରିକା କହିବ ରୁଷିଆର ତେଲ କିଣ ନାହିଁ। ଆଜ୍ଞା ସାର୍। ରୁଷୀୟ ତେଲ କିଣନ୍ତୁ। ଠିକ୍ ଅଛି ମହାଶୟ। ଇରାନୀ ତେଲ କିଣ ନାହିଁ। ଆଜ୍ଞା ସାର୍। ଆମେ ସମ୍ପୂର୍ଣ୍ଣ ଭାବେ ଅବଗତ ଯେ, ଇରାନ ଯୁଦ୍ଧ ଉପରେ ସତ୍ୟ କହିବା ଟ୍ରମ୍ପଙ୍କୁ କ୍ରୋଧିତ କରିବ। ତେଣୁ ଆମେ ଅନ୍ୟ ବାଟ ଦେଖୁଛୁ। ଏହି ଯୁଦ୍ଧ ସମ୍ପର୍କରେ ସିଧାସଳଖ କହିବା ପୀଡ଼ାଦାୟକ ହେଲେ ମଧ୍ୟ ଆମକୁ କେବେ କେବେ ନିଜ ପରିଚୟ ସମ୍ପର୍କରେ ଅନୁଧ୍ୟାନ କରିବାକୁ ପଡ଼ିବ। ରୁଷିଆରୁ ତେଲ ଆଣିବା ପାଇଁ ୩୦ ଦିନର ଛାଡ଼ ହେଉଛି ଏକ ଛୁଟି ସଦୃଶ। ଆମେ ପୁନର୍ବାର ଏପ୍ରିଲରେ ବନ୍ଦୀ ଭାବେ ନିଜକୁ ସମର୍ପଣ କରିବୁ ବୋଲି ସ୍ୱୀକାର କରିବାକୁ ପଡ଼ିବ। କେହି କ'ଣ ଭାବୁଛନ୍ତି ଯେ ଭାରତ ପରି ବାହ୍ୟଶକ୍ତି ଉତ୍ସ ଉପରେ ନିର୍ଭରଶୀଳ ଚାଇନା ସହ ଏହି ଉପାୟରେ ଆମେରିକା କଥାବାର୍ତ୍ତା ହୋଇପାରିବ ? ଏହା କେବେ ବି ଭାବି ପାରିବେ ନାହିଁ। କଠୋର,ଗମ୍ଭୀର ଶି'ଙ୍କୁ ଏହା କହିବାକୁ ଟ୍ରମ୍ପ ଭୟ କରିବେ।

ଆମେ ନିଷ୍ପତ୍ତି ନେଇଛୁ ଯେ, ଜଣେ ରାଷ୍ଟ୍ରମୁଖ୍ୟ ତଥା ଧର୍ମଗୁରୁ, ଯାହାଙ୍କୁ ଅନେକ ଲକ୍ଷ ଭାରତୀୟ ଧାର୍ମିକ ନେତା ମାନୁଥିଲେ ; ତାଙ୍କ ହତ୍ୟା ସମ୍ପର୍କରେ କୌଣସି ମନ୍ତବ୍ୟ ଦେବୁ ନାହିଁ, ନିନ୍ଦା କରିବା ତ ଦୂରର କଥା। ଆମେ ମଧ୍ୟ କୁନି କୁନି ସ୍କୁଲ ଝିଅଙ୍କ ଗଣହତ୍ୟା ପାଇଁ ଶୋକ କରିବୁ ନାହିଁ। ନିରସ୍ତ୍ର ନାବିକମାନେ ଆମର ସମ୍ମାନିତ ଅତିଥି ଥିଲେ ବି ସେମାନଙ୍କୁ ଅନ୍ଧାରରେ ଉଡ଼ାଇ ଦିଆଗଲା। ଆମେ ମଧ୍ୟ ନୀରବ ରହିଛୁ। ତେବେ ଏସବୁ ଏକ ସମସ୍ୟା ଭାବେ ମୁଁ ମନେକରୁଛି, କାରଣ ବୁଝିପାରୁଛି ଯେ ଆମେ ଏକ ଦୁର୍ବଳ ଦେଶ ଭାବରେ ଆଜ୍ଞା ପାଳନ କରିବାକୁ ପସନ୍ଦ କରିଛୁ। ତଥାପି, ଆମର ଅର୍ଥହୀନ ଏବଂ ବାହୁସ୍ଫୋଟ କଥା ଉପରେ ବି ଗମ୍ଭୀର ସମସ୍ୟା ଅଛି। ଏଭଳି ଫମ୍ପା କଥା ଦେଶ ପାଇଁ ଉଦ୍ଦିଷ୍ଟ ହୋଇପାରେ, କିନ୍ତୁ ବିଶ୍ୱ ଏହାକୁ ଲକ୍ଷ୍ୟ କରିପାରୁଛି। ନିଜକୁ କହୁଛୁ ଯେ ଆମେ ବିଶ୍ୱଗୁରୁ ଏବଂ ଜି୨୦ ଓ ଅନ୍ୟାନ୍ୟ ବିଷୟର ମୁଖ୍ୟ। କେବଳ ଏହି ବିଶ୍ୱାସରେ ଏହା କରୁଛୁ ଯେ ଭାରତୀୟମାନେ ସରଳମନା ଏବଂ ଅଙ୍କ ଓ ଏଭଳି ଅସଙ୍ଗତ କଥା ଉପରେ ବିଶ୍ୱାସ କରନ୍ତି। ଆମେ ଯଦି ଏହା କରୁ ତେବେ ସ୍ଥିତି ଭୟଙ୍କର ହେବ । ଆମେ ଏହା ଜାଣୁ ଯେ, ବୃହତ୍ ଶକ୍ତି ସହ କାର୍ଯ୍ୟ କରିବା ସମୟରେ ସାହସ ଓ ପ୍ରତିବଦ୍ଧତାର ଅଭାବ ସାମ୍ନାକୁ ଆସିଛି। ଆମ କଥା ଅପେକ୍ଷା ଅନ୍ୟମାନଙ୍କ ସହିତ ଆମେ କରୁଥିବା କାର୍ଯ୍ୟ ଆମକୁ ଅଧିକ ଭଲ ଭାବରେ ଜଣାଇଦେଉଛି।

ହୋର୍ଡିଂ ଏବଂ ଟେଲିଭିଜନରେ ଆମର ମହାନତା ବିଷୟରେ ଦର୍ଶାଯାଇଥିବା ଖବରକୁ ଯେଉଁମାନେ ଗ୍ରହଣ କରୁନାହାନ୍ତି ସେମାନଙ୍କ ମଧ୍ୟରୁ ମୁଁ ଜଣେ ହୋଇଥିବାରୁ ଏସବୁ କାର୍ଯ୍ୟକୁ ବିରକ୍ତିକର ମନେକରୁଛି। ଏହାକୁ ସମସ୍ୟାପୂର୍ଣ୍ଣ ବୋଲି ଭାବୁଛି ଏବଂ ମୋ ମତରେ ଏହା ଏକ ପ୍ରମୁଖ ସମସ୍ୟା। ଗଣତାନ୍ତ୍ରିକ ସରକାରଗୁଡ଼ିକ କେବଳ ନୀତି ଏବଂ ନୈତିକତାର କାରଣ ପାଇଁ ନୁହେଁ, ବରଂ ସରକାରଙ୍କ କାମକୁ ସହଜ କରିବାରେ ସେମାନଙ୍କ ଭୋଟରଙ୍କୁ ବାସ୍ତବ କଥା କହିବା ଦରକାର ବୋଲି ଆଶା କରାଯାଏ। ତେବେ ଆମର ସମର୍ପଣ ବାସ୍ତବରେ ସମର୍ପଣ ନୁହେଁ ବୋଲି ବୁଝାଇବାରେ ଯଦି ଭାରତୀୟ ଜନତା ପାର୍ଟି ବିଭ୍ରାନ୍ତ ହୋଇ ନ ଥାନ୍ତା ଏବଂ ୩୦ ଦିନର ଛାଡ଼ ପ୍ରକୃତରେ ଏକ କୂଟନୈତିକ ବିଜୟ ବୋଲି ଯଦି ଭାଜପା ଅବଗତ କରିଥାଆନ୍ତା ,ତେବେ ସେଥିରେ ଦ୍ୱନ୍ଦ୍ୱ ଉପୁଜି ନ ଥାଆନ୍ତା। ଇରାନ ସମେତ ସାରା ବିଶ୍ୱରେ ଆମର ଯେତେ ବନ୍ଧୁ ଅଛନ୍ତି, ସେମାନେ ଜାଣିଥାଆନ୍ତେ ଯେ ସେମାନଙ୍କ ସହ ଯାହା ଘଟୁଛି ସେଥିପାଇଁ ଆମେ ସେମାନଙ୍କୁ ପରିତ୍ୟାଗ କରିନାହୁଁ । କିନ୍ତୁ ତାହା ଆମେ କରିନାହୁଁ, କାରଣ ଆମ ସାହସର ଅଭାବ ରହିଛି।

Email:aakar.patel@gmail.com

## su | do | ku
Puzzles by Srikant Ghosh

## ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | | | | | 3 |
| | | | | 3 | 4 | 6 | 2 | |
| | 3 | | | 6 | | 4 | 7 | |
| 7 | | | 6 | | | | | |
| 2 | | | | | | 5 | | |
| | 4 | | | 2 | 3 | | 8 | |
| | 8 | | | | | 9 | | 2 |
| | 6 | | | | | | | 1 |
| | | | 1 | 5 | | 8 | 4 | |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 7 | 3 | 6 | 1 | 5 | 8 | 4 | 2 | 9 |
| 9 | 2 | 8 | 7 | 4 | 3 | 6 | 1 | 5 |
| 4 | 1 | 5 | 2 | 9 | 6 | 8 | 3 | 7 |
| 1 | 4 | 7 | 3 | 8 | 5 | 9 | 6 | 2 |
| 5 | 8 | 3 | 9 | 6 | 2 | 1 | 7 | 4 |
| 2 | 6 | 9 | 4 | 1 | 7 | 5 | 8 | 3 |
| 3 | 9 | 4 | 8 | 2 | 1 | 7 | 5 | 6 |
| 6 | 7 | 1 | 5 | 3 | 9 | 2 | 4 | 8 |
| 8 | 5 | 2 | 6 | 7 | 4 | 3 | 9 | 1 |

ଗତକାଲିର ଉତ୍ତର

# ପୁଷ୍ପଗିରି ବିଶ୍ୱବିଦ୍ୟାଳୟ: ଅସ୍ମିତାର ପରିଚୟ



ଡ. କେଦାରନାଥ ଦାଶ

ଇଉରୋପରେ ବିଶ୍ୱବିଦ୍ୟାଳୟ ସ୍ଥାପନ ହେବାର ବହୁ ପୂର୍ବରୁ ଭାରତରେ ବିଶ୍ୱବିଦ୍ୟାଳୟ ବ୍ୟବସ୍ଥା କାର୍ଯ୍ୟକାରୀ ହୋଇଥିବାର ପ୍ରମାଣ ମିଳେ। ଭାରତରେ ଉଚ୍ଚ ଶିକ୍ଷା ଅଧ୍ୟୟନ ଅତି ପୁରାତନ। ପ୍ରାଚୀନ ଭାରତରେ ନାଳନ୍ଦା, ତକ୍ଷଶିଳା, ବଲ୍ଲଭ, ଓଡାନ୍ତପୁରୀ, ବିକ୍ରମଶିଳା, ଜଗଦଲ୍ଲା, ସୋମପୁର, ସାରଦା ପୀଠ ଭଳି ଅନେକ ବିଶ୍ୱବିଦ୍ୟାଳୟ ସ୍ଥାପନ ହୋଇଥିଲା। ତନ୍ମଧ୍ୟରୁ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଭୂମିକା ସ୍ୱତନ୍ତ୍ର ଥିଲା। ପୁରାତନ ଉଡ୍ର(ଓଡ଼ିଶା)ର ଯାଜପୁର ଅଞ୍ଚଳରେ ଏହା ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ରୂପେ ସ୍ଥାପିତ ହୋଇଥିଲା। ଅନେକ ଐତିହାସିକ ଏବଂ ପ୍ରତ୍ନତତ୍ତ୍ୱବିତ୍‌ଙ୍କ ମତରେ ଏହାର ପରିସର ସମଗ୍ର ହୀରକ ତ୍ରିଭୁଜ ଏବଂ ତାହାର ସଂଲଗ୍ନ ଅଞ୍ଚଳରେ ପରିବ୍ୟାପ୍ତ ହୋଇଥିଲା। କୁହାଯାଏ ଯେ ଖ୍ରୀଷ୍ଟପୂର୍ବ ଦ୍ୱିତୀୟ ଶତାବ୍ଦୀରେ ଆରମ୍ଭ ହୋଇ ଦ୍ୱାଦଶ ଶତାବ୍ଦୀ ପର୍ଯ୍ୟନ୍ତ ଏହା ଶିକ୍ଷାଦାନ କ୍ଷେତ୍ରରେ ଅଗ୍ରଣୀ ଭୂମିକା ଗ୍ରହଣ କରିଥିଲା। ତେଣୁ ତାହାକୁ ଭାରତରେ ସର୍ବପୁରାତନ ଏବଂ ସର୍ବବୃହତ୍ ବିଶ୍ୱବିଦ୍ୟାଳୟ କୁହାଯାଏ। ଯାଜପୁର ଜିଲାର ଅସିଆ ପର୍ବତମାଳାରେ ସ୍ଥାପିତ ହୋଇ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସମଗ୍ର ପୃଥିବୀର ଦୃଷ୍ଟି ଆକର୍ଷଣ କରିଥିଲା। ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ତାନ୍ତ୍ରିକ ବୌଦ୍ଧତତ୍ତ୍ୱର ବଜ୍ରଯାନ, କାଳଚକ୍ର ଯାନ ଓ ସହଜଯାନ ସମ୍ପ୍ରଦାୟର ଏକ ଚର୍ଚ୍ଚିତ ଅଧ୍ୟୟନ କେନ୍ଦ୍ର ଥିଲା।

ଚାଇନା ପରିବ୍ରାଜକ ହୁଏନ୍‌ସାଂ ଯେକି ଉଡ୍ର(ଓଡ଼ିଶା)କୁ ୬୩୯ ଖ୍ରୀଷ୍ଟାବ୍ଦରେ ଆଗମନ କରି ଓଡ଼ିଶାର ସମୃଦ୍ଧି ସମ୍ପର୍କରେ ଦର୍ଶାଇ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ସମ୍ପର୍କରେ ଆଲୋଚନା କରିଛନ୍ତି। ସେ ତାଙ୍କର ପୁସ୍ତକ ସିୟୁକିରେ ଏହି ବିଷୟରେ ଏକ ବିବରଣୀ ପ୍ରକାଶ କରିଛନ୍ତି। ହୁଏନ୍‌ସାଂ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଅବସ୍ଥିତ ଥିବା ପାହାଡ଼ରେ ଅଲୌକିକ କିରଣ ବିଚ୍ଛୁରିତ ହେବା ସହ ଅନେକ ଚମତ୍କାର ଘଟୁଥିଲା ବୋଲି ବର୍ଣ୍ଣନା କରିଛନ୍ତି। ହୁଏନ୍‌ସାଂ ତାହାକୁ ପୁ-ସିଏ-ପୋ-କି-ଲି ଭାବରେ ଦର୍ଶାଇଛନ୍ତି । ଅନ୍ୟ ଏକ ପ୍ରମାଣରୁ ଜଣାପଡ଼େ ଯେ, ତେଲଙ୍ଗାନା ରାଜ୍ୟର ନାଗାର୍ଜୁନ କୁଣ୍ଡଠାରେ ତୃତୀୟ ଶତାବ୍ଦୀର ଏକ ଶିଳାଲିପିରେ ଉଲ୍ଲେଖ କରାଯାଇଛି ଯେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟଠାରେ ଏକ ପ୍ରସ୍ତର ମଣ୍ଡପ ନିର୍ମାଣ ଇଶାଭାକୁ ବଂଶର ରାଜା ବୀରପୁରୁଷ ଦତ୍ତ ଅର୍ଥ ସାହାଯ୍ୟ କରିଥିଲେ।

ଏହି ବିଶ୍ୱବିଦ୍ୟାଳୟକୁ ଚାଇନା, ଜାପାନ, ଗ୍ରୀସ୍, ଆରବ, ଇଣ୍ଡୋନେସିଆ, ଭୁଟାନ, ତିବ୍ବତ, ନେପାଳ, ଥାଇଲାଣ୍ଡ, ଭିଏତ୍‌ନାମ, କୋରିଆ, ମଙ୍ଗୋଲିଆ, ଲାଓସ, କାମ୍ବୋଡିଆ, ସିଂହଳ ପ୍ରଭୃତି ଦେଶରୁ ବିଦ୍ୱାନ୍‌ମାନେ ଉଚ୍ଚତର ଅଧ୍ୟୟନ ଓ ଗବେଷଣା ନିମନ୍ତେ ଆସୁଥିଲେ। ଏଠାରେ ଉଚ୍ଚତର ଗବେଷଣା ଓ ନବଉନ୍ମେଷକୁ ଗୁରୁତ୍ୱ ପ୍ରଦାନ କରାଯାଇଥିଲା। ଉତ୍ତମ ଛାତ୍ରନିର୍ମାଣ, ଚାରିତ୍ରିକ ବିକାଶ, ନୈତିକ ଶିକ୍ଷା



ଏବଂ ରାଷ୍ଟ୍ରଗଠନ ସମ୍ପର୍କରେ ବିଶେଷ ଗୁରୁତ୍ୱ ପ୍ରଦାନ କରାଯାଉଥିଲା। ବେଦ, ହେତୁବିଦ୍ୟା(ତର୍କଶାସ୍ତ୍ର), ଶବ୍ଦ ବିଦ୍ୟା(ବ୍ୟାକରଣ ଓ ଭାଷାତତ୍ତ୍ୱ), ଚିକିତ୍ସା ବିଦ୍ୟା, ନୀତି ଓ ନ୍ୟାୟ(ଆଇନ), ଅର୍ଥଶାସ୍ତ୍ର, ସଂଖ୍ୟା, ଧର୍ମଶାସ୍ତ୍ର, ଯୋଗ ଓ ପ୍ରାଣାୟାମ ସହ ଗଣିତ ଜ୍ୟୋତିଷ, ଗଣିତ ବାଣିଜ୍ୟ, ରାଜନୀତି ବିଜ୍ଞାନ, ସମରକଳା, ଅଧ୍ୟାତ୍ମବାଦ, ସମୁଦ୍ର ବିଜ୍ଞାନ, ସ୍ଥାପତ୍ୟ ବିଦ୍ୟା, କଳା ପ୍ରଭୃତି ଅଧ୍ୟୟନ କରାଯାଉଥିଲା। ହୁଏନ୍‌ସାଂଙ୍କ ମତରେ ଏହାର ପର୍ବତ ଶୋଭା, ଅଧ୍ୟୟନ ପ୍ରଣାଳୀ, ସୂକ୍ଷ୍ମ କାରୁକାର୍ଯ୍ୟ, ମନୋରମ ପ୍ରାକୃତିକ ଦୃଶ୍ୟ ସୁଦୂର ଅଞ୍ଚଳରୁ ବିଦ୍ୟାର୍ଥୀମାନଙ୍କୁ ଆକର୍ଷଣ କରୁଥିଲା। କଳିଙ୍ଗର ନୌଶକ୍ତି ଅତି ଉଚ୍ଚକୋଟୀର ହୋଇଥିବାରୁ ବିଦ୍ୟାର୍ଥୀମାନେ ସମୁଦ୍ରପଥରେ ଆସି କଳିଙ୍ଗର ବିଭିନ୍ନ ବନ୍ଦରରେ ପହଞ୍ଚି ବିରୂପା ଓ ବ୍ରାହ୍ମଣୀ ନଦୀପଥରେ ଏଠାକୁ ଆସି ପାରୁଥିଲେ।

ବୌଦ୍ଧ ଗ୍ରନ୍ଥମାନଙ୍କରୁ ଜଣାପଡ଼େ ଯେ ଗୁରୁ ପଦ୍ମସମ୍ଭବ ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ଶିକ୍ଷା ଓ ସିଦ୍ଧି ପ୍ରାପ୍ତ ହୋଇ ସିକ୍କିମ, ଭୁଟାନ, ତିବ୍ବତ, ନେପାଳ, ଅରୁଣାଚଳ ଇତ୍ୟାଦି ଅଞ୍ଚଳରେ ବୌଦ୍ଧ ଧର୍ମ ପ୍ରସାର କରିଥିଲେ। ଉଦୟଗିରି ପ୍ରବେଶପଥରେ ଥିବା ଅବଲୋକେତଶ୍ୱର ମୂର୍ତ୍ତି ପଶ୍ଚାଦପଟ୍ଟରେ ଉଲ୍ଲେଖ କରାଯାଇଛି ଯେ, ଗୁରୁ ପଦ୍ମସମ୍ଭବଙ୍କ ଦେହାବଶେଷ ଏକ ପେଟିକା ମଧ୍ୟରେ ଉଦୟଗିରି ଅଞ୍ଚଳରେ ସଂରକ୍ଷିତ ହୋଇରହିଛି। ଗୁରୁ ପଦ୍ମ ସମ୍ଭବ ସମ୍ବଲକ (ସମ୍ବଲପୁର) ରାଜ୍ୟର ରାଜା ଇନ୍ଦ୍ରଭୂତିଙ୍କର ପାଳିତ ପୁତ୍ର ଥିଲେ। ଇନ୍ଦ୍ରଭୂତି ମଧ୍ୟ ଜଣେ ତାନ୍ତ୍ରିକ ସିଦ୍ଧ ଆଚାର୍ଯ୍ୟ ଥିଲେ। ସେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ବଜ୍ରଯାନର ଜଣେ ପ୍ରତିଷ୍ଠାତା ସାଧକ ଥିଲେ। ତାଙ୍କ ଭଉଣୀ ଲକ୍ଷ୍ମୀଙ୍କରା ଅଷ୍ଟମ ଶତାବ୍ଦୀରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ସହଜଯାନ ପ୍ରତିଷ୍ଠା କରିଥିଲେ। ଏଠାରେ ଆଚାର୍ଯ୍ୟ ପିଟୋପାଦ କାଳଚକ୍ରଯାନର ପ୍ରତିଷ୍ଠାତା ଥିଲେ। ବୌଦ୍ଧଗ୍ରନ୍ଥମାନଙ୍କରୁ ଜଣାପଡେ, ଭୌମକର ବଂଶର ରାଜତ୍ୱକାଳରେ ଶିବଙ୍କର ଦେବ-୧ ବୌଦ୍ଧ ଆଚାର୍ଯ୍ୟ ପ୍ରଜ୍ଞାଙ୍କ ହାତରେ 'ଗଣ୍ଡବ୍ୟୂହ' ନାମକ ଏକ ପାଣ୍ଡୁଲିପି ନିଜ ସ୍ୱାକ୍ଷର ସହ ଚାଇନା ରାଜା ତୋ-ତିସାଙ୍ଗଙ୍କ ନିକଟକୁ ପଠାଇଥିଲେ। ସେ ଚାଇନାରେ ବୌଦ୍ଧଧର୍ମ ପ୍ରଚାର କରିବା ସହ ଅନେକ ବୌଦ୍ଧଗ୍ରନ୍ଥକୁ ଚାଇନାର ମାଣ୍ଡାରିନ୍ ଭାଷାରେ ଅନୁବାଦ କରିଥିଲେ। ପଞ୍ଚମ ଶତାବ୍ଦୀରେ ଆଚାର୍ଯ୍ୟ ବୋଧିଶ୍ରୀ ଜଣେ ତାନ୍ତ୍ରିକ ସାଧକ ଥିଲେ। ସେ ବହୁ ରାଜା ଓ ମହାରାଜାମାନଙ୍କଠାରୁ ପାଣ୍ଠି ସଂଗ୍ରହ କରି ଛାତ୍ରବୃତ୍ତି ବ୍ୟବସ୍ଥା କରିଥିଲେ। ଦ୍ୱିତୀୟ ଶତାବ୍ଦୀରେ ଆଚାର୍ଯ୍ୟ ନାଗାର୍ଜୁନ ମଧ୍ୟ ଉକ୍ତ ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରି ଶୂନ୍ୟତା ଚିନ୍ତାଧାରା ଓ ମାଧ୍ୟମିକ ମତ ପ୍ରକାଶ କରିଥିଲେ। ତାଙ୍କର ଶିଷ୍ୟ ଆଚାର୍ଯ୍ୟ ଆର୍ଯ୍ୟଦେବ ଏଠାରେ ଚତୁଃଶତକ, ଚକ୍ରବର୍ତ୍ତି ପ୍ରଭୃତି ପୁସ୍ତକ ରଚନା କରିଥିଲେ। ପଞ୍ଚମ ଶତାବ୍ଦୀରେ ପୁରୀର ଡିଙ୍ଗନାଗ ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ବୌଦ୍ଧ ତର୍କ ଶାସ୍ତ୍ର ଏବଂ ନ୍ୟାୟ ଶାସ୍ତ୍ରରେ ପ୍ରସିଦ୍ଧି ଲାଭ କରିଥିଲେ। ଆଚାର୍ଯ୍ୟ ଅମୋଘଚନ୍ଦ୍ର, ବଜ୍ରବୋଧି ଏବଂ ଶୁଭଙ୍କର ସିଂ ସର୍ବତଥାଗତତତ୍ତ୍ୱ ସଂଗ୍ରହ ଓ ମହାଭୈରକୋଶା ସୂତ୍ର ପୁସ୍ତକକୁ ଦକ୍ଷିଣ ପୂର୍ବ ଏସିଆ ଓ ଶ୍ରୀଲଙ୍କାକୁ ନେଇ ସେଠାରେ ମଣ୍ଡଳ ସ୍ତୂପ ସ୍ଥାପନା କରିଥିଲେ। ଉପରୋକ୍ତ ବୌଦ୍ଧ ଆଚାର୍ଯ୍ୟଙ୍କ ବ୍ୟତୀତ ପ୍ରସିଦ୍ଧ ବୌଦ୍ଧ ସନ୍ନ୍ୟାସୀ ନାରୋପା, ଶବରୀପାଦ, ଲୁଇପାଦ, କମ୍ବଳପାଦ, ଅନଙ୍ଗଭଦ୍ର, ବିରୁପାଦ, କାହ୍ନୁପାଦ ଇତ୍ୟାଦି ପୁଷ୍ପଗିରି ବିଶ୍ୱବିଦ୍ୟାଳୟରେ ଅଧ୍ୟାପନା କରୁଥିଲେ। ରାଜା ହର୍ଷବର୍ଦ୍ଧନ ମଧ୍ୟ ଜୟସେନ ନାମକ ଜଣେ ବିଦ୍ୱାନ୍‌ଙ୍କୁ ନାଳନ୍ଦାରୁ ଏଠାକୁ ଦର୍ଶନ ତତ୍ତ୍ୱ ଅଧ୍ୟୟନ ନିମନ୍ତେ ପଠାଇଥିଲେ।

କିନ୍ତୁ ସମୟ ସ୍ରୋତରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ଗୁରୁତ୍ୱ କ୍ରମଶଃ ହ୍ରାସ ପାଇଲା ଏବଂ କାଳଗର୍ଭରେ ଲୀନ ହୋଇଗଲା। ଏହାର ବିଭିନ୍ନ କାରଣ ମଧ୍ୟରୁ ବିଦେଶୀ ଶତ୍ରୁମାନଙ୍କର ଆକ୍ରମଣ, ସାମାଜିକ ଓ ରାଜନୈତିକ ପରିବର୍ତ୍ତନ, ବୌଦ୍ଧଧର୍ମ ପ୍ରତି ଶାସକମାନଙ୍କର ପୃଷ୍ଠପୋଷକତା ହ୍ରାସ ଇତ୍ୟାଦି ହୋଇପାରେ।

ପୁଷ୍ପଗିରି ବିଶ୍ୱବିଦ୍ୟାଳୟର ପୁନରୁଦ୍ଧାର କରି ତାହାର ହୃତ ଗୌରବକୁ ଫେରାଇ ଅଣାଯାଇପାରିବାର ବର୍ତ୍ତମାନ ପ୍ରକୃଷ୍ଟ ସମୟ। କେନ୍ଦ୍ର ସରକାର ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୂପେ ଏହାକୁ ରାଜ୍ୟ ସରକାରଙ୍କ ସହଯୋଗରେ ପୁନଃ ପ୍ରତିଷ୍ଠା କରିପାରିବେ। ଯଦି ନାଳନ୍ଦା ବିଶ୍ୱବିଦ୍ୟାଳୟ ୧୦ ବର୍ଷ ପୂର୍ବରୁ କେନ୍ଦ୍ର ସରକାର ଏକ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ରୂପେ ବିହାର ସରକାରଙ୍କ ସହାୟତାରେ ପ୍ରତିଷ୍ଠା ହୋଇପାରିଛି, ତା'ହେଲେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ମଧ୍ୟ ପୁନଃ ପ୍ରତିଷ୍ଠା ସମ୍ଭବ। ଯଦି ବା କେନ୍ଦ୍ର ସରକାର ପ୍ରାୟ ଏକ ବର୍ଷ ପୂର୍ବରୁ ଏହି ପ୍ରକଳ୍ପକୁ ପୂର୍ବୋଦୟ ଯୋଜନାରେ ଅନ୍ତର୍ଭୁକ୍ତ କରିଛନ୍ତି, ତଥାପି ଏହା ସମ୍ବନ୍ଧରେ କୌଣସି ଅଗ୍ରଗତି ଘଟିପାରି ନାହିଁ।

ପ୍ରସ୍ତାବିତ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ବିକଶିତ ଭାରତ-୨୦୪୭ ଓ ସମୃଦ୍ଧ ଓଡ଼ିଶା-୨୦୩୬ ହାସଲ ନିମନ୍ତେ ବିଶେଷ ଭାବରେ ଭିତ୍ତିଭୂମି, ଦକ୍ଷତା, ନବସୃଜନ ଏବଂ ସଂସ୍କାର ଭଳି ପ୍ରମୁଖ କ୍ଷେତ୍ର ଉପରେ ଧ୍ୟାନଦେଇ ଜ୍ଞାନ ଆହରଣରେ ସକ୍ରିୟ ଅଂଶଗ୍ରହଣ କରିପାରିବ। ଏହାଦ୍ୱାରା ଶିକ୍ଷା ଓ ଗବେଷଣା କ୍ଷେତ୍ରରେ ନୂତନ ଆଶାର ସଞ୍ଚାର ହୋଇପାରିବ। ଯାହାଦ୍ୱାରା ଦେଶର ପ୍ରଗତି ହେବା ସହ ବିଶ୍ୱସ୍ତରୀୟ ପ୍ରତିଯୋଗିତାରେ ସହାୟକ ହେବ। ଶିକ୍ଷାଭିତ୍ତିଭୂମିର ବିକାଶ ତଥା ଅର୍ଥନୈତିକ ଅଭିବୃଦ୍ଧି ପାଇଁ ସହଭାଗିତା ବୃଦ୍ଧି କରି ଦେଶର ପ୍ରଗତିରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇପାରିବ। ଓଡ଼ିଶାର ସାଂସ୍କୃତିକ ଐତିହ୍ୟ ଅଧିକ ସମୃଦ୍ଧ ହେବ। ଅତୀତରେ ପୁଷ୍ପଗିରି ବିଶ୍ୱବିଦ୍ୟାଳୟ ଯେଉଁ ମର୍ଯ୍ୟାଦା ବହନ କରୁଥିଲା, ତାହାର ପୁନରୁଦ୍ଧାର ଆବଶ୍ୟକ, ଯାହାଦ୍ୱାରା ଓଡ଼ିଆ ଅସ୍ମିତା ରକ୍ଷା କରିବାରେ ସହାୟକ ହେବ। ପ୍ରସ୍ତାବିତ ବିଶ୍ୱବିଦ୍ୟାଳୟ ଦ୍ୱାରା ଭାରତୀୟ ପରମ୍ପରା ଏବଂ ଆଧୁନିକତା ମଧ୍ୟରେ ଏକ ସେତୁ ପ୍ରତିଷ୍ଠା ହୋଇପାରିବ।

**ପ୍ରାକ୍ତନ ଅଧ୍ୟକ୍ଷ, ବାବା ଭୈରବାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ, ଚଣ୍ଡିଖୋଲ, ଯାଜପୁର**
**ମୋ: ୯୪୩୭୩୧୫୨୬୨**

# ନେପାଳ ରାଜନୀତିର ରଣନୀତିକାର

ନେପାଳ ୨୦୨୫ ସେପ୍ଟେମ୍ବରରେ ଦେଖିଥିଲା ଜେନ୍ ଜି ବିପ୍ଳବ। ଏହାର ପ୍ରଭାବ ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଅନୁଭୂତ ହୋଇଥିଲା। ପରିଣାମ ସ୍ୱରୂପ ନେପାଳରେ କେ.ପି. ଶର୍ମା ଓଲିଙ୍କ ମେଣ୍ଟ ସରକାରର ପତନ ଘଟିଥିଲା। ଅନ୍ତରୀଣ ପ୍ରଧାନମନ୍ତ୍ରୀ ହୋଇଥିଲେ ସୁଶୀଳା କାର୍କି। ବିଧିବଦ୍ଧ ସରକାର ପତନର ୬ ମାସ ପରେ ସେଠାରେ ସାଧାରଣ ନିର୍ବାଚନ ଅନୁଷ୍ଠିତ ହୋଇଛି। ସଦ୍ୟ ଖବର ମୁତାବକ ନବଗଠିତ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍‌ଏସ୍‌ପି) ବୃହତ୍ ବିଜୟ ଦିଗରେ ଅଗ୍ରସର ହେଉଛି। ରାପରରୁ ରାଜନେତା ପାଲଟିଥିବା ତଥା କାଠମାଣ୍ଡୁର ପୂର୍ବତନ ମେୟର ୩୫ ବର୍ଷୀୟ ବଳେନ୍ଦ୍ର ଶାହା ନେପାଳର ପରବର୍ତ୍ତୀ ପ୍ରଧାନମନ୍ତ୍ରୀ ହୋଇପାରନ୍ତି ବୋଲି କୁହାଯାଉଛି। ତେବେ ପ୍ରତିଷ୍ଠିତ ରାଜନୈତିକ ଦଳଗୁଡ଼ିକୁ ପଛରେ ପକାଇ ରବି ଲାମିଛାନେଙ୍କ ନେତୃତ୍ୱରେ ଆର୍‌ଏସ୍‌ପି ଏବେ ସଫଳତା ପାଇବାକୁ ଯାଉଥିବାରୁ ତାଙ୍କ ବ୍ୟକ୍ତିତ୍ୱ ସବୁଠାରୁ ଆଗରେ ରହିଥିବା ଦେଶବ୍ୟାପୀ ଚର୍ଚ୍ଚା ହେଉଛି।

ରବି ନେପାଳର ନଗରକୋଟ୍‌ରେ ୧୩ ସେପ୍ଟେମ୍ବର ୧୯୭୫ରେ ଜନ୍ମଗ୍ରହଣ କରିଥିଲେ। ରାଜନୀତି ପୂର୍ବରୁ ସେ ନେପାଳର ଘରେ ଘରେ ଟେଲିଭିଜନ୍ ବ୍ୟକ୍ତିତ୍ୱ ଭାବେ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିଲେ। ପ୍ରସିଦ୍ଧ ସାମ୍ବାଦିକ ତଥା ଟେଲିଭିଜନ ଖବର ଉପସ୍ଥାପକ ଭାବେ ସେ ଦୁର୍ନୀତି ବିରୋଧୀ ପ୍ରସଙ୍ଗ ଉତ୍ଥାପନ କରି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ୨୦୨୨ ନିର୍ବାଚନର ଠିକ୍ ପୂର୍ବରୁ ଯେତେବେଳେ ସେ ଆରଏସ୍‌ପି ଗଠନ କରିଥିଲେ, ସେତେବେଳେ ସେ ଦେଶବାସୀଙ୍କୁ ଏକ ସରଳ ପ୍ରତିଶ୍ରୁତି ଦେଇଥିଲେ ; ଯାହାର ସ୍ଲୋଗାନ୍ ଥିଲା 'ପୁରୁଣା ରାଜନୈତିକ ଦଳଗୁଡ଼ିକ ବିଫଳ ହୋଇଛନ୍ତି ଏବଂ ଏବେ ଏକ ସ୍ୱଚ୍ଛ ବିକଳ୍ପ ଆସିଛି।' ସେପ୍ଟେମ୍ବର ୨୦୨୫ର ଜେନ୍ ଜି ବିପ୍ଳବ ପରବର୍ତ୍ତୀ ପ୍ରଥମ ସଂସଦୀୟ ନିର୍ବାଚନରେ ସେହି ପ୍ରତିଶ୍ରୁତି ଫଳପ୍ରସୂ ହେବାକୁ ଯାଉଛି। ନେପାଳର ପାରମ୍ପରିକ ନେତୃତ୍ୱଠାରୁ ରବିଙ୍କ ଆକର୍ଷଣ ରାଜନୀତିରେ ଭିନ୍ନ ଦିଗ ଦେଖାଇଛି। ବିଭିନ୍ନ ପ୍ରସଙ୍ଗକୁ ଅତି ନିଖୁଣ ଭାବେ ଲୋକଙ୍କ ନିକଟରେ କିଭଳି ପହଞ୍ଚାଯାଇ ପାରିବ ସେଥିପାଇଁ ସେ ନିଜସ୍ୱ ରଣନୀତି ସୃଷ୍ଟି କରିଥିଲେ। ରାଜନୈତିକ ବିଶ୍ଳେଷକଙ୍କ ମତରେ 'ସେ ବିଚାରଧାରା ବିକ୍ରି କରୁ ନ ଥିଲେ, ବରଂ ଅଧୈର୍ଯ୍ୟତାକୁ ବିକ୍ରି କରୁଥିଲେ'। ଏଭଳି ଏକ ନିଆରା ଛବିପ୍ରଦର୍ଶନ ଆର୍‌ଏସ୍‌ପିକୁ ଆଗକୁ ବଢ଼ିବାରେ ସାହାଯ୍ୟ କରିଥିଲା। ଫଳରେ ସହରାଞ୍ଚଳ ଭୋଟର, ନେପାଳୀ ଯୁବା ଏବଂ ବାରମ୍ବାର ସମାନ ମୁହଁଙ୍କୁ ଦେଖି ଅତିଷ୍ଠ ହୋଇଯାଇଥିବା ନାଗରିକଙ୍କୁ ଦଳର ଅଭିନବ ଶୈଳୀ ଆକର୍ଷିତ କରିଥିଲା। ଦେଖୁଦେଖୁ ରବି ଉତ୍ତମ ସଙ୍ଗଠକ ଆସନରେ ବସିବାର ଦକ୍ଷତା ଅର୍ଜନ କରିପାରିଥିଲେ। ଆର୍‌ଏସ୍‌ପିର ପ୍ରଥମ ସଫଳତା ପରେ ସେ ଶୀଘ୍ର କ୍ଷମତା ଭିତରକୁ ପ୍ରବେଶ କରିଥିଲେ। ସମୟର ଆବଶ୍ୟକତା ଦେଖି ସେ ପୁରୁଣା ଦଳଗୁଡ଼ିକର ମିଳିତ ପ୍ରୟାସକୁ ସମର୍ଥନ କଲେ ଏବଂ

ବ୍ୟକ୍ତିତ୍ୱ



ରବି ଲାମିଛାନେ

ପ୍ରଧାନମନ୍ତ୍ରୀ ପୁଷ୍ପ କମଳ ଦହଲ ଓରଫ୍ ପ୍ରଚଣ୍ଡଙ୍କ ଅଧୀନରେ କିଛି ସମୟ ପାଇଁ ଉପ-ପ୍ରଧାନମନ୍ତ୍ରୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଭାବେ କାର୍ଯ୍ୟ କରିଥିଲେ। ଅବଶ୍ୟ ତାଙ୍କୁ ସେତେବେଳେ ସମାଲୋଚନାର ଶରବ୍ୟ ହେବାକୁ ପଡ଼ିଥିଲା। କାରଣ ଟେଲିଭିଜନ ଜରିଆରେ ସେ ଯାହାଙ୍କୁ ଆକ୍ରମଣ କରୁଥିଲେ ସେହି ବ୍ୟବସ୍ଥା ଭିତରେ ରହିଯାଇଥିଲେ। ପୁଣି ଜାନୁଆରୀ ୨୦୨୩ରେ ନେପାଳ ସୁପ୍ରିମକୋର୍ଟ ବେଆଇନ ନାଗରିକତା କାଗଜପତ୍ର ଯୋଗୁ ତାଙ୍କର ସାଂସଦ ପଦବୀ ରଦ୍ଦ କରିବାରୁ ତାଙ୍କୁ ପଦ ଛାଡ଼ିବାକୁ ପଡ଼ିଥିଲା। ସୂଚନା ଦିଆଯାଇପାରେ ଯେ, ଭିଜିଟର ଭିଜା ବଳରେ ସେ ଆମେରିକାରେ ପ୍ରବେଶ କରି ପରବର୍ତ୍ତୀ ସମୟରେ ୨୦୦୭ରୁ ୨୦୧୭ ଯାଏ ସେଠାକାର ନାଗରିକତ୍ୱ ଗ୍ରହଣ କରିଥିଲେ। ପରେ ସେ ନେପାଳ ନାଗରିକତ୍ୱ ଗ୍ରହଣ କଲା ବେଳେ ଆବଶ୍ୟକ ପଦ୍ଧତି ଦେଇ ଯାଇ ନ ଥିବାରୁ ସୁପ୍ରିମକୋର୍ଟ ତାଙ୍କୁ ସମସ୍ତ ସରକାରୀ ପଦରୁ ହଟାଇଦେଇଥିଲେ। ୨୯ ଜାନୁଆରୀ ୨୦୨୩ରେ ସେ ବିଧିବଦ୍ଧ ଭାବେ ନେପାଳର ପୁନଃ ନାଗରିକତ୍ୱ ହାସଲ କରିଥିଲେ। ପରେ ରବି ୨୦୨୪ରେ ପୁଣି ସ୍ୱରାଷ୍ଟ୍ରମନ୍ତ୍ରୀ ହୋଇଥିଲେ। ତାଙ୍କର ଏଭଳି ଚରିତ୍ର ଦର୍ଶାଉଥିଲା ଯେ, ଯେତେବେଳେ କ୍ଷମତା ନିକଟବର୍ତ୍ତୀ ହେଉଥିଲେ ସେ ବ୍ୟବସ୍ଥା ସହିତ ବୁଝାମଣା କରିବାକୁ ପ୍ରସ୍ତୁତ ଥିଲେ। ସେପ୍ଟେମ୍ବର ୨୦୨୫ର ଜେନ୍ ଜି ବିପ୍ଳବ ଦେଶର ରାଜନୈତିକ ଓ ସାମାଜିକ ଦୃଶ୍ୟପଟକୁ ବଦଳାଇ ଦେଇଥିଲା। ବିଦ୍ରୋହର ମୂଳ କାରଣ ଥିଲା ସୋସିଆଲ ମିଡିଆ ନିଷେଧ। କିନ୍ତୁ ଏହା ଦୁର୍ନୀତି, ବେକାରି ବିରୋଧରେ ଏକ ବ୍ୟାପକ ବିଦ୍ରୋହ ଥିଲା ବୋଲି ପ୍ରଚାର କରି ରବି ଟେଲିଭିଜନ ଉପସ୍ଥାପନା ଶୈଳୀରେ ସ୍ଥିତିର ଫାଇଦା ଉଠାଇବାକୁ ଚେଷ୍ଟା କରିଥିଲେ। ଏହା ସତ୍ତ୍ୱେ ସମବାୟ ଠକେଇ ମାମଲାରେ ତାଙ୍କୁ ଗିରଫ କରାଯାଇଥିଲେ ହେଁ ସେ ଜେଲ୍‌ରୁ ମୁକୁଳି ଆସିଥିଲେ।

ସେପ୍ଟେମ୍ବର ପରବର୍ତ୍ତୀ ସମୟରେ କାଠମଣ୍ଡୁ ମେୟର ବଳେନ୍ଦ୍ର ଶାହା (ବାଲେନ ଭାବେ ପରିଚିତ) ବୃହତ୍ ରାଜନୈତିକ ବଳୟକୁ ପ୍ରବେଶ କରିଥିଲେ। ଡିସେମ୍ବର ୨୦୨୫ରେ ସେ ଆର୍‌ଏସ୍‌ପିରେ ଯୋଗ ଦେଲେ। ଏହି ସମୟରେ ରବି ଚତୁରତା ପ୍ରଦର୍ଶନ କରି କହିଲେ ଆର୍‌ଏସ୍‌ପି ଜିତିଲେ ବାଲେନ ହେବେ ପ୍ରଧାନମନ୍ତ୍ରୀ। ନିଜକୁ ଦଳ ମୁଖ୍ୟ ରଖି ସେ ଯେଉଁ ଗୋଟି ଚଳାଇଲେ ତାହା ଆର୍‌ଏସ୍‌ପିକୁ ସଫଳତା ଦେବାରେ ସହାୟକ ହୋଇଛି। ଆଗକୁ ବାଲେନ ପ୍ରଧାନମନ୍ତ୍ରୀ ହେଲେ ମଧ୍ୟ ଶାସନର ଡୋରି ରବିଙ୍କ ହାତରେ ରହିବ ବୋଲି କୁହାଯାଉଛି।

ରବିଙ୍କ ବ୍ୟକ୍ତିଗତ ଜୀବନ ଦେଖିଲେ ଇଶା ତାଙ୍କ ପ୍ରଥମ ସ୍ତ୍ରୀ ଥିଲେ ଓ ଉଭୟଙ୍କର ଦୁଇ ଝିଅ ଅଛନ୍ତି। ୨୦୧୯ରେ ଇଶାଙ୍କୁ ଛାଡ଼ପତ୍ର ଦେବା ପରେ ସେତେବେଳେ ନେପାଳ ଫିଲ୍ମ ଡେଭଲପ୍‌ମେଣ୍ଟ ବୋର୍ଡର ଅଧ୍ୟକ୍ଷା ଥିବା ନିକିତା ପୌଡେଲଙ୍କୁ ସେ ବିବାହ କରିଥିଲେ।

**-ଜିତେନ୍ଦ୍ର କୁମାର ନାୟକ**

## ଏଇ ଭାରତରେ

ଗୋଟିଏ ପରିବାର ବି ନିଜ ଗାଁ ଓ ଏହାର ଆଖପାଖରେ ଆର୍ଥିକ ତଥା ସାମାଜିକ ସ୍ତରରେ ପରିବର୍ତ୍ତନ ଆଣିପାରନ୍ତି, ଯାହାର ବାସ୍ତବତା ଦେଖିବାକୁ ମିଳିଛି ରାଜସ୍ଥାନର କୋଲିଆ ଗାଁରେ। ସେଠାକାର ବାସିନ୍ଦା ଗୁପ୍ତା ପରିବାର ଉଦ୍ୟମରେ ମହିଳାମାନେ ରୋଜଗାରକ୍ଷମ ହେଉଛନ୍ତି। ଏହି ପରିବାର ଦ୍ୱାରା ୨୦୧୫ରେ ଏକ କୌଶଳ ବିକାଶ କେନ୍ଦ୍ର ଖୋଲା ଯାଇଥିଲା। ସେଠାରେ ସମ୍ପୂର୍ଣ୍ଣ ମାଗଣାରେ ମହିଳାମାନଙ୍କୁ ସିଲେଇ, କମ୍ପ୍ୟୁଟର ଶିକ୍ଷା ଦିଆଯାଉଛି। ଗୁପ୍ତା ପରିବାର ତରଫରୁ ଶ୍ରୀବବ୍ଲୁ ଗୁପ୍ତା ଫାଉଣ୍ଡେଶନ ଖୋଲାଯାଇଛି ଏବଂ ଏହା ମାଧ୍ୟମରେ ସମସ୍ତ କାର୍ଯ୍ୟ ସଞ୍ଚାଳିତ ହେଉଛି। ଏଥିରେ ସ୍ଥାନୀୟ ପଞ୍ଚାୟତର ବି ସହଯୋଗ ରହିଛି। କୌଶଳ ବିକାଶ କେନ୍ଦ୍ରରେ ପ୍ରଥମେ ଦରଜି ଓ ସିଲେଇ ଶିକ୍ଷା ଦିଆଯିବା ପରେ କମ୍ପ୍ୟୁଟର ଶିକ୍ଷା ସାମିଲ କରାଯାଇଛି। ଏବେ ଏହି କେନ୍ଦ୍ରରେ ୩୦ରୁ ୪୦ ମହିଳା ପ୍ରଶିକ୍ଷଣ ନେଉଛନ୍ତି ଓ ଏଯାବତ୍ ସେଠାରୁ ୧,୦୦୦ ମହିଳା ଟେଲରିଂ ତାଲିମ ନେଇସାରିଲେଣି। ସେମାନେ ପୋଷାକ ତିଆରି କରି ରୋଜଗାର କରିପାରୁଛନ୍ତି। ୩୦୦ରୁ ଊର୍ଦ୍ଧ୍ୱ ଝିଅ ବିଉଟି ପାର୍ଲର ଶିକ୍ଷା ନେଉଛନ୍ତି ଏବଂ ୬୦୦ରୁ ଅଧିକ ଝିଅପୁଅ କମ୍ପ୍ୟୁଟର ଆକାଉଣ୍ଟିଂ ଶିକ୍ଷା ପାଇସାରିଲେଣି। ଗୁପ୍ତା ପରିବାର ପକ୍ଷରୁ ମାଗଣାରେ ଚକ୍ଷୁ ଚିକିତ୍ସା ଶିବିର ଆୟୋଜନ କରିବା ସହ କୃତ୍ରିମ ଅଙ୍ଗଦାନ କରାଯାଉଛି। ୨୦୦୭ରେ ଏକ ପ୍ରସୂତି ହସ୍ପିଟାଲ ଖୋଲାଯିବା ପରେ ମହିଳାଙ୍କ ଚିକିତ୍ସା ସମସ୍ୟା ଅନେକାଂଶରେ ଦୂର ହୋଇପାରିଛି।

## ୫୦ ବର୍ଷ ତଳର ଧରିତ୍ରୀ

୮ ମାର୍ଚ୍ଚ ୧୯୭୭

- ବାଲେଶ୍ୱର ଜିଲାର ଭେଲୋରାଠାରେ ଏକ ଦୂରଗାମୀ ପବ୍ଲିକ୍ କଲ୍ ଅଫିସ ଉଦ୍‌ଘାଟିତ।
- ମାନ୍ଦ୍ରାଜ ସେଣ୍ଟ୍ରାଲ ଓ ହାଓଡ଼ା ଷ୍ଟେସନ ମଧ୍ୟରେ କରମଣ୍ଡଳ ଏକ୍ସପ୍ରେସ ନାମରେ ଏକ ଦ୍ରୁତଗାମୀ ରେଳଗାଡ଼ି ଚଳାଚଳ ଆରମ୍ଭ।

## ଚିରନ୍ତନୀ

କେତେ ସୁକୁମାର ପରଶ ଜାଗିଲା ମରମେ
ହରଷାଇ
କେତେ ଫଗୁଣର ଅବିର ଲାଗିଲା ଚରମେ
ମନେ ନାହିଁ ।
-(ମନେ ନାହିଁ)
-କାଳିନ୍ଦୀ ଚରଣ ପାଣିଗ୍ରାହୀ

## ପାଠକ ଶ୍ରେଷ୍ଠ ବିଚାରକ

### ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବଢୁଛି

ମହାଶୟ,

ଓଡ଼ିଶାରେ ଶେଷ ୫ବର୍ଷ ମଧ୍ୟରେ ୨୭,୧୬୭ ଜଣଙ୍କର ସଡ଼କ ଦୁର୍ଘଟଣାରେ ମୃତ୍ୟୁ ଘଟିଛି । ସରକାରଙ୍କ ଦ୍ୱାରା ପାଳନ କରାଯାଇଥିବା ସଡ଼କ ସୁରକ୍ଷା ମାସ ବିତିଯାଇଥିଲେ ମଧ୍ୟ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ଉପରୁ ରୋକ ଲାଗିପାରୁନାହିଁ। ଇତି ମଧ୍ୟରେ ସରକାରଙ୍କର ବିଭିନ୍ନ ପ୍ରକାରର ନିୟମାବଳୀ ଜାରି କରାଯାଇଥିଲେ ବି କୌଣସି ପ୍ରକାରର ଫଳପ୍ରଦ ହେଉନାହିଁ । ଏହାର ପ୍ରମୁଖ କାରଣ ଆମେମାନେ ନିଜକୁ ନିଜେ ସଚେତନ ହୋଇପାରୁଛନ୍ତି ନା କାହାକୁ ସଚେତନ କରାଉଛନ୍ତି । ମାତାପିତା ଉପଯୁକ୍ତ ବୟସ ନ ହୋଇଥିବା ପିଲାଙ୍କ ହାତରେ ଗାଡି ଧରାଇ ଦେଉଛନ୍ତି। ସେମାନେ ଦ୍ରୁତଗତିରେ ଗାଡ଼ି ଚାଳନା କରିବା ଦ୍ୱାରା ନିୟନ୍ତ୍ରଣ ହରାଇ ଦୁର୍ଘଟଣାର ଶିକାର ହେଉଛନ୍ତି। ବହୁ ସମୟରେ ଚାଳକମାନେ ନିଶା ସେବନ କରି ଗାଡ଼ିକୁ ନିଜ ଆୟତ୍ତରେ ନ ରଖି ଦୁର୍ଘଟଣା ଘଟାଉଛନ୍ତି। ଗାଡ଼ି ଚାଳନା କରିବା ସମୟରେ ହେଲମେଟ, ସିଟ୍ ବେଲ୍ଟ ବ୍ୟବହାର କରୁନାହାନ୍ତି। ସରକାରଙ୍କ ଦ୍ୱାରା ଲଗାଯାଇଥିବା ସାଇନବୋର୍ଡ ଓ ଟ୍ରାଫିକ ନିୟମକୁ ଅବମାନନା କରିବା ଦ୍ୱାରା ଦିନକୁ ଦିନ ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁ ବୃଦ୍ଧି ପାଉଛି । ଫଳରେ ଆମେ ନିଜେ କ୍ଷତିରେ ପଡ଼ିବା ସହିତ ଅନ୍ୟକୁ କ୍ଷତିରେ ପକାଉଛନ୍ତି ।

**-ବିଚିତ୍ର ପୃଷ୍ଟି, ଅଚ୍ୟୁତବସନ୍ତ, ବାଲିଚନ୍ଦ୍ରପୁର, କଟକ**

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ନାରୀ ଶକ୍ତିର ଜୟଯାତ୍ରା, ସ୍ୱାବଲମ୍ବୀ ହେଉଛି ଓଡ଼ିଶା


ପ୍ରଭାତୀ ପରିଡ଼ା,
ଉପମୁଖ୍ୟମନ୍ତ୍ରୀ, ଓଡ଼ିଶା

ନାରୀ ସଶକ୍ତୀକରଣ କେବଳ ଏକ ସାମାଜିକ ଲକ୍ଷ୍ୟ ନୁହେଁ, ବରଂ ଏହା ସ୍ଥାୟୀ ବିକାଶର ମୂଳଦୁଆ। ଏକ ସମାଜ ପ୍ରକୃତରେ ସେତିକିବେଳେ ପ୍ରଗତି କରେ, ଯେତେବେଳେ ସେଠାକାର ମହିଳାମାନେ ଶିକ୍ଷିତ, ଆତ୍ମବିଶ୍ୱାସୀ, ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ଏବଂ ନିଷ୍ପତ୍ତି ଗ୍ରହଣ ପ୍ରକ୍ରିୟାରେ ସମାନ ଭାବରେ ଅଂଶଗ୍ରହଣ କରିବାକୁ ସମର୍ଥ ହୁଅନ୍ତି। ସାମ୍ପ୍ରତିକ ବର୍ଷଗୁଡ଼ିକରେ, ଭାରତ ମହିଳାମାନଙ୍କ ସ୍ଥିତିରେ ସୁଧାର ଆଣିବା ପାଇଁ ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରିଛି। ବିଭିନ୍ନ ରାଜ୍ୟ ମଧ୍ୟରେ ଓଡ଼ିଶା ପ୍ରଗତିଶୀଳ ସରକାରୀ ଆଭିମୁଖ୍ୟ ଏବଂ ଗୋଷ୍ଠୀ-ଭିତ୍ତିକ କାର୍ଯ୍ୟକ୍ରମ ମାଧ୍ୟମରେ ମହିଳା-ନେତୃତ୍ୱାଧୀନ ବିକାଶର ଏକ ସଶକ୍ତ ଉଦାହରଣ ଭାବେ ଉଭା ହୋଇଛି। ଏହି ପରିବର୍ତ୍ତନର କାହାଣୀ କେବଳ ନୀତିଗତ ନୁହେଁ, ବରଂ ଏହା ଲକ୍ଷ ଲକ୍ଷ ମହିଳାଙ୍କ ଅଦମ୍ୟ ସାହସ ଓ ସଂକଳ୍ପର ଗାଥା, ଯେଉଁମାନେ ପାରମ୍ପରିକ ସୀମାକୁ ଅତିକ୍ରମ କରି ଆତ୍ମନିର୍ଭରଶୀଳତାର ଆକାଶକୁ ଛୁଇଁଛନ୍ତି।

ଐତିହାସିକ ଭାବେ ଓଡ଼ିଶାର ମହିଳାମାନେ ସର୍ବଦା ନିଜର ଶକ୍ତି ଓ ସହନଶୀଳତାର ପରିଚୟ ଦେଇ ଆସିଛନ୍ତି। 'ପଶ୍ଚିମ ଓଡ଼ିଶାର ଗାନ୍ଧୀ' ଭାବେ ପରିଚିତ ସଂଗ୍ରାମୀ ପାର୍ବତୀ ଗିରିଙ୍କ ଠାରୁ ଆରମ୍ଭ କରି ଅଗ୍ରଣୀ ଜନନେତ୍ରୀ ସରଳା ଦେବୀଙ୍କ ପର୍ଯ୍ୟନ୍ତ, ମହିଳାମାନେ ରାଜ୍ୟର ସାମାଜିକ ଗଠନରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିଛନ୍ତି। ବର୍ତ୍ତମାନ ସମୟରେ, ମହାମହିମ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ପ୍ରେରଣାଦାୟୀ ଜୀବନ ଯାତ୍ରା, ଯିଏ ଓଡ଼ିଶାର ଆଦିବାସୀ ଅଧ୍ୟୁଷିତ ଅଞ୍ଚଳରୁ ବାହାରି ଦେଶର ସର୍ବୋଚ୍ଚ ସାମ୍ବିଧାନିକ ପଦବୀରେ ଅଧିଷ୍ଠିତ ହୋଇଛନ୍ତି, ତାହା ଏକ ଶକ୍ତିଶାଳୀ ବାର୍ତ୍ତା ଦିଏ ଯେ ଦୃଢ଼ ଇଚ୍ଛାଶକ୍ତି ଓ ସୁଯୋଗ ଜଣେ ବ୍ୟକ୍ତିର ଜୀବନକୁ ସମ୍ପୂର୍ଣ୍ଣ ରୂପାନ୍ତରିତ କରିପାରେ। ମହିଳାମାନଙ୍କ ଆତ୍ମବିଶ୍ୱାସ ସେତେବେଳେ ବୃଦ୍ଧି ପାଏ, ଯେତେବେଳେ ସେମାନଙ୍କ ପାଖରେ ଶିକ୍ଷା, ଆର୍ଥିକ ସ୍ୱାଧୀନତା ଏବଂ ସାମାଜିକ ମାନ୍ୟତା ପହଞ୍ଚିଥାଏ। ପୂର୍ବରୁ ବିଶେଷ କରି ଗ୍ରାମାଞ୍ଚଳରେ ଅନେକ ମହିଳା କେବଳ ଘରୋଇ କାମରେ ସୀମିତ ରହୁଥିଲେ, କିନ୍ତୁ ଆଜି ଓଡ଼ିଶାର ମହିଳାମାନେ ଜଣେ ଜଣେ ସଫଳ ଉଦ୍ୟୋଗୀ, ଗୋଷ୍ଠୀ ନେତ୍ରୀ ଏବଂ ବିକାଶର ସକ୍ରିୟ ସହଭାଗୀ ଭାବେ ଉଭା ହେଉଛନ୍ତି।

ଏହି ରୂପାନ୍ତରଣର ମୂଳରେ ରହିଛି 'ମିଶନ ଶକ୍ତି', ଯାହା ମହିଳାମାନଙ୍କୁ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସଙ୍ଗଠିତ କରି ସେମାନଙ୍କ ମଧ୍ୟରେ ଆର୍ଥିକ ସ୍ୱାଧୀନତା ଓ ସାମୂହିକ ସଶକ୍ତୀକରଣକୁ ପ୍ରୋତ୍ସାହିତ କରୁଛି। ଆଜି ଏହି ଆନ୍ଦୋଳନ ରାଜ୍ୟର ପ୍ରାୟ ୬ ଲକ୍ଷ ଗୋଷ୍ଠୀ ଏବଂ ପ୍ରାୟ ୭୦ ଲକ୍ଷ ମହିଳାଙ୍କୁ ଯୋଡ଼ିପାରିଛି। ଏହି ଗୋଷ୍ଠୀଗୁଡ଼ିକ ମାଧ୍ୟମରେ ମହିଳାମାନେ ଅର୍ଥ ସଞ୍ଚୟ କରିବା ସହ ଋଣ ସୁବିଧା ପାଇ ସିଲେଇ, ହସ୍ତଶିଳ୍ପ, ଖାଦ୍ୟ ପ୍ରକ୍ରିୟାକରଣ ଓ କୃଷି ଭଳି ଜୀବିକା ନିର୍ବାହ କାର୍ଯ୍ୟ ଆରମ୍ଭ କରୁଛନ୍ତି। 'ସୁଭଦ୍ରା ଶକ୍ତି କ୍ୟାଫେ', 'ସୁଭଦ୍ରା ଶକ୍ତି ବଜାର' ଏବଂ ରିଟେଲ ମାର୍ଟ ଭଳି ପଦକ୍ଷେପଗୁଡ଼ିକ ମହିଳାମାନଙ୍କୁ ସେମାନଙ୍କ ଉତ୍ପାଦ ପ୍ରଦର୍ଶନ ଓ ବିକ୍ରୟ ପାଇଁ ଏକ ବଡ଼ ପ୍ଲାଟ୍‌ଫର୍ମ ପ୍ରଦାନ କରିଛି। ଏହା ସହିତ 'ଲକ୍ଷପତି ଦିଦି' ଅଭିଯାନ ଗ୍ରାମାଞ୍ଚଳ ମହିଳାମାନଙ୍କୁ ଦକ୍ଷତା ବିକାଶ ଓ ଉଦ୍ୟୋଗିତା ମାଧ୍ୟମରେ ବାର୍ଷିକ ଅତିକମ୍‌ରେ ଏକ ଲକ୍ଷ ଟଙ୍କା ରୋଜଗାର କରିବାରେ ସହାୟକ ହେଉଛି। ମହିଳାମାନେ ଦୁଗ୍ଧ ଚାଷ, କୁକୁଡ଼ା ପାଳନ, କ୍ଷୁଦ୍ର ବ୍ୟବସାୟ ଏବଂ ଖାଦ୍ୟ ଉଦ୍ୟୋଗ ଭଳି କ୍ଷେତ୍ରରେ ତାଲିମ ଗ୍ରହଣ କରି ଆର୍ଥିକ ଦୃଷ୍ଟିରୁ ସ୍ୱାବଲମ୍ବୀ ହେଉଛନ୍ତି।

ଓଡ଼ିଶା ସରକାର ମହିଳା ଓ କନ୍ୟାମାନଙ୍କ ପାଇଁ ସେମାନଙ୍କ ଜୀବନର ବିଭିନ୍ନ ପର୍ଯ୍ୟାୟରେ ସହାୟତା କରିବାକୁ ଅନେକ ଯୋଜନା ପ୍ରଣୟନ କରିଛନ୍ତି। 'ସୁଭଦ୍ରା' ଭଳି କାର୍ଯ୍ୟକ୍ରମ ମହିଳାମାନଙ୍କ ଆର୍ଥିକ ନିରାପତ୍ତା ଓ ଜୀବିକାର ସୁଯୋଗକୁ ସୁଦୃଢ଼ କରିବାକୁ ଲକ୍ଷ୍ୟ ରଖିଛି। ସେହିଭଳି 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ ଯୋଜନା' ଗରିବ ପରିବାରର କନ୍ୟାମାନଙ୍କ ସମ୍ମାନଜନକ ବିବାହ ସୁନିଶ୍ଚିତ କରିବାରେ ସହାୟତା କରୁଥିବାବେଳେ ପ୍ରସ୍ତାବିତ 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ ଯୋଜନା' କନ୍ୟା ସନ୍ତାନର କଲ୍ୟାଣ ଓ ବିକାଶ ଉପରେ ଗୁରୁତ୍ୱାରୋପ କରୁଛି। ଯେତେବେଳେ ସମାଜର ଅର୍ଦ୍ଧେକ ଅଂଶ ଆତ୍ମବିଶ୍ୱାସର ସହ ପାଦ ବଢ଼ାଏ, ସେତେବେଳେ ପ୍ରଗତିର ଗତି ଅପ୍ରତିହତ ରହେ। ଆଜିର ଓଡ଼ିଶା ସମଗ୍ର ବିଶ୍ୱକୁ ଏହି ବାର୍ତ୍ତା ଦେଉଛି ଯେ, ଯେତେବେଳେ ନାରୀର ଅଭ୍ୟୁଦୟ ହୁଏ, ସେତେବେଳେ ପ୍ରକୃତରେ ସମଗ୍ର ସମାଜ ପ୍ରଗତିର ଶିଖର ଆଡ଼କୁ ଅଗ୍ରସର ହୁଏ।

# ସଂଘର୍ଷ ଦେଇଛି ପରିଚୟ


ନୃତ୍ୟ ଶିକ୍ଷାରେ ନିମଗ୍ନ ପ୍ରଭାସିନୀ ଷଡଙ୍ଗୀ

**ହାରିବା ନୁହେଁ, ଜିତିବା ଲାଗି ଏମାନେ ଚଳାଇ ଆସିଛନ୍ତି ସଂଗ୍ରାମ। କେବଳ ନିଜ ପାଇଁ ନୁହେଁ ଅନ୍ୟମାନଙ୍କୁ ବାଟ ଦେଖାଇବା ଲାଗି ଚାଲିଛି ଅହରହ ଉଦ୍ୟମ। ଏଭଳି କାର୍ଯ୍ୟରେ ନିଜକୁ ସାମିଲ କରାଇ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିଥିବା କେତେଜଣ ମହିଳାଙ୍କୁ ନେଇ ପ୍ରତିବେଦନ...**

## ଶିକ୍ଷିତ କରାଇବା ଲକ୍ଷ୍ୟରେ ସଂଗ୍ରାମ

ଶିକ୍ଷିତ ହେବା ସହ ଅନ୍ୟମାନଙ୍କୁ ଶିକ୍ଷିତ କରାଇବା ଥିଲା ତାଙ୍କର ଲକ୍ଷ୍ୟ। କିନ୍ତୁ ଆର୍ଥିକ ଅନଟନ ଲକ୍ଷ୍ୟ ପଥରେ ପ୍ରତିବନ୍ଧକ ସାଜୁଥିଲା। ଏପରିକି ଉପବାସରେ ଅନେକ ଦିନ ବିତିଛି। ପାଠପଢ଼ିବା ପାଇଁ ଦୃଢ ଇଚ୍ଛାଶକ୍ତି ତାଙ୍କୁ ଭୁବନେଶ୍ୱରକୁ ନେଇଆସିଥିଲା। ଏଠି ପୁଣି ଆରମ୍ଭ ହେଲା ସଂଘର୍ଷ। ଆତ୍ମବିଶ୍ୱାସ ସହ କଠିନ ପରିଶ୍ରମ ତାଙ୍କୁ ଲକ୍ଷ୍ୟ ସ୍ଥଳରେ ପହଞ୍ଚାଇଛି ବୋଲି କୁହନ୍ତି ପ୍ରଭାସିନୀ ଷଡ଼ଙ୍ଗୀ।

କେନ୍ଦୁଝର ଜିଲା ବଡବିଲର ଝିଅ ପ୍ରଭାସିନୀ। ପିଲାଟି ବେଳରୁ ପରିବାର ଲୋକଙ୍କ ସ୍ନେହ ଶ୍ରଦ୍ଧା ସେଭଳି ମିଳୁ ନ ଥିଲେ ବି ପାଠପଢା ନିଶା କମୁ ନ ଥିଲା। ଏଭଳି ଅବସ୍ଥାରେ ରହି ସେ ଦଶମ ଶ୍ରେଣୀ ପାଶ୍ କଲେ। ଯୁକ୍ତ ୨ ପାଠପଢ଼ିବା ପାଇଁ ସେ ଭୁବନେଶ୍ୱର ଚାଲିଆସିଲେ। ରମାଦେବୀ ମହିଳା ମହାବିଦ୍ୟାଳୟରେ ଯୁକ୍ତ ୨ରେ ନାମ ଲେଖାଇଲେ। ଆରମ୍ଭରୁ ଦେଖାଦେଲା ଆର୍ଥିକ ସମସ୍ୟା। ଏଥିଲାଗି ଟ୍ୟୁଶନ କଲେ। କେତେକ ଘରୋଇ ଅଫିସରେ ସ୍ୱଳ୍ପ ସମୟ କାର୍ଯ୍ୟକରି କିଛି ଅର୍ଥ ରୋଜଗାର କଲେ। ଏହିଭଳି ଭାବେ ଯୁକ୍ତ୨ ଏବଂ ଗଣିତ ଅନର୍ସ ସହ ଯୁକ୍ତ୩ ଶିକ୍ଷା ଶେଷ କଲେ। ଇତିମଧ୍ୟରେ ନୃତ୍ୟଗୁରୁ କ୍ଷଣପ୍ରଭା ପରିଡ଼ାଙ୍କ ପାଖରେ ନୃତ୍ୟ ଶିକ୍ଷା କଲେ। ପରବର୍ତ୍ତୀ ସମୟରେ ସତ୍ୟସାଇ ସେବା ସଙ୍ଗଠନ ସହିତ ମିଶି ଗରିବ ଲୋକଙ୍କ ସହାୟତା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ। ଏଠାରେ କେତେକ ସମାଜସେବୀଙ୍କ ସହଯୋଗ କ୍ରମେ ପ୍ରଭାସିନୀ ବିବାହ କଲେ। ତତ୍‌ପରେ ସ୍ୱାମୀଙ୍କ ସହଯୋଗରେ ଭୁବନେଶ୍ୱରରେ ସାଇ ବ୍ଲେସିଙ୍ଗ କ୍ଲାସେସ୍ ଖୋଲି ସିବିଏସ୍‌ଇ ପିଲାଙ୍କୁ ପାଠପଢ଼ାଇବା ଆରମ୍ଭ କରିଛନ୍ତି ପ୍ରଭାସିନୀ। ଏଥିସହ କେତେକ ବସ୍ତିକୁ ଯାଇ ପିଲାଙ୍କୁ ମାଗଣାରେ ପାଠ ପଢ଼ାଉଛନ୍ତି। କେବଳ ପାଠ ନୁହେଁ, ପିଲାଙ୍କୁ ନୃତ୍ୟ ମଧ୍ୟ ଶିଖାଉଛନ୍ତି। ତେବେ ଏଭଳି କାର୍ଯ୍ୟ କରିବାର ଆଗ୍ରହ ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି।

## ଜିତିବା ପାଇଁ ଦୁର୍ବାର ପ୍ରଚେଷ୍ଟା

ନୟାଗଡ଼ ଜିଲା ଖଜୁରିପଡା ଅଞ୍ଚଳର ଏକକ ମା' ମଧୁସ୍ମିତା ଲେଙ୍କାଙ୍କ ଜୀବନ ସଂଘର୍ଷପୂର୍ଣ୍ଣ। ସ୍ୱାମୀଙ୍କ ଦେହାନ୍ତ ପରେ ସେ ଭାଙ୍ଗିପଡ଼ି ନାହାନ୍ତି। ଝିଅକୁ ମଣିଷ କରିବା ସହିତ ସ୍ୱାମୀଙ୍କ ପରିଚୟକୁ ବଞ୍ଚାଇ ରଖିବା ପାଇଁ ସେ ଚଳାଇଛନ୍ତି ସଂଘର୍ଷ। ଗ୍ରାଜୁଏଶନ ଶେଷ ପରେ ଘରଲୋକ ମଧୁସ୍ମିତାଙ୍କର ବିବାହ କରିଦେଇଥିଲେ। ବିବାହର ୨ ବର୍ଷ ପରେ ଝିଅ ଜନ୍ମ ହେଲା। ହେଲେ କରୋନାରେ ତାଙ୍କ ସ୍ୱାମୀ ଅମୂଲ୍ୟ କୁମାର ପରିଡାଙ୍କର ଦେହାନ୍ତ ହୋଇଗଲା। ସ୍ୱାମୀଙ୍କ ଚିକିତ୍ସା ପାଇଁ ଅନେକ ଅର୍ଥ ଖର୍ଚ୍ଚ କରିବାକୁ ପଡ଼ିଥିଲା। ଅପରପକ୍ଷେ ସ୍ୱାମୀଙ୍କ ଦେହାନ୍ତ ପରେ ଶାଶୁଘର ଲୋକଙ୍କ ସହଯୋଗ ମିଳି ନ ଥିଲା। ବାଧ୍ୟ ହୋଇ ସ୍ୱାମୀଙ୍କ ଦେହାନ୍ତର ପ୍ରଥମ ଦିନରୁ ହିଁ ତାଙ୍କୁ ବାପାଙ୍କ ଘରେ ରହିବାକୁ ପଡ଼ିଲା। ଅଧାରେ ରହିଥିବା ଆଇନ ପାଠପଢ଼ାକୁ ସମ୍ପୂର୍ଣ୍ଣ କରିବା ଲାଗି ସେ ଆରମ୍ଭ କଲେ ଉଦ୍ୟମ। ଏଥିସହ ସ୍ୱାମୀଙ୍କ ଚିକିତ୍ସା ପାଇଁ କେତେକ ଶୁଭେଚ୍ଛୁଙ୍କ ପାଖରୁ ମିଳିଥିବା ସହାୟତା ଟଙ୍କାକୁ ନେଇ ଏକ ସଙ୍ଗଠନ ଗଢି ଗରିବ ଲୋକଙ୍କ ସେବା କାର୍ଯ୍ୟରେ ଲଗାଇଛନ୍ତି ମଧୁସ୍ମିତା। ତାଙ୍କ ସଙ୍ଗଠନ ପକ୍ଷରୁ ରକ୍ତଦାନ ଶିବିର ଏବଂ ଅଙ୍ଗଦାନ ଭଳି ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ମଧ୍ୟ ଜାରି ରଖିଛନ୍ତି। ଏଥିସହ ଆଇନ ଶିକ୍ଷା ସମାପ୍ତ ପରେ ଏବେ ସେ ନୟାଗଡ କୋର୍ଟରେ ଓକିଲାତି ପେସାରେ ନିଜକୁ ସାମିଲ କରାଇଛନ୍ତି। ତେବେ ବିଭିନ୍ନ କାର୍ଯ୍ୟରେ ନିଜକୁ ନିୟୋଜିତ ରଖିବା ସହ ଝିଅକୁ ଭଲ ମଣିଷ କରି ଗଢ଼ିବାକୁ ଚେଷ୍ଟା ଚଳାଇଛନ୍ତି ମଧୁସ୍ମିତା।


ମଧୁସ୍ମିତା ଲେଙ୍କା

—ରିପୋର୍ଟ: ସୁଚିସ୍ମିତା ସାହୁ

## ବାଟ ଦେଖାଇଛି ପଟ୍ଟଚିତ୍ର

କଟକ ଜିଲା ବାଙ୍କୀ ଅନ୍ତର୍ଗତ କେନ୍ଦୁପଲ୍ଲୀ ଗ୍ରାମର ତରୁଲତା ସାହୁ । ପିଲାଟି ଦିନରୁ ପାଠ ସହ ପଟ୍ଟଚିତ୍ର ପ୍ରତି ତାଙ୍କର ଆଗ୍ରହ ବଢ଼ିଥିଲା। ଯୁକ୍ତ ୨ ପଢ଼ା ଶେଷ ପରେ ପଟ୍ଟଚିତ୍ର ପ୍ରତି ପୂରା ଧ୍ୟାନ ଦେଇଥିଲେ। ତାଙ୍କ ଭାଇ ଓ ଗ୍ରାମ ସରପଞ୍ଚଙ୍କ ପ୍ରୋତ୍ସାହନରେ ଆଗକୁ ବଢ଼ିଥିଲେ। ଭୁବନେଶ୍ୱର ଗଣ୍ଡମୁଣ୍ଡାସ୍ଥିତ ଓଡ଼ିଶା ରାଜ୍ୟ କଳା ବିକାଶ ଅନୁଷ୍ଠାନଠାରେ ପଟ୍ଟଚିତ୍ର ଉପରେ ପ୍ରଶିକ୍ଷଣ ନେଇଥିଲେ। ଗୁରୁ ନୀଳକଣ୍ଠ ସାହୁ ଏବଂ ରବୀନ୍ଦ୍ର ସାହୁଙ୍କଠାରୁ ପଟ୍ଟଚିତ୍ର ଶିକ୍ଷା କରିଥିଲେ। ଏହା ପରେ ସେ ଗ୍ରାମର ମହିଳା ଓ ଛାତ୍ରୀଙ୍କୁ ପଟ୍ଟଚିତ୍ର ଶିଖାଇଲେ। ଏ ସମ୍ପର୍କରେ ତରୁଲତା କୁହନ୍ତି-ପଟ୍ଟଚିତ୍ର କାମ କରି ମୁଁ ଯେପରି ସ୍ୱାବଲମ୍ବୀ ହୋଇପାରିଛି ସେହିଭଳି ଅନ୍ୟ ମହିଳାଙ୍କୁ ଏହି କାର୍ଯ୍ୟ ମାଧ୍ୟମରେ ସ୍ୱାବଲମ୍ବୀ କରାଇବାକୁ ଲକ୍ଷ୍ୟ ରଖିଛି। ଆମ ଗ୍ରାମ କେନ୍ଦୁପଲ୍ଲୀକୁ ଗୋଟିଏ ଉଦ୍ୟୋଗୀ ଗ୍ରାମରେ ପରିଣତ କରାଇବାକୁ ଆଶା ରହିଛି। ସେଥିଲାଗି 'ଜୟ ମା ମଙ୍ଗଳା' ପଟ୍ଟଚିତ୍ର ଉତ୍ପାଦକ ଗୋଷ୍ଠୀ ଗଠନ କରି ସେଠାରେ ୩୦ ଜଣ ମହିଳା ପଟ୍ଟଚିତ୍ର ଉପରେ ଶିକ୍ଷା ଗ୍ରହଣ କରୁଛନ୍ତି। ବିନା ସୁଧରେ ସରକାରଙ୍କ ତରଫରୁ ବ୍ୟାଙ୍କରୁ ଋଣ ଆଣି ପଟ୍ଟଚିତ୍ର କାର୍ଯ୍ୟମାନ କରୁଛି। ମିଶନ ଶକ୍ତି ଏବଂ ଓରମାସ୍ ତରଫରୁ ବାହାର ରାଜ୍ୟରେ ଆମଦ୍ୱାରା ପ୍ରସ୍ତୁତ ପଟ୍ଟଚିତ୍ର ବିକ୍ରି ଲାଗି ସୁଯୋଗ ମିଳିଛି। ତେବେ ଗାଁର ମହିଳାଙ୍କୁ ସ୍ୱାବଲମ୍ବୀ କରାଇବା ଲକ୍ଷ୍ୟରେ ପଟ୍ଟଚିତ୍ର କାର୍ଯ୍ୟ ଶିଖାଇବା ସହ ଲକ୍ଷାଧିକ ଟଙ୍କା ରୋଜଗାର କରିପାରୁଥିବା କହିଛନ୍ତି ତରୁଲତା। ମହିଳା ସଶକ୍ତୀକରଣ ସ୍ଲୋଗାନକୁ ନିଜ ଇଚ୍ଛା ଶକ୍ତି ବଳରେ ଦୁଇପାଦ ଆଗକୁ ବଢ଼େଇ ପାରିଛନ୍ତି ସେ। ତାଙ୍କର ଏଭଳି କାର୍ଯ୍ୟ ଲାଗି 'ବାଙ୍କୀ ଗୌରବ' ଉପାଧି, 'ଯୁବବନ୍ଧୁ କଳା ସମ୍ମାନ - ୨୦୨୨', ଭୁବନେଶ୍ୱରରୁ 'ମହିଳା ସମ୍ମାନ ୨୦୨୪' ଏବଂ ଆଦର୍ଶ ଯୁବ ପରିଷଦ ଶ୍ରୀରାମ କମିଟି ତରଫରୁ 'ଶ୍ରେଷ୍ଠ ମହିଳା ସମ୍ମାନ ୨୦୨୫'ରେ ସେ ସମ୍ମାନିତ ହୋଇଛନ୍ତି।


ତରୁଲତା ସାହୁ

—ସୁବ୍ରତ କୁମାର ନାୟକ (ତାଳବସ୍ତ, ଡମପଡା)

### ଏମାନଙ୍କ ମତରେ...

**ସବୁଦିନ ହେଉ ମହିଳା ଦିବସ**



ମହିଳା ଦିବସ ସବୁଦିନ ପାଳନ କରାଯାଉ। ମହିଳାମାନେ ଯେପରି ସୁରକ୍ଷିତ ରହିପାରିବେ ସେଥିପ୍ରତି ସମସ୍ତେ ଧ୍ୟାନ ଦିଅନ୍ତୁ। ଆଉ ଆଇନକୁ କଡାକଡି କରାଯାଇ ନ୍ୟାୟ ପ୍ରଦାନ ଲାଗି ସରକାରଙ୍କୁ ଅନୁରୋଧ।

—ଅରୁନ୍ଧତୀ ଦାସ ମହାପାତ୍ର, କର୍ମଜୀବୀ, ଭୁବନେଶ୍ୱର

**ଅଧିକ ସଚେତନ କରାଯାଉ**



ଏବେବି ଗ୍ରାମାଞ୍ଚଳରେ କେତେକ ମହିଳା ନିର୍ଯାତିତା ହେଉଛନ୍ତି। ଶିଶୁକନ୍ୟା ଅଲୋଡା ହୋଇଯାଉଛନ୍ତି। ପାଠପଢ଼ା ବନ୍ଦ କରି ବାଲ୍ୟବିବାହ କରିଦିଆଯାଉଛି। ଏଥିରୁ ନିବୃତ୍ତ ରହିବା ପାଇଁ ଅଧିକ ସଚେତନତା ଲୋଡ଼ା।

—ବାସନ୍ତୀ ସେଠୀ, ଗୃହିଣୀ

**ଅନନ୍ତ ଚେତନାର ପ୍ରବାହ**



ଅନନ୍ତ ଚେତନାର ପ୍ରବାହ ନାରୀ। ସେ ଏକାଧାରରେ କୋମଳ ଓ କଠୋର। ନିଜର ନିଶବ୍ଦ ସଂଘର୍ଷ ଦ୍ୱାରା ସମାଜର କଠୋର ପରମ୍ପରାକୁ ସେ ପରିବର୍ତ୍ତନ କରିପାରେ। ନାରୀ ବିନା ଜୀବନର ଦର୍ଶନ ସବୁବେଳେ ଅସମ୍ପୂର୍ଣ୍ଣ।

—ପ୍ରିୟଙ୍କା ପ୍ରିୟଦର୍ଶିନୀ ବୀର, ଖୋର୍ଦ୍ଧା

**କୌଣସି ପରିସ୍ଥିତିରେ ଦୁର୍ବଳ ନୁହେଁ**



କୌଣସି ପରିସ୍ଥିତିରେ ନାରୀ ଦୁର୍ବଳ ନୁହେଁ। ସେ ଘର ସମ୍ଭାଳିବା ସହ ଦେଶ ଚଳାଇବାର କ୍ଷମତା ରଖେ। ତା'ର ସହନଶୀଳତାକୁ ଦୁର୍ବଳତା ଭାବିବା ବଡ଼ ଭୁଲ୍।

—ରୋଜାଲିନ୍ ସାହୁ, ଛାତ୍ରୀ, ପୁରୀ


ଓଡ଼ିଶା ଶାସନ



**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଖ୍ୟମନ୍ତ୍ରୀଙ୍କ ବାର୍ତ୍ତା**

**ଯତ୍ର ନାର୍ଯ୍ୟସ୍ତୁ ପୂଜ୍ୟନ୍ତେ, ରମନ୍ତେ ତତ୍ର ଦେବତାଃ।**

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ, ମୁଁ ଆମ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ମା' ଓ ଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି।

ଆଜିର ମହିଳା କେବଳ ପରିବାରର ଶକ୍ତି ନୁହନ୍ତି, ସେମାନେ ହେଉଛନ୍ତି ସମାଜ ଓ ରାଷ୍ଟ୍ରଗଠନର ମୂଳଶକ୍ତି। ଘରୋଇ ଦାୟିତ୍ୱରୁ ଆରମ୍ଭ କରି କୃଷି, ସ୍ୱାସ୍ଥ୍ୟ, ଶିକ୍ଷା, ବିଜ୍ଞାନ, କ୍ରୀଡ଼ା, ଶିଳ୍ପ ଆଦି ବିଭିନ୍ନ କ୍ଷେତ୍ରରେ ମହିଳାମାନେ ଆଗୁଆ ଭୂମିକା ନେଇ ସମାଜ ଓ ପରିବାରର ଆର୍ଥିକ ସଶକ୍ତିକରଣକୁ ସୁନିଶ୍ଚିତ କରିବା ସହିତ ରାଜ୍ୟର ବିକାଶରେ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ରଖିଆସୁଛନ୍ତି।

ଆମ ସରକାର ମହିଳା ସଶକ୍ତିକରଣକୁ ପ୍ରାଧାନ୍ୟ ଦେଉଛନ୍ତି। ମହିଳାମାନଙ୍କ ଶିକ୍ଷା, ଆର୍ଥିକ ସ୍ୱାବଲମ୍ବନ ଓ ସାମାଜିକ ସମ୍ମାନ ବୃଦ୍ଧି ପାଇଁ ନିରନ୍ତର ପ୍ରୟାସ ଜାରି ରହିଛି। 'ସୁଭଦ୍ରା ଶକ୍ତି' ଏ ଦିଗରେ ଆମର ଏକ ବଳିଷ୍ଠ ପ୍ରୟାସ।

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ମୁଁ ସବୁ ମା' ଓ ଭଉଣୀମାନଙ୍କୁ ନୂଆ ଆତ୍ମବିଶ୍ୱାସର ସହ ଆଗକୁ ବଢି ସମୃଦ୍ଧ ଓଡ଼ିଶା ଗଠନରେ ସକ୍ରିୟ ଭୂମିକା ନେବାକୁ ଆହ୍ୱାନ କରୁଛି।

ଆସନ୍ତୁ, ଆମେ ସମସ୍ତେ ମିଶି ଗଢ଼ିବା ସମୃଦ୍ଧ ଓଡ଼ିଶା, ବିକଶିତ ଓଡ଼ିଶା।

(ମୋହନ ଚରଣ ମାଝୀ)
ମୁଖ୍ୟମନ୍ତ୍ରୀ, ଓଡ଼ିଶା

OIPR-33001/33001/2/25-26/0005

33001/18/2526

**ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ଶୁଭେଚ୍ଛା ବାର୍ତ୍ତା**

**ସାହସେ ଖଲୁ ଶ୍ରୀର୍ବସତି।**

ଅନ୍ତର୍ଜାତୀୟ ମହିଳା ଦିବସର ଏହି ପବିତ୍ର ଅବସରରେ ମୁଁ ରାଜ୍ୟର ସମସ୍ତ ମାତୃଶକ୍ତି, ଭଉଣୀ ଓ କନ୍ୟାମାନଙ୍କୁ ମୋର ହାର୍ଦ୍ଦିକ ଅଭିନନ୍ଦନ ଓ ଶୁଭକାମନା ଜଣାଉଛି। ନାରୀ ହେଉଛି ସୃଷ୍ଟି, ଶକ୍ତି ଓ ସମୃଦ୍ଧିର ପ୍ରତିମୂର୍ତ୍ତି। ସେ ହିଁ ଜୀବନର ଉତ୍ସ, ପରିବାରର ପ୍ରେରଣା ଏବଂ ଏକ ପ୍ରଗତିଶୀଳ ସମାଜର ଆଦ୍ୟବିନ୍ଦୁ। ନିଜର ସାହସ ଏବଂ ଦୃଢ଼ ସଂକଳ୍ପ ବଳରେ ସେମାନେ ସ୍ୱପ୍ନକୁ ସାକାର କରନ୍ତି, ସମାଜ ଗଠନ କରନ୍ତି ଏବଂ ଦେଶର ଭବିଷ୍ୟତକୁ ଏକ ନୂତନ ରୂପ ପ୍ରଦାନ କରନ୍ତି।

ଆଜି ଓଡ଼ିଶା ସରକାର "ମହିଳା କେନ୍ଦ୍ରିତ ଶାସନ" ଅଭିମୁଖେ ଦୃଢସଂକଳ୍ପ ସହ ଆଗକୁ ବଢୁଛନ୍ତି, ଯେଉଁଠି ମହିଳାମାନେ କେବଳ ହିତାଧିକାରୀ ନୁହନ୍ତି, ବରଂ ଓଡ଼ିଶାର ବିକାଶ ଯାତ୍ରାରେ ମୁଖ୍ୟ ନେତୃତ୍ୱ ଓ ନିଷ୍ପତ୍ତି ଗ୍ରହଣକାରୀ ସାଜିଛନ୍ତି। 'ବିକଶିତ ଓଡ଼ିଶା ୨୦୩୬'ର ପରିକଳ୍ପନାରେ ମହିଳାମାନେ ହିଁ ଆମର ମୁଖ୍ୟ ସ୍ତମ୍ଭ।

ଏହି ବିଶ୍ୱାସକୁ ପାଥେୟ କରି ରାଜ୍ୟ ସରକାର ମହିଳା ସଶକ୍ତିକରଣ ପାଇଁ ଅନେକ ଜନକଲ୍ୟାଣକାରୀ ଯୋଜନାକୁ ସୁଦୃଢ ଭାବେ କାର୍ଯ୍ୟକାରୀ କରିଛନ୍ତି। 'ମୁଖ୍ୟମନ୍ତ୍ରୀ କନ୍ୟା ବିବାହ', 'ସୁଭଦ୍ରା', 'ମୁଖ୍ୟମନ୍ତ୍ରୀ କନ୍ୟା ସୁମଙ୍ଗଳ', 'ଅଦ୍ୱିକା' ଯୋଜନା ଇତ୍ୟାଦି କେବଳ ଗୋଟିଏ ଗୋଟିଏ ଯୋଜନା ନୁହେଁ, ବରଂ ପ୍ରତିଟି ମହିଳାଙ୍କୁ ପରିବର୍ତ୍ତନର ସାରଥି ଭାବେ ଗଢ଼ିତୋଳିବା ପାଇଁ ଏକ ସଶକ୍ତ ପଦକ୍ଷେପ।

ଯେତେବେଳେ ଜଣେ ମହିଳା ଆଗକୁ ବଢ଼ନ୍ତି, ପରିବାର ହସିଉଠେ, ଯେତେବେଳେ ମହିଳା ନେତୃତ୍ୱ ନିଅନ୍ତି, ସମାଜ ପରିବର୍ତ୍ତିତ ହୁଏ ଏବଂ ଯେତେବେଳେ ମହିଳା ସମୃଦ୍ଧ ହୁଅନ୍ତି, ରାଜ୍ୟ ପ୍ରଗତି ପଥରେ ଅଗ୍ରସର ହୁଏ।

ଆସନ୍ତୁ, ଏହି ମହିଳା ଦିବସରେ ପ୍ରତ୍ୟେକ ମହିଳାଙ୍କ ପ୍ରତି ସମ୍ମାନ, ସମାନତା ଏବଂ ସୁଯୋଗ ସୁନିଶ୍ଚିତ କରିବା ପାଇଁ ପୁନଃ ସଂକଳ୍ପବଦ୍ଧ ହେବା ଏବଂ 'ବିକଶିତ ଓଡ଼ିଶା ୨୦୩୬'କୁ ସାକାର କରିବା ଦିଗରେ ମହିଳାମାନଙ୍କ ଯୋଗଦାନକୁ ଉତ୍ସାହିତ କରିବା।

ଶ୍ରୀମତୀ ପ୍ରଭାତୀ ପରିଡା
ଉପ-ମୁଖ୍ୟମନ୍ତ୍ରୀ, ତଥା ମାନ୍ୟବର ମନ୍ତ୍ରୀ,
ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଏବଂ ପର୍ଯ୍ୟଟନ, ଓଡ଼ିଶା

# ବେଆଇନ ମୋରମ ଚାଲାଣ: ୨ ହାଇୱା ଜବତ

ବାରଙ୍ଗ,୭।୩ (ଲିଙ୍ଗରାଜ ରାଉତ)

ଚନ୍ଦକା ଥାନା ଅଧୀନ ମଳିପଡା ମୋରମ ଖଣିରେ ବେଆଇନ ଭାବେ ମୋରମ ଖୋଳାଯାଇ ଚାଲାଣ କରାଯାଉଥିବା ନେଇ ଆଇଆଇସି ସମିତା ମିଶ୍ର ଖବର ପାଇଥିଲେ। ଏହି ଆଧାରରେ ଆଇଆଇସି ସଦଳବଳ ଖଣି ଉପରେ ଚଢ଼ାଉ କରିଥିଲେ। ଏହି ସମୟରେ ଗାଡ଼ି ଛାଡ଼ି ଦୁର୍ବୃତ୍ତମାନଙ୍କ ସହ ଚାଳକ ଘଟଣାସ୍ଥଳରୁ ଖସି ପଳାଇଥିଲେ। ମାତ୍ର ପୋଲିସ ଘଟଣାସ୍ଥଳରୁ ୨ଟି ହାଇୱା ଓ ଜେସିବି ଜବତ କରିଛି। ଏନେଇ ଥାନାରେ ମାମଲା (ନଂ.୧୩୨/୨୬ଓ ୧୩୩/୨୬) ରୁଜୁ ହୋଇଛି।

# ମହିଳା ହେଉଛନ୍ତି ଶକ୍ତି, ସଫଳତାର ପରିଚୟ




ସମ୍ମିଳନୀରେ ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲଙ୍କ ଅନ୍ୟ ଅତିଥିମାନେ।

## କୋଣାର୍କରେ ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ ଉଦ୍‌ଘାଟିତ

ଭୁବନେଶ୍ୱର,୭।୩(ସୁଚିସ୍ମିତା ସାହୁ)

ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ମିଶନ ଶକ୍ତି ବିଭାଗ ପକ୍ଷରୁ କୋଣାର୍କଠାରେ ୬ଦିନିଆ ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମଳନୀ ଆରମ୍ଭ ହୋଇଛି। ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ମହିଳାମାନେ ହେଉଛନ୍ତି ଶକ୍ତି, ସହନଶୀଳତା ଏବଂ ସଫଳତାର ଏକ ପରିଚୟ। ମିଶନ ଶକ୍ତି ହେଉଛି ମହିଳା ସଶକ୍ତୀକରଣର ଏକ ସଫଳ ମଡେଲ ଭାବେ ସାରା ଦେଶରେ ପରିଚିତ। 'ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମଳନୀ' ସେହି ମହିଳା ନେତୃତ୍ୱକୁ ଆହୁରି ସୁଦୃଢ଼ କରିବା ସହ ସେମାନଙ୍କ ମଧ୍ୟରେ ନୂତନ ଉଦ୍ୟୋଗ ଓ ନେତୃତ୍ୱ ସୃଷ୍ଟି କରିବ ବୋଲି ସେ କହିଛନ୍ତି। ଏସ୍‌ଏଚ୍‌ଜି ମହିଳାଙ୍କୁ ଉଦ୍ୟୋଗୀ କରିବା ପାଇଁ ଜାଭିୟର୍ସ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟର ଅଭିଜ୍ଞ ତାଲିମଦାତାମାନେ ମହିଳାଙ୍କୁ ଦକ୍ଷତା ବିକାଶ, ଷ୍ଟାର୍ଟ-ଅପ୍ ସୁଯୋଗ, ଡିଜିଟାଲ ଏବଂ ଆର୍ଥିକ ସାକ୍ଷରତା ଭଳି ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି। ଏହାସହ ଆଗାମୀ ଦିନରେ ଅଧିକରୁ ଅଧିକ ଲକ୍ଷପତି ଓ ମହାଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ ନୂତନ ଉଦ୍ୟୋଗ ସୃଷ୍ଟି କରି ଆର୍ଥିକ ରୂପେ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରୁଛନ୍ତି। ଏହି ସମ୍ମିଳନୀରେ ମିଶନ ଶକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ, ଉପସଚିବ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିରେ ୩୦ ଜିଲାରୁ ୭୦୦ ଜଣ ମିଶନ ଶକ୍ତି ବ୍ଲକସ୍ତରୀୟ ସଂଘ ସଭାପତି ଓ ସେକ୍ରେଟାରୀ ଏବଂ ଜିଲା ଓ ବ୍ଲକସ୍ତରୀୟ କର୍ମଚାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳ ପ୍ରଥମ ଦିନରେ ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଏବଂ ନୟାଗଡ଼ ଜିଲା ମହାସଂଘର ୯୦ଜଣ ସଭାପତି ଏବଂ ସମ୍ପାଦକ ସାମିଲ ହୋଇଛନ୍ତି।

# 'ନାରୀ, ପୁରୁଷ ସାମାଜିକ ବିକାଶରେ ପରସ୍ପର ସହଗାମୀ ହୁଅନ୍ତୁ'




କାର୍ଯ୍ୟକ୍ରମରେ ସଂସ୍କୃତି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସହ ଅନ୍ୟ ଅତିଥି।

ଭୁବନେଶ୍ୱର,୭।୩ (ସୌମ୍ୟରଞ୍ଜନ ରାଉତ)

ନାରୀ ଓ ପୁରୁଷ ଉଭୟ ସାମାଜିକ ବିକାଶରେ ପରସ୍ପର ସହଗାମୀ ହେବା ଉଚିତ। ପାରିବାରିକ ବ୍ୟବସ୍ଥାଠାରୁ ଶାସନଗତ ବ୍ୟବସ୍ଥା ପର୍ଯ୍ୟନ୍ତ ଉଭୟଙ୍କ ସହଯୋଗିତା ହିଁ ସମାଜର ବିକାଶ ସାଧନ କରିବ ବୋଲି ଶନିବାର ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟଠାରେ ଆୟୋଜିତ ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁ କହିଛନ୍ତି। ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ବ୍ୟୁରୋ ଆନୁକୂଲ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ସାରଳା ଦାସ ଚେୟାରର ପ୍ରଫେସର ଡ. ପ୍ରେମାନନ୍ଦ ମହାପାତ୍ର ନାରୀ ସ୍ୱାଧୀନତା ଓ ନାରୀ ସମାନତା ସମ୍ପର୍କରେ ଉଲ୍ଲେଖ କରିଥିଲେ। ଅନ୍ୟତମ ଅତିଥି ଭାବେ କୁଳସଚିବ ଅନାମିକା ଅଧିକାରୀ, ବିତ୍ତ ନିୟନ୍ତ୍ରକ ସୁନନ୍ଦା ଷଡଙ୍ଗୀ ଓ ପରୀକ୍ଷା ନିୟନ୍ତ୍ରକ ଧରଣୀଧର ରଣା ନାରୀ ସଶକ୍ତୀକରଣର ବିଭିନ୍ନ ଦିଗ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଡ. ଆଶିଷ ମହାପାତ୍ର ଓ ଡ. ସାରଦା ପ୍ରସାଦ ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲାବେଳେ ବିଶ୍ୱବିଦ୍ୟାଳୟ ଜାତୀୟ ସେବା ଯୋଜନା ଶାଖାର ସଂଯୋଜକ ଡ. ସନ୍ଦୀପ କୁମାର ରାଉତ ଧନ୍ୟବାଦ ଦେଇଥିଲେ।

# ବିଶାଖାପାଟଣାରୁ ନନ୍ଦନକାନନ ଆସିବେ ନୂଆ ଅତିଥି

ବାରଙ୍ଗ,୭।୩(ଲିଙ୍ଗରାଜ ରାଉତ)

## ଗଲେ ୧୪, ଆସିବେ ୧୧

### ଆସିବ ନୂଆ ପ୍ରଜାତି ମାଙ୍କଡ଼ ଟେଲ୍‌ଡ ଲେମୁର

ନନ୍ଦନକାନନ ପ୍ରାଣୀ ଉଦ୍ୟାନକୁ ଆସିବେ ନୂଆ ଅତିଥି। ପ୍ରଥମଥର ପାଇଁ ରିଙ୍ଗ ଟେଲ୍‌ଡ ଲେମୁର୍ ପ୍ରାଣୀ ଉଦ୍ୟାନ ନନ୍ଦନକାନନକୁ ଆସିବାକୁ ଯାଉଛି। ଚଳିତ ବର୍ଷ ପ୍ରଥମ କରି ପଶୁପକ୍ଷୀ ଅଦଳବଦଳ ପକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରାଣୀ ଅଦଳବଦଳ ପକ୍ରିୟା ନନ୍ଦନକାନନ ଓ ବିଶାଖାପାଟଣାର ଇନ୍ଦିରା ଗାନ୍ଧୀ ପ୍ରାଣୀ ଉଦ୍ୟାନ ମଧ୍ୟରେ ହେବାକୁ ଯାଉଛି। ଶନିବାର ନନ୍ଦନକାନନରୁ ୮ଜଣିଆ ଦଳ ୫ ପ୍ରଜାତିର ୧୪ ପ୍ରାଣୀଙ୍କୁ ସାଙ୍ଗରେ ନେଇ ବିଶାଖାପାଟଣା ଅଭିମୁଖେ ଯାତ୍ରା ଆରମ୍ଭ କରିଛନ୍ତି। ଏମାନେ ସାଙ୍ଗରେ ୧ଟି ଅଣ୍ଡିରା ଓ ୨ଟି ମାଈ ବାରାସିଂହା , ୧ଟି ଅଣ୍ଡିରା ଓ ୨ଟି ମାଈ ଚଉଶିଙ୍ଗା, ୧ଟି ଅଣ୍ଡିରା ଓ ୧ଟି ମାଈ ଆସାମିଜ ମାଙ୍କଡ଼, ୨ ଅଣ୍ଡିରା ଓ ୨ ମାଈ ଗୁରାଣ୍ଡି ଏବଂ ୧ ଅଣ୍ଡିରା ଓ ୨ ମାଈ ଘଡିଆଳ କୁମ୍ଭୀରକୁ ନେଇ ଯାଇଛନ୍ତି। ସେହିପରି ଏହି ଅଦଳବଦଳ ପ୍ରକ୍ରିୟାରେ ବିଶାଖାପାଟଣାରୁ ନନ୍ଦନକାନନକୁ ଆସିବାକୁ ଥିବା ୫ ପ୍ରଜାତିର ୧୧ ପ୍ରାଣୀଙ୍କ ମଧ୍ୟରେ ୧ ଅଣ୍ଡିରା ଓ ୧ ମାଈ ଜଙ୍ଗଲୀ କୁକୁର, ଗୋଟିଏ ସଲ୍‌ଫର କ୍ରେଷ୍ଟଡ କୁକୁଟ, ୨ ଅଣ୍ଡିରା ଓ ୨ ମାଈ ବନେଟ ମାଙ୍କଡ, ୧ ଅଣ୍ଡିରା ଓ ୧ ମାଈ ନୀଳଗାଈ, ୧ ଅଣ୍ଡିରା ଓ ୧ ମାଈ ରିଙ୍ଗ ଟେଲ୍‌ଡ ଲେମୁର ପ୍ରଜାତିର ପ୍ରାଣୀ ଟିମ୍ ସାଙ୍ଗରେ ଆସିବ। ତେବେ ରିଙ୍ଗ ଟେଲ୍‌ଡ ଲେମୁର (ବିଦେଶୀ ମାଙ୍କଡ)ନନ୍ଦନକାନନ ପାଇଁ ନୂଆପ୍ରଜାତି ହେବାକୁ ଯାଉଛି। ତେବେ ଅଦଳବଦଳ ପ୍ରକିୟା ୭ ମାର୍ଚ୍ଚରୁ ୧୦ ମାର୍ଚ୍ଚ ମଧ୍ୟରେ ସରିବ ବୋଲି ଉପନିର୍ଦ୍ଦେଶକ ଅଭୟ କୁମାର ଦଳାଇ ସୂଚନା ଦେଇଛନ୍ତି।




ଅନ୍ତର୍ଜାତୀୟ ମହିଳା ଦିବସର ଶୁଭେଚ୍ଛା ଜଣାଇ ଶନିବାର ଭୁବନେଶ୍ୱରସ୍ଥିତ ଏସ୍‌ବିଆଇ ଆଞ୍ଚଳିକ କାର୍ଯ୍ୟାଳୟ ସମ୍ମୁଖରେ ବାଲୁକାଶିଳ୍ପୀ ସୁବଳ ମହାରଣା ତିଆରି କରିଥିବା ବାଲୁକାକଳା। (ଫଟୋ: ମନୋରଞ୍ଜନ ମିଶ୍ର)

# ୨ ସ୍ଥାନରୁ ଜବରଦଖଲ ଉଚ୍ଛେଦକଲା ବିଡିଏ

ଭୁବନେଶ୍ୱର, ୭।୩(ବନ୍ଦନା ସେଠୀ)

ଭୁବନେଶ୍ୱରରେ ସରକାରୀ ଜମି ଜବରଦଖଲ ବଢି ଚାଲିଥିବାବେଳେ ଶନିବାର ଦୁଇଟି ସ୍ଥାନରୁ ଜବରଦଖଲ ଉଚ୍ଛେଦ କରାଯାଇଛି। ପ୍ରଥମେ ଜାଗମରା ମୌଜା ଅନ୍ତର୍ଗତ ସରକାରୀ ପ୍ଲଟ ନଂ. ୧୯୩୨ରେ ୦.୧୦୩ ଡିସିମିଲ ଜମିକୁ ଜବରଦଖଲମୁକ୍ତ କରାଯାଇଛି। ଗୋଟିଏ ବାଉଁଶ ଓ ପଲିଥିନ ଶେଡ୍ ଓ ଗୋଟିଏ ସାଇନ୍‌ବୋର୍ଡ ଉଚ୍ଛେଦ ହୋଇଛି। ସେହିପରି ପୋଖରିପୁଟ ମୌଜା ଅନ୍ତର୍ଗତ ପ୍ଲଟ ନଂ. ୧୪୧କୁ ଜବରଦଖଲମୁକ୍ତ କରାଯାଇଛି। ଏଥିରେ ୩ଟି ଆଜବେଷ୍ଟସ୍ ଘର, ଗୋଟିଏ ଶୌଚାଳୟ, ପ୍ରାୟ ୬୫୦ଫୁଟ ଲମ୍ବର କାନ୍ଥ, ୧୦୦ ଫୁଟ ତାରବାଡ଼, ଗୋଟିଏ (ବାଉଁଶ/ପଲିଥିନ) ଘର, ଗୋଟିଏ ଟିଣ ଛପର ହୋଟେଲ, ୨ ଲୁହା ଗେଟ, ଗୋଟିଏ ପାଣି ଟାଙ୍କି ଏବଂ ୨ ସାଇନ ବୋର୍ଡକୁ ଉଚ୍ଛେଦ କରାଯାଇଛି। ତେବେ ହାଇକୋର୍ଟଙ୍କ ପ୍ରତିବନ୍ଧକ ଯୋଗୁ ସେଠାରେ ଥିବା କାଳନ୍ଦୀ ପରିଡ଼ାଙ୍କ ଏକ ପକ୍କା ଘରକୁ ଭଙ୍ଗାଯାଇ ନାହିଁ। ଏଥିରେ ପ୍ରାୟ ୦.୮୩୦ ଡିସିମିଲ ସରକାରୀ ଜମି ଜବରଦଖଲ ମୁକ୍ତ କରାଯାଇଥିବା ବିଡିଏ ପକ୍ଷରୁ ସୂଚନା ଦିଆଯାଇଛି। ଉଚ୍ଛେଦରେ ବିଡିଏ ଏନ୍‌ଫୋର୍ସମେଣ୍ଟ ଅଧିକାରୀ ଦେବରାଜ ସେଠୀ, ବିଡିଏ ଲିଆଶନ ଅଫିସର ଶୁଭ୍ରାଂଶୁ ଶେଖର ମହାନ୍ତି, ଜିଏ ଓ ପିଜି ବିଭାଗର ଉପନିର୍ଦ୍ଦେଶକ (ସର୍ଭେ ଏବଂ ପ୍ରବର୍ତ୍ତନ) ଅମିୟ କୁମାର ଦାସ ଉପସ୍ଥିତ ଥିଲେ।

# 'ନିର୍ଯାତନାରୁ ମୁକ୍ତି ପାଇଁ ମହିଳାମାନେ ସଂଗଠିତ ହୋଇ ଲଢ଼ନ୍ତୁ'




ଆଲୋଚନା ସଭାରେ ସିଟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତିଙ୍କ ସହ ବିଭିନ୍ନ ଶ୍ରମିକ ସଙ୍ଗଠନର କର୍ମକର୍ତ୍ତାମାନେ।

ଭୁବନେଶ୍ୱର, ୭।୩(ବନ୍ଦନା ସେଠୀ)

କର୍ମକ୍ଷେତ୍ରରେ ମହିଳା ଶ୍ରମିକମାନଙ୍କୁ ସମାନତା ପ୍ରଦାନ କରିବା ସହିତ ସେମାନଙ୍କୁ ଶୋଷଣରୁ ମୁକ୍ତି ଦେବା ଓ ସମସ୍ତ ପ୍ରକାର ହିଂସା ବନ୍ଦ କରି ସମାଜରେ ସ୍ୱାଧୀନ ମତ ପୋଷଣ କରିବାର ଅଧିକାର ଦେବା ଆବଶ୍ୟକ। ଏଥିପାଇଁ ମହିଳାମାନଙ୍କୁ ସଂଗଠିତ ହୋଇ ଲଢେଇ କରିବାକୁ ପଡିବ ବୋଲି ସିଆଇଟିୟୁ (ସିଟୁ), ଓଡିଶା କିଷାନ ସଭା, ଗଣତାନ୍ତ୍ରିକ ମହିଳା ସମିତି, ଗଣତାନ୍ତ୍ରିକ ଯୁବ ଫେଡେରେଶନ, ଏସ୍‌ଏଫ୍‌ଆଇ ଏବଂ କ୍ଷେତ ମଜଦୁର ସଂଘ ପକ୍ଷରୁ ମିଳିତ ଆହ୍ୱାନ ଦିଆଯାଇଛି। ଶନିବାର ଅନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ସିଟୁ ଅଫିସ ପ୍ରାଙ୍ଗଣରେ କର୍ମଜୀବୀ ମହିଳାଙ୍କ ରାଜ୍ୟ ନେତ୍ରୀ ପୁଷ୍ପା ଦାଶଙ୍କ ସଭାପତିତ୍ୱରେ ଏକ ରାଜ୍ୟସ୍ତରୀୟ ମୁକ୍ତ ଆଲୋଚନା ସଭା ଅନୁଷ୍ଠିତ ହୋଇଥିଲା। ସିଟୁ ରାଜ୍ୟ ସଭାପତି ଜନାର୍ଦ୍ଦନ ପତି ମୁଖ୍ୟବକ୍ତା ଭାବେ ଯୋଗଦେଇ ପୁରୁଷଙ୍କ ସହିତ ସମାନ ଅଧିକାର, ସୁରକ୍ଷା ଓ ମୁକ୍ତି ପାଇଁ ପ୍ରତ୍ୟେକ ମହିଳାଙ୍କୁ ସମ୍ମିଳିତ ଲଢେଇ କରିବାକୁ ହେବ ବୋଲି କହି କାର୍ଲ ମାର୍କ୍ସଙ୍କ କଥା ଦୋହରାଇଥିଲେ। ରାଜ୍ୟ ସମ୍ପାଦକ ପ୍ରଦୀପ୍ତ ନାୟକ ଅନ୍ତର୍ଜାତୀୟ ମହିଳା ଦିବସର ଐତିହାସିକ ଦିଗ ଉପରେ ଆଲୋଚନା କରିଥିଲେ। ସିଟୁ ରାଜ୍ୟ ନେତା ଉଲ୍ଲାସ ସ୍ୱାଇଁ, ରମେଶ ଜେନା, ଲୋଭକାନ୍ତ ସ୍ୱାଇଁ, ପୂର୍ଣ୍ଣଚନ୍ଦ୍ର ପାଢ଼ୀ, ଜଗନ୍ନାଥ ଦେଓ, କୃଷକ ନେତା ଅଭିରାମ ବେହେରା, ଯୁବନେତା ସରୋଜ ନାୟକ ପ୍ରମୁଖ ଯୋଗଦେଇଥିଲେ। କାର୍ଯ୍ୟକ୍ରମକୁ ପବିତ୍ର କୁମାର ଜେନା ଓ ବସନ୍ତ ସାହୁ ପରିଚାଳନା କରିଥିଲେ।

## 'ଇକୋ-ଫ୍ରେଣ୍ଡଲି' ପ୍ରୟାସକୁ ମିଳିଲା ସ୍ୱୀକୃତି

### ଚିତ୍ରଶିଳ୍ପୀ ଅନସୂୟାଙ୍କୁ 'ଓମେନ୍ ଆଚିଭର ଆୱାର୍ଡ-୨୦୨୬ ପ୍ରଦାନ

ପୁରୁଣା ଭୁବନେଶ୍ୱର,୭।୩(ସୁବାସ ଚନ୍ଦ୍ର ପ୍ରଧାନ): ଚିତ୍ରଶିଳ୍ପୀ ଅନସୂୟା ସାହୁଙ୍କୁ 'ଓମେନ୍ ଆଚିଭର ଆୱାର୍ଡ-୨୦୨୬' ପ୍ରଦାନ କରାଯାଇଛି। ଅନ୍ତର୍ଜାତୀୟ ମହିଳା ଦିବସ ପାଳନ ଅବସରରେ ଭୁବନେଶ୍ୱରସ୍ଥିତ ବୁଦ୍ଧ ମନ୍ଦିର ପରିସରରେ ଆୟୋଜିତ ଏକ ଭବ୍ୟ କାର୍ଯ୍ୟକ୍ରମରେ ଏହି ଆୱାର୍ଡ ପ୍ରଦାନ କରାଯାଇଛି। ଭୁବନେଶ୍ୱରର ସମସ୍ତ 'ଇନର ହୁଇଲ୍ କ୍ଲବ୍' ପକ୍ଷରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଅତିଥିମାନେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ଉତ୍ତରୀୟ ଦେଇ ତାଙ୍କୁ ସମ୍ମାନିତ କରିଥିଲେ। ଚିତ୍ରକଳାରେ ସ୍ନାତକ ହାସଲ ପରେ ଗତ ୧୨ ବର୍ଷ ଧରି 'ଚିତ୍ରଶାଳା' ମାଧ୍ୟମରେ କୁନି ପିଲାଙ୍କୁ ଶିକ୍ଷା ଦେଉଛନ୍ତି। କେବଳ ସେତିକି ନୁହେଁ, ପର୍ବ ପର୍ବାଣୀରେ ଇକୋ-ଫ୍ରେଣ୍ଡଲି ସାମଗ୍ରୀ ତିଆରି କରି ସେ ଜଳବାୟୁ ପରିର୍ବନ ବିରୋଧରେ ସଚେତନତା ସୃଷ୍ଟି କରୁଛନ୍ତି। ନିଜସ୍ୱ ବିୟୁଟିପାର୍ଲର ଜରିଆରେ ସ୍ୱାବଲମ୍ବୀ ହୋଇ ସେ ସମାଜରେ ଜଣେ ସ୍ୱାଭିମାନୀ ମହିଳା ଭାବେ ଉଭା ହୋଇଛନ୍ତି। ଏଥିସହ ସେ ପୂର୍ବରୁ ଅନେକ ସରକାରୀ ଓ ବେସରକାରୀ ଅନୁଷ୍ଠାନ ଦ୍ୱାରା ସମ୍ମାନିତ ହୋଇ ସାରିଛନ୍ତି ।

# ସମାଜର ମୂଳଶକ୍ତି ହେଉଛନ୍ତି ମହିଳା




ଅତିଥିଙ୍କ ସହ ଅନ୍ୟମାନେ କେକ୍ କାଟି ମହିଳା ଦିବସ ପାଳନ କରୁଛନ୍ତି।

ଭୁବନେଶ୍ୱର,୭।୩ (ସୌମ୍ୟରଞ୍ଜନ ରାଉତ)

ମହିଳା ହେଉଛନ୍ତି ସମାଜର ମୂଳଶକ୍ତି। ଘରଠାରୁ ଆରମ୍ଭ କରି ଶିକ୍ଷା, ସାହିତ୍ୟ, ବିଜ୍ଞାନ, ରାଜନୀତି, କ୍ରୀଡା ଆଦି କ୍ଷେତ୍ରରେ ମହିଳାମାନେ ନିଜର ପ୍ରତିଭା ଓ ସାହସର ପ୍ରମାଣ ଦେଇଛନ୍ତି। ତାଙ୍କ ଅଦମ୍ୟ ଇଚ୍ଛାଶକ୍ତି ଓ ସମର୍ପଣ ଆମ ସମାଜକୁ ଆଗକୁ ବଢ଼ାଇବାରେ ସହାୟକ ହେଉଛି ବୋଲି ଅତିଥିମାନେ ମତରଖିଛନ୍ତି। ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ ସାମାଜିକ ଅନୁଷ୍ଠାନ କ୍ରାନ୍ତିକାରୀ ଫାଉଣ୍ଡେଶନ ପକ୍ଷରୁ ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ସହଯୋଗରେ ବୁଦ୍ଧ ମନ୍ଦିରଠାରେ ସ୍ୱତନ୍ତ୍ର କାର୍ଯ୍ୟକ୍ରମ 'ସ୍ତ୍ରୀଶକ୍ତି' ଅନୁଷ୍ଠିତ ହୋଇଥିଲା। ଅତିଥି ଭାବେ ବିଏମ୍‌ସି ମେୟର ସୁଲୋଚନା ଦାସ, ପୂର୍ବତନ ମହିଳା କମିଶନ ସଦସ୍ୟା ସସ୍ମିତା ନନ୍ଦ, ସିନେ ଅଭିନେତା ଚନ୍ଦନ କର, ଅଭିନେତ୍ରୀ ଦେବଯାନୀ ଦେଗୁରିଆ, ସାମାଜିକ କର୍ମୀ ନିରୋଜାଲକ୍ଷ୍ମୀ ମହାପାତ୍ର, ସସ୍ମିତା ନାୟକ, ପିଙ୍କି ମହାପାତ୍ର ଓ କ୍ରାନ୍ତିକାରୀ ଫାଉଣ୍ଡେଶନ ଅଧ୍ୟକ୍ଷ ନଳିନୀକାନ୍ତ ନାୟକ ପ୍ରମୁଖ ଯୋଗଦେଇଥିଲେ।

## ସନ୍ତୋଷ, ସୁରଭିଙ୍କୁ 'ସ୍ତ୍ରୀଶକ୍ତି ସମ୍ମାନ'

ଏହି ଅବସରରେ କେକ୍ କଟାଯିବା ସହ ସାମାଜିକ କର୍ମୀ ସନ୍ତୋଷ ଜୈନ୍ ଓ ଅଭିନେତ୍ରୀ ସୁରଭି ପ୍ରିୟଦର୍ଶନୀଙ୍କୁ 'ସ୍ତ୍ରୀଶକ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। ପରେ ବିଭିନ୍ନ ବସ୍ତିର ମହିଳା ଏବଂ ଅନୁଷ୍ଠାନ ସହ ଜଡ଼ିତ ସମସ୍ତ ସଦସ୍ୟାଙ୍କୁ ଉପହାର ପ୍ରଦାନ ପୂର୍ବକ ସମ୍ମାନିତ କରାଯାଇଥିଲା। ୟୁଥ୍ ଫର୍ ଭଲ୍ୟୁଣ୍ଟାରି ୱାର୍କ ଅଧ୍ୟକ୍ଷ ମିର୍ ଅହମ୍ମଦ ଅଲ୍ଲୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ତାପସ ଦେ ଧନ୍ୟବାଦ ଦେଇଥିଲେ।

## ଫଟୋରେ ଖବର



୨,୭୯୮ଟି ଏସ୍‌ସି/ଏସ୍‌ଟି ଟିଜିଟି ବ୍ୟାକଲଗ୍‌ର ଖାଲି ପଦବୀ ପାଇଁ ତତ୍କାଳ ସ୍ୱତନ୍ତ୍ର ନିଯୁକ୍ତି ଅଭିଯାନ ଘୋଷଣା ଦାବିରେ ଏସ୍‌ସିଏସ୍‌ଟି ଶିକ୍ଷକ ଆଶାୟୀ ସଂଘର ସଦସ୍ୟମାନେ ଶନିବାର ଭୁବନେଶ୍ୱର ଲୋୟର ପିଏମ୍‌ଜିଠାରେ ଧାରଣା ଦେଇଛନ୍ତି।



ରସୁଲଗଡ଼ର ଗୋପୀନାଥ ଦେବଙ୍କ ପଞ୍ଚଦୋଳ ମେଳଣରେ ସାମିଲ ହୋଇଥିବା ରସୁଲଗଡ଼, ଝାରପଡ଼ା, ଲକ୍ଷ୍ମୀସାଗର, କୋରଡ଼କଣ୍ଟା, ବରଗଡର ଦୋଳ ବିମାନ।

## ସଂକ୍ଷେପରେ

### ଟ୍ରେନ୍‌ରେ କଟି ଯୁବକଙ୍କ ମୃତ୍ୟୁ
**ମୃତକଙ୍କ ସୁନାଗହଣା ଚୋରିବେଳେ ଧରାପଡ଼ିଲେ ଅନ୍ୟ ଯୁବକ**

ଟାଙ୍ଗୀ,୭।୩ (ରଘୁନାଥ ସାହୁ)

ଖୋର୍ଦ୍ଧା ରୋଡ ରେଳଡିଭିଜନ ଅନ୍ତର୍ଗତ ନିରାକାରପୁର ଷ୍ଟେଶନ ନିକଟରେ ହୋଲି ଦିନ ଟ୍ରେନରେ କଟି ଜଣେ ଯୁବକଙ୍କ ମୃତ୍ୟୁ ଘଟିଥିଲା। ରେଳ ଧାରଣାରେ ମୃତଦେହ ପଡ଼ିରହିଥିବାବେଳେ ତାଙ୍କର ସୁନା ଗହଣାକୁ ଅନ୍ୟ ଜଣେ ଯୁବକ ଚୋରିକରି ଲୋକଙ୍କ ହାତରେ ଧରାପଡ଼ି ମାଡ଼ ଖାଇଛନ୍ତି। ମୃତକଙ୍କ ଆଙ୍ଗୁଠିରେ ସୁନା ମୁଦି, ହାତରେ ସୁନା ବ୍ରେସଲେଟ ଓ ପକେଟରେ ମନିପର୍ସ ଥିଲା। ଯୁବକ ଜଣକ ସାହାଯ୍ୟ କରିବା ବାହାନାରେ ଆସି ଚୋରି କରିବାକୁ ପଛାଇ ନ ଥିଲେ। କେତେଜଣ ବ୍ୟକ୍ତି ଏହି ଘଟଣା ଦେଖି ଭିଡିଓ ଉତ୍ତୋଳନ କରିବା ସହ ସମ୍ପୃକ୍ତ ଯୁବକଙ୍କୁ ମାଡ଼ ଦେଇ ବିଦା କରିଦେଇଥିଲେ। ଏହି ଘଟଣା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି।

### କଣ୍ଟେନର ଧକ୍କାରେ ବାଇକ୍ ଆରୋହୀ ମୃତ

ଟାଙ୍ଗୀ,୭।୩(ରଘୁନାଥ ସାହୁ)

ଟାଙ୍ଗୀ ଥାନା ଅଧୀନ ୧୬ନମ୍ବର ଜାତୀୟ ରାଜପଥର ମା’ ଉଗ୍ରତାରା ଛକ ନିକଟରେ ଶନିବାର ଏକ ସଡ଼କ ଦୁର୍ଘଟଣାରେ ଜଣେ ବାଇକ ଚାଳକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ଯାଆଁଳା ଉତ୍ତରମୁଣ୍ଡ ମୁହାଣ ଗ୍ରାମର ସୁଶାନ୍ତ ନାୟକ। ସେ ଶୁକ୍ରବାର ରାତି ପ୍ରାୟ ୧୧ଟାରେ ଟାଙ୍ଗୀରୁ ମୋଟର ସାଇକେଲ ଯୋଗେ ଗ୍ରାମକୁ ଫେରୁଥିବାବେଳେ ମା’ ଉଗ୍ରତାରା ଛକଠାରେ ତାଙ୍କୁ ପଛପଟୁ ଏକ ଦ୍ରୁତଗାମୀ କଣ୍ଟେନର ଧକ୍କା ଦେଇଥିଲା। ଫଳରେ ସେ ବାଇକରୁ ଛିଟିକି ପଡ଼ି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ଟାଙ୍ଗୀ ମେଡିକାଲରେ ଭର୍ତ୍ତି କରିଥିଲେ। ତେବେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଟାଙ୍ଗୀ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିବା ସହ ମୃତଦେହ ଜବତ କରିଛି। ଦୁର୍ଘଟଣା ଘଟାଇଥିବା କଣ୍ଟେନର ଫେରାର ହୋଇଯାଇଛି।

### ଝିଅ ପରୀକ୍ଷା ପାଇଁ ବିବାଦ ଭୁଲି ଏକାଠି ହେଲେ ୨ ପରିବାର
**ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ବୁଝାଶୁଝା କରିଥିଲେ**

ଟାଙ୍ଗୀ,୭।୩(ରଘୁନାଥ ସାହୁ)

ଟାଙ୍ଗୀ ବ୍ଲକ ଅନ୍ତର୍ଗତ ସୁନ୍ଦରପୁର କଲୋନୀ ପ୍ରାଥମିକ ବିଦ୍ୟାଳୟର ଜଣେ ପଞ୍ଚମଶ୍ରେଣୀ ଛାତ୍ରୀ ପାରିବାରିକ ଅଶାନ୍ତି ଯୋଗୁ ଚଳିତବର୍ଷ ବାର୍ଷିକ ପରୀକ୍ଷା ଦେବା ନେଇ ଅନିଶ୍ଚିତତା ସୃଷ୍ଟି ହୋଇଥିଲା। ତାଙ୍କ ମା’ଙ୍କ ସହ ସେ ପାରାଦୀପସ୍ଥିତ ମାମୁଘରକୁ ଚାଲିଯାଇଥିଲେ। ଏକଥା ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ଲଳିତ ନାରାୟଣ ମହାପାତ୍ର ଜାଣିବା ପରେ ସମ୍ପୃକ୍ତ ଛାତ୍ରୀଙ୍କ ବାପଘର ଓ ମାମୁଘର ଲୋକଙ୍କୁ ଯୋଗାଯୋଗ କରିଥିଲେ। ସେମାନଙ୍କୁ ବୁଝାଶୁଝା କରିବା ପରେ ଉଭୟ ପକ୍ଷ ବିବାଦ ଭୁଲି ଝିଅର ପରୀକ୍ଷା ପାଇଁ ଏକାଠି ହେବାକୁ ରାଜି ହୋଇଥିଲେ। ଶିଶୁମାନଙ୍କ ଭବିଷ୍ୟତ ଗଠନ ଦିଗରେ ମାତାପିତା ଓ ଶିକ୍ଷକଙ୍କ ଗୁରୁ ଦାୟିତ୍ୱ ରହିଛି ବୋଲି ମହାପାତ୍ର କହିଥିଲେ। ଏବେ ସମ୍ପୃକ୍ତ ଛାତ୍ରୀ ପରୀକ୍ଷା ଦେବାକୁ ଗାଁକୁ ଫେରିଛନ୍ତି। ମହାପାତ୍ରଙ୍କ ଏହି ପଦକ୍ଷେପକୁ ସାଧାରଣରେ ପ୍ରଶଂସା କରାଯାଇଛି।

# ବୋଲଗଡ଼ ପଞ୍ଚାୟତ ସମିତି ବୈଠକ ଅଧାରୁ ବନ୍ଦ



ପଞ୍ଚାୟତ ସମିତି ବୈଠକରେ ମଞ୍ଚାସୀନ ପ୍ରଶାସନିକ ଅଧିକାରୀ ଏବଂ ଜନପ୍ରତିନିଧି।

- ପ୍ରଶାସନର ସ୍ୱଚ୍ଛତା ଅଭାବ ନେଇ ସଦସ୍ୟଙ୍କ କକ୍ଷତ୍ୟାଗ
- ବ୍ଲକ୍‌ରେ ଡାକ୍ତର, କର୍ମଚାରୀଙ୍କ ଅଭାବ ନେଇ ଉଦ୍‌ବେଗ

ବୋଲଗଡ,୭।୩(ଦେବବ୍ରତ ହୋତା)

ବୋଲଗଡ଼ ପଞ୍ଚାୟତ ସମିତିର ଅଷ୍ଟମ ସାଧାରଣ ଅଧିବେଶନ ଶନିବାର ବ୍ଲକ କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ବିଡିଓ ସୁମନସୁଧା କୁଣ୍ଡୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଅଧ୍ୟକ୍ଷା ଉଲ୍ଲାସ ପ୍ରଧାନ ପୌରୋହିତ୍ୟ କରିଥିଲେ। ତେବେ ବୈଠକ ଆରମ୍ଭରୁ ପୂର୍ବ ବୈଠକ ଆଲୋଚନା ବିବରଣୀର ୮ପୃଷ୍ଠା ଏଯାବତ ଲିପିବଦ୍ଧ ହୋଇ ନ ଥିବା ଦର୍ଶାଇ ଜନପ୍ରତିନିଧିମାନେ ହୋହାଲ୍ଲା କରିଥିଲେ। ଏନେଇ କାର୍ଯ୍ୟାନୁଷ୍ଠାନ ପାଇଁ ଜିଲାପାଳଙ୍କୁ ସୁପାରିସକରି ରିଜୋଲ୍ୟୁଶନ ପାସ୍ କରାଯାଇଥିଲା। ପରେ ସ୍ୱାସ୍ଥ୍ୟ ବିଭାଗ ଆଲୋଚନାରେ ବ୍ଲକ୍‌ରେ ଡାକ୍ତର ଅଭାବ ଓ ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା ନେଇ ଅଭିଯୋଗ ହୋଇଥିଲା। ବ୍ଲକ ମୁଖ୍ୟ ଚିକିତ୍ସାଧିକାରୀ ଡା. ଅସିତ ମୋହନ ମହାପାତ୍ର କେବଳ ଡାକ୍ତର ନୁହନ୍ତି, କର୍ମଚାରୀଙ୍କ ମଧ୍ୟ ଅଭାବ ରହିଛି ବୋଲି କହିଥିଲେ। ୧ବର୍ଷ ତଳେ ଆୟୁଷ୍ମାନ ଯୋଜନା କାର୍ଡ ବଣ୍ଟନ ପାଇଁ ସରକାରଙ୍କ ପ୍ରଦତ୍ତ ଅର୍ଥର ବ୍ୟୟ ନେଇ ବୈଠକରେ ଆଲୋଚନା ହୋଇଥିଲା। ବିଡିଓ ଏହାର ହିସାବ ଦେବାରେ ଅସମର୍ଥ ହେବାରୁ ଅଧିକାଂଶ ନିର୍ବାଚିତ ଜନପ୍ରତିନିଧି ତୀବ୍ର ଅସନ୍ତୋଷ ପ୍ରକାଶ କରି କକ୍ଷତ୍ୟାଗ କରିଥିଲେ। ଫଳରେ ବୈଠକ କିଛି ସମୟ ଚାଲିବା ପରେ ବନ୍ଦ ରହିଥିଲା। ବିଡିଓ ଆସନ୍ତା ୩ ଦିନ ମଧ୍ୟରେ ଖର୍ଚ୍ଚର ହିସାବ ଦେବେ ଏବଂ ଚଳିତ ମାସ ୧୮ ତାରିଖରେ ପୁନର୍ବାର ବୈଠକ ଅନୁଷ୍ଠିତ ହେବ ବୋଲି ସ୍ଥିର ହୋଇଥିବା ନେଇ ବ୍ଲକ୍ ଉପାଧ୍ୟକ୍ଷ ରମେଶ ସାହୁ ସୂଚନା ଦେଇଛନ୍ତି। ବୈଠକରେ ଉପାଧ୍ୟକ୍ଷ, ବିଡିଓଙ୍କ ସମେତ ଏବିଡିଓ ରତିକାନ୍ତ ମିଶ୍ର, ସହକାରୀ ନିର୍ବାହୀ ଯନ୍ତ୍ରୀ ଐଶ୍ୱର୍ଯ୍ୟ ଭଞ୍ଜଦେଓ, ଜିଲା ପରିଷଦ ସଭ୍ୟ ପ୍ରଦୀପ୍ତ ଛୋଟରାୟ ଓ ସୁବାସ ଚନ୍ଦ୍ର ରାୟଗୁରୁ ଏବଂ ଗ୍ରାମପଞ୍ଚାୟତ ଉନ୍ନୟନ ଅଧିକାରିଣୀ ସୋନାଲି ସାହୁ ଉପସ୍ଥିତ ଥିଲେ।

# କାମବେଳେ ୪୦ ଫୁଟ ଉଚ୍ଚରୁ ଖସି ଶ୍ରମିକଙ୍କ ମୃତ୍ୟୁ
**ସୁରକ୍ଷା ଉପକରଣ ନ ଥିବା ଅଭିଯୋଗ, କାର୍ଯ୍ୟାନୁଷ୍ଠାନ ଦାବି**

ବାଘମାରି,୭।୩ (ମିହିର ରଞ୍ଜନ ମହାପାତ୍ର)

ବାଘମାରୀ ଥାନା ଅନ୍ତର୍ଗତ ସାରୁଆ ଶିଳ୍ପାଞ୍ଚଳରେ ଥିବା ଏକ ଆଲୁମିନିୟମ କମ୍ପାନୀରେ ଶନିବାର ୪୦ଫୁଟ ଉପରେ ଆଜ୍‌ବେଷ୍ଟସ୍ ପକାଉଥିବାବେଳେ ଖସିପଡ଼ି ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ମୃତକ ହେଲେ ପୁରୀ ଜିଲା କାକଟପୁର ଅଞ୍ଚଳର ନିଲୁ ମହାନ୍ତି। ସେ ୨ଦିନ ହେଲା ଉକ୍ତ କମ୍ପାନୀରେ କାର୍ଯ୍ୟ କରୁଥିଲେ। ସୁରକ୍ଷା ଉପକରଣ ଓ କୌଣସି ଜରୁରିକାଳୀନ ଚିକିତ୍ସା ସୁବିଧା ନ ଥିବାରୁ ସମ୍ପୃକ୍ତ ଶ୍ରମିକଙ୍କୁ ବଞ୍ଚାଇ ହେଲାନାହିଁ ବୋଲି ଅନ୍ୟ ଶ୍ରମିକମାନେ ଅଭିଯୋଗ ଆଣିଛନ୍ତି। କମ୍ପାନୀ କର୍ତ୍ତୃପକ୍ଷ ଶ୍ରମିକ ଜଣଙ୍କୁ ଗୁରୁତର ଅବସ୍ଥାରେ ଖୋର୍ଦ୍ଧାର ଏକ ଘରୋଇ ହସ୍ପିଟାଲ ଓ ପରେ ଅନ୍ୟ ଏକ ହସ୍ପିଟାଲ ନେବା ବାଟରେ ତାଙ୍କର ମୃତ୍ୟୁ ହୋଇଥିଲା ବୋଲି ଜଣାପଡ଼ିଛି। ଏତେ ଉଚ୍ଚରେ ଶ୍ରମିକ କାର୍ଯ୍ୟ କରୁଥିବାବେଳେ କାହିଁକି ସୁରକ୍ଷା ଉପକରଣ ଯୋଗାଇ ଦିଆଯାଇ ନ ଥିଲା ତାହା ଏବେ ପ୍ରଶ୍ନବାଚୀ ହୋଇଛି। କମ୍ପାନୀ କର୍ତ୍ତୃପକ୍ଷ ସ୍ୱଳ୍ପ ଦରମାରେ ବାହାରୁ ଶ୍ରମିକଙ୍କୁ ଆଣି କୌଣସି ସୁରକ୍ଷା ବ୍ୟବସ୍ଥା ବିନା କାମ କରାଇବା ଫଳରେ ଏଭଳି ଦୁର୍ଘଟଣା ଘଟିଲା ବୋଲି ସରପଞ୍ଚଙ୍କ ପ୍ରତିନିଧି ମଥୁରା ମହାଭୋଇ କହିଛନ୍ତି। ସେ ଘଟଣାର ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏଥିସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଓ ସହାୟତା ରାଶି ଦେବାକୁ ମହାଭୋଇ ଦାବି କରିଛନ୍ତି। ଉକ୍ତ ସଂସ୍ଥା ବେଆଇନ ଭାବେ ସିଲିଣ୍ଡର ବ୍ୟବହାର କରୁଥିବା ସାଧାରଣରେ ଅଭିଯୋଗ ହେଉଛି। ବାଘମାରୀ ପୋଲିସ ଦୁର୍ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବାବେଳେ ମୃତଦେହ ଜବତ ପରେ ବ୍ୟବଚ୍ଛେଦ ପାଇଁ ପଠାଯାଇଥିବା ସୂଚନା ଦେଇଛି। ରିପୋର୍ଟ ଲେଖାହେବା ପର୍ଯ୍ୟନ୍ତ ମୃତକଙ୍କ ପରିବାର ପକ୍ଷରୁ ବାଘମାରୀ ଥାନାରେ ଲିଖିତ ଅଭିଯୋଗ ହୋଇ ନ ଥିବା ଥାନା ଅଧିକାରୀ ସୁଚିତ୍ରା ଜେନା ସୂଚନା ଦେଇଛନ୍ତି।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

# ମା’ ମଙ୍ଗଳା ଫୁଟବଲ୍ ଟୁର୍ନାମେଣ୍ଟ: ସେମିରେ ତରତୁଆ



ଅତିଥିଙ୍କ ଗହଣରେ ଉଭୟ ଦଳର ଖେଳାଳି।

ବୋଲଗଡ,୭।୩(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ୍ ରାସୋଳ ଗ୍ରାମର ମା’ ବାଉତି ଖେଳପଡ଼ିଆରେ ଚାଲିଥିବା ମା’ ମଙ୍ଗଳା ଫୁଟ୍‌ବଲ ଟୁର୍ନାମେଣ୍ଟର ତୃତୀୟ କ୍ୱାର୍ଟର ଫାଇନାଲ ମ୍ୟାଚ୍ ଶନିବାର ଅନୁଷ୍ଠିତ ହୋଇଯାଇଛି। ତରତୁଆ ଓ ବାଲିଗାଡ଼ିଆ ଟିମ୍ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା। ତରତୁଆ ୨-୦ ଗୋଲରେ ବାଲିଗାଡ଼ିଆକୁ ହରାଇବା ସହ ସେମିଫାଇନାଲରେ ପ୍ରବେଶ କରିଛି। ଚିତ୍ତରଞ୍ଜନ ପରିଡ଼ା, ବୈକୁଣ୍ଠ ମହାପାତ୍ର, ଲକ୍ଷ୍ମୀଧର ଚୌଧୁରୀ, ରବୀନ୍ଦ୍ର ଖଟେଇ ରେଫରି ଦାୟିତ୍ୱ ତୁଲାଇଥିଲେ। ସାମାଜିକ କର୍ମୀ ଭାଗୀରଥି ପରିମାଣିକ, ଗ୍ରାମ ସଭାପତି ପ୍ରଦୀପ ପାଲଟାସିଂହ, ରାମଚନ୍ଦ୍ର ମହଲା ଏବଂ ବୁଦ୍ଧିନାଥ ବେହେରା ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ।

# ୨ ଗଞ୍ଜେଇ ବେପାରୀ ଗିରଫ

ବ୍ରହ୍ମଗିରି, ୭।୩(ସ୍ୱାଧୀନ ଚମ୍ପତିରାୟ)

ଚୋରା ଗଞ୍ଜେଇ ବେପାର କରୁଥିବା ସମୟରେ ବ୍ରହ୍ମଗିରି ପୋଲିସ ଶନିବାର ୨ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ରବୀନ୍ଦ୍ର କୁମାର ମହାପାତ୍ର(୫୦) ଓ ବେଣ୍ଟପୁର ଗ୍ରାମର ସନ୍ତୋଷ କୁମାର ମିଶ୍ର(୪୩)। ସେମାନଙ୍କଠାରୁ ପୋଲିସ ୯ କିଲୋ ୫୦୦ ଗ୍ରାମ୍‌ର ଗଞ୍ଜେଇ ଜବତ କରିବା ସହ ଏକ ମୋବାଇଲ୍ ଓ ୧୫ ହଜାର ଟଙ୍କା ଜବତ କରିଛି। ଏନେଇ ପୋଲିସ ନଂ.୧୦୮/୨୬ରେ ଏକ ମାମଲା ରୁଜୁ କରିଛି। ବ୍ରହ୍ମଗିରି ବାଲିହରଚଣ୍ଡୀ ଅଞ୍ଚଳରେ ଅଭିଯୁକ୍ତଦ୍ୱୟ ଗଞ୍ଜେଇ ବିକ୍ରି କରିବାବେଳେ ପୋଲିସ ଖବରପାଇ ଚଢ଼ାଉ କରିଥିଲା।

# ସିକୋରେ ଦୋଳ ଉତ୍ସବ

ବେଗୁନିଆ,୭।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅନ୍ତର୍ଗତ ସିକୋ ଦୋଳ ପଡ଼ିଆରେ ଦୁଇଦିନ ଧରି ଦୋଳ ଉତ୍ସବ ଅନୁଷ୍ଠିତ ହେଉଛି। ଏହି ଉପଲକ୍ଷେ ସନ୍ଧ୍ୟାରେ ମିକି ଚୌଧୁରୀଙ୍କ ଦ୍ୱାରା ସଂକୀର୍ତ୍ତନ କାର୍ଯ୍ୟକ୍ରମ ଓ ରାତ୍ରରେ ଦୁଇଟି ଅପେରା ପାର୍ଟି ପକ୍ଷରୁ ଯାତ୍ରା ପରିବେଷଣ କରାଯାଉଛି। ଶୁକ୍ରବାର ରାତିରେ ସାବିତ୍ରୀ ଗଣନାଟ୍ୟ ପକ୍ଷରୁ ‘ଭୁଲ କରି ମତେ ଭୁଲାଇଦେଲ’ ମଞ୍ଚସ୍ଥ ହୋଇଥିଲା। ଶନିବାର ପ୍ରମୋଦିନୀ ଗଣନାଟ୍ୟ ପକ୍ଷରୁ ‘ମା’ ଦେଇଥିଲା କଜଳଗାର’ ପରିବେଷଣ କରାଯାଇଛି। ଆଖପାଖ ଅଞ୍ଚଳର ୩୬ଟି ଦୋଳ ଏହି ମେଳଣକୁ ଆସିଥିଲେ। ଶାନ୍ତି କମିଟି ସଭାପତି ଅଶୋକ କୁମାର ସାମନ୍ତରାୟ, ସମ୍ପାଦକ ରବୀନ୍ଦ୍ର କୁମାର ସାହୁ ଏବଂ ବଢେଇସାହି ଓ ପାଇକସାହି ଲୋକଙ୍କ ସହଯୋଗରେ ଏହି ଦୋଳ ଉତ୍ସବ ଆୟୋଜିତ ହୋଇଆସୁଛି। କାର୍ଯ୍ୟକ୍ରମକୁ ରାଜକିଶୋର ପ୍ରଧାନ, କୈଳାଶ ଚନ୍ଦ୍ର ସାହୁ, ଦିଲ୍ଲୀପ ସାମନ୍ତରାୟ, ଦାଶରଥୀ ନରେନ୍ଦ୍ର, ପୂର୍ଣ୍ଣଚନ୍ଦ୍ର ଭୂଜବଳ, ଦୁର୍ଯ୍ୟୋଧନ ଛୁଆଳସିଂହ, ଭାଗିରଥି ରଣସିଂହ, ଯୋଗେଶ୍ୱର ଛୋଟରାୟ, ଦାଶରଥୀ ରଣସିଂହ, ପ୍ରଫୁଲ୍ଲ ରାଉତରାୟ ପ୍ରମୁଖ ପରିଚାଳନା କରୁଛନ୍ତି।

# ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

ବେଗୁନିଆ,୭।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଶିମୋରସ୍ଥିତ କୁଞ୍ଜବିହାରୀ ଦେବ ସରକାରୀ ଉଚ୍ଚ ବିଦ୍ୟାଳୟର ଶିକ୍ଷକ ରବୀନ୍ଦ୍ରନାଥ ଶୁକ୍ଳଙ୍କ ଅବସର ସମ୍ବର୍ଦ୍ଧନା ଉତ୍ସବ ଶନିବାର ଅନୁଷ୍ଠିତ ହୋଇଯାଇଛି। ସହକାରୀ ଶିକ୍ଷକ ଦାଶରଥି ସୁବୁଦ୍ଧିଙ୍କ ସଂଯୋଜନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିଭାରାଣୀ ମହାପାତ୍ର ସଭାପତିତ୍ୱ କରିଥିଲେ। ବେଗୁନିଆ ଗୋଷ୍ଠୀ ଶିକ୍ଷାଧିକାରୀ ଅର୍ଣ୍ଣବ କୁମାର ବେଉରା ମୁଖ୍ୟ ଅତିଥି ଓ ଜଟଣୀ ଗୋଷ୍ଠୀ ଶିକ୍ଷାଧିକାରୀ ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ଶିକ୍ଷକ ଶୁକ୍ଳ ସ୍ନେହୀ, ସମୟାନୁବର୍ତ୍ତିତା ଓ କର୍ମଠ ଥିଲେ ବୋଲି ଅତିଥିମାନେ କହିଥିଲେ। ପ୍ରାଥମିକ ଶିକ୍ଷକ ସଂଘ ପକ୍ଷରୁ ସମ୍ପାଦକ ଦାଶରଥି ବେହେରା ଶିକ୍ଷକ ଶୁକ୍ଳଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଶିକ୍ଷକ ବିଭୁପ୍ରସାଦ ରାଉତ ଧନ୍ୟବାଦ ଦେଇଥିଲେ।

# ୟୁପିଏସ୍‌ସି ପରୀକ୍ଷାରେ ସାଇରମଣଙ୍କ ସଫଳତା

ଟାଙ୍ଗୀ,୭।୩(ରଘୁନାଥ ସାହୁ)



ପରିବାର ସହ ସାଇରମଣ ପାତ୍ର।

ୟୁପିଏସ୍‌ସି ପରୀକ୍ଷାଫଳ ଗୁରୁବାର ପ୍ରକାଶ ପାଇଛି। ଏଥିରେ ନୟାଗଡ଼ ଜିଲା ରଣପୁର ବ୍ଲକ ଗୋପାଳପୁର ଗ୍ରାମର ସାଇରମଣ ପାତ୍ର ୨୮୫ ର୍ୟାଙ୍କ ରଖି କୃତିତ୍ୱ ହାସଲ କରିଛନ୍ତି। ଏ ନେଇ ସାଇରମଣଙ୍କ ନିକଟକୁ ଅଭିନନ୍ଦନର ସୁଅ ଛୁଟୁଛି। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହୃଷୀକେଶ ପାତ୍ର ଓ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ପ୍ରଶାନ୍ତୀ ପାତ୍ରଙ୍କ କନିଷ୍ଠ ପୁତ୍ର ସାଇରମଣ ବିଦ୍ୟାଳୟ ଜୀବନରେ ଜଣେ ମେଧାବୀ ଛାତ୍ର ଥିଲେ। ଗତବର୍ଷ ଓପିଏସ୍‌ସି ପରୀକ୍ଷାରେ କୃତିତ୍ୱ ଲାଭକରି ଓଡ଼ିଶା ଫାଇନାନ୍ସିଆଲ ସର୍ଭିସ୍ ପାଇଁ ପ୍ରଶିକ୍ଷଣ ନେଉଥିଲେ। ଏବେ ୟୁପିଏସ୍‌ସିରେ ତାଙ୍କର ଏହି ସଫଳତା ଯୁବପିଢ଼ିଙ୍କ ପାଇଁ ପ୍ରେରଣା ପାଲଟିବ ବୋଲି ସ୍ଥାନୀୟ ବୁଦ୍ଧିଜୀବୀ ମତ ପ୍ରକାଶ କରିଛନ୍ତି। ସାଇରମଣ ୨ୟ ଚେଷ୍ଟାରେ ସଫଳତା ପାଇଛନ୍ତି। ସେ ସଫଳତାର ଶ୍ରେୟ ପ୍ରଭୁ ଶ୍ରୀଜଗନ୍ନାଥ ଓ ମାତାପିତାଙ୍କୁ ଦେଇଛନ୍ତି। ନିଷ୍ଠା, ଦୃଢ଼ ଆତ୍ମବିଶ୍ୱାସ ଓ କଠିନ ପରିଶ୍ରମ ବଳରେ ସେ ସର୍ବଭାରତୀୟ ସ୍ତରରେ ଏଭଳି କୃତିତ୍ୱ ହାସଲ କରିଥିବାବେଳେ ଜନହିତକର କାର୍ଯ୍ୟକୁ ଗୁରୁତ୍ୱ ଦେବେ ବୋଲି ସାଇରମଣ କହିଛନ୍ତି।

# ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ

ବେଗୁନିଆ,୭।୩(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ରାଧାକାନ୍ତପୁର ପଞ୍ଚାୟତ ଅନ୍ତର୍ଗତ ଧାନଘର ନୂଆଗାଁର ଆରାଧ୍ୟ ଦେବତା ବାବା ନୀଳକଣ୍ଠେଶ୍ୱର ଦେବଙ୍କ ପୀଠରେ ଷଡ଼ବିଂଶତମ ବାର୍ଷିକ ବିଶ୍ୱଶାନ୍ତି ମହାଯଜ୍ଞ ଆରମ୍ଭ ହୋଇଛି। ଯାଜ୍ଞିକ ବ୍ରାହ୍ମଣ ଚିନ୍ତାମଣି ଦାଶ ଶର୍ମାଙ୍କ ତତ୍ତ୍ୱାବଧାନରେ କର୍ତ୍ତା ଭାବେ ରବୀନ୍ଦ୍ରନାଥ ମହାପାତ୍ର ଓ ସହଧର୍ମିଣୀ ସାବିତ୍ରୀ କର୍ତ୍ତ୍ରୀ ଭାବେ ଉପବେସନ କରିଥିଲେ। ବୈଦିକ ରୀତିନୀତି ଅନୁଯାୟୀ ଅଙ୍କୁରାରୋପଣ ସହ କଳସ ଶୋଭାଯାତ୍ରା ହୋଇଥିଲା। ଭକ୍ତି ଓ ଭାବମୟ ପରିବେଶରେ ଗ୍ରାମ୍ୟ ପରିକ୍ରମା କରାଯାଇ ମନ୍ଦିର ପରିସରରେ ପହଞ୍ଚି କଳସ ସ୍ଥାପନ ହୋଇଥିଲା। ପରେ ତୀର୍ଥାବାହନ, ମଣ୍ଡଳକରଣ, ଅଗ୍ନିସ୍ଥାପନ, ଆହୁତି ଦିଆଯାଇଥିଲା। ରବିବାର ସୂର୍ଯ୍ୟପୂଜା, ଗୋପୂଜା ଉପଚାର ପୂଜା, ଆହୁତି ପ୍ରଦାନ ସହ ପୂର୍ଣ୍ଣାହୁତି ହେବ ବୋଲି ଆୟୋଜକ ସୂଚନା ଦେଇଛନ୍ତି।

# ଶୋଭାଯାତ୍ରାରେ ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

କୃଷ୍ଣପ୍ରସାଦ, ୭।୩ (କୈଳାଶ ଚନ୍ଦ୍ର ପଟ୍ଟନାୟକ)

ପୁରୀ ଜିଲା କୃଷ୍ଣପ୍ରସାଦ ବ୍ଲକ୍ ଅନ୍ତର୍ଗତ ସିଆଣ୍ଡି ପଞ୍ଚାୟତ ଓରାସ୍ଥିତ ସାନସୀମା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ରାଜକିଶୋର ତରେଇଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ପ୍ରଧାନ ଶିକ୍ଷକ ଶଙ୍କର୍ଷଣ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ଏବିଓ କମ୍ ବିଆର୍‌ସିସି ସିଦ୍ଧେଶ୍ୱର କରଣ, ରାଜ୍ୟ ଭାଜପା ସଂଯୋଜକ ଦୁଷ୍ମନ୍ତ କୁମାର ନାୟକ, ସିଆଣ୍ଡି ସରପଞ୍ଚ ଆଦିତ୍ୟ ରଞ୍ଜନ ପଲେଇ, ମୁଖ୍ୟ ବକ୍ତା ଭାବେ ଓସ୍ତା ସଭାପତି କାଶୀନାଥ ଜେନା, ସମ୍ମାନିତ ଅତିଥି ରୂପେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ମୋଚିରାମ ନାୟକ, ଅବସରପ୍ରାପ୍ତ ଶିକ୍ଷକ ବିପ୍ରବର ତରେଇ, ନାରାୟଣ ବିଦ୍ୟାପୀଠ ପ୍ରଧାନ ଶିକ୍ଷକ ପ୍ରବୀର କୁମାର ଜେନା, ପୁରୀ ପୋଲିସ ସ୍କୁଲର ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ଜେନା ପ୍ରମୁଖ ଯୋଗଦେଇ ବିଦାୟୀ ପ୍ରଧାନ ଶିକ୍ଷକଙ୍କ ଗୁଣଗାନ କରିଥିଲେ। ଶିକ୍ଷକ ପ୍ରଭାତ ବାରିକ ଅତିଥି ପରିଚୟ ପ୍ରଦାନ ସହ ମଞ୍ଚ ପରିଚାଳନା ଏବଂ ଶିକ୍ଷକ ବିଚିତ୍ରାନନ୍ଦ ତରେଇ ଧନ୍ୟବାଦ ଅର୍ପଣ କରିଥିଲେ। ମୋ ସ୍କୁଲ ପରିଚାଳନା କମିଟି ସଭାପତି ଅଧ୍ୟାପକ ମଧୁସୂଦନ ସାହୁ, ମୋ ସ୍କୁଲ ଉପଦେଷ୍ଟା ସଭ୍ୟ ରମେଶ ଚନ୍ଦ୍ର ତରେଇ, ସମିତି ସଭ୍ୟ ଲଳିତ କୁମାର ତରେଇ ପ୍ରମୁଖ ଉପସ୍ଥିତ ଥିଲେ। ବିଦାୟୀ ପ୍ରଧାନ ଶିକ୍ଷକଙ୍କୁ ମାନପତ୍ର ସହ ଉତ୍ତରୀୟ ଉପଢୌକନ ଦିଆଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ବାଜା ବଜାଇ ଓରା ଏବଂ ତାଙ୍କର ଜନ୍ମ ମାଟି ସିଆଣ୍ଡି ଗାଁ ପରିକ୍ରମା କରାଇ ତାଙ୍କ ବାସଭବନରେ ଛାଡ଼ି ଦିଆଯାଇଥିଲା। ଶିକ୍ଷକ ପ୍ରସନ୍ନଜିତ ଜେନା, ଅଜିତ କୁମାର ବାରିକ, ନବକିଶୋର ବାରିକ, ମାଖନ ସାହୁ, ଶୁଭସ୍ମିତା ନାୟକ, ରାନୁ ତରେଇ, ପିଙ୍କି ପଲେଇ ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।




ଅବସରକାଳୀନ ସମ୍ବର୍ଦ୍ଧନା ସଭାରେ ଅତିଥିଙ୍କ ସହ ବିଦାୟୀ ପ୍ରଧାନ ଶିକ୍ଷକ ରାଜକିଶୋର ତରେଇ।

# ମହିଳାଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି ମଞ୍ଜୁଲତା
**ସ୍ୱତନ୍ତ୍ର ପରିଚୟ ଦେଇଛି ପାରମ୍ପରିକ କାରିଗରି**

ଖୋର୍ଦ୍ଧା,୭।୩(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ କରଡ଼ଗାଡ଼ିଆ ଗ୍ରାମର ୬୦ ବର୍ଷ ବୟସ୍କା ମଞ୍ଜୁଲତା ମହାପାତ୍ର ଜଣେ କାଗଜମୁଖା ଓ ଗୋବର କଣ୍ଢେଇ କାରିଗର ଭାବେ ବେଶ୍ ଜଣାଶୁଣା। ଓଡ଼ିଶାର ପାରମ୍ପରିକ ଲୋକକଳାକୁ ବିଦେଶରେ ସେ ପରିଚୟ ଦେଇଛନ୍ତି। ତାଙ୍କ ହାତ ତିଆରି କାଗଜମୁଖା ଓ ଗୋବର କଣ୍ଢେଇର ସ୍ୱତନ୍ତ୍ରତା ରହିଛି। ଦୀର୍ଘବର୍ଷ ଧରି ଏହି କଳାକୁ ସେ ବଞ୍ଚାଇ ରଖିବା ସହ ଅନ୍ୟମାନଙ୍କ ପାଇଁ ପ୍ରେରଣା ପାଲଟିଛନ୍ତି। ବୟସର ଅପରାହ୍ନରେ ସେ ଥକି ନ ପଡ଼ି ଦିନରାତି ନୂତନ ସାମଗ୍ରୀ ପ୍ରସ୍ତୁତିରେ ଲାଗିଛନ୍ତି। ବିଭିନ୍ନ ସ୍ଥାନରେ ପ୍ରଶିକ୍ଷଣ ମଧ୍ୟ ଦେଉଛନ୍ତି। ଗ୍ରାମାଞ୍ଚଳରୁ ଏହି କଳା ଧୀରେ ଧୀରେ ଲୋପପାଇବାକୁ ବସିଥିବାବେଳେ ମଞ୍ଜୁଲତା ତାହାକୁ ଉଜ୍ଜୀବିତ ରଖିଛନ୍ତି। ପିଲାବେଳେ ମା’ ବାପାଙ୍କଠାରୁ ପ୍ରେରଣା ପାଇ ଏହି କଳା ପ୍ରତି ଆଗ୍ରହ ବଢ଼ିଥିଲା। ଏବେ ଏହା ତାଙ୍କୁ ସ୍ୱତନ୍ତ୍ର ପରିଚୟ ଦେଇଛି। ବିନା କୌଣସି ସରକାରୀ ପ୍ରୋତ୍ସାହନ ଅଥବା ଋଣ ନ କରି ସେ ତାଙ୍କ କାମ ଜାରି ରଖିଛନ୍ତି। ଦେଶ ବିଦେଶର ପର୍ଯ୍ୟଟକ ଏଠାକୁ ଆସି ତାଙ୍କ କଳାର ଉଚ୍ଚ ପ୍ରଶଂସା କରିବା ସହ ଏହାର ତାଲିମ ମଧ୍ୟ ନେଉଥିବା ମଞ୍ଜୁଲତା କହିଛନ୍ତି।




କାଗଜମୁଖା ଓ ଗୋବର କଣ୍ଢେଇ ସହ କାରିଗର ମଞ୍ଜୁଲତା ମହାପାତ୍ର।

ସରକାର ମହିଳା ସଶକ୍ତୀକରଣକୁ ଗୁରୁତ୍ୱ ଦେଉଥିବାବେଳେ ମଞ୍ଜୁଲତା ଏହାର ଏକ ଉଦାହରଣ। ଗୋବର ଓ କାଗଜରେ ଦେବଦେବୀ, ପଶୁପକ୍ଷୀ, ଘରୋଇ ସାଜସଜ୍ଜା ପ୍ରଭୃତି ସାମଗ୍ରୀ ପ୍ରସ୍ତୁତ କରନ୍ତି। ସେ କୁହନ୍ତି, ପ୍ରଥମେ କାଗଜ ସଂଗ୍ରହ କରାଯାଇ ଟୁକୁଡ଼ା ଟୁକୁଡ଼ା କରାଯାଇ ପାଣିରେ ବତୁରାଯାଏ। ପରେ ଏହାର ପେଷ୍ଟ ପ୍ରସ୍ତୁତ କରାଯାଇ କଇଥ, ତେନ୍ତୁଳି ଅଠା ପ୍ରଭୃତି ଆବଶ୍ୟକ ସାମଗ୍ରୀକୁ ବ୍ୟବହାର କରାଯାଇ ଏହାର ଛାଞ୍ଚ ପ୍ରସ୍ତୁତ କରାଯାଏ। ଗୋଟିଏ ମୁଖା ପ୍ରସ୍ତୁତ କରିବା ପାଇଁ ପ୍ରାୟ ୧ ମାସ ସମୟ ଲାଗେ। ଏହାକୁ ସ୍ତର ସ୍ତର କରି ପ୍ରସ୍ତୁତ କରାଯାଏ। ଛାଞ୍ଚ ତିଆରି ପରେ ଗୋଟିଏ ପରେ ଗୋଟିଏ କାଗଜ ପରସ୍ତ ଦିଆଯାଇ ଶୁଖାଯାଏ। ପରେ ଖଡ଼ିରଙ୍ଗ ଦିଆଯାଇ ଏହାକୁ ରଙ୍ଗ ଦିଆଯାଏ। ସେହିପରି ଗୋବର କଣ୍ଢେଇ ଗଢ଼ିବା ପାଇଁ କେବଳ ଦେଶୀ ଗୋରୁ ଗୋବର ବ୍ୟବହାର କରାଯାଏ। ଗୋବରରୁ ଅନାବନା କୁଟାକାଠି ବାହାର କରାଯାଇ ଏହାକୁ ଶୁଖାଯାଏ। ପରେ ଏଥିରେ ଅନ୍ୟାନ୍ୟ ସାମଗ୍ରୀ ମିଶାଯାଇ ଛାଞ୍ଚରେ ପକାଯାଇ ଶୁଖାଯାଏ। ସମ୍ପୂର୍ଣ୍ଣ ଶୁଖିବା ପରେ ରଙ୍ଗ ଦିଆଯାଏ। କେବଳ ପ୍ରାକୃତିକ ରଙ୍ଗ ବ୍ୟବହାର କରାଯାଏ। ଏହା ସମ୍ପୂର୍ଣ୍ଣ ପରିବେଶ ଅନୁକୂଳ ବୋଲି ମଞ୍ଜୁଲତା ମତ ଦିଅନ୍ତି। ଆଜିକାଲି ଲୋକେ ଘରୋଇ ସାଜସଜ୍ଜା ପାଇଁ ପ୍ଲାଷ୍ଟିକ୍ ତିଆରି ସାମଗ୍ରୀ ବ୍ୟବହାର କରୁଛନ୍ତି। ତେବେ ତାହା ତୁଳନାରେ ଏହା ଇକୋ-ଫ୍ରେଣ୍ଡଲି ଏବଂ ବାତାବରଣକୁ ଶୁଦ୍ଧ ରଖିଥାଏ। ଆଜିର ଆଧୁନିକ ଯୁଗରେ ମଧ୍ୟ କାଗଜମୁଖା ଓ ଗୋବର କଣ୍ଢେଇର ଚାହିଦା ରହିଛି। ଏହି ପ୍ରାଚୀନ ଗ୍ରାମୀଣ କଳା, ସଂସ୍କୃତିର ସଂରକ୍ଷଣ ଏବଂ ବିକାଶ ପାଇଁ ସରକାରୀ ସ୍ତରରେ ପ୍ରୋତ୍ସାହନ ଜରୁରୀ। ଏଥିଲାଗି ବଜାର ଉପଲବ୍ଧ କରାଗଲେ, ଏହାର ଚାହିଦା ବଢ଼ିବ। ପ୍ରୋତ୍ସାହନ ଅଭାବରୁ ଏହି କଳା ଏବେ ଲୋପ ପାଇବାକୁ ବସିଛି। କରଡ଼ଗାଡ଼ିଆ ଗ୍ରାମରେ ପୂର୍ବରୁ ପ୍ରତି ଘରେ କାଗଜମୁଖା, ଗୋବର କଣ୍ଢେଇ ତିଆରି ହେଉଥିବା ବେଳେ ଏବେ ଏହାର ସଂଖ୍ୟା କମିବାରେ ଲାଗିଛି। ଏହାକୁ ହସ୍ତତନ୍ତ କାରିଗରି ଶିଳ୍ପରେ ସାମିଲ କରାଯାଇ ଆଧୁନିକ ଜ୍ଞାନକୌଶଳ ଦ୍ୱାରା ପ୍ରଶିକ୍ଷଣ, ପ୍ରୋତ୍ସାହନ ଯୋଗାଇବାକୁ ମଞ୍ଜୁଲତା ଦାବି କରିଛନ୍ତି। ସେହିପରି ଏହି କଳାକୁ ନେଇ ପରିବାର ପ୍ରତିପୋଷଣ କରୁଥିବା କାରିଗରମାନଙ୍କୁ ସରକାର ମାସିକ ପେନ୍‌ସନ ଦେବାକୁ ସେ ଦାବି କରିଛନ୍ତି।

**ଓଡ଼ିଆ ଉଇକିପିଡିଆ କର୍ମଶାଳା**

ପୁରୀ,(ଅଜିତ୍ କୁମାର ମହାନ୍ତି)- ପେଣ୍ଠକଟାସ୍ଥିତ ଗଙ୍ଗାଧର ମହାପାତ୍ର ଆଇନ ମହାବିଦ୍ୟାଳୟ ପରିସରରେ ଓଡ଼ିଆ ଉଇକି ମିଡିଆନ୍ସ ୟୁଜର୍ ଗ୍ରୁପ୍ ଦ୍ୱାରା ଏକ କ୍ଷୁଦ୍ର କର୍ମଶାଳା ଅଧ୍ୟାପକ ଡ. ଲୋକନାଥ ସୁଆରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଉଇକିପିଡିଆରେ ଦୀର୍ଘବର୍ଷ ଧରି କାମ କରି ଆସୁଥିବା ଅଲିଭା ସାହୁ ଉଇକିପିଡିଆ ସମ୍ପର୍କରେ ସୂଚନା ଦେଇଥିଲେ। ଅନ୍ୟତମ ଉଇକିଆଳି ସଂଗ୍ରାମ କେଶରୀ ସେନାପତି ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ଉଇକିପିଡିଆ ତଥା ଉଇକିମିଡିଆ ବିଭିନ୍ନ ପ୍ରକଳ୍ପରେ କିପରି ଭାବେ ଯୋଗ ଦେଇହେବ ତଥା ସମ୍ପାଦନା କରିହେବ ସେ ନେଇ ପ୍ରଶିକ୍ଷଣ ଦିଆଯାଇଥିଲା। ସାମାଜିକ କର୍ମୀ ଅଭିଷେକ ଶ୍ରୀଚନ୍ଦନ ଏବଂ ଛାତ୍ର ତନ୍ମୟ କୁମାରଙ୍କ ସହଯୋଗରେ ଏହି କର୍ମଶାଳାରେ ମହାବିଦ୍ୟାଳୟର ୪୦ରୁ ଅଧିକ ଛାତ୍ରୀଛାତ୍ର ଯୋଗଦେଇଥିଲେ।



## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୭।୩।୨୦୨୬

| ୭,୦୯,୮୭୯ ଟଙ୍କା | |
|---|---|
| ସୁନା | ୨୧ ଗ୍ରାମ୍ |
| ରୁପା | ୨୯ ଗ୍ରାମ୍ |

## ସଂକ୍ଷେପରେ

### ରାସ୍ତାକଡ଼ରୁ ଝୁଲନ୍ତା ମୃତଦେହ ଜବତ

ପିପିଲି,୭।୩
(ଦୁର୍ଗା ମାଧବ ମିଶ୍ର/ପ୍ରଭାତ କୁମାର ମହାପାତ୍ର)

ପିପିଲି ୩୧୬ ନଂ. ଜାତୀୟ ରାଜପଥ କଡ଼ ପେଟ୍ରୋଲ ପମ୍ପ ନିକଟରେ ଏକ ଗଛରେ ଝୁଲି ରହିଥିବା ଜଣେ ବ୍ୟକ୍ତିଙ୍କ ମୃତଦେହକୁ ପୋଲିସ ଜବତ କରିଛି। ମୃତକଙ୍କ ପରିଚୟ ମିଳିପାରିନଥିବା ବେଳେ ତାଙ୍କ ବୟସ ୫୦ରୁ ଊର୍ଦ୍ଧ୍ୱ ହେବ ବୋଲି ଅନୁମାନ କରାଯାଉଛି। ଶନିବାର ଅପରାହ୍ନରେ ରାସ୍ତାରେ ଯାଉଥିବା କିଛି ଲୋକ ଦେଖି ପୋଲିସକୁ ଖବର ଦେଇଥିଲେ। ଖବରପାଇ ପିପିଲି ଥାନାଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀ ପହଞ୍ଚି ପ୍ରାଥମିକ ତଦନ୍ତ ଜାରି ରଖିବା ସହ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ ପୁରୀ ମେଡିକାଲ୍ ପଠାଇଛନ୍ତି। ଏନେଇ ପିପିଲି ଥାନା କେସ୍ ନମ୍ବର ୬/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ରହସ୍ୟ ଜଣାପଡ଼ିବ।

### ୨ ଗଞ୍ଜେଇ ବେପାରୀ ଗିରଫ

ବ୍ରହ୍ମଗିରି, ୭।୩(ସ୍ୱାଧୀନ ଚମ୍ପତିରାୟ)

ଚୋରା ଗଞ୍ଜେଇ ବେପାର କରୁଥିବା ସମୟରେ ବ୍ରହ୍ମଗିରି ପୋଲିସ ଶନିବାର ୨ ବେପାରୀଙ୍କୁ ଗିରଫ କରିଛି। ସେମାନେ ହେଲେ ଉକ୍ତ ଥାନା ଅଞ୍ଚଳର ରବୀନ୍ଦ୍ର କୁମାର ମହାପାତ୍ର(୫୦) ଓ ବେଣ୍ଟପୁର ଗ୍ରାମର ସନ୍ତୋଷ କୁମାର ମିଶ୍ର(୪୩)। ସେମାନଙ୍କଠାରୁ ପୋଲିସ ୯ କିଲୋ ୫୦୦ ଗ୍ରାମ୍‌ର ଗଞ୍ଜେଇ ଜବତ କରିବା ସହ ଏକ ମୋବାଇଲ୍ ଓ ୧୫ ହଜାର ଟଙ୍କା ଜବତ କରିଛି। ଏନେଇ ପୋଲିସ ନଂ.୧୦୮/୨୬ରେ ଏକ ମାମଲା ରୁଜୁକରି ତଦନ୍ତ ଚଳାଇଛି। ବ୍ରହ୍ମଗିରି ବାଳିହରଚଣ୍ଡୀ ଅଞ୍ଚଳରେ ଅଭିଯୁକ୍ତଦ୍ୱୟ ଗଞ୍ଜେଇ ବିକ୍ରି କରିବା ସମୟରେ ସେଠା ପୋଲିସ ବିଶେଷ ସୂତ୍ରରୁ ଖବରପାଇ ଚଢ଼ାଉ କରିଥିଲା।

### ବ୍ରାଉନ୍‌ସୁଗାର ଜବତ : ୩ ଗିରଫ

ପୁରୀ, ୭।୩(ଅଜିତ୍ କୁମାର ମହାନ୍ତି)

ବ୍ରାଉନ୍‌ସୁଗାର ବିକ୍ରି ଅଭିଯୋଗରେ ସଦର ପୋଲିସ ୩ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ହେଲେ ଚନ୍ଦନପୁର ସୁଜନପୁରର ହରିପ୍ରସାଦ ମହାପାତ୍ର(୩୦), ବ୍ରହ୍ମଗିରି ପଲ୍ଲୀର ସଞ୍ଜିତ ସାହୁ(୩୫), ପୁରୀ ସଦର ପିଳିପିଳାର ବିଜୟ ରାଉତ(୨୬)। ବିଶେଷ ସୂତ୍ରରୁ ଖବର ପାଇ ସଦର ଥାନା ପୋଲିସ ମାଳତୀପାଟପୁର ଓଭରବ୍ରିଜ୍ ନିକଟରେ ଚଢ଼ାଉ କରି ଅଭିଯୁକ୍ତଙ୍କୁ ଗିରଫ କରିବା ସହ ସେମାନଙ୍କଠାରୁ ୧୦.୫୨ ଗ୍ରାମ୍ ବ୍ରାଉନସୁଗାର(ପଲିଥିନ ଓଜନ ୫୨ ଗ୍ରାମ୍), ଗୋଟିଏ ବୁଲେଟ୍ ଏବଂ ୩ଟି ମୋବାଇଲ ଜବତ କରିଛି।

### ଚୋରି ମାମଲାରେ ଜଣେ ଗିରଫ

ବଳଙ୍ଗା,୭।୩(କେଦାରେଶ୍ୱର ନନ୍ଦ)

ବଳଙ୍ଗା ଗ୍ରାମରେ ଭଡ଼ା ରହୁଥିବା ଜଣେ ବ୍ୟକ୍ତିଙ୍କ ଘରୁ ଚୋରି ନେଇ ମାସକ ତଳେ ଅଭିଯୋଗ ହୋଇଥିଲା। ଏହି ମାମଲାରେ ପୋଲିସ ଜଣଙ୍କୁ ଗିରଫ କରି ତାଙ୍କ ନିକଟରୁ ୧୦ହଜାର ଟଙ୍କା ଓ ସୁନାମୁଦି ଜବତ କରିଛି। ଗିରଫ ଅଭିଯୁକ୍ତ ହେଲେ କଟକ ଜିଲା କିଶନନଗର ଥାନା ଅନ୍ତର୍ଗତ ଓଡ଼ମକିରା ଗ୍ରାମର ସନ୍ତୋଷ ତରାଇ। ସୂଚନା ଅନୁଯାୟୀ, ଓଡ଼ମକିରା ଗ୍ରାମର ପ୍ରକାଶ ବେହେରା ବଳଙ୍ଗାରେ ପରିବାର ସହ ଭଡ଼ାଘରେ ରହୁଥିବାବେଳେ ଗତ ଡିସେମ୍ବର ୧୭ରେ ପରିବାର ସହ ନିଜ ଗାଁକୁ ଯାଇଥିଲେ। ଏହି ସମୟରେ ସନ୍ତୋଷ ବଳଙ୍ଗା ଆସି ସ୍ଥାନୀୟ କେତେଜଣ ଯୁବକଙ୍କ ସହ ମିଶି ପ୍ରକାଶଙ୍କ ଭଡ଼ାଘରେ ପଶି ଆଲମିରା ଭାଙ୍ଗି ୯୦ ହଜାର ଟଙ୍କା ଓ ୫ଗ୍ରାମ୍ ଓଜନର ସୁନା ମୁଦି ଚୋରି କରିନେଇଥିଲେ। ପ୍ରକାଶ ଜାନୁଆରୀ ୨୪ରେ ଫେରି ଆଲମିରା ଭଙ୍ଗାଯିବା ସହ ଆସବାବପତ୍ର ଏଣେତେଣେ ପଡ଼ିଥିବା ଦେଖିଥିଲେ। ପରେ ତାଙ୍କ ସ୍ତ୍ରୀ ନିରୁପମା ବେହେରା ଥାନାରେ ଏତଲା ଦେଇଥିଲେ। ଆଇଆଇସି ସସ୍ମିତା ସାହୁଙ୍କ ନେତୃତ୍ୱରେ ଏକ ପୋଲିସ ଟିମ୍ ସନ୍ତୋଷଙ୍କ ଘରେ ଚଢାଉ କରି ତାଙ୍କୁ ଗିରଫ କରିଥିଲା।

# ୧୫ ମହିଳାଙ୍କୁ ରୋଜଗାର ଦେଇଛନ୍ତି ଟିକି

## ଆର୍ଥିକ ଦୁରବସ୍ଥା ଦେଖାଇଲା ବାଟ

କାକଟପୁର/ଅସ୍ତରଙ୍ଗ,୭।୩
(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ)



ମହିଳାମାନେ ଚାନ୍ଦୁଆ ତିଆରି କରୁଛନ୍ତି ।

ଜୀବନ ଯେବେ ଦୋଛକିରେ ଥାଏ, ସେତେବେଳେ ଆତ୍ମବିଶ୍ୱାସ ବାଟ କଢ଼ାଇନିଏ। ନାରୀ ଯେ ଚାରି କାନ୍ଥ ଭିତରେ ସୀମିତ ନୁହେଁ। କାନ୍ଧ ସହ କାନ୍ଧ ମିଳାଇ ସ୍ୱାବଲମ୍ବୀ ହୋଇ ଜିଇବା ସହ ଅନ୍ୟ ପାଇଁ ପ୍ରେରଣାର ଉତ୍ସ ସାଜେ।

ଅସ୍ତରଙ୍ଗ ବ୍ଲକ ନଗର ପଞ୍ଚାୟତ ଅଧୀନ ବାଲିପନ୍ତାଳ ଗ୍ରାମର ଟିକି ଜାଲି। ଆଜି ନିଜେ ସ୍ୱାବଲମ୍ବୀ ହୋଇ ଅନ୍ୟକୁ ଜୀବନ ଜିଇବାର ରାସ୍ତା ଦେଖାଇଛନ୍ତି। ବାପ ଘର ପୁରୀ ଜିଲା କଣାସ ବ୍ଲକ। ପଢ଼ା ସରିବା ପରେ ଚାନ୍ଦୁଆ କାମ ଶିଖିଥିଲେ। ବିବାହ ପରେ ସ୍ୱାମୀଙ୍କ ରୋଜଗାର ଉପରେ ନିର୍ଭର ନ କରି ସେ ଆଜି ହୋଇଛନ୍ତି ଆତ୍ମନିର୍ଭରଶୀଳ। ସିଲେଇ କାମ ଆଜି ତାଙ୍କୁ ଦେଇଛି ନୂଆ ପରିଚୟ। ୨୦୧୫ରୁ ଚାନ୍ଦୁଆ କାମ ଶିଖିଥିବା ଟିକି ଜାଲି ବିବାହ ପରେ ପରିବାର ଆର୍ଥିକ ଦୁରବସ୍ଥା ସହ ଅନ୍ୟମାନଙ୍କୁ ଶିକ୍ଷାଦେବା କଥା ଭାବି ନ ଥିଲେ। ଘରେ ଅଭାବ ଥିବାବେଳେ ଏଥିରୁ କେମିତି ମୁକୁଳିବେ ଏପରି ଚିନ୍ତା ତାଙ୍କୁ ଘାରିଥିଲା। ସେ ପୂର୍ବରୁ ଶିଖିଥିବା କାମକୁ ନେଇ ବାଲିପନ୍ତାଳ ଗ୍ରାମର ୧୫ରୁ ଊର୍ଦ୍ଧ୍ୱ ମହିଳା ଓ ଯୁବତୀଙ୍କୁ ନେଇ ଆରମ୍ଭ କରିଥିଲେ ତ୍ରିନାଥ ଏସ୍ଏଚ୍‌ଜି। ଟିକି ଜାଲି ନିଜେ ସ୍ୱାବଲମ୍ବୀ ହେବା ସହ ଅନ୍ୟ ମହିଳାଙ୍କୁ ସ୍ୱାବଲମ୍ବୀ କରିପାରିଛନ୍ତି।

ଏ ନେଇ ଟିକି ଜାଲି କହିଛନ୍ତି, ବାପ ଘରୁ ଏ ସିଲେଇ କାମ ସହ ଚାନ୍ଦୁଆ ତିଆରି କାମ ଶିଖିଥିଲି। ବିବାହ ପରେ ପରିବାର ଆର୍ଥିକ ଦୁରବସ୍ଥା ପାଇଁ ସିଲେଇ ସହ ଚାନ୍ଦୁଆ କାମ ଆରମ୍ଭ କଲି। ଟେବୁଲ କ୍ଲଥ, ୱାଲ, ହ୍ୟାଙ୍ଗିଙ୍ଗ, ଚାନ୍ଦୁଆ ଯାହାକି ମୋଠାରୁ ଗାଁର ଝିଅମାନେ ଯେଉଁମାନେ ବିବାହ କରୁଥିଲେ ସେମାନେ ନେଉଥିଲେ। ଗୋଟିଏ ମେଶିନ ପକାଇ ୧୫ଜଣ ମହିଳାଙ୍କୁ ନେଇ କାମ ଆରମ୍ଭ କରିଥିଲି। ପରେ ମିଶନ ଶକ୍ତି ମାଧ୍ୟମରେ ବ୍ୟାଙ୍କରୁ ଲୋନ୍ ଆଣି ମେଶିନ କିଣିବା ସହ ଅନ୍ୟମାନେ କାମ ଶିଖି ରୋଜଗାର କଲେ। ହାତ ତିଆରି କାମଗୁଡ଼ିକୁ

### ଆଜି ଅନ୍ତର୍ଜାତୀୟ ମହିଳା ଦିବସ

ଓର୍‌ମାସ ସହାୟତାରେ ବିଭିନ୍ନ ପ୍ରଦର୍ଶନୀ ମେଳା ଇତ୍ୟାଦିରେ ପକାଇ ବିକ୍ରି କରି ରୋଜଗାର କରାଯାଏ। ଏମ୍ବ୍ରୋଡୋରି, ବେଡ୍‌ଶିଟ, ପିଲୋ କଭର୍, ଟେବୁଲ କ୍ଲଥ, ମାର୍କେଟ ବ୍ୟାଗ, ଚାନ୍ଦୁଆ, କିଚେନ ସାମଗ୍ରୀ, ହାତରେ ଧରୁଥିବା ରୁମାଲ୍ ମଧ୍ୟ ତିଆରି କରିଥାନ୍ତି। ତ୍ରିନାଥ ଏସ୍ଏଚ୍‌ଜି ସଦସ୍ୟା ପୂଜାରାଣୀ ବେହେରା କୁହନ୍ତି, ଟିକି ଆମକୁ କାମ ଶିଖାଇଛନ୍ତି, ଘର କାମ ସାରି ଅବଶିଷ୍ଟ ସମୟରେ କାମ ଶିଖିବା ସହ ପରିଶ୍ରମ ଅନୁସାରେ ଅଧିକ ଲାଭବାନ ହୋଇଛୁ। ଏବେ ଆମେ ସ୍ୱାବଲମ୍ବୀ ହୋଇ କିଛି ଆୟ କରିପାରୁଛୁ ଓ ଘରର ସହଯୋଗ ମଧ୍ୟ କରୁଛୁ। ସେଥିପାଇଁ ଆମେ ଟିକି ଅପାଙ୍କୁ ବହୁତ ଧନ୍ୟବାଦ ଦେଉଛୁ। ସ୍ଥାନୀୟ ଅଞ୍ଚଳବାସୀ ଦାବି କରିଛନ୍ତି, ସରକାରୀସ୍ତରରେ ଟିକି ଅପାଙ୍କୁ ପ୍ରୋତ୍ସାହନ ରାଶି ଯୋଗାଇଦେଲେ ଆହୁରି ଆଗକୁ ଯାଇପାରନ୍ତେ। ସେ ନିଜେ ଦୁଇ ପଇସା ରୋଜଗାର କରିବା ସହ ୧୫ ଜଣ ମହିଳାଙ୍କୁ ରୋଜଗାର ପନ୍ଥା ଦେଇଛନ୍ତି, ଯାହାକି ଅନ୍ୟମାନଙ୍କ ପାଇଁ ଉଦାହରଣ।

# ସୁଭଦ୍ରା କିସ୍ତି ପ୍ରଦାନ ସମାରୋହ ପାଇଁ ପ୍ରସ୍ତୁତି

ପୁରୀ, ୭।୩(ଅଜିତ୍ କୁମାର ମହାନ୍ତି)

### ସୁରକ୍ଷାରେ ୧୬ ପ୍ଲାଟୁନ୍ ଫୋର୍ସ

ସୁଭଦ୍ରା ଯୋଜନାର ୪ର୍ଥ କିସ୍ତି ପାଇବେ ହିତାଧିକାରୀ। ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଯୋଗଦାନ କରିବେ। ଏଥିନିମନ୍ତେ ପୁରୀ ପୋଲିସ ପକ୍ଷରୁ ତାଳବଣିଆ ପଡ଼ିଆରେ ବ୍ୟାପକ ପ୍ରସ୍ତୁତି କରାଯାଇଛି। ପ୍ରାୟ ୨୦ ହଜାରରୁ ଊର୍ଦ୍ଧ୍ୱ ମା' ଏହି କାର୍ଯ୍ୟକ୍ରମରେ ଯୋଗଦେବାର କାର୍ଯ୍ୟକ୍ରମ ରହିଛି। ଏନେଇ ଶନିବାର ଏସ୍‌ପି ପ୍ରତୀକ ସିଂ ପ୍ରସ୍ତୁତି ସମ୍ପର୍କରେ ସୂଚନା ଦେଇ କହିଛନ୍ତି, ରବିବାର ପୂର୍ବାହ୍ନରେ ତାଳବଣିଆଠାରେ ସୁଭଦ୍ରା ଯୋଜନା କାର୍ଯ୍ୟକ୍ରମ ରହିଛି। କାର୍ଯ୍ୟକ୍ରମରେ ପୁରୀ ଜିଲାର ବିଭିନ୍ନ ବ୍ଲକ୍‌ରୁ ଶତାଧିକ ମହିଳା ଯୋଗଦାନ କରିବେ। ଏଥିରେ ମୁଖ୍ୟମନ୍ତ୍ରୀ, ଉପମୁଖ୍ୟମନ୍ତ୍ରୀ ଉପସ୍ଥିତ ରହିବେ। ତେଣୁ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଉଛି। ୨୦ ହଜାରରୁ ଅଧିକ ଲୋକଙ୍କ ସମାଗମ ହେବାର ସମ୍ଭାବନା ରହିଛି। ଚେକିଂ କରାଯାଇ ପ୍ରବେଶ ପାଇଁ ଅନୁମତି ଦିଆଯିବ। ଇନ୍‌ଡୋର ଷ୍ଟାଡିୟମ, ଆଇଟିଆଇ ପଡ଼ିଆ, ଭୂଦାନ ସହ ଅନ୍ୟାନ୍ୟ ସ୍ଥାନରେ ପାର୍କିଂ ବ୍ୟବସ୍ଥା କରାଯାଇଛି। କାର୍ଯ୍ୟକ୍ରମରେ ପ୍ରାୟ ୧୬ ପ୍ଲାଟୁନ ଫୋର୍ସ ମୁତୟନ ରହିବା ସହ ୫ ଜଣ ଅତିରିକ୍ତ ଏସ୍‌ପି, ୮ ଡିଏସ୍‌ପି, ୨୭ ଇନ୍ସପେକ୍ଟର, ୭୦ ଏସ୍ଆଇ, ୧୧୮ ଏଏସ୍ଆଇ ଓ କନ୍‌ଷ୍ଟେବଲ ଉପସ୍ଥିତ ରହିବେ। ପ୍ରତ୍ୟେକ ଏଣ୍ଟ୍ରି ପଏଣ୍ଟରେ କଡ଼ା ଚେକିଂ କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ମହିଳା ଦିବସରେ ସୁଭଦ୍ରା ହିତାଧିକାରୀ ଚତୁର୍ଥ କିସ୍ତି ଟଙ୍କା ପାଇବେ। ସୂଚନାଯୋଗ୍ୟ, ୧୭ ସେପ୍ଟେମ୍ବର, ୨୦୨୪ରେ ପୁରୀରେ ସୁଭଦ୍ରା ଯୋଜନା ଆରମ୍ଭ ହୋଇଥିଲା। ଶକ୍ତି ଏବଂ ସୁରକ୍ଷାର ପ୍ରତୀକ ଦେବୀ ସୁଭଦ୍ରାଙ୍କ ନାମରୁ ଏହାର ନାମ ଦିଆଯାଇଛି। ସୁଭଦ୍ରା ଯୋଜନାର ହିତାଧିକାରୀଙ୍କ ଆକାଉଣ୍ଟରେ ଏପର୍ଯ୍ୟନ୍ତ ୩ଟି କିସ୍ତି ଟଙ୍କା ପହଞ୍ଚିସାରିଛି।

# ମା' ମଙ୍ଗଳାଙ୍କ ଚୈତ୍ର ପାଳି ଯାତ୍ରା ପ୍ରସ୍ତୁତି ବୈଠକ



ବୈଠକରେ କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତାଙ୍କ ସମେତ ଅନ୍ୟମାନେ ।

କାକଟପୁର/ଅସ୍ତରଙ୍ଗ, ୭।୩(ଶୁଭଦର୍ଶନ ମିଶ୍ର/ପ୍ରଦୀପ୍ତ କୁମାର ଦୀକ୍ଷିତ/ମମତା ଜେନା)

ଓଡ଼ିଶାର ଅଧିଷ୍ଠାତ୍ରୀ ଦେବୀ ତଥା କାକଟପୁର ବାସିନୀ ମା' ମଙ୍ଗଳାଙ୍କ ପ୍ରସିଦ୍ଧ ଚୈତ୍ର ମାସର ମଙ୍ଗଳବାର ପାଳି ଯାତ୍ରା ନିମନ୍ତେ ପ୍ରସ୍ତୁତି ବୈଠକ ଶନିବାର ମନ୍ଦିର ଟ୍ରଷ୍ଟ କାର୍ଯ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ମଧ୍ୟବର୍ତ୍ତିକାଳୀନ ପରିଚାଳନା ଟ୍ରଷ୍ଟି ତଥା କାକଟପୁର ତହସିଲଦାର ଅଙ୍କିତା ଅନିନ୍ଦିତାଙ୍କ ଅଧ୍ୟକ୍ଷତାରେ କାକଟପୁର ଥାନାଧିକାରୀ ବସନ୍ତ କୁମାର ସାହୁ, ମା'ମଙ୍ଗଳା ଟ୍ରଷ୍ଟର କାର୍ଯ୍ୟନିର୍ବାହୀ ଅଧିକାରୀ କୈଳାଶ ଚନ୍ଦ୍ର ଦାଶ, ପୂର୍ତ୍ତ ବିଭାଗ ଯନ୍ତ୍ରୀ ଜ୍ୟୋତିଶ୍ରୀ ସେନାପତି, ଅଗ୍ନିଶମ ଷ୍ଟେଶନ ଅଧିକାରୀ ଓ ସେବାୟତଙ୍କ ସହ ବରିଷ୍ଠ କର୍ମକର୍ତ୍ତା, ଅଧିକାରୀମାନେ ଯୋଗଦେଇଥିଲେ।

ଚଳିତ ମାସ ୧୦, ୧୭, ୨୪, ୩୧, ଏପ୍ରିଲ ୭ରେ ମା'ମଙ୍ଗଳାଙ୍କ ପବିତ୍ର ଝାମୁ ଯାତ୍ରା ଅନୁଷ୍ଠିତ ହେବ। ଚଳିତ ବର୍ଷ ଅଧିକ ସଂଖ୍ୟକ ଭକ୍ତଙ୍କ ସମାଗମକୁ ଦୃଷ୍ଟିରେ ରଖି ଆଇନ ଶୃଙ୍ଖଳା ପରିସ୍ଥିତିକୁ ନିୟନ୍ତ୍ରଣ କରିବା, ପାର୍କିଂ ବ୍ୟବସ୍ଥା ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ପଦକ୍ଷେପ ଗ୍ରହଣ କରାଯାଇଛି। ଘଣ୍ଟତୋଳା ଘାଟ ସଫେଇ, ମନ୍ଦିର ଆଲୋକ ସମେତ ଫୁଲରେ ସାଜସଜ୍ଜା, ଅସହ୍ୟ ଗ୍ରୀଷ୍ମ ପ୍ରବାହକୁ ନେଇ ପାନୀୟ ଜଳଯୋଗାଣ ବ୍ୟବସ୍ଥା, ଜରୁରିକାଳୀନ ମେଡିକାଲ ସେବା, ଏହା ସହ ବାସନ୍ତୀ ପୂଜା ସମ୍ପର୍କରେ ଆଲୋଚନା ସହ ସେବାୟତଙ୍କ ମତ ନିଆଯାଇଥିଲା। ଭକ୍ତମାନେ ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାରିକେଡ୍ ବ୍ୟବସ୍ଥା ସହ ଅନ୍ୟାନ୍ୟ ସମ୍ପର୍କରେ ଆଲୋଚନା ହୋଇଥିଲା।

# 'ସଶକ୍ତ ନାରୀ, ସଶକ୍ତ ଦେଶ' କର୍ମଶାଳା



ଆତ୍ମରକ୍ଷା କୌଶଳ ଶିଖାଯାଉଛି । (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ଅନ୍ତର୍ଜାତୀୟ ମହିଳା ଦିବସ ଉପଲକ୍ଷେ କ୍ରୀଡ଼ା ଓ ଯୁବ ସେବା ବିଭାଗ ପକ୍ଷରୁ ଜିଲା ପ୍ରଶାସନ ସହଯୋଗରେ ସଶକ୍ତ ନାରୀ, ସଶକ୍ତ ରାଷ୍ଟ୍ର ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ଶ୍ରୀଜଗନ୍ନାଥ ଷ୍ଟାଡିୟମଠାରେ ଶନିବାର ପୂର୍ବାହ୍ନରେ କାର୍ଯ୍ୟକ୍ରମର ଦ୍ୱିତୀୟ ଦିବସରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ଶୁଭାରମ୍ଭ କରିବା ସହ ଆତ୍ମସୁରକ୍ଷା ସମସ୍ତଙ୍କ ପାଇଁ ଏକ ଜରୁରୀ ଆବଶ୍ୟକତା ବୋଲି କହିଥିଲେ। ବିଶେଷ କରି ପଢୁଥିବା ବା କର୍ମଜୀବୀ ମହିଳାଙ୍କ କ୍ଷେତ୍ରରେ ଆତ୍ମସୁରକ୍ଷା ନିହାତି ଆବଶ୍ୟକ। ନିଜକୁ ଦକ୍ଷ କରିବା, ସାହସୀ ହେବା, ପରିସ୍ଥିତିର ମୁକାବିଲା ପାଇଁ ମନୋବଳ ଦୃଢ଼ କରିବା, ଭୟ ପରିହାର କରି କୌଶଳପୂର୍ଣ୍ଣ ଭାବେ ଯେ କୌଣସି ପରିସ୍ଥିତି ପାଇଁ ପ୍ରସ୍ତୁତ ରହିବାକୁ ସେଠୀ ଅନୁରୋଧ କରିଥିଲେ।

ପ୍ରଥମେ ଆତ୍ମସୁରକ୍ଷା କୌଶଳ ସମ୍ପର୍କରେ ପ୍ରଶିକ୍ଷକ ସତ୍ୟଭାମା ଦଳାଇ ପ୍ରଶିକ୍ଷଣ ଦେଇଥିଲେ। ପରେ କ୍ୟାରିଅର ଗଠନ ଓ ନେତୃତ୍ୱ ନେବାର ଦକ୍ଷତା ସମ୍ପର୍କରେ ଶିକ୍ଷାବିତ ସୁକାନ୍ତ କୁମାର ମହାନ୍ତି ଓ ଦି ବେଲ୍ ଅନୁଷ୍ଠାନର ମୁଖ୍ୟ ସିଦ୍ଧାର୍ଥ ରାୟ ବିଭିନ୍ନ ଉଦାହରଣ, ପ୍ରେରଣାଦାୟକ ଗଳ୍ପ ମାଧ୍ୟମରେ ବିଶଦ୍ ଭାବେ ପ୍ରଶିକ୍ଷଣ ଦେଇଥିଲେ। ଜିଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ ଏଥିରେ ଅଧ୍ୟକ୍ଷତା କରିବା ସହ ମହିଳାଙ୍କୁ ସଶକ୍ତ, ସମୃଦ୍ଧ ଓ ଆତ୍ମବିଶ୍ୱାସୀ କରାଇବା ଏହି ଶିବିର ଆୟୋଜନର ଉଦ୍ଦେଶ୍ୟ ବୋଲି କହିଥିଲେ। ସନ୍ତରଣ ପ୍ରଶିକ୍ଷକ ଦୀପକ କୁମାର ପାତ୍ର ଓ ଅନ୍ୟ କର୍ମଚାରୀ କାର୍ଯ୍ୟ ପରିଚାଳନାରେ ସହଯୋଗ କରିଥିଲେ।

# ଷଣ୍ଢମରା ସେତୁ ଭୁଶୁଡ଼ିବା ଆଶଙ୍କା

ଯୋଗେଶ୍ୱରପୁର,୭।୩(ରଶ୍ମିରଞ୍ଜନ ସାହୁ)

ପୂର୍ତ୍ତ ବିଭାଗ ଅଧୀନ ମନାପଡ଼ା କରମଳା ଦେଇ ଯାଇଥିବା କାଦୁଆ ନଦୀର ଷଣ୍ଢମରା ପୋଲ ଭୁଶୁଡ଼ି ପଡ଼ିବା ଆଶଙ୍କା ଦେଖାଦେଇଛି। ପୋଲର ଦୁଇ ପାର୍ଶ୍ୱ ବାଡ଼ା ଭାଙ୍ଗିଯାଇଥିବାବେଳେ ପୋଲର ତଳ ଅଂଶ ସିମେଣ୍ଟ ଛାଡ଼ି ରଡ୍ ଦେଖାଗଲାଣି। ଏଭଳି ଅବସ୍ଥାରେ ଯାତ୍ରୀବାହୀ ବସ୍, ଟ୍ରକ ଚଳାଚଳ କରୁଥିବାରୁ ପୋଲଟିର ଦୁଇ ପାର୍ଶ୍ୱ ଦବିଗଲାଣି। ଏହି ପୋଲ ଉପରେ ପ୍ରତିଦିନ ଧୂମାଳ, ଜଙ୍ଗବୋରି, ଦେଷ୍ଟଳି ପଞ୍ଚାୟତର ଲୋକ ଗୋପ ବ୍ଲକକୁ ଯାତାୟାତ କରିଥାନ୍ତି। ପୋଲ ମରାମତି ପାଇଁ ଦୀର୍ଘଦିନ ହେଲା ଅଞ୍ଚଳବାସୀ ଦାବି କରିଆସୁଥିଲେ ମଧ୍ୟ ପୂର୍ତ୍ତ ବିଭାଗ କର୍ଣ୍ଣପାତ କରୁନାହିଁ ବୋଲି ବୀରଡୁଙ୍ଗ ପଞ୍ଚାୟତର ପୂର୍ବତନ ସରପଞ୍ଚ ଶିବିର ପରିଡ଼ା କହିଛନ୍ତି।

# କିଡ୍‌ନୀ ରୋଗୀଙ୍କୁ ସହାୟତା କଲା ମାରୁତି ସେନା

ସାକ୍ଷୀଗୋପାଳ, ୭।୩(ଭରତ ରାଉତ)

ସତ୍ୟବାଦୀ ବ୍ଲକ୍ ଅନ୍ତର୍ଗତ ବଳପୁର ପଞ୍ଚାୟତ ଦିହୁଡ଼ି ଗ୍ରାମର କ୍ଷେତ୍ରବାସୀ ପ୍ରଧାନଙ୍କ ୨ଟି କିଡ୍‌ନୀ ନଷ୍ଟ। ଏଥିଯୋଗୁ ୨ ଝିଅଙ୍କ ପାଠପଢ଼ା ପାଇଁ ଅର୍ଥ ସାଜିଛି ବାଧକ। ଏହି ଖବର ମିଳିବା ପରେ ମାରୁତି ସେନା ସଂଗଠନ ପକ୍ଷରୁ ମାସିକିଆ ରାଶନ, ପନିପରିବା, ବସ୍ତ୍ର, ଖାତା, କଲମ, ସ୍କୁଲ ବ୍ୟାଗ୍ ଇତ୍ୟାଦି କ୍ଷେତ୍ରବାସୀଙ୍କ ପରିବାରକୁ ପ୍ରଦାନ କରାଯାଇଛି। ଏହି ସମୟରେ ସଂଗଠନର ରାଜ୍ୟ ସଭାପତି ପପୁ ଦଳବେହେରା, ବଳରାମ ବାରିକ, ସ୍ମିତା ପାତ୍ର, ଅନୁରୋଧ ପଣ୍ଡା, ଯୋଗେନ୍ଦ୍ର ନାୟକ, ଅମ୍ବିକା ସାହୁ, ଜୟଶ୍ରୀ ପାଢ଼ୀ, ଧୁଶାସନ ସାହୁ, ରାଜେଶ ମହାପାତ୍ର, ସସ୍ମିତା ବେଜ୍ ପ୍ରମୁଖ ଉପସ୍ଥିତ ଥିଲେ।

# ଝିମିଲି ପଟ୍ଟନାୟକଙ୍କୁ 'ଦ ବେଲ୍ ଶକ୍ତିଶ୍ରୀ ସମ୍ମାନ'

ପୁରୀ, ୭।୩(ଅଜିତ୍ କୁମାର ମହାନ୍ତି)

### ବିଶ୍ୱ ମହିଳା ଦିବସ ଅବସରରେ ରକ୍ତଦାନ ଶିବିର

ବିଶ୍ୱ ମହିଳା ଦିବସ ଅବସରରେ ଷ୍ଟେଟ୍ ବ୍ୟାଙ୍କ ଅଫ ଇଣ୍ଡିଆ ଓ ଦ ବେଲ ଓମେନ୍ସ କ୍ଲବ ମିଳିତ ଆନୁକୂଲ୍ୟରେ ରକ୍ତଦାନ ଶିବିର 'ବିନ୍ଦୁଏ ରକ୍ତ ସିନ୍ଧୁଏ ଜୀବନ' କାର୍ଯ୍ୟକ୍ରମ ଶନିବାର ଅନୁଷ୍ଠିତ ହୋଇଯାଇଛି। ଚକ୍ରତୀର୍ଥ ରୋଡ଼ସ୍ଥିତ ଷ୍ଟେଟ ବ୍ୟାଙ୍କ ହଲିଡେ ହୋମ୍‌ଠାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ୩୫ ମହିଳା ଓ ୨୦ ପୁରୁଷ ରକ୍ତଦାତା ରକ୍ତଦାନ କରିଥିଲେ। ନୂତନ ରକ୍ତଦାତା ସୃଷ୍ଟି ସହିତ ମହିଳାଙ୍କ ରକ୍ତଦାନ କ୍ଷେତ୍ରରେ ଭାଗୀଦାରିତା ବଢ଼ାଇବା ପାଇଁ ଏହି ଶିବିରର ଲକ୍ଷ୍ୟ ବୋଲି ଦି ବେଲ୍ ଅଧ୍ୟକ୍ଷ ସିଦ୍ଧାର୍ଥ ରାୟ କହିଛନ୍ତି।

କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ଯୋଗଦେଇ ଅନୁଷ୍ଠାନର ଉଦ୍ୟମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଭୁବନେଶ୍ୱର ଷ୍ଟେଟ ବ୍ୟାଙ୍କ ଆଞ୍ଚଳିକ ପ୍ରବନ୍ଧକ ଭରତ ସାହୁ ଯୋଗଦେଇ ଷ୍ଟେଟ ବ୍ୟାଙ୍କ ସଦାସର୍ବଦା ସାମାଜିକ କାର୍ଯ୍ୟରେ ନିଜର ଭାଗୀଦାରିତା ରଖିଥାଏ ବୋଲି କହିଥିଲେ। ଷ୍ଟେଟବ୍ୟାଙ୍କ ମୁଖ୍ୟ ଶାଖା ପ୍ରବନ୍ଧକ ହୃଷୀକେଶ ତ୍ରିପାଠୀ, ଷ୍ଟେଟ ବ୍ୟାଙ୍କ ଉପଶାଖା ପ୍ରବନ୍ଧକ ରାଜେଶ ସାହୁ, ବରିଷ୍ଠ ସହାୟକ ଶେଖର ସାହୁ, ଶାରଦା ମହାପାତ୍ର ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ମହିଳାଙ୍କ ସଶକ୍ତୀକରଣ ଦିଗରେ ଉଲ୍ଲେଖନୀୟ କାର୍ଯ୍ୟ ପାଇଁ ଝିମିଲି ପଟ୍ଟନାୟକଙ୍କୁ 'ଦ ବେଲ ଶକ୍ତିଶ୍ରୀ ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମକୁ ସୁକାନ୍ତ କୁମାର ପଣ୍ଡା ପରିଚାଳନା କରିଥିବା ବେଳେ ବେଲ ଓମେନ୍ସ କ୍ଲବ ସଂଯୋଜିକା ସବିତା ହରିଚନ୍ଦନ ଧନ୍ୟବାଦ ଦେଇଥିଲେ।

# ସଫେଇ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ତାଲିମ

ପୁରୀ,୭।୩(ଅଜିତ୍ କୁମାର ମହାନ୍ତି)

ସଫେଇ କର୍ମଚାରୀଙ୍କ ଦକ୍ଷତା ବୃଦ୍ଧି ତାଲିମ ଶିବିର ଶନିବାର ଅନୁଷ୍ଠିତ ହୋଇଯାଇଛି। ପୁରୀ ମ୍ୟୁନିସିପାଲଟିରେ କାର୍ଯ୍ୟରତ ୪୩୦ ଜଣ ସଫେଇ କର୍ମଚାରୀଙ୍କୁ ନେଇ ଏହି ଦକ୍ଷତା ବୃଦ୍ଧି ଶିବିର ଅନୁଷ୍ଠିତ ହୋଇଥିଲା। ଅମରଜ୍ୟୋତି ଫାଉଣ୍ଡେଶନ ଏବଂ ଜାଗରଣ ଅନୁଷ୍ଠାନ ଦ୍ୱାରା ମୋଚିସାହି କଲ୍ୟାଣ ମଣ୍ଡପ କକ୍ଷରେ କର୍ମଚାରୀଙ୍କୁ ପ୍ରଶିକ୍ଷଣ ଦିଆଯାଇଥିଲା। କାର୍ଯ୍ୟକ୍ରମରେ ପୁରୀ ମ୍ୟୁନିସିପାଲିଟିର ସାନିଟେଶନ ଅଧିକାରୀ ଯୋଗ ଦେଇଥିଲେ। ପ୍ରଶିକ୍ଷକ ଅବିନାଶ ସୂତାର, ସୁଚରିତା ମଣ୍ଡଳ ପ୍ରଶିକ୍ଷଣ ଦେଇଥିଲେ। କର୍ମଚାରୀଙ୍କ ସୁରକ୍ଷିତ ଜୀବନ ଓ ବିଭିନ୍ନ ନୀତି ନିୟମ, ସ୍ୱଚ୍ଛତା, ଜଳ ପରଚାଳନା, ବୃତ୍ତିଗତ ଦୁର୍ଘଟଣା ଓ ବ୍ୟବହାରିକ ଜ୍ଞାନକୌଶଳ ସମ୍ବନ୍ଧରେ ପ୍ରଶିକ୍ଷଣ ଦିଆଯାଇଛି। ଏହି ଅବସରରେ ପ୍ରଶିକ୍ଷଣ ନେଉଥିବା ୪୩୦ ସଫେଇ କର୍ମଚାରୀଙ୍କୁ ପାଣି ବୋତଲ, ଜ୍ୟାକେଟ, ଗଲଭ୍ ହାରପିକ, ସାର୍ଟିଫିକେଟ, ସଫେଇ ମିତ୍ର ସୁରକ୍ଷା ପାସପୋର୍ଟ ଆଦି ପ୍ରଦାନ କରାଯାଇଥିଲା।

# ମରାମତି ହେଉନି ପାନୀୟଜଳ ଷ୍ଟାଣ୍ଡପୋଷ୍ଟ

ସାକ୍ଷୀଗୋପାଳ, ୭।୩(ଭରତ ରାଉତ)

ରାଜ୍ୟର ପ୍ରତ୍ୟେକ ଲୋକଙ୍କୁ ସ୍ୱଚ୍ଛ ପାନୀୟଜଳ ଯୋଗାଣ ଲାଗି ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରିବା ସହ କୋଟି କୋଟି ଟଙ୍କା ବିନିଯୋଗ କରୁଛନ୍ତି। ସ୍ୱଚ୍ଛ ପାନୀୟଜଳ ଯୋଗାଇବା ପାଇଁ ପାଇପ୍ ବିଛାଯିବା ସହ ଷ୍ଟାଣ୍ଡ ନିର୍ମାଣ ମଧ୍ୟ କରାଯାଇଛି। ହେଲେ ବିଭାଗୀୟ ଉଦାସୀନତା ଯୋଗୁ ସ୍ୱଚ୍ଛ ପାନୀୟଜଳ ପାଇଁ ଗ୍ରାମବାସୀଙ୍କୁ ଅକଥନୀୟ ଦୁର୍ଦ୍ଦଶା ଭୋଗିବାକୁ ପଡୁଛି।

ସୁକଳ ପଞ୍ଚାୟତ ଐଶାନ୍ୟପଡ଼ା ଯିବା ମୁଖ୍ୟରାସ୍ତା କଡ଼ରେ ଥିବା ଗ୍ରାମ୍ୟ ବସୁଧା ଷ୍ଟାଣ୍ଡପୋଷ୍ଟ ଦୀର୍ଘଦିନରୁ ଭାଙ୍ଗିଯାଇଥିବାରୁ ସ୍ଥାନୀୟ ପଡ଼ାବାସୀ ପାନୀୟଜଳ ନେବାରେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଦିନ ଧରି ଏଭଳି ସମସ୍ୟା ଲାଗିରହିଛି ବୋଲି ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଷ୍ଟାଣ୍ଡପୋଷ୍ଟ ଫାଟି ଯାଇଥିବାରୁ ପାଇପ୍‌କୁ ଯୋଡ଼ି ପାନୀୟ ଜଳ ନେବାକୁ ମହିଳାମାନେ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏନେଇ ଟୁଇଟର ଆକ୍ଟିଭିଷ୍ଟ ବିଶ୍ୱଜିତ୍ ପଟ୍ଟନାୟକ ପଞ୍ଚାୟତିରାଜ ବିଭାଗ ଏବଂ ପୁରୀ ଜିଲାପାଳଙ୍କୁ ଅଭିଯୋଗ କରିଛନ୍ତି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଇ ତୁରନ୍ତ ଆବଶ୍ୟକ ପଦକ୍ଷେପ ନେବା ପାଇଁ ସାଧାରଣରେ ଦାବି ହେଉଛି। ଏନେଇ ଜଳଯୋଗାଣ ବିଭାଗ କନିଷ୍ଠ ଯନ୍ତ୍ରୀଙ୍କୁ ଯୋଗାଯୋଗ କରିବାରେ ସେ କହିଛନ୍ତି, ତୁରନ୍ତ ଏହାର ମରାମତି କରାଯିବ।



ପାନୀୟ ଜଳ ପାଇପ୍ ଫାଟିଯାଇଥିବା ଷ୍ଟାଣ୍ଡ ପୋଷ୍ଟ।

# ମାଟିରେ ମିଶିଲା ୮ ବଖରା ଦୋକାନ, ବାସଗୃହ

### ଏନ୍ଏସି ପକ୍ଷରୁ ଜବରଦଖଲ ଉଚ୍ଛେଦ

ନିମାପଡ଼ା, ୭।୩(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଏନ୍ଏସି ପକ୍ଷରୁ ଶନିବାର ୧୦ନଂ. ୱାର୍ଡର ତଳଅଣ୍ଡିଆ ଛକଠରେ ସଶସ୍ତ୍ର ପୋଲିସ ବାହିନୀଙ୍କ ଉପସ୍ଥିତିରେ ଜବରଦଖଲ ଉଚ୍ଛେଦ କରାଯାଇଛି। ତଳଅଣ୍ଡିଆ ଛକ ନିକଟରେ ମୁଖ୍ୟରାସ୍ତା କଡ଼ରେ ଥିବା ୮ବଖରା ଦୋକାନଗୃହ ଓ ବାସଗୃହକୁ ଜେସିବି ଲଗାଇ ଭାଙ୍ଗି ଦିଆଯାଇଛି। ସରକାରୀ ଜାଗା ଜବରଦଖଲକରି ବାସଗୃହ ଓ ଦୋକାନ କରିଥିଲେ। ଏହି ଉଚ୍ଛେଦ ପାଇଁ ପୂର୍ବରୁ ଏନ୍ଏସି ପକ୍ଷରୁ ଜବରଦଖଲକାରୀଙ୍କୁ ବାରମ୍ବାର ନୋଟିସ ଦିଆଯାଇ ଅବଗତ କରାଯାଇଥିବା କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ କହିଛନ୍ତି।

ଏହି ଜାଗାରେ ରାଜ୍ୟ ପର୍ଯ୍ୟଟନ ବିଭାଗ ପକ୍ଷରୁ ୯କୋଟି ଟଙ୍କା ବ୍ୟୟ ଅଟକଳରେ ପର୍ଯ୍ୟଟକଙ୍କ ସୁବିଧା ପାଇଁ ଏକ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ କରାଯିବାକୁ ପର୍ଯ୍ୟଟନ ମନ୍ତ୍ରୀ ତଥା ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଛି।



ପ୍ରଶାସନ ପକ୍ଷରୁ ତଳଅଣ୍ଡିଆ ଛକଠାରେ ଜବରଦଖଲ ଉଚ୍ଛେଦ କରାଯାଉଛି।

ଏହି ପ୍ରକଳ୍ପ ନିର୍ମାଣ ପରିପ୍ରେକ୍ଷୀରେ ଉଚ୍ଛେଦ କରାଯାଇଥିବା ଏନ୍ଏସି ପକ୍ଷରୁ ଜଣାପଡ଼ିଛି। ସ୍ଥାନୀୟ ତହସିଲଦାର ମନୋଜ ପ୍ରଧାନ, ଅତିରିକ୍ତ ତହସିଲଦାର ନିରଞ୍ଜନ ନାୟକ, ଅଣ୍ଡିଆ ସର୍କଲର ରାଜସ୍ୱ ନିରୀକ୍ଷକ ସୁରେନ୍ଦ୍ର ସାହୁ, ଏନ୍ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ଚିନ୍ମୟ ଦାସ, ପରିମଳ ଅଧିକାରୀ ରାକେଶ କୁମାର ରାଉତ ପ୍ରମୁଖଙ୍କ ନେତୃତ୍ୱରେ ଓ ଉପସ୍ଥିତିରେ ଏହି ଉଚ୍ଛେଦ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ହୋଇଥିଲେ। ତଳଅଣ୍ଡିଆ ଛକଠାରେ ପଥପ୍ରାନ୍ତ ସୁବିଧା କେନ୍ଦ୍ର ନିର୍ମାଣ କରାଗଲେ କୋଣାର୍କ, ପୁରୀ, ଭୁବନେଶ୍ୱର, ଶକ୍ତିପୀଠ ମା'ମଙ୍ଗଳା, ଅସ୍ତରଙ୍ଗ ଆଦି ଅଞ୍ଚଳକୁ ଯାତାୟାତ କରୁଥିବା ବିଦେଶୀ ପର୍ଯ୍ୟଟକ, ରାଜ୍ୟ ବାହାରୁ ଆସୁଥିବା ଯାତ୍ରୀମାନେ ଏହି ପଥପ୍ରାନ୍ତ ସୁବିଧା କେନ୍ଦ୍ରରେ ଅଟକି ଏଠାରେ ବିଶ୍ରାମ ନେଇପାରିବେ।

## ଇତିହାସ ବିଭାଗର ଆଲୋଚନାଚକ୍ର

କଟକ ସଦର,(ସୁଶାନ୍ତ କୁମାର ଜେନା): ୪୨ ମୌଜା ଅନ୍ତର୍ଗତ ସୁଦର୍ଶନ ଡିଗ୍ରୀ ମହାବିଦ୍ୟାଳୟରେ ଶନିବାର ଇତିହାସ ବିଭାଗ ପକ୍ଷରୁ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ଗଣେଶ୍ୱର ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଆଲୋଚନାଚକ୍ରରେ କିଶୋର ନଗର କଲେଜର ଇତିହାସ ବିଭାଗ ମୁଖ୍ୟ ଜ୍ୟୋତିରଞ୍ଜନ ଦାସ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଏହି ଅବସରରେ ଯୁକ୍ତ ୩ ଶେଷ ବର୍ଷର ଛାତ୍ରୀଛାତ୍ରଙ୍କୁ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଥିଲା। କଲେଜର ପୂର୍ବତନ ଅଧ୍ୟକ୍ଷ ଡ. ବିଜୟ କୁମାର ପଟ୍ଟନାୟକ, ବିଜୟ କୁମାର ସାହୁ ଓଡ଼ିଶାର ଇତିହାସ ସମ୍ପର୍କରେ ପିଲାମାନଙ୍କୁ ସୂଚନା ପ୍ରଦାନ କରିଥିଲେ। ମହାବିଦ୍ୟାଳୟର ଇତିହାସ ବିଭାଗ ମୁଖ୍ୟ ଦୀପ୍ତିମୟୀ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଛାତ୍ରୀ ପୂଜା ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

**ସିଏମ୍‌ସି କାଉନସିଲ ବୈଠକ**

# ଘରୋଇ ସଂସ୍ଥା ପ୍ରୀତିକୁ ନେଇ ହୋହଲ୍ଲା

କଟକ,୭।୩(କୁମାରଶ୍ରୀ)

କଟକ ମହାନଗର ନିଗମ (ସିଏମ୍‌ସି)ର କାଉନସିଲ ବୈଠକ ଚୌଧୁରୀବଜାରସ୍ଥିତ ବିଜୁ ଭବନ କାର୍ଯ୍ୟାଳୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ମେୟର ସୁବାସ ସିଂଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ନିଗମର ଘରୋଇ ସଂସ୍ଥା ପ୍ରୀତିକୁ ନେଇ ହୋହଲ୍ଲା ହୋଇଥିଲା। ବାଲିଯାତ୍ରା ସଫେଇ ଦାୟିତ୍ୱ ଏକ ଘରୋଇ ସଂସ୍ଥାକୁ ଦିଆଯାଇଥିବା ବେଳେ ଏଥି ନିମନ୍ତେ ୩୭ ଲକ୍ଷ ଟଙ୍କାର ଟେଣ୍ଡର କରାଯାଇଥିଲା। ସମ୍ପୃକ୍ତ ସଂସ୍ଥାକୁ ନିଗମ ପକ୍ଷରୁ ଗାଡି କିମ୍ବା ତେଲ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ହୋଇଥିଲା। ତଥାପି ନିଗମ ପକ୍ଷରୁ ବିପୁଳ ପରିମାଣର ତେଲ ଦିଆଯାଇଥିବା ଓ ଗାଡି ବ୍ୟବହାର ହୋଇଥିବା ବୈଠକରେ ଅଭିଯୋଗ ହୋଇଥିଲା। ଏହାବାଦ ଟେଣ୍ଡରଠାରୁ ଅଧିକ ୧୦ ଲକ୍ଷ ଟଙ୍କା ପ୍ରଦାନ କରାଯାଇଥିବା ଅଭିଯୋଗକୁ ନେଇ ବୈଠକସ୍ଥଳ ପ୍ରକମ୍ପିତ ହୋଇଥିଲା। ବାଲିଯାତ୍ରା ସମୟରେ ସଫେଇକୁ ନେଇ ବ୍ୟାପକ ଅନିୟମିତତା ହୋଇଥିବା କର୍ପୋରେଟରମାନେ ଅଭିଯୋଗ କରିଥିଲେ। ଚୁକ୍ତିଠାରୁ ଅଧିକ ଟଙ୍କା ଏକ ଘରୋଇ ସଂସ୍ଥାକୁ ପ୍ରଦାନ କରାଯିବା ଏବଂ ନିଗମ ପକ୍ଷରୁ ସମ୍ପୃକ୍ତ ସଂସ୍ଥାକୁ ଅନୁକମ୍ପା ଦେଖାଇବା ପ୍ରସଙ୍ଗରେ ଉତ୍ତେଜନା ପ୍ରକାଶ ପାଇଥିଲା। ସେହିପରି ଟେରାକ୍ସ ମେଶିନ ପରିଚାଳନା, ହୋର୍ଡିଂ ଆଦି କ୍ଷେତ୍ରରେ ବ୍ୟାପକ ଦୁର୍ନୀତି ଚାଲିଥିବା କର୍ପୋରେଟରମାନେ ଅଭିଯୋଗ କରିଥିଲେ। ଚକ୍ରଧରପୁରରେ ବାୟୋ ମାଇନିଂ ପ୍ରକଳ୍ପ କାର୍ଯ୍ୟକାରୀ କରିବାରେ ବଳମ୍ବ ହେବାରୁ ଟେରାକ୍ସ ମେଶିନ୍ ଦ୍ୱାରା ଆବର୍ଜନା ନଷ୍ଟ କରିବା ଲାଗି ନିଗମ ପକ୍ଷରୁ ନିଷ୍ପତ୍ତି ହୋଇଥିଲା। ଏଥିଲାଗି ଟେଣ୍ଡରରେ ଏଲ-୧ ପାଇଥିବା ସଂସ୍ଥା ସହ ମାସିକ ୪୮ ଲକ୍ଷ ଟଙ୍କାରେ ଚୁକ୍ତି କରାଯାଇଥିଲା। ୩ ମାସରେ ପ୍ରାୟ ୧.୫ କୋଟି ଟଙ୍କା ଖର୍ଚ୍ଚ କରାଯିବା ଯୋଜନା ହୋଇଥିଲା। ମାତ୍ର ୩ଟି ସଂସ୍ଥାକୁ ୩ଟି ମେଶିନ୍ ବ୍ୟବହାର ଲାଗି ଅନୁମତି ଦିଆଯାଇଥିଲା। ଫଳରେ ୩ ମାସରେ ୪.୫ କୋଟି ଟଙ୍କା ବିଲ୍ ହୋଇଥିବା ଅଭିଯୋଗ ହୋଇଛି। ବୈଠକରେ ଡେପୁଟି ମେୟର ଦମୟନ୍ତୀ ମାଝୀ, କମିଶନର କିରଣଦୀପ୍ କୌର ସହୋତାଙ୍କ ସହ ସମସ୍ତ କର୍ପୋରେଟର ଏବଂ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।


ସିଏମ୍‌ସି କାଉନସିଲ ବୈଠକରେ ଉପସ୍ଥିତ ମେୟର, ଡେପୁଟି ମେୟର, କମିଶନର ଏବଂ କର୍ପୋରେଟରମାନେ।

## ପାରିତ ହେଲା ଚିଠା ବଜେଟ

କାଉନସିଲ ବୈଠକରେ ୨୦୨୬-୨୭ବର୍ଷର ଚିଠା ବଜେଟ ଉପସ୍ଥାପନ କରାଯାଇଥିଲା। ମେୟରଙ୍କ ଅନୁମୋଦନ କ୍ରମେ ଟ୍ୟାକ୍ସେସନ୍ ଫାଇନାନ୍ସ ଷ୍ଟାଣ୍ଡିଂ କମିଟି ଦ୍ୱାରା ୧୨୬୭ କୋଟି ୮ ଲକ୍ଷ ୫୨ ହଜାର ଟଙ୍କାର ଚିଠା ବଜେଟ୍ ପ୍ରସ୍ତାବ ଆଗତ କରାଯାଇଥିଲା। ସର୍ବସମ୍ମତିକ୍ରମେ ଏହି ଚିଠା ବଜେଟ ବୈଠକରେ ପାରିତ ହୋଇଛି। ୧୨୫୦ କୋଟି ୯୯ ଲକ୍ଷ ୯୬ ହଜାର ଟଙ୍କା ଆୟ ପାଇଁ ସିଏମ୍‌ସି ଲକ୍ଷ୍ୟ ରଖିଛି। ନିଗମ ନିକଟରେ ୧୭ କୋଟି ୨୦ ଲକ୍ଷ ଟଙ୍କା ବଳକା ବଜେଟ ରହିଛି। ବଜେଟରେ ସହରର ଭିତ୍ତିଭୂମି ବିକାଶକୁ ଗୁରୁତ୍ୱ ଦିଆଯାଇଛି। ରାସ୍ତାଘାଟ ମରାମତି ଏବଂ ସୌନ୍ଦର୍ଯ୍ୟକରଣ ପାଇଁ ସ୍ୱତନ୍ତ୍ର ବ୍ୟୟ ଅଟକଳ ରଖାଯାଇଛି।

# ହୋଇପାରୁନି ପରୀକ୍ଷା, ନିରାଶ ହୋଇ ଫେରୁଛନ୍ତି ରୋଗୀ

କଟକ,୭।୩(ଶିକ୍ସା ପ୍ରିୟଦର୍ଶିନୀ)

**ଏସ୍‌ସିବି ଡେ' କେୟାର ସେଣ୍ଟରରେ ନାହିଁ କେମିକାଲ**

ଏସ୍‌ସିବି ମେଡିକାଲ ଡେ'କେୟାର ସେଣ୍ଟର ବା ଦିନ କେୟାର ପରୀକ୍ଷାଗାରରେ କେମିକାଲ ନ ଥିବାରୁ ପରୀକ୍ଷା ପାଇଁ ରୋଗୀଙ୍କୁ ଘରୋଇ ଲ୍ୟାବ ପଠାଉଛନ୍ତି କର୍ମଚାରୀ। ଏ ନେଇ ମେଡିକାଲ ଅତିରିକ୍ତ ଅଧୀକ୍ଷକଙ୍କ ନିକଟରେ ଅଭିଯୋଗ କରାଯିବା ପରେ ମଧ୍ୟ କୌଣସି ସୁଫଳ ମିଳି ପାରି ନ ଥିବା ସୂଚନା ମିଳିଛି।

ମିଳିଥିବା ସୂଚନା ମୁତାବକ, ଚୌଦ୍ୱାର ଅଞ୍ଚଳର ନର୍ମଦା ନାଥ (୪୭)ଙ୍କ ଶରୀର ଅସୁସ୍ଥ ହେବାରୁ ଗତ ୩ଦିନ ହେବ ଏସ୍‌ସିବିର ନ୍ୟୁ ମେଡିସିନ ବିଭାଗରେ ଭର୍ତ୍ତି ହୋଇଛନ୍ତି। ରକ୍ତ ସମସ୍ୟା ଥିବାରୁ ନର୍ମଦାଙ୍କୁ ଡାକ୍ତର ଟିଆଇବିସି ସମେତ ଅନ୍ୟ ଚାରୋଟି ପରୀକ୍ଷା କରାଇବାକୁ ପରାମର୍ଶ ଦେଇଥିଲେ। ନର୍ମଦା ମେଡିକାଲର ଡେ' କେୟାର ସେଣ୍ଟରକୁ ଶୁକ୍ରବାର ଯାଇଥିଲେ। ପରୀକ୍ଷାଗାରରେ ୧୬ ଦିନ ହେବ କେମିକାଲ ନ ଥିବାରୁ ପରୀକ୍ଷା କରାଯାଉ ନାହିଁ, ଏହି ପରୀକ୍ଷା ଘରୋଇ ଲ୍ୟାବରେ କରାଇବାକୁ କର୍ମଚାରୀ କହିବା ସହ ଠିକଣା ଓ ପ୍ରାୟ ୧୭୦୦ ରୁ ୨୦୦୦ ଟଙ୍କା ଖର୍ଚ୍ଚ ହେବ ବୋଲି କହି ଫେରାଇ ଦେଇଛନ୍ତି। ଏଭଳି ଅବ୍ୟବସ୍ଥା ନେଇ ନର୍ମଦାଙ୍କ ସମ୍ପର୍କୀୟ ମେଡିକାଲ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକଙ୍କୁ ଅବଗତ କରିଥିବାବେଳେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା ଜଣାପଡ଼ିଛି। ଏସମ୍ପର୍କରେ ଅତିରିକ୍ତ ଅଧୀକ୍ଷକ ଡା. ଜ୍ୟୋତିର୍ମୟ ନାୟକ କହିଛନ୍ତି, ଏହା ଏକ ସାଧାରଣ ପରୀକ୍ଷା। ହୁଏତ ତ୍ରୁଟି ଯୋଗୁ କେମିକାଲ ସରିଯାଇ ପାରିଥାଏ। ଏହାକୁ ଆଣିବା ବ୍ୟବସ୍ଥା କରାଯାଉଛି। ଏହି ଘଟଣା ବାବଦରେ ଶୁଣିଛି କିନ୍ତୁ କୌଣସି ଲିଖିତ ଅଭିଯୋଗ ଆସିନାହିଁ। ଲିଖିତ ଭାବେ ଅଭିଯୋଗ ଆସିଲେ ହିଁ ପଚରାଉଚରା କରାଯିବ ବୋଲି ସେ କହିଛନ୍ତି।

# ଚିକିତ୍ସାଧୀନ ଅବସ୍ଥାରେ ମୃତ

ମଙ୍ଗୁଳି-ଜଗତପୁର,୭।୨(ମାନସ ସାମଲ)

**ନ୍ୟାୟ ନ ପାଇ ଫାଣ୍ଡିରେ ଚାଷୀ ବିଷ ପିଇବା ଘଟଣା**



କଟକ ଜିଲା ଜଗତପୁର ଥାନା ପାଗା ଫାଣ୍ଡି ଅଧୀନ ରମେଶ୍ୱର ପଞ୍ଚାୟତ ଚାହାପଡ଼ା ଗ୍ରାମର ଚାଷୀ ଚକ୍ରଧର ପାତ୍ର (୪୫) ନ୍ୟାୟ ନ ପାଇ ଗତ ୧୦ ତାରିଖ ରାତିରେ ବିଷପିଇ ଆତ୍ମହତ୍ୟା ଉଦ୍ୟମ କରିଥିଲେ। ଜଗତପୁର ପୋଲିସ ଉଦ୍ଧାର କରି ସ୍ଥାନୀୟ ଏକ ଘରୋଇ ହସ୍ପିଟାଲର ଆଇସିୟୁରେ ଭର୍ତ୍ତି କରିଥିଲେ। ଚିକିତ୍ସାଧୀନ ଅବସ୍ଥାରେ ୨୬ ଦିନରେ ଶନିବାର ତାଙ୍କର ମୃତ୍ୟୁ ଘଟିଥିବା ଜଣାପଡିଛି। ସୂଚନା ମୁତାବକ, ଗତ ଜାନୁଆରୀ ୧୨ରେ ୧୨ ବସ୍ତା ଧାନ ଚୋରି ହୋଇଥିବା ଅଭିଯୋଗ କରିଥିଲେ ସୁଦ୍ଧା ପୋଲିସ ମାମଲା ରୁଜୁ କରି ନ ଥିଲା। ଥାନା ଅଧିକାରୀ ଅଭିଯୁକ୍ତଙ୍କୁ ଗିରଫ ନ କରି ବାରମ୍ବାର ଚକ୍ରଧରଙ୍କୁ ଥାନାକୁ ଡାକି ଶାରୀରିକ ଓ ମାନସିକ ନିର୍ଯାତନା ଦେଉଥିଲେ। ପୋଲିସ ସମାଧାନ ପାଇଁ ଗତ ୧୦ ତାରିଖରେ ଉଭୟଙ୍କୁ ସନ୍ଧ୍ୟା ୬ଟାରେ ଡକାଇଥିଲା। ଚକ୍ରଧରଙ୍କ ପରିବାର ଆସିଥିଲେ ସୁଦ୍ଧା ରାତି ସାଢ଼େ ୯ଟା ଯାଏ ଅପରପକ୍ଷ ଆସି ନ ଥିଲେ। ରାତି ପ୍ରାୟ ୧୦ଟାରେ ଅପରପକ୍ଷ ୱାର୍ଡମେମ୍ବରଙ୍କୁ ନେଇ ଆସି ଚକ୍ରଧରଙ୍କୁ ଫାଣ୍ଡିରେ ଗାଳିଗୁଲଜ କରିଥିଲେ। ଅଧିକାରୀ ଅଭିଯୁକ୍ତଙ୍କୁ ତାଗିଦ କରିବା ପରିବର୍ତ୍ତେ ଚକ୍ରଧରଙ୍କୁ ଗାଳିଗୁଲଜ କରି ଆପୋସ ସମାଧାନ କର ନଚେତ ମିଛ କେସ୍‌ରେ ଫସେଇଦେବି ବୋଲି କହିବାରୁ ସେ ନିରାଶ ହୋଇ ଏଭଳି ଚରମ ନିଷ୍ପତ୍ତି ନେଲେ ବୋଲି ତାଙ୍କ ପୁଅ ଗଣମାଧ୍ୟମରେ ପ୍ରକାଶ କରିଥିଲେ।

**ସଂକ୍ଷେପରେ**

## ସନ୍ଦିଗ୍ଧ ଯୁବକଙ୍କୁ ଲୋକେ ଥାନାରେ ଜିମା ଦେଲେ

ଚୌଦ୍ୱାର, ୭।୩(ଆଶୁତୋଷ ଦାସ)

ଚୌଦ୍ୱାର ପୌରପାଳିକା ୨ ନମ୍ବର ୱାର୍ଡ ସୁଲତାନ ନଗର ଅଞ୍ଚଳରେ ଶନିବାର ସନ୍ଧ୍ୟାରେ ଜଣେ ଅପରିଚିତ ଯୁବକ



ଏଣେତେଣେ ବୁଲୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। ତାଙ୍କୁ ଅଟକ ରଖି ପଚରାଉଚରା କରିବାରେ ସେ କିଛି ନିର୍ଦ୍ଦିଷ୍ଟ ସୂଚନା ଦେଇପାରି ନ ଥିଲେ। ପିଲା ଚୋରି କରୁଥିବା ସନ୍ଦେହରେ ଚୌଦ୍ୱାର ଥାନାକୁ ଖବର ଜଣାଇଥିଲେ। ଖବର ପାଇ ଚୌଦ୍ୱାର ପିସିଆର ପୋଲିସ ପହଞ୍ଚି ସମ୍ପୃକ୍ତ ଯୁବକଙ୍କ ଥାନାକୁ ନେଇ ପଚରାଉଚରା ଜାରିରଖିଛି।

## ୧୩ରୁ କଳା ବିକାଶ କେନ୍ଦ୍ର ମହୋତ୍ସବ

କଟକ,୭।୩(କୁମାରଶ୍ରୀ)

ଚଳିତବର୍ଷ ୪ର୍ଥ କଟକ କଳା ବିକାଶ କେନ୍ଦ୍ର ମହୋତ୍ସବ ଆୟୋଜନ ହେବ। କଳା ବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ଆସନ୍ତା ୧୩ରୁ ୧୫ ତାରିଖ ୩ ଦିନ ଧରି ହେବାକୁ ଥିବା ଏହି ମହୋତ୍ସବରେ ଦେଶର ବିଭିନ୍ନ ପ୍ରାନ୍ତର କଳାକାରଙ୍କ ସମେତ ୧୫ଜଣ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରର କଳାକାର ଯୋଗଦେବେ। ଏହି ଉତ୍ସବରେ ପଦ୍ମଶ୍ରୀ ତରୁଣ ଭଟ୍ଟାଚାର୍ଯ୍ୟ, ପଦ୍ମଶ୍ରୀ ନଳିନୀ-କମଳିନୀ ପ୍ରଭୃତି ବିଶିଷ୍ଟ କଳାକାରମାନେ ଯୋଗଦେବେ ବୋଲି ଶନିବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସୂଚନା ଦିଆଯାଇଛି। ସମ୍ମିଳନୀରେ କଳା ବିକାଶ କେନ୍ଦ୍ରର ମ୍ୟାନେଜିଂ ଟ୍ରଷ୍ଟି ରବୀନ୍ଦ୍ରନାଥ ମହାନ୍ତି, ସଭାପତି ଡଃ ବିଜୟାନନ୍ଦ ସିଂହ, ସାଧାରଣ ସମ୍ପାଦକ ବିକାଶ ଚନ୍ଦ୍ର ଦାଶ, ଗୌର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଏ ମହେଶ୍ୱର ରାଓ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମର ବିବରଣୀ ପ୍ରଦାନ କରିଥିଲେ।

## ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଦେବଙ୍କ ଝୁଲଣ ଯାତ୍ରା

ବ୍ରାହ୍ମଣଝରିଲୋ, ୭।୩

କଟକ ସଦର ଥାନା ଅନ୍ତର୍ଗତ ଖଣ୍ଡାଗର ଓ ମହୀଧରପଡ଼ା ଅଞ୍ଚଳର ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଦେବଙ୍କ ଝୁଲଣ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ପରମ୍ପରା ଅନୁସାରେ ଖଣ୍ଡାଗର ଗ୍ରାମର ତ୍ରିନାଥ ମନ୍ଦିର ସମ୍ମୁଖରେ ଶ୍ରୀଶ୍ରୀ ଲକ୍ଷ୍ମୀନାରାୟଣ ଦେବ, ରାଧାମାଧବ ଦେବ, ଗୋପୀନାଥ ଦେବ ଓ ଅରିଲୋ ଗ୍ରାମର ଯୁଗଳ କିଶୋର ଦେବଙ୍କ ସମେତ ବିଭିନ୍ନ ଦେବଦେବୀଙ୍କ ଦୋଳ ଏକାତ୍ରିତ ହୋଇଥିଲା। ପରେ ପଙ୍କ୍ତିଭୋଗ ସେବନ ପରେ ସମସ୍ତ ଦେବଦେବୀଙ୍କ ଦୋଳ ଖଣ୍ଡାଗର ଗ୍ରାମ ପରିକ୍ରମା କରିଥିଲେ। ଶେଷରେ ନୃସିଂହ ମହାନ୍ତିଙ୍କ ଦାଣ୍ଡରେ ସମସ୍ତ ଦୋଳ ଭୋଗ ଗ୍ରହଣ କରିଥିଲେ। ଏହାପରେ ବିରାଟ ରୋଷଣୀ ଓ ଭକ୍ତମଣ୍ଡଳୀଙ୍କ ଉଲ୍ଲାସ ମଧ୍ୟରେ ଦେବଦେବୀଙ୍କ ଦୋଳ ମହିଧରପଡା ଗ୍ରାମରେ ପହଞ୍ଚିଥିଲେ। ପାରମ୍ପରିକ ଭାବେ ଭୋଗ ସେବନ ପରେ ଦେବଦେବୀମାନେ ନିଜ ଆସ୍ଥାନକୁ ବାହୁଡ଼ିଥିଲେ।

# ପ୍ରତିଭାବାନ ମହିଳାଙ୍କୁ ସମ୍ମାନ ଜଣାଇଲା ସ୍ୱୟଂସିଦ୍ଧା



ଶହୀଦ ଭବନଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଜଣେ ସଫଳ ମହିଳାଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

କଟକ, ୭।୩(କାର୍ତ୍ତିକ ସାହୁ)

ଅନ୍ତର୍ଜାତୀୟ ମହିଳା ଦିବସ ଅବସରରେ ରେଜ୍ ଫାଉଣ୍ଡେଶନ୍‌ର ୫ମ ସ୍ୱୟଂସିଦ୍ଧା ସମ୍ମାନ-୨୦୨୬ ଶହୀଦ ଭବନଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ସାଧାରଣ ପରିବାର ଓ ପରିବେଶରୁ ଅସାଧାରଣ ସଫଳତା ଅର୍ଜନ କରିଥିବା ଆଦର୍ଶ ଓ ପ୍ରତିଭାବାନ ମହିଳାମାନଙ୍କୁ ସମ୍ମାନ ଜଣାଇବା ପାଇଁ ସମର୍ପିତ ଏହି ବିଶେଷ କାର୍ଯ୍ୟକ୍ରମ ସ୍ୱୟଂସିଦ୍ଧା। ମୁଖ୍ୟ ଅତିଥି ଭାବେ କଟକ ମହାନଗର ନିଗମର ମେୟର ସୁବାସ ଚନ୍ଦ୍ର ସିଂ କାର୍ଯ୍ୟକ୍ରମ ଉଦଘାଟନ କରି କହିଲେ, ମହିଳାମାନଙ୍କ ପ୍ରଗତିରେ ରାଷ୍ଟ୍ରର ପ୍ରଗତି। ସ୍ୱର୍ଗତ ଡ. ଶରତ କୁମାର ସାହୁଙ୍କ ସୁକନ୍ୟା ନିଜେ ଜଣେ ସ୍ୱୟଂସିଦ୍ଧା ଓ ଅନେକ ମହିଳାମାନଙ୍କ ପ୍ରେରଣାର ଉତ୍ସ। ତାଙ୍କର ପ୍ରୟାସ ନିଆରା ଓ ସ୍ୱାଗତ ଯୋଗ୍ୟ। ସମ୍ମାନିତ ଅତିଥି ଭାବେ ଡେପୁଟି ମେୟର ଦମୟନ୍ତୀ ମାଝୀ କହିଥିଲେ, ଆଜିର ନାରୀ ପୁରୁଷଙ୍କଠାରୁ ବେଶ୍ ଆଗରେ। ସମ୍ବର୍ଦ୍ଧିତ ପ୍ରତିଭାମାନେ ନିଜ ନିଜ ସ୍ଥାନରେ ବାସ୍ତବରେ ଦକ୍ଷ ଓ ପ୍ରତିଭାବାନ୍। ସମ୍ମାନିତ ଅତିଥି ଚିକିତ୍ସାବିତ୍ ପ୍ରଫେସର ଡାକ୍ତର ଅର୍ପିତା ପ୍ରିୟଦର୍ଶିନୀ କହିଲେ, ଅପୂର୍ବ ଶକ୍ତିର ପ୍ରତୀକ ନାରୀଟିଏ କିଛି ବି କରିପାରେ। ଏକବିଂଶ ଶତାବ୍ଦୀର ପ୍ରତ୍ୟେକ ନାରୀ ଜଣେ ଜଣେ ସ୍ୱୟଂସିଦ୍ଧା। ସମ୍ମାନିତ ଅତିଥି କଟକ ସହରାଞ୍ଚଳ ପୋଲିସ ଏସିପି ଅମିତାଭ ମହାପାତ୍ର କହିଲେ, ମୋ ମା' ଜଣେ ଆଦର୍ଶ ସ୍ୱୟଂସିଦ୍ଧା ଥିଲେ। ତାଙ୍କ ଆଦର୍ଶରେ ଆମେ ଆଜି ଏ ଜାଗାରେ। ଅନ୍ତର୍ଜାତୀୟ ଓଡ଼ିଶୀ ନୃତ୍ୟଶିଳ୍ପୀ ଓ ଗୁରୁ ଶାଶ୍ୱତ ଜୋଶୀ କହିଲେ, ଯେଉଁଠାରେ ନାରୀମାନଙ୍କୁ ପୂଜା କରାଯାଏ, ସେଠାରେ ଦେବତାମାନଙ୍କର ନିବାସ ଥାଏ। ରୁଚି ଫୁଡଲାଇନ୍‌ର ଅଧ୍ୟକ୍ଷା ସଙ୍ଗୀତା ସାହୁ ମଞ୍ଚାସୀନ ଥିଲେ। ରେଜ୍ ଫାଉଣ୍ଡେଶନର ପ୍ରତିଷ୍ଠାତା ରଶ୍ମି ସାହୁଙ୍କ ଅଧ୍ୟକ୍ଷତାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

## ଜିଲାପାଳଙ୍କୁ ଦାବିପତ୍ର ଦେଲେ ଆଉଟସୋର୍ସିଂ କର୍ମଚାରୀ

**କଟକ, ୭।୩(କାର୍ତ୍ତିକ ସାହୁ):** ଆଉଟ୍‌ସୋର୍ସିଂ କର୍ମଚାରୀମାନେ ଆସନ୍ତା ମାର୍ଚ୍ଚ ୧୦ରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱରର ଲୋୟର ପିଏମ୍‌ଜିରେ ଧାରଣା ଦେବେ। ଓଡ଼ିଶା ସରକାରୀ ଆଉଟ୍ ସୋର୍ସିଂ କର୍ମଚାରୀ ମହାସଂଘର ଡାକରାରେ କଟକ ଜିଲା ଆଉଟସୋର୍ସିଂ ସଂଘ ପକ୍ଷରୁ ଏନେଇ କଟକ ଜିଲାପାଳଙ୍କୁ ୩ଦଫା ଦାବିପତ୍ର ଶନିବାର ପ୍ରଦାନ କରାଯାଇଛି। ସଂଘର ୩ଦଫା ଦାବିଗୁଡିକ ପ୍ରଦାନ କରାଯାଉ ବୋଲି କଟକ ଜିଲା ସଂଘ ସଭାପତି ସାରଦା ପ୍ରସାଦ ଦାସ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ସଭାପତି ସାରଦା ପ୍ରସାଦ ଦାସ, ମହାସଚିବ ଅରୁଣ ସାମନ୍ତରାୟ, ସାଧାରଣ ସମ୍ପାଦକ ପ୍ରଦୀପ୍ତ ନାୟକ, କୋଷାଧ୍ୟକ୍ଷ ପ୍ରଶାନ୍ତ ମିଶ୍ର, ଯୁଗ୍ମ ସମ୍ପାଦକ ସୁଧାଂଶୁ ମହନ୍ତ ଓ ରଞ୍ଜନା ବେହେରା, ରାମେଶ୍ୱର ଦାସ ପ୍ରମୁଖ ନେତୃବୃନ୍ଦ ଉପସ୍ଥିତ ଥିଲେ।

## ଧାନ ବ୍ୟବସାୟୀଙ୍କ ଘରେ ଯୋଗାଣ ବିଭାଗର ଚଢ଼ାଉ

କଟକ ସଦର,୭।୩(ସୁଶାନ୍ତ କୁମାର ଜେନା)

କଟକ ସଦର ବ୍ଲକ ଅନ୍ତର୍ଗତ ଫକୀରପଡ଼ା ଓ ଦାମୋଦରପୁର ଗ୍ରାମରେ ୨ ବ୍ୟବସାୟୀଙ୍କ ଘରେ କଟକ ସଦର ଉପଖଣ୍ଡ ଯୋଗାଣ ବିଭାଗ ପକ୍ଷରୁ ଚଢାଉ କରାଯାଇଥିଲା। ଚଢାଉ ବେଳେ ୪୦୦ କୁଇଣ୍ଟାଲରୁ ଊର୍ଦ୍ଧ୍ୱ ଧାନ ମହଜୁଦ ରହିଥିବା ଦେଖାଯାଇଥିଲା। ପରେ ଫଟୋ ଉଠାଯାଇ ସେହି ଧାନକୁ ବିକ୍ରି ନ କରିବା ପାଇଁ ସମ୍ପୃକ୍ତ ବ୍ୟବସାୟୀଙ୍କୁ ତାଗିଦ କରାଯାଇଥିଲା। ସଦର ଉପଜିଲାପାଳ ଦିବ୍ୟଜ୍ୟୋତି ସ୍ମୃତିରଞ୍ଜନ ଦେଓଙ୍କ ନିର୍ଦ୍ଦେଶକ୍ରମେ ଚଢାଉ କରାଯାଇଥିଲା। ସମ୍ପୃକ୍ତ ବ୍ୟବସାୟୀଙ୍କ ଧାନ ବିକ୍ରି କୋଟା ସମ୍ପର୍କରେ କନ୍ଦରପୁର ସମବାୟ ସମିତି ରେକର୍ଡ ସହ ଜମିଜମା ପରିମାଣ ଉପରେ ଅଧିକ ଯାଞ୍ଚ ମଧ କରାଯିବ। କଣ୍ଟ୍ରୋଲ କାର୍ଡ କଟିଯିବା ଭୟରେ ଅନେକ ଲୋକ ଧାନ ମଣ୍ଡିରେ ନାମ ପଞ୍ଜୀକରଣ କରୁନାହାନ୍ତି। ଏହାର ସୁଯୋଗ ନେଇ କେତେଜଣ ଅନଲାଇନ ପଟ୍ଟା ବାହାର କରି ନିଜକୁ ଭାଗ ଚାଷୀଙ୍କ ପରିଚୟ ଦେଇ ବିଗତ ବର୍ଷରେ ଧାନ ବିକ୍ରି କରୁଥିବା ଜଣାପଡିଥିଲା। ଏ ବର୍ଷ ଅଭିଯୋଗ ହେବା ପରେ ଉପଜିଲାପାଳ ଚଢ଼ାଉ ପାଇଁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଆଉ କେତେଜଣ ବ୍ୟବସାୟୀଙ୍କ ଘରେ ମଧ ଚଢ଼ାଉ କରାଯାଇଥିଲା। ମାତ୍ର ସେମାନେ ଧାନ ମଣ୍ଡିରେ ବିକ୍ରି କରିଥିବାରୁ କୌଣସି ପଦକ୍ଷେପ ନିଆଯାଇପାରି ନ ଥିଲା। ଆଗାମୀ ଦିନରେ ଏଭଳି ଚଢ଼ାଉ ଜାରି ରହିବ ବୋଲି ସହକାରୀ ଯୋଗାଣ ଅଧିକାରୀ ପ୍ରଫୁଲ୍ଲ ଚନ୍ଦ୍ର ଦାସ ସୂଚନା ଦେଇଛନ୍ତି।

# ଦିପୋଟି ମେଳଣ ଉଦ୍‌ଯାପିତ

ନିଆଳି, ୭।୩ (ସୁକାନ୍ତ କୁମାର ସିଂହ)

ନିଆଳି ବ୍ଲକ ଅନ୍ତର୍ଗତ ଦେବୀ କନ୍ଦଳ ଦ୍ୱିପାଞ୍ଚଳ କସର୍ଦା ଐତିହାସିକ ପ୍ରସିଦ୍ଧ ଦିପୋଟି ମେଳଣ ଶୁକ୍ରବାର ରାତି ୧୦ଟାରୁ ଆରମ୍ଭ ହୋଇଥିବା ବେଳେ ଶନିବାର ସନ୍ଧ୍ୟାରେ ଶେଷ ହୋଇଥିଲା। ଦୋଳ କମିଟି ସଭାପତି ଶଶିଶେଖର ଚୌଧୁରୀଙ୍କ ସହଯୋଗରେ ଦୋଳ ବିମାନଗୁଡିକରେ ପୂଜାବିଧି ଅନୁଷ୍ଠିତ ହୋଇଥିଲା। ନିଆଳି ବିଧାୟକ ଛବି ମଲ୍ଲିକ, ପୂର୍ବତନ ବିଧାୟକ ଡାକ୍ତର ପ୍ରମୋଦ କୁମାର ମଲ୍ଲିକ, ପୂର୍ବତନ ବିଧାୟକ ରବି ମଲ୍ଲିକ, ବ୍ଲକ ଅଧ୍ୟକ୍ଷ ଉମେଶ ଚନ୍ଦ୍ର ବେହେରା, ଜିଲା ପରିଷଦ ସଭ୍ୟ ସୌଦାମିନି ମହାପାତ୍ର, ଏମ୍‌ପିଙ୍କ ପ୍ରତିନିଧି ଜ୍ୟୋତିରଞ୍ଜନ ମହାନ୍ତି, ଭାଜପା ନେତା ଶଶିକାନ୍ତ ଲେଙ୍କା, କୃଷିବିତ୍ ପ୍ରମୋଦ କୁମାର ମଲ୍ଲିକଙ୍କ ସମେତ ବିଭିନ୍ନ ରାଜନୈତିକ ଦଳର କର୍ମକର୍ତ୍ତା ଠାକୁରଙ୍କୁ ଦର୍ଶନ କରିଥିଲେ। ସଦର ଏସ୍‌ଡିପିଓ ବିଜୟ କୁମାର ମଲ୍ଲିକ, ନିଆଳି ଥାନା ଆଇଆଇସି ରାଜେନ୍ଦ୍ର ମହାପାତ୍ର ପ୍ରମୁଖ ଉପସ୍ଥିତ ରହିବା ସହିତ ୩ ପ୍ଲାଟୁନ୍ ପୋଲିସ ଫୋର୍ସ ମୁତୟନ ହୋଇଥିଲେ।

# ନୂତନ ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପଣ

ବ୍ରାହ୍ମଣଝରିଲୋ,୭।୩

ବାରଙ୍ଗ ବ୍ଲକ ଅନ୍ତର୍ଗତ ମହୀଧରପଡ଼ାରେ ନୂତନ ଗୋଷ୍ଠୀ ଜନସ୍ୱାସ୍ଥ୍ୟ କେନ୍ଦ୍ରର ନୂତନ ଭବନ ଶନିବାର ଉଦ୍‌ଘାଟିତ ହୋଇଯାଇଛି। ଉଦ୍‌ଘାଟନୀ ଅବସରରେ ମୁଖ୍ୟ ଅତିଥି ଭାବେ ଜଗତ୍‌ସିଂହପୁର ଏମ୍‌ପି ବିଭୁପ୍ରସାଦ ତରାଇ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ନିଆଳି ବିଧାୟକ ଛବି ମଲ୍ଲିକ ଏବଂ କଟକ ଜିଲାପାଳ ଦତ୍ତାତ୍ରୟ ଭାଉସାହେବ ଶିନ୍ଦେ ପ୍ରମୁଖ ଉପସ୍ଥିତ ଥିଲେ। ଏହା ଅଞ୍ଚଳର ସ୍ୱାସ୍ଥ୍ୟସେବାକୁ ଆହୁରି ସୁଦୃଢ଼ କରିବ ବୋଲି ଅତିଥିମାନେ ଆଶାବ୍ୟକ୍ତ କରିଥିଲେ। ନୂତନ ଭବନର ତଳ ମହଲାରେ ଏନ୍‌ଆର୍‌ଏଚ୍‌ଏମ୍ କର୍ମଚାରୀଙ୍କ କାର୍ଯ୍ୟାଳୟ ଚାଲୁ କରାଯାଇଥିବା ଅତିଥିମାନେ କହିଥିଲେ। ଏହି ସମୟରେ ସ୍ଥାନୀୟ ଜନସାଧାରଣ ଡାକ୍ତରଖାନାରେ ଆବଶ୍ୟକ ଅନୁସାରେ ଡାକ୍ତର ନ ଥିବା ସହିତ ଦୀର୍ଘ ଦୁଇ ବର୍ଷ ଧରି ଗାଏନିକ ଡାକ୍ତରଙ୍କ ଅଭାବ ଥିବା ନେଇ ପ୍ରଶ୍ନ ଉଠାଇଥିଲେ। ଖାଲି ପଦବୀଗୁଡ଼ିକୁ ଶୀଘ୍ର ପୂରଣ କରିବା ସହ ସ୍ତ୍ରୀ ଓ ପ୍ରସୂତି ବିଭାଗ ଡାକ୍ତରଙ୍କ ନିଯୁକ୍ତି ପାଇଁ ସରକାରୀସ୍ତରରେ ଶୀଘ୍ର ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏମ୍‌ପି ଓ ବିଧାୟକ କହିଥିଲେ। ଉଦ୍‌ଘାଟନୀ ଉତ୍ସବରେ କଟକ ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ ଡାକ୍ତର ପ୍ରଶାନ୍ତ କୁମାର ହୋତା, ଅତିରିକ୍ତ ଜିଲାପାଳ ଈପ୍ସିତା ମିଶ୍ର, ବାରଙ୍ଗ ବିଡିଓ ସ୍ୱାଗତ ଦାସ, ଏନ.ଆର.ଏଚ.ଏମର ଉଦୟଶ୍ରୀ ମହାପାତ୍ର, ମହୀଧରପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡା. ସୁବାସ ଚନ୍ଦ୍ର ଗୋଚ୍ଛାୟତଙ୍କ ସହ ସମସ୍ତ ଡାକ୍ତର ଓ କର୍ମଚାରୀମାନେ ଉଦ୍‌ଘାଟନୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହା ସହିତ ଧୀରେନ୍ଦ୍ର ବାରିକ, ପ୍ରଶାନ୍ତ କୁମାର ଦାଶ, ଆଲୋକ ଗଜେନ୍ଦ୍ର, ବନ୍ଧୁଚରଣ ସାହୁ, ସୁରେଶ କୁମାର ରଥ, ଦିଲୀପ କୁମାର ପାତ୍ର, ସୁଜାତା ମହାନ୍ତିଙ୍କ ସହ ଅଞ୍ଚଳର ବହୁ ବ୍ୟକ୍ତି ଓ ଯୁବକମାନେ ଯୋଗଦେଇଥିଲେ।



ସ୍ୱାସ୍ଥ୍ୟକେନ୍ଦ୍ର ଲୋକାର୍ପଣ ଉତ୍ସବରେ ଉପସ୍ଥିତ ଅତିଥି।

# 'ଚାକିରି ଆଶାୟୀ ନ ହୋଇ ନିଯୁକ୍ତିଦାତା ହୁଅ'

କଟକ, ୭।୩(କାର୍ତ୍ତିକ ସାହୁ)



ଅତିଥିଙ୍କ ଦ୍ୱାରା ବାର୍ଷିକ ମୁଖପତ୍ର 'ଟେକ୍ନୋପଲ୍ସ' ଉନ୍ମୋଚନ କରାଯାଉଛି।

**ଡ୍ରିମ୍‌ସ ପଲିଟେକ୍‌ନିକ୍‌ର ବାର୍ଷିକ ଉତ୍ସବ 'ଚଳନ୍ତିକା-୨୦୨୬'**

ଡ୍ରିମ୍‌ସ ପଲିଟେକ୍‌ନିକ୍ (ସ୍ୱୟଂଶାସିତ)ର ବାର୍ଷିକ ଉତ୍ସବ 'ଚଳନ୍ତିକା-୨୦୨୬' ଶନିବାର ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗ ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଯୋଗଦେଇ କହିଲେ, ଯୁବଛାତ୍ର ହେଉଛନ୍ତି ଟେକ୍ନୋଲୋଜି ଦୁନିଆର ଜଣେ ଜଣେ ଯୋଦ୍ଧା। ସମୟର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଆତ୍ମବିଶ୍ୱାସ ସହ ନିଜକୁ ପ୍ରସ୍ତୁତ କରିବା ଓ ଦକ୍ଷତାର ଠିକ୍ ଉପଯୋଗ କରି ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିବାର ଆବଶ୍ୟକତା ରହିଛି। ଜ୍ଞାନଭିତ୍ତିକ ଦକ୍ଷତା ବୃଦ୍ଧି ଦ୍ୱାରା ଯୁବକମାନଙ୍କୁ ସଶକ୍ତ ଓ ଆତ୍ମନିର୍ଭରଶୀଳ କରିବା ଏବଂ ବୈଷୟିକ ଶିକ୍ଷାକ୍ଷେତ୍ରରେ ଆଗକୁ ବଢ଼ିବା ପାଇଁ ସରକାର ବିଭିନ୍ନ ଯୋଜନା କାର୍ଯ୍ୟକାରୀ କରୁଛନ୍ତି। ଏଥିପାଇଁ ରାଜ୍ୟର ଡିପ୍ଲୋମା ଓ ଆଇଟିଆଇ ଶିକ୍ଷାନୁଷ୍ଠାନଗୁଡ଼ିକର ଆଧୁନିକୀକରଣ ଲାଗି ପଦକ୍ଷେପ ନିଆଯାଉଛି। ସରକାର ପ୍ରତ୍ୟେକ ଆଇଟିଆଇ ପିଚ୍ଛା କୋଟିଏ ଟଙ୍କାର ଅନୁଦାନ ବ୍ୟବସ୍ଥା କରିଛନ୍ତି। ଯୋଜନାର ଠିକ୍ ଉପଯୋଗ ଦ୍ୱାରା ଛାତ୍ରୀଛାତ୍ରମାନେ ଚାକିରି ଆଶାୟୀ ନ ହୋଇ ନିଜେ ନିଯୁକ୍ତିଦାତା ସାଜ ବୋଲି ମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମ୍ମାନିତ ଅତିଥି ଅଭିନେତା ଅରିନ୍ଦମ୍ ରାୟ ଯୁବ ଛାତ୍ରମାନେ ସମାଜ ପ୍ରତି ନିଜର କର୍ତ୍ତବ୍ୟବୋଧ ସମ୍ପର୍କରେ ସଚେତନ ହେବାକୁ ପରାମର୍ଶ ଦେଇଥିଲେ। ଡ୍ରିମ୍‌ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧ୍ୟକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥ ପୌରୋହିତ୍ୟ କରି ଶିକ୍ଷାନୁଷ୍ଠାନର ଅଗ୍ରଗତି ଓ ସଫଳତା ପାଇବା କ୍ଷେତ୍ରରେ ସରକାରଙ୍କ ବୈଷୟିକ ଶିକ୍ଷା ବିଭାଗର ସହଯୋଗ ଓ ସଦିଚ୍ଛା ନିମନ୍ତେ ବିଭାଗୀୟ ମନ୍ତ୍ରୀଙ୍କୁ କୃତଜ୍ଞତା ଜ୍ଞାପନ କରିଥିଲେ। ଶିକ୍ଷାନୁଷ୍ଠାନର ଏକାଡେମିକ୍ ନିର୍ଦ୍ଦେଶକ ଇଂ. ପ୍ରଦୀପ୍ତ ରଞ୍ଜନ ମହାନ୍ତି ଡ୍ରିମ୍‌ସ ପଲିଟେକ୍‌ନିକ୍ ଆଜି ରାଜ୍ୟର ଅଗ୍ରଣୀ ବୈଷୟିକ ଶିକ୍ଷାନୁଷ୍ଠାନ ଭାବରେ ନିଜର ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରିଛି ବୋଲି କହିଥିଲେ। ଅଧ୍ୟକ୍ଷା ଡ. ତପସ୍ୱିନୀ ସାହୁ ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ବାର୍ଷିକ ମୁଖପତ୍ର 'ଟେକ୍ନୋପଲ୍ସ' ଉନ୍ମୋଚନ ସହ ବିଭିନ୍ନ କ୍ଷେତ୍ରରେ କୃତୀ ଛାତ୍ରୀଛାତ୍ରଙ୍କୁ ଟ୍ରଫି ଓ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। ଅଧ୍ୟାପକ ଦେବବ୍ରତ ପତି ଓ ଅଧ୍ୟାପିକା ସୌମ୍ୟା ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା ଓ ଅଧ୍ୟାପିକା ଦିପ୍ତୀମୟୀ ଦାସ ଧନ୍ୟବାଦ ଦେଇଥିଲେ। ସହ ଅଧ୍ୟକ୍ଷ ଇଂ ଦୁର୍ଗା ପ୍ରସାଦ ରଥ, ପ୍ରଶାସନିକ ନିର୍ଦ୍ଦେଶକ ବଳରାମ କର, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ନିର୍ଦ୍ଦେଶିକା ଚିନ୍ମୟୀ ରଥ, ଉପଦେଷ୍ଟା ପ୍ରଫେସର ସୁଶାନ୍ତ ଦାସ, କ୍ରୀଡ଼ା ନିର୍ଦ୍ଦେଶକ ନବକିଶୋର ମିଶ୍ର, ନିର୍ଦ୍ଦେଶକ ଲୋକନାଥ ବେହେରା, ଭାଜପା ନେତା ଚୌଧୁରୀ ହେମନ୍ତ କୁମାର ସାହୁ, ଅମିତା ସାହାଣୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀଙ୍କ ସମେତ ବିଭିନ୍ନ ପଦାଧିକାରୀ ଓ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ଥିଲେ। ମନ୍ତ୍ରୀ ସ୍ୱାଇଁ ଓ ଅଭିନେତା ରାୟ ବିଶ୍ୱବିଦ୍ୟାଳୟ ପରିସରରେ ସ୍ଥାପିତ ଦେଶର ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାସୁମନ ଅର୍ପଣ କରିବା ସହ ବିଭିନ୍ନ ବିଭାଗ ବୁଲି ଦେଖିଥିଲେ।

# ମହିଳା ହେଉଛନ୍ତି ଶକ୍ତି, ସଫଳତାର ପରିଚୟ



କାର୍ଯ୍ୟକ୍ରମରେ ମିଶନ ଶକ୍ତି ବିଭାଗର କମିଶନର ମାନସୀ ନିମ୍ଭାଲଙ୍କ ସମେତ ଅନ୍ୟମାନେ ।

## ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ ଉଦ୍‌ଘାଟିତ

କୋଣାର୍କ,୭।୩ (ଜ୍ୟୋତିରାଜ ମହାନ୍ତି)

ଅନ୍ତର୍ଜାତୀୟ ମହିଳା ଦିବସର ଅବ୍ୟବହିତ ପୂର୍ବରୁ ଶନିବାର ମିଶନ ଶକ୍ତି ବିଭାଗ ପକ୍ଷରୁ କୋଣାର୍କଠାରେ ୬ଦିନିଆ ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ ଆରମ୍ଭ ହୋଇଛି। ମିଶନ ଶକ୍ତି ବିଭାଗର କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରି କହିଛନ୍ତି, ମହିଳାମାନେ ହେଉଛନ୍ତି ଶକ୍ତି, ସହନଶୀଳତା ଏବଂ ସଫଳତାର ଏକ ପରିଚୟ। ମିଶନ ଶକ୍ତି ହେଉଛି ମହିଳା ସଶକ୍ତୀକରଣର ଏକ ସଫଳ ମଡେଲ ଭାବେ ସାରା ଦେଶରେ ପରିଚିତ। 'ସୁଭଦ୍ରା ଶକ୍ତି ନେତୃତ୍ୱ ସମ୍ମିଳନୀ' ସେହି ମହିଳା ନେତୃତ୍ୱକୁ ଆହୁରି ସୁଦୃଢ଼ କରିବା ସହ ସେମାନଙ୍କ ମଧ୍ୟରେ ନୂତନ ଉଦ୍ୟୋଗ ଓ ନେତୃତ୍ୱ ସୃଷ୍ଟି କରିବ ବୋଲି ସେ କହିଛନ୍ତି।

ଏସ୍‌ଏଚ୍‌ଜି ମହିଳାଙ୍କୁ ଉଦ୍ୟୋଗୀ କରିବା ପାଇଁ ଜାଭିୟର୍ସ ଇନ୍‌ଷ୍ଟିଚ୍ୟୁଟ ଅଫ ମ୍ୟାନେଜମେଣ୍ଟର ଅଭିଜ୍ଞ ତାଲିମଦାତାମାନେ ମହିଳାଙ୍କୁ ଦକ୍ଷତା ବିକାଶ, ଷ୍ଟାର୍ଟ-ଅପ୍ ସୁଯୋଗ, ଡିଜିଟାଲ ଏବଂ ଆର୍ଥିକ ସାକ୍ଷରତା ଭଳି ବିଭିନ୍ନ ବିଷୟରେ ଆଲୋଚନା କରୁଛନ୍ତି। ଏହାସହ ଆଗାମୀ ଦିନରେ ଅଧିକରୁ ଅଧିକ ଲକ୍ଷପତି ଓ ମହାଲକ୍ଷପତି ଦିଦି ସୃଷ୍ଟି କରିବା ଦିଗରେ ନୂତନ ଉଦ୍ୟୋଗ ସୃଷ୍ଟି କରି ଆର୍ଥିକ ରୂପେ ସ୍ୱାବଲମ୍ବୀ ହେବା ପାଇଁ ଉତ୍ସାହିତ କରୁଛନ୍ତି। ଏହି ସମ୍ମିଳନୀରେ ମିଶନ ଶକ୍ତି ବିଭାଗର ଅତିରିକ୍ତ ଶାସନ ସଚିବ, ଉପସଚିବ ଓ ଅନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ଏଥିରେ ୩୦ ଜିଲାରୁ ୭୦୦ ଜଣ ମିଶନ ଶକ୍ତି ବ୍ଲକସ୍ତରୀୟ ସଂଘ ସଭାପତି ଓ ସେକ୍ରେଟାରୀ ଏବଂ ଜିଲା ଓ ବ୍ଲକସ୍ତରୀୟ କର୍ମଚାରୀ ଯୋଗଦେବାର କାର୍ଯ୍ୟକ୍ରମ ରହିଥିବାବେଳେ ପ୍ରଥମ ଦିନରେ ଖୋର୍ଦ୍ଧା, କଟକ, ଜଗତ୍‌ସିଂହପୁର ଏବଂ ନୟାଗଡ଼ ଜିଲା ମହାସଂଘର ୯୦ଜଣ ସଭାପତି ଏବଂ ସମ୍ପାଦକ ସାମିଲ ହୋଇଛନ୍ତି।

## ଟୁଟୁଙ୍କ ଚିକିତ୍ସାରେ ଅର୍ଥ ବାଧକ

କୋଣାର୍କ,୭।୩(ଜ୍ୟୋତିରାଜ ମହାନ୍ତି)

ରାମଚଣ୍ଡୀ ଥାନା ଅଧୀନ ବନ୍ଧୁଳି ପଞ୍ଚାୟତ ତରଣ ଗ୍ରାମର ଟୁଟୁ ନାୟକ ଦୁଇଟି ଯାକ କିଡ୍‌ନୀ ହରାଇଥିବା ବେଳେ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଛି। ସେରକାରୀ ସହାୟତା ପ୍ରଦାନ ପାଇଁ ତାଙ୍କ ପରିବାରବର୍ଗଙ୍କ ପକ୍ଷରୁ ନିବେଦନ କରାଯାଇଛି। ଗରିବ ଟୁଟୁ ଦୀର୍ଘ ୭ମାସ ଧରି କିଡ୍‌ନୀ ହରାଇଥିବାବେଳେ ଆର୍ଥିକ ଅନଟନ ଯୋଗୁ ଦୁଃଖରେ ଭାଙ୍ଗିପଡ଼ିଛନ୍ତି। ୧୭ବର୍ଷ ବୟସରେ ଟୁଟୁ ବଡ଼ ଭାଇ ଓ ୬ବର୍ଷ ତଳେ ବାପାଙ୍କୁ ହରାଇଥିଲେ। ବୃଦ୍ଧ ମାଆଙ୍କ ସାହାରା ଥିଲେ ଟୁଟୁ । ଘରର ରୋଜଗାରିଆ ପୁଅ ରୋଗ ଶଯ୍ୟାରେ ପଡିଥିବା ବେଳେ ଦୁଃଖରେ ଭାଙ୍ଗି ପଡିଛନ୍ତି ମା' ମନୋରମା। ଉକ୍ତ ପରିବାର ରାଶନ କାର୍ଡ ଛଡା ଅନ୍ୟ କୌଣସି ସରକାରୀ ଯୋଜନାରେ ସାମିଲ ହୋଇପାରିନାହାଁନ୍ତି। ଟୁଟୁଙ୍କ ଚିକିତ୍ସା ପାଇଁ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ପୁରୀ ଜିଲାପାଳ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ମନୋରମା ଆକୁଳ ନିବେଦନ କରିଛନ୍ତି।

## ପୋଖରୀରେ ବିଷ ପକାଇ ମାଛ ମଡ଼କ

କଣାସ,୭।୩(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ଥାନା ଅଧୀନ ତ୍ରିଲୋଚନପୁର ପଞ୍ଚାୟତ ଗାଉପଡ଼ା ଗ୍ରାମର ନୀଳିମା ସାମନ୍ତରାୟଙ୍କ ପୋଖରୀରେ କୌଣସି ବ୍ୟକ୍ତି ବିଷ ପକାଇଦେବାରୁ ମାଛ ମରି ଭାସୁଛନ୍ତି। ଏନେଇ ନୀଳିମା ଥାନାରେ ଅଭିଯୋଗ କରିବା ପରେ ପୋଲିସ ପହଞ୍ଚି ତଦନ୍ତ କରିଛି।

## ଇଟାଲିରେ ଭାରତ ପାଇଁ ଗୌରବ ଆଣିଛନ୍ତି ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ


ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକଙ୍କ ବାଲି ଓ ପେଣ୍ଟିଂର ମିଶ୍ରଣରେ ପ୍ରସ୍ତୁତ ଚିତ୍ରକଳା ।

ପୁରୀ, ୭।୩(ଅଜିତ୍ କୁମାର ମହାନ୍ତି)

ଅନ୍ତର୍ଜାତୀୟ ବାଲୁକାଶିଳ୍ପୀ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ଇଟାଲିର ଭେନିସଠାରେ ଆୟୋଜିତ ବିଶ୍ୱସ୍ତରୀୟ ଚିତ୍ରକଳା କଣ୍ଟେମ୍ପୋରାରି ଭେନିସ୍ ୨୦୨୬ର ୧୮ତମ ସଂସ୍କରଣରେ ଭାରତ ପକ୍ଷରୁ ପ୍ରତିନିଧିତ୍ୱ କରି ଦେଶ ପାଇଁ ଗୌରବ ଆଣିଛନ୍ତି। ଲୁକା କର୍ସିଙ୍କ ଦ୍ୱାରା ସଂଯୋଜିତ ଏହି ପ୍ରଦର୍ଶନୀରେ ୩୦ରୁ ଅଧିକ ଦେଶର ପ୍ରାୟ ୮୦ କଳାକାର ଯୋଗଦାନ କରିଛନ୍ତି। ସାରା ବିଶ୍ୱରୁ ଆସି ଅଂଶଗ୍ରହଣ କରିଥିବା କଳାକାରଙ୍କ ମଧ୍ୟରେ ସୁଦର୍ଶନ ଅନ୍ୟତମ କଳାକାର ଭାବେ ଭାରତ ପକ୍ଷରୁ ଯୋଗଦାନ କରିଛନ୍ତି। ବାଲି ଓ ପେଣ୍ଟିଂର ମିଶ୍ରଣରେ ସୁଦର୍ଶନ ପ୍ରସ୍ତୁତ କରିଥିବା ଚିତ୍ରକଳା ସ୍ଥାନିତ ହୋଇଥିବା ବେଳେ ଏହା ସେଠାରେ ବେଶ୍ ପ୍ରଶଂସା ସାଉଣ୍ଟିଛି। ପ୍ରଥମଥର ପାଇଁ ତାଙ୍କର 'ଯୁଗଳବନ୍ଦୀ' ଚିତ୍ରମାଳା ରଙ୍ଗ ଓ ବାଲୁକାର ଏକ ବିଶିଷ୍ଟ ସମ୍ମିଶ୍ରଣର କଳାକୃତି ୨୦୨୬ରେ ପ୍ରଦର୍ଶିତ ହୋଇଛି। ଏହି ସୁନ୍ଦର କଳାକୁ ଦେଖି ସମସ୍ତେ ବିମୋହିତ ହୋଇଥିବା ବେଳେ ଆନନ୍ଦିତ ମଧ୍ୟ ହୋଇଛନ୍ତି। ଭାରତରୁ ଏକମାତ୍ର କଳାକାର ଭାବେ ସୁଦର୍ଶନ ଭେନିସଠାରେ ଯୋଗଦାନ କରି ନିଜକୁ ଗର୍ବିତ ମନେକରିଥିବା ପ୍ରକାଶ କରିଛନ୍ତି। ପ୍ରଦର୍ଶନୀଟି ଆଇଟିଏସ୍ ଲିକ୍ୟୁଇଡ୍ ଗ୍ରୁପ୍ ଦ୍ୱାରା ଏସିଆଇ ଭେନେସି-ଇଟାଲୀ-ଜର୍ମାନ ସାଂସ୍କୃତିକ ସଂଗଠନ ସହଯୋଗରେ ଆୟୋଜିତ ହେଉଛି। ଏହି କାର୍ଯ୍ୟକ୍ରମ ମାର୍ଚ୍ଚ ୬ରୁ ଆରମ୍ଭ ହୋଇ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ନୂତନ କୃତିମାଳାରେ ପଟ୍ଟନାୟକ ପ୍ରାକୃତିକ ବାଲୁକା ସହ ମିକ୍ସଡ୍ ମିଡିଆ ରଙ୍ଗକୁ ମିଶାଇ କାନଭାସ୍‌ରେ ଅନନ୍ୟ ଚିତ୍ର ସୃଷ୍ଟି କରିଛନ୍ତି। ତାଙ୍କ ଚିତ୍ରକଳାର ମୂଳ ବିଷୟ ହେଉଛି ପ୍ରକୃତି, ସମନ୍ୱୟ ଓ ପରିବେଶ ସୁରକ୍ଷା ବାର୍ତ୍ତା ପ୍ରଦାନ। ବାଲୁକାଶିଳ୍ପୀ ପଟ୍ଟନାୟକଙ୍କ କଳାକୃତି ପ୍ରଦର୍ଶନୀଗୁଡ଼ିକୁ ପରିଦର୍ଶକ, କଳାପ୍ରେମୀ ଏବଂ ସାଥୀ କଳାକାରମାନଙ୍କ ପକ୍ଷରୁ ପ୍ରଶଂସା ମିଳିଛି।

# ହରିହର ଭେଟରେ ସରିଲା ଡେଲାଙ୍ଗ ମେଳଣ

ଡେଲାଙ୍ଗ,୭।୩(ରଶ୍ମିରଞ୍ଜନ ପ୍ରଧାନ)



ଡେଲାଙ୍ଗ ଅଞ୍ଚଳର ପ୍ରଥମ ମେଳନ ଭାବେ ପରିଚିତ ଡେଲାଙ୍ଗ ମେଳଣ। ହୋଲିପର୍ବର ମଧ୍ୟରାତ୍ରରେ ଜମାଣ ଉତ୍ସବ ମହାଆଡମ୍ବରରେ ଅନୁଷ୍ଠିତ ହୋଇଥିଲା। ଥାନାପତି ତଥା ପୁରୁଣା ଡେଲାଙ୍ଗ ଗ୍ରାମର ନୀଳକଣ୍ଠେଶ୍ୱର ଦେବଙ୍କ ସୁସଜ୍ଜିତ ବିମାନ ସହିତ କାଲୁପଡ଼ାର ଶ୍ରୀପାହାଡ଼ ବିଶ୍ୱନାଥ ଦେବ, ଜଗଦଳପୁର ଗ୍ରାମର ତଳବିଶ୍ୱନାଥ ଦେବ, ଚାଇଁପୁରର ଓଗରନାଥ ଦେବ, ବଳରାମେଶ୍ୱର ଦେବ, ସାତ୍ୱିକପୁରର ବାଙ୍କନାଥ ଦେବ, ପଟଣପୁରର ରାଧାମୋହନ ଦେବ, ଗୋପୀନାଥ ଦେବ, ହାଟଡେଲାଙ୍ଗ ଲକ୍ଷ୍ମୀନାରାୟଣ ଦେବ, ବାଲୁଙ୍କେଶ୍ୱର ଦେବ, ପତିତପାବନ ଦେବ, ଖେଲାଉର ଖେଲେଶ୍ୱର ଦେବ, ଗୁଆଚଉକାର ତୃତୀୟା ଦେବ, ମୁନିନ୍ଦା ବାଲୁଙ୍କେଶ୍ୱର ଦେବ, ପଥରଡିହି ରାଧାକୃଷ୍ଣ ଦେବ, ଆଙ୍କୋଇ ବାଲୁଙ୍କେଶ୍ୱର ଦେବ, ବଡ଼ଆଙ୍କୁଲା ବାଣେଶ୍ୱର ଦେବ ପ୍ରଭୃତି ଦୋଳବିମାନରେ ଚଳନ୍ତି ପ୍ରତିମା ସହିତ ୩୮ଟି ଦୋଳ ବିମାନ ମେଳଣ ପଡ଼ିଆରେ ଖୁଣ୍ଟିଲାଗି ହୋଇଥିଲେ। ଶନିବାର ସନ୍ଧ୍ୟାରେ ହରିହର ଭେଟ, ଠାକୁର ମେଳଣ ଓ ଫଗୁଖେଳରେ ମେଳଣ ଉଦ୍‌ଯାପିତ ହୋଇଯାଇଛି।

ଏହିଅବସରରେ ବିଭିନ୍ନ ପ୍ରକାରର ଆତସବାଜି ପ୍ରଦର୍ଶନ କରାଯାଇଥିଲା। ମେଳଣ କମିଟି ସଭାପତି ପ୍ରଫୁଲ୍ଲ ଖଟେଇ, ସମ୍ପାଦକ ସୁରେନ୍ଦ୍ର ସାହୁ, ସ୍ଥାନୀୟ ସରପଞ୍ଚ ଦୀପକ ସାହୁ, ବସନ୍ତ ବେହେରା, ନିର୍ମଳ ପରିଡ଼ା, ଲକ୍ଷ୍ମୀଧର ମହାରଣା, କୈଳାସ ଚନ୍ଦ୍ର ମହାରଣା, ସୂର୍ଯ୍ୟନାରାୟଣ ସାମନ୍ତରାୟ, ପ୍ରସନ୍ନ ସାହୁ, ଲୋକନାଥ ବେହେରା, ଆର୍ତ୍ତତ୍ରାଣ ସାହୁ, ବିଚିତ୍ର ଭୂଷଣ ମହାପାତ୍ର ପ୍ରମୁଖ ମେଳଣ ଉତ୍ସବ ପରିଚାଳନାରେ ସହଯୋଗ କରିଥିଲେ।


No.9001/25/2526

**ଓଡ଼ିଶା ସରକାର**
**ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ**
**ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ପ୍ରକୋଷ୍ଠ**
***********
**ଜନସାଧାରଣଙ୍କ ନିମନ୍ତେ ବିଶେଷ ସୂଚନା**

ଏତଦ୍ୱାରା ରାଜ୍ୟର ସମସ୍ତ ଜନସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ସପ୍ତଦଶ ବିଧାନସଭାର ଷଷ୍ଠ ଅଧିବେଶନ ବଳବତ୍ତର ଥିବା ହେତୁ ଆସନ୍ତା ସୋମବାର, ଇଂରାଜୀ ତା.୦୯.୦୩.2026ରିଖ ଦିନ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣି ବନ୍ଦ ରହିବ। ପରବର୍ତ୍ତୀ ଅଭିଯୋଗ ଶୁଣାଣିର ତାରିଖ ଜନସାଧାରଣଙ୍କୁ ସମ୍ବାଦପତ୍ର ମାଧ୍ୟମରେ ଜଣାଇ ଦିଆଯିବ।

ପ୍ରମୁଖ ଶାସନ ସଚିବ
ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ
OIPR-9001/9001/1/25-26/0014

**SHREE JAGANNATH TEMPLE OFFICE, PURI**
Bid Identification No.65/25-26 2598 on dt.05.03.26 in single cover system for "Supplying Coir Carpet for laying around Shree Mandira Parikrama Prakalpa area for protection of the devotees from floor heat for the Year-2026."
Visit Website : www.shreejagannatha.in
Last date : 16.03.2026 by 3:00 P.M.
Sd./- Administrator
Shree Jagannath Temple, Puri

GOVERNMENT OF ODISHA
**OFFICE OF THE CHIEF CONSTRUCTION ENGINEER, JEYPORE (R&B) CIRCLE, JEYPORE**
e-mail ID : supenger_rbjyp@yahoo.co.in
No.34001/158/2526 INVITATIONS FOR BIDS (IFB)
BID IDENTIFICATION NO. C.C.E.J.C (R&B) - 16/2025-26
No. 2134 Date : 27.02.2026

| | | |
|---|---|---|
| 1. | Nature of the work | BUILDING WORKS |
| 2. | Total No. of Works | 06 (Six) Nos. |
| 3. | Tender cost | Rs.1.08 to 2.27 Crs. |
| 4. | Period of completion | 04 (Four) to 09 (Nine) Calendar Months |
| 5. | Cost of Bid Document | Rs. 10,000/- |
| 6. | Bid Security (EMD) | Rs.1.08 Lacs to 2.27 Lacs as per column no.06 of IFB |
| 7. | Class of Contractor | "B" & "A" Class as per Cl. No. 05 of TCN & according to Financial Eligibility. |
| 8. | Date & time of availability of bid Document in the portal | From 16:00 hours of 12.03.2026 to 17:00 hours of 26.03.2026 |
| 9. | Last date / Time for receipt of bids in the Portal | 17:00 hours of 26.03.2026 |
| 10. | Opening date of Bid | 11:00 hours of 30.03.2026 |
| 11. | Name and address of the Officer Inviting Bid | Chief Construction Engineer, Jeypore (R&B) Circle, Jeypore |

Further details can be seen from the e-procurement portal https://tendersodisha.gov.in. Any addendum / corrigendum / cancellation of tender can also be seen in the said website only.
Sd./- Chief Construction Engineer
OIPR-34001/34108/1/25-26/0016 Jeypore (R&B) Circle, Jeypore

Annexure-II
**Office of District Manager**
**Odisha State Civil Supplies Corporation Ltd. (OSCSC), JAJPUR (District)**
Phone : 9438200043
District Website : https://jajpur.odisha.gov.in
Tender No. : 881 Dt. : 06.03.2026
No.7001/34/2526 : District Manager, Odisha State Civil Supplies Corporation Ltd., Jajpur invites tender in Double Cover System through **Online Mode Only** for the works below :

| | | |
|---|---|---|
| 1 | Name of the work | Selection and appointment (Labour works) for Handling of Food grains (Rice, Wheat etc.) at the RRCs in the of the State of Odisha |
| 2 | Availability of bid documents in the portal | From Date 09.03.2026 at 11.00 A.M. |
| 3 | Last Date / Time for receipt of bids in the portal | Date 30.03.2026 at 11.00 A.M. |
| 4 | Date/Time of Opening of Technical | Date 30.03.2026 at 04.00 P.M. |
| 5 | Name and address of the Officer Inviting Tender | District Manager, OSCSC Ltd., Jajpur |

Tender Documents & other details can be seen from the e-procurement portal www.oscsc.in, www.foododisha.in & www.tendersodisha.gov.in along with district website. Amendments / corrigendum / cancellation / retenders etc. if any shall be published only in above websites.
Sd./- District Manager
OIPR-7001/7016/1/25-26/0003 OSCSC Ltd., Jajpur

No. 32001/171/2526
**ଓଡ଼ିଶା ସରକାର**
**ଜଳ ସମ୍ପଦ ବିଭାଗ**
**ଅଧୀକ୍ଷଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର**
**ବୈଦ୍ୟୁତିକ ସଂଗ୍ରହଣ ବିଜ୍ଞପ୍ତି**
ପତ୍ର ସଂଖ୍ୟା: ୨୫୨ ତାରିଖ: ୨୭।୦୨।୨୦୨୬
ନିଲାମ ଡାକର ସଂଖ୍ୟା ଅନ୍‌ଲାଇନ - ୦୬/କ୍ଷୁ.ଜ.ବି. ନବରଙ୍ଗପୁର/୨୦୨୫-୨୬
Bid Identification No. SEMIDNGPUR - 06/2025-26
ଇ-ମେଲ୍: mingpur@yahoo.in, ଟେଲିଫୋନ ନମ୍ବର: ୦୬୮୫୮-୨୨୨୧୩୦

| | | |
|---|---|---|
| ୧. | କାର୍ଯ୍ୟର ନାମ | ନୂତନ ଆଡ଼ିବନ୍ଧଗୁଡ଼ିକର ନିର୍ମାଣ କାର୍ଯ୍ୟ ୨୦୨୫-୨୬ ବର୍ଷ ପାଇଁ |
| ୨. | ସର୍ବମୋଟ କାମର ସଂଖ୍ୟା | ୦୪ (ଚାରି) ମାତ୍ର |
| ୩. | ଅଟକଳ ମୂଲ୍ୟ | ଆନୁମାନିକ ୪୮.୮୫ରୁ ୭୩.୩୦ ଲକ୍ଷ |
| ୪. | ଠିକାଦାରଙ୍କ ଶ୍ରେଣୀ | ''ଖ'' ଶ୍ରେଣୀ |
| ୫. | ଟେଣ୍ଡର କାଗଜ ମୂଲ୍ୟ (Online) | ଟଙ୍କା ୬,୦୦୦.୦୦ରୁ ଟଙ୍କା ୧୦,୦୦୦.୦୦ |
| ୬. | ନିଲାମ ସୁରକ୍ଷା (Online) | ଡି.ଟି.ସି.ଏନ୍.ରେ ଉପଲବ୍ଧ |
| ୭. | କାର୍ଯ୍ୟର ସମାପ୍ତି ସମୟ | ୦୪ (ଚାରି) ମାସରୁ ୦୬ (ଛଅ) ମାସ |
| ୮. | ନିଲାମ ଉପଲବ୍ଧତା ତାରିଖ ଓ ସମୟ | ତା୦୯।୦୩।୨୦୨୬ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୫।୦୩।୨୦୨୬ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ୱେବସାଇଟ୍ (www.tendersorissa.gov.in)ରେ ଉପଲବ୍ଧ |
| ୯. | ନିଲାମ ପ୍ରାପ୍ତିର ଶେଷ ତାରିଖ ଓ ସମୟ | ତା୦୯।୦୩।୨୦୨୬ରିଖ ଦିବା ୧୦.୦୦ ଘଟିକାଠାରୁ ତା୧୫।୦୩।୨୦୨୬ରିଖ ସନ୍ଧ୍ୟା ୫.୦୦ ଘଟିକା ପର୍ଯ୍ୟନ୍ତ ୱେବ୍‌ସାଇଟ୍ ମାଧ୍ୟମରେ |
| ୧୦. | ବୈଷୟିକ ନିଲାମ ଖୋଲିବା ତାରିଖ ଓ ସମୟ | ତା୧୬।୦୩।୨୦୨୬ ଦିବା ୧୧.୦୦ ଘଟିକା ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁରଙ୍କ କାର୍ଯ୍ୟାଳୟରେ |
| ୧୧. | ଆର୍ଥିକ ବିଡ୍ ଖୋଲିବାର ତାରିଖ/ସମୟ | ବୈଷୟିକ ବିଡ୍ ମୂଲ୍ୟାଙ୍କନ ପରେ ୱେବ୍‌ସାଇଟ ମାଧ୍ୟମରେ ସୂଚିତ କରାଯିବ। |
| ୧୨. | ସ୍ୱଚ୍ଛ ଲଟେରି ତାରିଖ (ଆବଶ୍ୟକ ସ୍ଥଳେ) | ଆର୍ଥିକ ବିଡ୍ ମୂଲ୍ୟାଙ୍କନ ପରେ ୱେବ୍‌ସାଇଟ୍ ମାଧ୍ୟମରେ ସୂଚିତ କରାଯିବ |
| ୧୩. | ନିଲାମ ଆମନ୍ତ୍ରଣ ଅଧିକାରୀଙ୍କ ନାମ ଓ ଠିକଣା | ଅଧୀକ୍ଷଣ ଯନ୍ତ୍ରୀ, କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର, ସ୍ଥାନ/ପୋଷ୍ଟ: ନବରଙ୍ଗପୁର, ଜିଲ୍ଲା: ନବରଙ୍ଗପୁର, ପିନ୍ କୋଡ୍ - ୭୬୪୦୫୯ |
| ୧୪. | ଓଡ଼ିଶା ସରକାରଙ୍କ ୱେବ୍‌ସାଇଟ୍‌ରେ ଅଧିକ ବିବରଣୀ ଉପଲବ୍ଧ ହେବ। | www.tendersorissa.gov.in |

ସ୍ୱା./- ଅଧୀକ୍ଷଣ ଯନ୍ତ୍ରୀ
OIPR-32001/32294/1/25-26/0001 କ୍ଷୁଦ୍ର ଜଳସେଚନ ବିଭାଜନ, ନବରଙ୍ଗପୁର

**ODISHA STATE CIVIL SUPPLIES CORPORATION LTD.**
(A Govt. of Odisha Undertaking)
REGISTRED OFFICE : C/2, NAYAPALLI, BHUBANESWAR-751012
CIN : U51211OR1980SGC000894
Tel No : 0674-2395391, Fax No : 0674-2395291, Website : www.oscsc.in
**TENDER CALL NOTICE FOR HIRING OF PRIVATE VEHICLES ON MONTHLY BASIS**
File No : Estt.MV-13/2022, Advt. No.4261 Date : 07.03.2026
No.7001/35/2526 : Proposals are invited from registered Travel Agencies/Tour operators having valid PAN, GST & GeM registration certificate for providing various class/types of private vehicles for monthly rented basis for the official use at the Office of Odisha State Civil Supplies Corporation Limited. The eligibility criteria are given in tender call notice published in the official website www.foododisha.in & www.oscsc.in & www.tendersodisha.gov.in for 'HIRING OF PRIVATE VEHICLES'. The details of timetable of the tender are as under.

| Sl No | Event Description | Date |
|---|---|---|
| 1 | Publication of Tender in website | 07/03/2026 at 11.00 Hours |
| 2 | Pre-Bid meeting | 16/03/2026 at 11:00 Hours at Office of OSCSC Ltd., C/2, Nayapalli, Bhubaneswar-751012 |
| 3 | Last Date and Time for Submission of Proposal (Online) | 09/04/2026 at 17:00 Hours through online at www.tendersodisha.gov.in |
| 4 | Opening of Technical Proposal (Online) | 10/04/2026 by 11:00 Hours at Office of OSCSC Ltd. C/2, Nayapalli, Bhubaneswar-751012 |
| 5 | Verification of Original Document (Bidders must produce all required documents in physical form) | 15/04/2026 by 11:00 Hours at Office of OSCSC Ltd. C/2, Nayapalli, Bhubaneswar-751012 |
| 6 | Opening of Financial Bid | To be intimated to Technically Qualified Bidders through registered e-mail id. |

The interested and eligible tenderers may submit their pre-bid queries through mail (mdoscsc@gmail.com) prior to the scheduled date of the Pre-bid meeting. Any amendment in the tender document due to decision in pre-bid meeting/extension of bid, if any, shall be notified in the websites mentioned above. The proposals shall be submitted only through online mode at www.tendersodisha.gov.in. The authority reserves the right to cancel any or the entire selection process without assigning any reason thereof.
OIPR-7001/7002/1/25-26/0007 Sd./- Managing Director, OSCSC Ltd.

GOVERNMENT OF ODISHA, "e"-PROCUREMENT NOTICE
**OFFICE OF THE SUPERINTENDING ENGINEER, NAYAGARH (R&B) DIVISION, NAYAGARH**
**WORKS DEPARTMENT**
Tender Call Notice
E-mail : pwdoffngd34@gmail.com
Bid Identification No. S.E-Nayagarh (R&B) Division-Online 11/2025-26
No.34001/152/2526 : The **Superintending Engineer, Nayagarh (R&B) Division, Nayagarh** on behalf of Governor of Odisha inviting percentage rate bid in Single cover system in ONLINE MODE from eligible contractors for construction of Building work as detailed in the table below :

| | | |
|---|---|---|
| 1. | Nature of Work | Building & Electrical Works |
| 2. | No. of Work | 16 Nos |
| 3. | Tender Cost & EMD | To be remitted online through a process as mentioned in DTCN |
| 4. | Class of Contractor | As mentioned in DTCN |
| 5. | Available of Bid Document in the Website | From Dt.11.03.2026 11.00 A.M. to Dt.19.03.2026 Up to 5.00 P.M. |
| 6. | Date of opening of Bid | Dt.20.03.2026 at 11.00 A.M. |

7. The have to participate in ONLINE bidding only. Further details can be seen from the Website : https://tenderodisha.gov.in. Any Addendum/ Corrigendum/Cancellation of tender can also be seen in the said website.
Sd./- Superintending Engineer,
OIPR-34001/34138/1/25-26/0001 Nayagarh (R&B) Division, Nayagarh

**Directorate of Agriculture, Jharkhand**
Department of Agriculture, Animal Husbandry & Cooperative, Government of Jharkhand
1st Floor, Krishi Bhawan, Laxmi Niwas, Kanke Road, Ranchi, Jharkhand-834008
Email:directoragriculturejh@gmail.com Phone No. – 0651-2230691
Tender- Notice
e-Tender No.: 02/Scheme/Krishak Pathshala/95/Agri Dir/2025-26- 987 Ranchi, Date: 07.03.2026

| Sl. No. | Particular | Details |
|---|---|---|
| 1. | Name of the Department | Department of Agriculture, Animal Husbandry and Co- operative, Government of Jharkhand |
| 2 | RFP No | Agri/01/2025-26 |
| 3. | Name of Service | Request For Proposal For Selection of Eligible Agencies to Implement & Manage Krishak Pathshala and Birsa Grams under Samekit Birsa Gram Vikas Yojana -sah- Krishak Pathshala Yojana in Jharkhand |
| 4. | Tender Value (Tentative) | INR Three Crore Fourteen Lakh (3.14 Cr) |
| 5. | No. of Site available for Bid | 10 (as per attached annexure in the RFP) |
| 6. | Method of Selection | Quality Based Selection (QBS) Method |
| 7. | Availability of RFP Document | e-procurement portal https://jharkhandtenders.gov.in & sameti.org |
| 8. | Date of publication of NIT & Bid | 08-03-2026 |
| 9. | Pre-Bid Query Submission Deadline | At email id directoragriculturejh@gmail.com, Last Date as per Portal, tentative 12-03-2026 |
| 10. | Pre-Bid Meeting Date (Hybrid Mode) | 16-03-2026 & Link Will be provided through website sameti.org |
| 11. | Last Date and Time for submission of Bid | 29-03-2026 or as per e-procurement portal https://jharkhandtenders.gov.in & sameti.org |
| 12. | Date of opening of Technical Proposal | 30-04-2026 or as per e-procurement portal https://jharkhandtenders.gov.in & sameti.org |
| 13. | Date of Technical Presentation | Will be communicated later |
| 14. | Date of opening of Financial Proposal | Will be communicated later |
| 15. | Bid Processing Fee | Not Applicable. |
| 16. | Earnest Money Deposit (EMD) (Refundable) | Rupees Six Lakh thirty thousand (6.30 Lakh) through https://jharkhandtenders.gov.in/ portal only. |
| 17. | Performance Bank Guarantee (PBG) | Rupees Fifteen Lakh seventy thousand (15.70 Lakh) |
| 18. | Tender Inviting Authority & Address for Communication | Director, Directorate of Agriculture, Department of Agriculture, Animal Husbandry and Co-operatives Government of Jharkhand, Krishi Bhawan, Kanke, Ranchi Jharkhand, 834008 |
| 19. | Mode of Submission of Proposal | Online through e-procurement portal https://jharkhandtenders.gov.in only |
| 20. | Duration of Contract | Five year from the date of MoU |
| 21. | Contact Details | Abhishek Kumar Singh- 9279999948 |

All subsequent notifications, changes and amendments will be posted only on the e-procurement portal https://jharkhandtenders.gov.in & Sameti.org Website only.
DoA, Jharkhand reserves the right to cancel this invitation and/or invite fresh Bid with or without amendments to this invitation, without liability or any obligation for such invitation and without assigning any reason.
Director Agriculture, Jharkhand, Ranchi
PR 374397 Agriculture,Animal Husbandry And Co-opretive Department (25-26)_D

**ୟୁକୋ ବ୍ୟାଙ୍କ**
ଆଞ୍ଚଳିକ କାର୍ଯ୍ୟାଳୟ, ୟୁକୋ ବ୍ୟାଙ୍କ ବିଲ୍ଡିଙ୍ଗ୍, ୨ୟ ମହଲା, ସି-୨, ଅଶୋକ ନଗର, ଭୁବନେଶ୍ୱର-୭୫୧୦୦୯
**ସୁନା ନିଲାମ ବିଜ୍ଞପ୍ତି**

ନିମ୍ନଲିଖିତ ବ୍ୟକ୍ତିମାନେ **ୟୁକୋ ବ୍ୟାଙ୍କର ସମ୍ପୃକ୍ତ ଶାଖାରେ** ସୁନା ଅଳଙ୍କାର ବନ୍ଧକ ରଖି ଋଣ ନେଇଛନ୍ତି ଏବଂ ଆମର ଡିମାଣ୍ଡ ନୋଟିସ୍ ଜାରି ସତ୍ତ୍ୱେ ଋଣ ରାଶି ପରିଶୋଧ କରିନାହାଁନ୍ତି। ତେଣୁ ଏହି ନୋଟିସ୍ ଦ୍ୱାରା ଜଣାଇ ଦିଆଯାଉଅଛି ଯେ ଯଦି ସେମାନେ **ତା.୨୩.୦୩.୨୦୨୬ରିଖ** ସୁଦ୍ଧା ସେମାନଙ୍କର ମୂଳଧନ, ସୁଧ ଓ ଅନ୍ୟାନ୍ୟ ଦେୟ ପୈଠ ନ କରନ୍ତି, ତେବେ ବନ୍ଧକ ଥିବା ଅଳଙ୍କାରଗୁଡ଼ିକ **ତା.୨୪.୦୩.୨୦୨୬ରିଖ ମଧ୍ୟାହ୍ନ ୧୨.୦୦ ଘଟିକା** ସମୟରେ **ସମ୍ପୃକ୍ତ ଶାଖା** ପରିସରରେ ସର୍ବସାଧାରଣରେ ନିଲାମ କରାଯିବ। କୌଣସି କାରଣ ନ ଦର୍ଶାଇ ବ୍ୟାଙ୍କ ନିଲାମ ପ୍ରକ୍ରିୟାକୁ ଅନ୍ୟ କୌଣସି ସୁବିଧାଜନକ ତାରିଖକୁ ରଦ୍ଦ/ସ୍ଥଗିତ ରଖିବାର ଅଧିକାର ସଂରକ୍ଷିତ ରଖିଅଛି ।

| କ୍ର. ନଂ. | ଋଣଗ୍ରହୀତାମାନଙ୍କ ନାମ ଓ ଠିକଣା / ଆକାଉଣ୍ଟ ନଂ. | ବକେୟା ପରିମାଣ | ଓଜନ (ଗ୍ରାମରେ) |
|---|---|---|---|
| | **ଜାମୁକୋଳି ଶାଖା, ସା: ଜାମୁକୋଳି, ପାଞ୍ଚଗାଁ, ଜିଲ୍ଲା: ଖୋର୍ଦ୍ଧା - ୭୫୨୦୫୦, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ପ୍ରମୋଦ ସାହୁ, ମୋ.: ୮୩୨୮୮୭୪୩୨୭** | | |
| ୧. | ନିରୁତା ଦାସ, ସା: ଆଶ୍ରୟପୁର, ପୋ: ପାଞ୍ଚଗାଁ, ଜିଲ୍ଲା: ଖୋର୍ଦ୍ଧା, ପିନ୍ - ୭୫୨୦୫୦ / ୩୩୧୨୦୬୧୦୦୨୫୬୬୬ | ଟ.୧,୫୫,୦୦୦/- + ସୁଧ ଏବଂ ଦେୟ | ୩୩.୭୦ |
| | **ବାଲିଗୁଡା ଶାଖା, ସା: ବାଲିଗୁଡା, ପୋ: ପାଟଖଣ୍ଡ, ଜିଲ୍ଲା: କନ୍ଧମାଳ - ୭୬୨୧୦୩, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ବିଶ୍ୱମୋହନ ପାଣିଗ୍ରାହୀ, ମୋ.: ୮୨୮୦୪୦୯୧୩୪** | | |
| ୧. | ଗୁପନ ମଲ୍ଲିକ, ସା: ମହାଗୁଡା, ପୋ: ବାଲିଗୁଡା, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୧୦୩ / ୨୯୪୭୦୬୧୦୦୧୬୧୮୩ | ଟ.୨୦,୦୦୦/- + ସୁଧ ଏବଂ ଦେୟ | ୮.୮୯ |
| ୨. | ଯୁବରାଜ ମଲ୍ଲିକ, ସା/ପୋ.: ଡିମିସିଙ୍ଗିଆ, ଜିଲ୍ଲା: କନ୍ଧମାଳ, ପିନ୍-୭୬୨୧୦୩ / ୨୯୪୭୦୬୧୦୦୧୬୨୬୮ | ଟ.୧୫,୦୦୦/- + ସୁଧ ଏବଂ ଦେୟ | ୮.୫ |
| | **ବଡଖୋଲି ଶାଖା, ସା/ପୋ: ବଡଖୋଲି, ଆସ୍କା, ଜିଲ୍ଲା: ଗଞ୍ଜାମ - ୭୬୧୧୧୬, ଶାଖା ପ୍ରବନ୍ଧକଙ୍କ ନାମ: ଶ୍ରୀ ଆଲୋକ ରଞ୍ଜନ ନାୟକ, ମୋ.: ୯୧୨୪୮୮୨୪୮୯** | | |
| ୧. | ଟୁଟୁ ସ୍ୱାଇଁ, ସା/ପୋ: ବଡଖୋଲି, ଜିଲ୍ଲା: ଗଞ୍ଜାମ / ୧୧୬୦୦୬୧୦୦୬୨୫୧୭ | ଟ.୬୦,୦୦୦/- + ସୁଧ ଏବଂ ଦେୟ | ୨୦.୦୦ |

ନିଲାମ ଧରିବା ପାଇଁ ଇଚ୍ଛୁକ ବ୍ୟକ୍ତି ବ୍ୟାଙ୍କର ନିମ୍ନଲିଖିତ ନିୟମଗୁଡିକ ପାଳନ କରି ନିଲାମରେ ଅଂଶଗ୍ରହଣ କରିପାରନ୍ତି:
୧.ବ୍ୟାଙ୍କ ଅଳଙ୍କାର/କଏନ୍‌ରେ ସୁନାର ଭାଗ, ଓଜନ କିମ୍ବା ଶୁଦ୍ଧତାର ଗ୍ୟାରେଣ୍ଟି ଦିଏ ନାହିଁ ।
୨.ଇଚ୍ଛୁକ ନିଲାମଧାରୀମାନେ ବ୍ୟାଙ୍କର କୌଣସି କାର୍ଯ୍ୟ ଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ଅଳଙ୍କାରଗୁଡ଼ିକର ଯାଞ୍ଚ କରିପାରିବେ ।
୩.ଇଚ୍ଛୁକ ନିଲାମଧାରୀମାନଙ୍କୁ ପ୍ରତ୍ୟେକ ଆକାଉଣ୍ଟର ସଂରକ୍ଷିତ ମୂଲ୍ୟ ନିମନ୍ତେ ସମ୍ପୃକ୍ତ ଶାଖା ମୁଖ୍ୟଙ୍କ ସହିତ ଯୋଗାଯୋଗ କରିବାକୁ ପଡିବ।
୪.ଇଚ୍ଛୁକ କ୍ରେତା ସଂରକ୍ଷିତ ରାଶି(ବକେୟା ରାଶି ଅନୁଯାୟୀ ଆକଳନ କରାଯିବ)ର ୨୫% ଅମାନତ ରାଶି ରୂପେ ଜମା କରିବେ।
୫.ସର୍ବୋଚ୍ଚ ନିଲାମଧାରୀ ଅବଶିଷ୍ଟ ନିଲାମ ରାଶି ୨୪ ଘଣ୍ଟା ମଧ୍ୟରେ କିମ୍ବା ବ୍ୟାଙ୍କର ପରବର୍ତ୍ତୀ କାର୍ଯ୍ୟଦିବସର କାର୍ଯ୍ୟାଳୟ ସମୟ ମଧ୍ୟରେ ପୈଠ କରିବା ପରେ ଅଳଙ୍କାରଗୁଡିକ ପ୍ରଦାନ କରାଯିବ ।
୬.ଯଦି ସଫଳ ନିଲାମଧାରୀ ରାଶି ପୈଠ କରିବାରେ ବିଫଳ ହୁଅନ୍ତି ନିଲାମଧାରୀଙ୍କ ଅମାନତ ଅର୍ଥ ବାଜ୍ୟାପ୍ତି ହେବ ଏବଂ ନିଲାମ ତାରିଖଠାରୁ ୩୦ ଦିନ ମଧ୍ୟରେ ଅଳଙ୍କାର ପୁନଃ ବିକ୍ରୟ କରାଯିବ।
୭.ନିଲାମ ସମାପ୍ତ ହେଲାପରେ ଅସଫଳ ନିଲାମଧାରୀ ସଙ୍ଗେ ସଙ୍ଗେ ଅମାନତ ରାଶି ଫେରସ୍ତ ପାଇପାରିବେ ।
୮.କୌଣସି କାରଣ ନଦର୍ଶାଇ ଯେକୌଣସି ସମୟରେ ନିଲାମକୁ ବନ୍ଦ କରିବାର ଆଇନଗତ ଅଧିକାର ବ୍ୟାଙ୍କର ରହିଛି, ଏହି ପରିପ୍ରେକ୍ଷୀରେ ଅମାନତ ରାଶି ଜମା କରିଥିବା ବ୍ୟକ୍ତିଙ୍କୁ ଅମାନତ ରାଶି ଫେରସ୍ତ କରାଯିବ ।
ବି.ଦ୍ର: ସବିଶେଷ ବିବରଣୀ ନିମନ୍ତେ ଆଞ୍ଚଳିକ କାର୍ଯ୍ୟାଳୟ କୋ-ଅର୍ଡିନେଟର, ମୋ: ୭୮୭୩୦୧୬୮୨୧ଙ୍କ ସହ ଯୋଗାଯୋଗ କରନ୍ତୁ।
ସ୍ଥାନ: ଭୁବନେଶ୍ୱର, ତାରିଖ: ୦୭.୦୩.୨୦୨୬ କ୍ଷମତାପ୍ରାପ୍ତ ଅଧିକାରୀ, ୟୁକୋ ବ୍ୟାଙ୍କ

**कार्यपालक अभियंता का कार्यालय**
पथ निर्माण विभाग, पथ प्रमण्डल, देवघर
ई-प्रोक्योरमेंट सूचना (1st Call)
ई-निविदा प्रसंग संख्या - RCD/DEOGHAR/298/2025-26 (1st Call)
Date :-05.03.2026

| | | |
|---|---|---|
| 1. | कार्य का नाम | पथ प्रमण्डल, देवघर अन्तर्गत "पथरोल (NH-114 पर)-जमुनी-टंडेरी पुल तक पथ (कुल लम्बाई-4.416 कि0मी0) के IRQP कार्य"। |
| 2.. | प्राक्कलित राशि (रुपये में) | रुपये 3,83,62,106.00 (तीन करोड़ तिरासी लाख बासठ हजार एक सौ छः रुपये मात्र)। |
| 3. | कार्य समाप्ति की अवधि | 02 (दो) माह |
| 4. | निविदा प्राप्ति की अंतिम तिथि एवं समय | 31.03.2026 (12:00 बजे दिन तक) |
| 5. | वेबसाईट पर निविदा प्रकाशित होने की तिथि एवं समय | 11.03.2026 (10:30 बजे पूर्वाहन) |
| 6 | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, देवघर। |
| 7 | प्रोक्युरमेंट अधिकारी का सम्पर्क नम्बर | 06432-299919 |
| 8. | ई-प्रोक्युरमेंट सेल का हेल्पलाईन नम्बर | 0651-2401010 |

नोट – अतिरिक्त जानकारी के लिए वेबसाईट http://jharkhandtenders.gov.in पर देखें।
कार्यपालक अभियंता,
पथ निर्माण विभाग, पथ प्रमण्डल, देवघर
PR 374326 Road (25-26)_D

# ମହିଳାମାନେ ରାଜ୍ୟ ବିକାଶରେ ସହଭାଗୀ



ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ପ୍ରଥମ ମହିଳା ଜୟଶ୍ରୀ କାନ୍ଥମପାଟି, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ସୁରମା ପାଢ଼ୀ ଓ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ସହ ଅତିଥିମାନେ।

**ନାରୀଶକ୍ତି, କୃତିତ୍ୱକୁ ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ**

**ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ସମ୍ବର୍ଦ୍ଧିତ**

ଭୁବନେଶ୍ୱର,୭।୩(ସୁଚିସ୍ମିତା ସାହୁ)

ଅନ୍ତର୍ଜାତୀୟ ମହିଳା ଦିବସ ପରିପ୍ରେକ୍ଷୀରେ ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଥିବା ବିଶିଷ୍ଟ ମହିଳାମାନଙ୍କୁ ସମ୍ମାନିତ କରିବା ପାଇଁ ଶନିବାର ସ୍ଥାନୀୟ ଏକ ହୋଟେଲଠାରେ 'ନାରୀଶକ୍ତି ଓ କୃତିତ୍ୱକୁ ସମ୍ମାନ ଓ ସମ୍ବର୍ଦ୍ଧନା ଉତ୍ସବ' ଆୟୋଜନ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ମାର୍ଗଦର୍ଶନ ଓ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ଅତିଥି ଭାବେ ରାଜ୍ୟର ପ୍ରଥମ ମହିଳା ଜୟଶ୍ରୀ କାନ୍ଥମପାଟି, ମୁଖ୍ୟମନ୍ତ୍ରୀଙ୍କ ସହଧର୍ମିଣୀ ଡ. ପ୍ରିୟଙ୍କା ମାରାଣ୍ଡି, ବାଚସ୍ପତି ସୁରମା ପାଢ଼ୀ, ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ବିଏମ୍‌ସି ମେୟର ସୁଲୋଚନା ଦାସ, ମହିଳା ଓ ଶିଶୁ ବିକାଶ ବିଭାଗ କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦର୍ଶୱାଲ, ମିଶନ ଶକ୍ତି ବିଭାଗ କମିଶନର ତଥା ଶାସନ ସଚିବ ମାନସୀ ନିମ୍ଭାଲ ଯୋଗଦେଇଥିଲେ। ଏଥିସହ ବିଭିନ୍ନ କ୍ଷେତ୍ରରେ ସଫଳ ମହିଳାମାନେ ଉତ୍ସବରେ ସାମିଲ ହୋଇଥିଲେ। ଏହି ଅବସରରେ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କୁ ଅଦ୍ୱିତୀୟ ନେତୃତ୍ୱ ଏବଂ ଜନ ପ୍ରଶାସନ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ଅଭିଭାଷଣ ଦେଇ କହିଲେ, ବିଭିନ୍ନ କ୍ଷେତ୍ରରୁ ଏତେ ସଂଖ୍ୟକ ସଫଳ ମହିଳାଙ୍କ ଉପସ୍ଥିତି ପ୍ରମାଣିତ କରୁଛି ଯେ ଆଜିର ମହିଳାମାନେ ରାଜ୍ୟ ବିକାଶରେ କେବଳ ସହଭାଗୀ ନୁହନ୍ତି, ବରଂ ପରିବର୍ତ୍ତନର ନେତୃତ୍ୱ ନେଇ ରାଜ୍ୟର ବିକାଶଧାରାକୁ ନୂଆ ରୂପ ଦେଉଛନ୍ତି। ବିଶିଷ୍ଟ କଣ୍ଠଶିଳ୍ପୀ ସୁସ୍ମିତା ଦାଶ ଏବଂ ଡ. ଆଦ୍ୟାଶା ଦାସ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ମହାପ୍ରଭୁଙ୍କ ଦର୍ଶନ ହେଲା ଶେଷ ଦର୍ଶନ

ପୁରୀ,୭।୩
(ଅଜିତ୍ କୁମାର ମହାନ୍ତି)

ମହାପ୍ରଭୁଙ୍କ ଦର୍ଶନ ହେଲା ଶେଷ ଦର୍ଶନ। ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଦର୍ଶନ କରିବା ପରେ ଜଣେ ଭକ୍ତ ଅସୁସ୍ଥ ହେବାରୁ ମେଡିକାଲରେ ମୃତ୍ୟୁବରଣ କରିଥିବା ସୂଚନା ମିଳିଛି। ମୃତ ଭକ୍ତ ଜଣଙ୍କ ହେଲେ ଉତ୍ତରପ୍ରଦେଶର ଆନନ୍ଦ କଶ୍ୟପ(୬୫)। ସୂଚନାଯୋଗ୍ୟ, ଆନନ୍ଦ ଶନିବାର ଅପରାହ୍ନରେ ପରିବାର ସହ ଶ୍ରୀମନ୍ଦିରକୁ ଯାଇ ନାଟମଣ୍ଡପରେ ଦର୍ଶନ କରୁଥିବା ବେଳେ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କୁ ପରିବାର ଲୋକେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରେ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ତେବେ ଶବ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ଜଣାପଡ଼ିବ। ଅପରପକ୍ଷରେ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

# ଓଡ଼ିଶା ଟପ୍ପର ସାତ୍ତ୍ୱିକ ସତ୍ୟକାମଙ୍କୁ ସମ୍ବର୍ଦ୍ଧିତ କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୭।୩(ସୁଚିସ୍ମିତା ସାହୁ)

ୟୁପିଏସ୍‌ସି ଦ୍ୱାରା ପରିଚାଳିତ ସିଭିଲ ସର୍ଭିସ ପରୀକ୍ଷା(ସିଏସ୍‌ଇ)ରେ ସର୍ବଭାରତୀୟ ସ୍ତରରେ ୧୦୦ତମ ସ୍ଥାନରେ ରହିବା ସହ ଓଡ଼ିଶା ଟପ୍ପର ହୋଇଛନ୍ତି କେନ୍ଦୁଝର ଜିଲା ହାଟଡିହୀ ବ୍ଲକର ସାତ୍ତ୍ୱିକ ସତ୍ୟକାମ ଦେବତା। ସେ ନିଜ ମାତା ସବିତା ମହାପାତ୍ର ଓ ବାପା ଅବସରପ୍ରାପ୍ତ ଆଇଏଏସ୍ ଅଫିସର ଗୋସ୍ୱାମୀ ଗୋଲାମ ଦେବତାଙ୍କ ସହ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଶନିବାର ଲୋକସେବା ଭବନଠାରେ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ଅଭିନନ୍ଦନ ଜଣାଇବା ସହ ତାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ସାତ୍ତ୍ୱିକଙ୍କ ଏହି ସଫଳତା ରାଜ୍ୟ ବିଶେଷକରି କେନ୍ଦୁଝର ଜିଲାର ଅନ୍ୟ ଯୁବପିଢ଼ିଙ୍କ ପାଇଁ ପ୍ରେରଣା ଯୋଗାଇବ। ଲୋକଙ୍କ ସେବା କରିବା ହିଁ ପ୍ରଶାସନିକ ସେବାର ମୂଳ ଲକ୍ଷ୍ୟ। ଦେଶ ଓ ସମାଜର ଉନ୍ନତି ପାଇଁ ନିଷ୍ଠାର ସହିତ କାମ କରିବାକୁ ମୁଖ୍ୟମନ୍ତ୍ରୀ ସାତ୍ତ୍ୱିକଙ୍କୁ ପରାମର୍ଶ ଦେଇଥିଲେ। ସୂଚନାଯୋଗ୍ୟ, ସାତ୍ତ୍ୱିକ ଓୟୁଟିଆର୍‌ରୁ ମେକାନିକାଲ ଇଞ୍ଜିନିୟରିଂ ଶିକ୍ଷା ଗ୍ରହଣ କରିଥିବା ବେଳେ ନାବାର୍ଡରେ ଆସିଷ୍ଟାଣ୍ଟ ମ୍ୟାନେଜର ଭାବେ କାର୍ଯ୍ୟ କରୁଛନ୍ତି।



ସାତ୍ତ୍ୱିକ ସତ୍ୟକାମ ଦେବତାଙ୍କୁ ମୁଖ୍ୟମନ୍ତ୍ରୀ ସମ୍ବର୍ଦ୍ଧିତ କରୁଛନ୍ତି। ଉପସ୍ଥିତ ଅଛନ୍ତି ସାତ୍ତ୍ୱିକଙ୍କ ମା' ସବିତା ମହାପାତ୍ର ଓ ବାପା ଗୋସ୍ୱାମୀ ଗୋଲାମ ଦେବତା।

# ହାଇୱା ନେଲା ୩ ବାଇକ୍ ଆରୋହୀଙ୍କ ଜୀବନ

**ଅନନ୍ତପୁର ଛକରେ ଉତ୍ତେଜନା**

ଭୁବନେଶ୍ୱର,(ତ୍ରିନାଥ ମହାନ୍ତି)/ ଫୁଲନଖରା, ୭।୩ (ସତ୍ୟରଞ୍ଜନ ଦାସମହାପାତ୍ର)

ପାହାଳ ଥାନା ଅନ୍ତର୍ଗତ ଅନନ୍ତପୁର ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏକ ବାଲି ବୋଝେଇ ହାଇୱା ଚଢ଼ିଯିବାରୁ ବାଇକରେ ଯାଉଥିବା ୩ଜଣ ଯୁବକଙ୍କ ମୃତ୍ୟୁ ଘଟିଛି। ଦ୍ରୁତଗତିରେ ଯାଉଥିବା ହାଇୱାକୁ ଓଭରଟେକ୍ କରିବା ସମୟରେ ଏହି ଦୁର୍ଘଟଣା ଘଟିଥିଲା। ମୃତ ଯୁବକମାନେ ହେଲେ ଦେବଗଡ଼ ଜିଲାର ବିକାଶ ମହାରଣା(୨୫), ଖୋର୍ଦ୍ଧା ଜଙ୍କିଆର ରସିତ୍ ରାଉତରାୟ(୨୪) ଏବଂ କଟକ ଜିଲା ନିଆଳି କର୍ସଦାର ସତ୍ୟଜିତ ଓଝା(୨୧)। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ କ୍ୟାପିଟାଲ ହସ୍ପିଟାଲକୁ ପଠାଇଥିଲା। ଦୁର୍ଘଟଣା ପରେ ହାଇୱା ଡ୍ରାଇଭର ଗାଡ଼ି ଛାଡ଼ି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ଖବର ପ୍ରଚାରିତ ହେବା ପରେ ଅନନ୍ତପୁର ଛକରେ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ଲୋକମାନଙ୍କୁ ବୁଝାଶୁଝା କରି ପରିସ୍ଥିତିକୁ ନିୟନ୍ତ୍ରଣକୁ ଆଣିଥିଲା। ଏନେଇ ଥାନାରେ ଏକ ଦୁର୍ଘଟଣା ମାମଲା ରୁଜୁ ହେବା ସହ ଉକ୍ତ ହାଇୱାକୁ ଜବତ କରି ପୋଲିସ ତଦନ୍ତ କରୁଛି। ଫେରାର ଡ୍ରାଇଭରଙ୍କୁ ଗିରଫ



ପାଇଁ ପୋଲିସ ଟିମ୍ ତନାଘନା ଚଲାଇଛି।

ସୂଚନା ଅନୁସାରେ, ବିକାଶ, ରସିତ୍ ଓ ସତ୍ୟଜିତ ଓଝା ହେଉଛନ୍ତି ୩ଜଣ ସାଙ୍ଗ। ସେମାନେ ନିଆଳିରେ ଥିବା ଏକ ଗ୍ୟାରେଜରେ କାମ କରିବା ସହ ସେଠାରେ ଘର ଭଡ଼ା ନେଇ ରହୁଥିଲେ। ବିକାଶ ଓ ରସିତଙ୍କ ସହ ସେଠାରେ ଘର ଭଡ଼ା ନେଇ ରହୁଥିଲେ। ନିଆଳିରେ ହେଉଥିବା ମେଳଣ ଦେଖିବାକୁ ଯାଉଥିବା କଥା ଘର ଲୋକଙ୍କୁ କହି ଗୋଟିଏ ବାଇକ୍‌ରେ ୩ଜଣ ବାହାରିଥିଲେ। ସେମାନେ ବାଇକ୍‌ରେ ନିଆଳିରୁ ନଖରା ଆସିଥିଲେ। ଏଠାରେ ବୁଲାବୁଲି କରିବା ପରେ ରାତିରେ ନିଆଳି ମେଳଣ ଦେଖିବାକୁ ଯାଉଥିଲେ। ହେଲେ ଅନନ୍ତପୁର ଛକରେ ଏକ ହାଇୱା ଦ୍ରୁତ ଗତିରେ ତାଙ୍କ ଆଗରେ ଯାଉଥିଲା। ସେମାନେ ଦ୍ରୁତଗତିରେ ଓଭରଟେକ୍ କରି ଆଗକୁ ଯିବା ସମୟରେ ହାଇୱାଟି ସେମାନଙ୍କ ବାଇକ୍‌କୁ ପଛରୁ ଧକ୍କା ଦେଇ ଚଢ଼ିଯାଇଥିଲା। ହାଇୱା ଚକ ତଳେ ୨ଜଣ ପଡିଯାଇଥିଲେ। ହାଇୱାଟି ୨ଜଣଙ୍କ ମୁଣ୍ଡ ଓ ଜଣଙ୍କର ଛାତି ଉପରେ ଚଢ଼ିଯିବାରୁ ଘଟଣା ସ୍ଥଳରେ ହିଁ ସେମାନଙ୍କର ପ୍ରାଣବାୟୁ ଉଡିଯାଇଥିଲା।

ଏନେଇ ପାହାଳ ଥାନା ଅଧିକାରୀ ଅଶ୍ୱିନୀ କୁମାର ସ୍ୱାଇଁ କହିଛନ୍ତି, ଦୁର୍ଘଟଣା ଘଟାଇଥିବା ହାଇୱା ଜବତ ପରେ ଗାଡି ନମ୍ବର ଆଧାରରେ ମାଲିକଙ୍କୁ ଚିହ୍ନଟ କରାଯାଇଛି। ଫେରାର ଡ୍ରାଇଭରଙ୍କୁ ଚିହ୍ନଟ ପରେ ଗିରଫ କରାଯିବ ବୋଲି ସେ କହିଛନ୍ତି।

**ଚୋରା ବାଲି ଚାଲାଣ ପାଇଁ ଦୁର୍ଘଟଣା ବଢ଼ୁଛି**

ସ୍ଥାନୀୟ ଲୋକଙ୍କ ମତରେ ଚୋରା ବାଲି ଚାଲାଣ ପାଇଁ ଦୁର୍ଘଟଣା ବଢ଼ୁଛି। ଫଳରେ ରାତି ହେଲେ ନଖରାରୁ ନିଆଳି ରାସ୍ତାରେ ଯିବାକୁ ଡର ଲାଗୁଛି। ବିଶେଷକରି ଏହି ଚୋରା ବାଲି ଚାଲାଣରେ ଟାର୍ଗେଟ ଦିଆଯାଉଥିବାରୁ ଡ୍ରାଇଭରମାନେ ପ୍ରତିଯୋଗିତାମୂଳକ ଭାବେ ଦ୍ରୁତଗତିରେ ଗାଡି ଚଳାଉଛନ୍ତି। ଆଗରେ ଯିଏ ପଡିଲା ଜୀବନ ଗଲା। ଏଥିପାଇଁ ପୂର୍ବରୁ ଏହି ରାସ୍ତାରେ ବହୁ ଜୀବନ ଯାଇଥିବାବେଳେ ଏବେ ବେଆଇନ ବାଲି ଚାଲାଣ ପାଇଁ ଆଉ ୩ ଯୁବକଙ୍କ ମୃତ୍ୟୁ ଘଟିଲା। ତେଣୁ ଏହା ଉପରେ ପ୍ରଶାସନ ରୋକ ଲଗାଇବା ପାଇଁ ସେମାନେ ଦାବି କରିଛନ୍ତି।

# ନୂଆ ଅପରାଧ ଆଇନ ସମ୍ପର୍କରେ ଜାଣୁଛନ୍ତି ଲୋକେ

**ନ୍ୟାୟ ସଂହିତା ପ୍ରଦର୍ଶନୀ**

ଭୁବନେଶ୍ୱର,୭।୩(ତ୍ରିନାଥ ମହାନ୍ତି)

ଦେଶରେ ଲାଗୁ ହୋଇଥିବା ନୂତନ ଅପରାଧ ଆଇନଗୁଡ଼ିକ ବିଷୟରେ ସାଧାରଣ ଲୋକଙ୍କୁ ସଚେତନ କରିବା ସହିତ ଡିଜିଟାଲ ଓ ନ୍ୟାୟକେନ୍ଦ୍ରିକ ଅପରାଧ ନ୍ୟାୟ ବ୍ୟବସ୍ଥା ବିଷୟରେ ଜନସାଧାରଣଙ୍କୁ ଅବଗତ କରାଇବା ଉଦ୍ଦେଶ୍ୟରେ ଇଡ୍‌କୋ ପ୍ରଦର୍ଶନୀ ପଡ଼ିଆରେ ସର୍ବସାଧାରଣଙ୍କ ଉଦ୍ଦେଶ୍ୟରେ ୭ତାରିଖରୁ ନ୍ୟାୟ ସଂହିତା ପ୍ରଦର୍ଶନୀ ଆରମ୍ଭ ହୋଇଛି। ଓଡ଼ିଶା ପୋଲିସ ପକ୍ଷରୁ ଆୟୋଜିତ ଏହି ପ୍ରଦର୍ଶନୀକୁ ଶନିବାର ସମାଜର ବିଭିନ୍ନ ବର୍ଗର ଲୋକମାନେ ଆସି ନୂତନ ଅପରାଧ ଆଇନ ସମ୍ବନ୍ଧରେ ଜାଣିବା ସହ ସଚେତନ ହୋଇଛନ୍ତି। ବିଶେଷକରି ବହୁ ସଂଖ୍ୟକ ଛାତ୍ରୀଛାତ୍ର, ସଚେତନ ନାଗରିକ, ବୁଦ୍ଧିଜୀବୀ, ଅଟୋ ଚାଳକ ମହାସଂଘର କର୍ମକର୍ତ୍ତା ଓ ସ୍ୱେଚ୍ଛାସେବୀ ସଂଗଠନର ସଦସ୍ୟମାନେ ପ୍ରଦର୍ଶନୀ ପରିଦର୍ଶନ କରିଛନ୍ତି। ପ୍ରଦର୍ଶନୀରେ ରହିଥିବା ବିଭିନ୍ନ ଡିଜିଟାଲ ପ୍ରଦର୍ଶନ, ସୂଚନାମୂଳକ ପ୍ୟାନେଲ ଓ ବ୍ୟାଖ୍ୟାମୂଳକ ପ୍ରଦର୍ଶନ ମାଧ୍ୟମରେ ସେମାନେ ନୂତନ ଭାରତୀୟ ଅପରାଧ ଆଇନ ଭାରତୀୟ ନ୍ୟାୟ ସଂହିତା(ବିଏନ୍‌ଏସ୍), ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍) ଓ ଭାରତୀୟ ସାକ୍ଷ୍ୟ ଅଧିନିୟମ (ବିଏସ୍‌ଏ) ସମ୍ପର୍କରେ ବିସ୍ତୃତ ଭାବେ ଅବଗତ ହୋଇଛନ୍ତି।

ଏହା ବ୍ୟତୀତ ପ୍ରଦର୍ଶନୀରେ ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷାମୂଳକ ଶୈଳୀରେ ପ୍ରଦର୍ଶିତ କରାଯାଇଛି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍‌ରେ ଅପରାଧ ସ୍ଥଳ, ୧୧୨ ଜରୁରିକାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ ସମନ୍ୱୟ, ଫରେନ୍‌ସିକ ପ୍ରୟୋଗଶାଳା, ପବ୍ଲିକ୍ ପ୍ରସିକ୍ୟୁଶନ୍, ଜିଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହୋଇଛନ୍ତି। ଏହାସହ ନୂତନ ଆଇନ କାର୍ଯ୍ୟକାରୀ ପାଇଁ ସ୍ୱତନ୍ତ୍ର ଯୋଜନା, ପୋଲିସ ଆଧୁନିକୀକରଣ ଓ ସଶକ୍ତୀକରଣ, ମହିଳା ବିରୋଧୀ ଅପରାଧ ଉପରେ ରୋକ ଲଗାଇବା, ମାଓବାଦୀ ଦମନରେ ଏସ୍‌ଓଜିର ଭୂମିକା ପ୍ରଦର୍ଶିତ କରାଯାଇଛି। ବିଶେଷ କରି ଏସ୍‌ଓଜି ଷ୍ଟଲ୍‌ରେ ଲୋକଙ୍କ ଭିଡ଼ ଅଧିକ ଦେଖିବାକୁ ମିଳିଛି। ଅତ୍ୟାଧୁନିକ ବନ୍ଧୁକ ସହ ଅପରେଶନ୍‌ର କୌଶଳ ଦେଖାଉଛନ୍ତି ଯବାନମାନେ। ମାଓବାଦୀ ଅପରେଶନ ସମୟରେ କିଭଳି ରଣନୀତି ଆପଣାଇଥାନ୍ତି ତାହା ଦେଖାଇଥିଲେ। ବିଭିନ୍ନ ପ୍ରକାର ଅତ୍ୟାଧୁନିକ ବନ୍ଧୁକ ଏବଂ ଏହାର ଚାଳନା ସମ୍ପର୍କରେ ଲୋକ ପଚାରି ବୁଝିଥିଲେ। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଓଡ୍ରାଫର ଅବଦାନ ଆଦି ସମ୍ପର୍କରେ ମଧ୍ୟ ପ୍ରଦର୍ଶିତ କରାଯାଇଛି। ଆହୁରି ମଧ୍ୟ ଅପରାଧ ସ୍ଥଳରେ କିଭଳି ନମୁନା ସଂଗ୍ରହ କରାଯାଏ ତାହା ଫୋରେନ୍‌ସିକ୍ ଟିମ୍ ଦେଖାଇଥିଲେ। ଏହି ପ୍ରଦର୍ଶନୀ ଆସନ୍ତା ୧୦ ତାରିଖ ପର୍ଯ୍ୟନ୍ତ ଚାଲିବ। ଆଗାମୀ ଦିନଗୁଡ଼ିକରେ ମଧ୍ୟ ଅଧିକ ସଂଖ୍ୟକ ଲୋକ ପ୍ରଦର୍ଶନୀକୁ ଆସି ନୂତନ ଆଇନ ବିଷୟରେ ଜାଣିବା ପାଇଁ ଓଡିଶା ପୋଲିସ ପକ୍ଷରୁ ସମସ୍ତଙ୍କୁ ଆହ୍ୱାନ କରାଯାଉଛି।

ଏନେଇ କ୍ରାଇମ୍‌ବ୍ରାଞ୍ଚ ଡିଜି ବିନୟତୋଷ ମିଶ୍ର କହିଛନ୍ତି, ଏହି ନୂଆ ଆଇନ ଦ୍ୱାରା ଅପରାଧୀମାନେ ଆଉ ଖସିପାରିବେ ନାହିଁ। ଆହୁରି ମଧ୍ୟ ଡିଜିଟାଲ ସାକ୍ଷୀ ବ୍ୟବସ୍ଥା ହୋଇଥିବାରୁ ଏହାକୁ ପୋଲିସ ଆଉ ଚ୍ୟାଲେଞ୍ଜ କରିପାରିବ ନାହିଁ। ଏହାଦ୍ୱାରା ଅପରାଧୀ ଖୁବ୍ ଶୀଘ୍ର ସଜା ପାଇବ। ପୂର୍ବରୁ ଦଣ୍ଡ ବ୍ୟବସ୍ଥା କୁହାଯାଉଥିଲା। କିନ୍ତୁ ବର୍ତ୍ତମାନ ନୂଆ ଆଇନ୍ ଆସିବା ପରେ ଏହାକୁ ନ୍ୟାୟ କୁହାଯାଉଛି। କାରଣ କଥାରେ ଅଛି ବିଳମ୍ବିତ ନ୍ୟାୟ, ନ୍ୟାୟ ନୁହେଁ। ତେଣୁ ଏହି ନୂତନ ବ୍ୟବସ୍ଥାରେ ଲୋକ ଶୀଘ୍ର ନ୍ୟାୟ ପାଇପାରୁଛନ୍ତି ବୋଲି ମିଶ୍ର କହିଛନ୍ତି।




ପ୍ରଦର୍ଶନୀରେ ନୂତନ ଅପରାଧ ଆଇନ ଓ ତଦନ୍ତ ପ୍ରକ୍ରିୟା ଆଦି ସଂକ୍ରାନ୍ତରେ ଛାତ୍ରୀଛାତ୍ର, ସାଧାରଣ ଲୋକ ଓ ଆଇନ ବୃତ୍ତିଧାରୀଙ୍କୁ ପୋଲିସ ଅଧିକାରୀ ବୁଝାଉଛନ୍ତି। (ଫଟୋ-ବିକାଶ ନାୟକ)

**ସେଲ୍ଫି କର୍ନର ଧରିତ୍ରୀ**

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି

metroselfie@gmail.com



@ ଅଭୟ



@ ଦିଲୀପ



@ ଦୀପକ



@ ସୁବାସ



@ ତନ୍ମୟ

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଚିକିତ୍ସା ଅବହେଳାରୁ ଶିଶୁ ମୃତ

**ଗୁରୁତର ଶିଶୁକୁ ଟ୍ରମା କାଜୁଆଲ୍‌ଟିରେ ମିଳିଲାନି ତ୍ୱରିତ ଚିକିତ୍ସା**

କଟକ,୭।୩(ଶିଳ୍ପା ପ୍ରିୟଦର୍ଶିନୀ)

ଏସ୍‌ସିବି ମେଡିକାଲର ବର୍ନ ଆଇସିୟୁରେ ଚିକିତ୍ସା ଅବହେଳାରୁ ଶିଶୁ ମୃତ୍ୟୁ ହୋଇଥିବା ଘଟଣା ଶନିବାର ସାମ୍ନାକୁ ଆସିଛି। ମେଡିକାଲରେ ଶିଶୁଟିକୁ ତ୍ୱରିତ ଚିକିତ୍ସା ନ ମିଳିବା ଏବଂ ଖାସ୍ କରି ଡାକ୍ତର ନ ରହିବା ଯୋଗୁ ବିଳମ୍ବରେ ଚିକିତ୍ସା ଆରମ୍ଭ ହେବାରୁ ଏହି ମୃତ୍ୟୁ ହୋଇଥିବା ଜଣାପଡ଼ିଛି।

ମିଳିଥିବା ସୂଚନା ମୁତାବକ, ୩ ଦିନ ପୂର୍ବେ ଢେଙ୍କାନାଳ ଜିଲା ବାରଦା ଅଞ୍ଚଳର କନ୍ଦର୍ପ ନାୟକଙ୍କ ୨ ବର୍ଷର ପୁଅ ରାତିରେ ଘରେ ଗରମ ତରକାରିରେ ପଡ଼ିଯାଇଥିଲେ। ଶିଶୁଟିକୁ ଗୁରୁତର ଭାବେ ପ୍ରଥମେ ଢେଙ୍କାନାଳ ପରେ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲା। ଶିଶୁଟିକୁ ଏସ୍‌ସିବି ଟ୍ରମା କାଜୁଆଲଟିକୁ ନିଆଯାଇଥିଲେ। ହେଲେ ସେଠାରେ ଡାକ୍ତର ଦେଖିବାରେ ବିଳମ୍ବ ହେବା ସହ ଶିଶୁ ବିଭାଗ ଡାକ୍ତର ନ ଥିବାରୁ କିଛି ଘଣ୍ଟା ଯାଏ ଶିଶୁଟି କାଜୁଆଲଟିରେ ପଡ଼ି ରହିଥିଲେ। ପରେ ଡାକ୍ତର ଆସିବାରୁ ଶିଶୁଟିର ଚିକିତ୍ସା କରାଯାଇ ବର୍ନ ଆଇସିୟୁକୁ ସ୍ଥାନାନ୍ତର କରାଯାଇଥିଲା। ଏପରିକି ଶିଶୁଟି ୩୦ ପ୍ରତିଶତ ପୋଡ଼ିଥିବାବେଳେ କିଛି ଦିନ ମଧ୍ୟରେ ଠିକ୍ ହୋଇଯିବ ବୋଲି ଡାକ୍ତର କହିଥିଲେ। ହେଲେ ଚିକିତ୍ସା ଜାରି ରହିଥିବାବେଳେ ଶନିବାର ସନ୍ଧ୍ୟାରେ ଶିଶୁଟିର ମୃତ୍ୟୁ ଘଟିବା ପରେ ମେଡିକାଲରେ ଉତ୍ତେଜନା ଦେଖାଦେଇଥିଲା। ମୃତ ଶିଶୁକୁ ନେଇ ପରିବାର ଲୋକ ଗାଁକୁ ଫେରିଛନ୍ତି। ତେବେ ମେଡିକାଲରେ ଶିଶୁ ବିଭାଗ ଡାକ୍ତର ନ ରହିବା ଓ ଗୁରୁତର ଅବସ୍ଥାରେ ଶିଶୁ ରୋଗୀ ଚିକିତ୍ସା ପାଇଁ ଅପେକ୍ଷା କରି ରହିବାରୁ ଏଭଳି ମୃତ୍ୟୁ ହୋଇଥିବା ଶିଶୁର ମାମୁ ଶିବ ପ୍ରସାଦ ନାୟକ କହିଛନ୍ତି। ଅନ୍ୟପଟେ ଏନେଇ ମେଡିକାଲ କର୍ତ୍ତୃପକ୍ଷଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ନାଇରୋବିରେ ବର୍ଷା ବିପ୍ଳବ: ୨୩ ମୃତ

କେନିଆ ରାଜଧାନୀ ନାଇରୋବିରେ ଶୁକ୍ରବାର ରାତିରେ ପ୍ରବଳ ବର୍ଷାରେ ୨୩ ଜଣଙ୍କ ମୃତ୍ୟୁ ଘଟିବା ସହ ବିମାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଶନିବାର ରାସ୍ତାଘାଟ ଜଳାର୍ଣ୍ଣବ ହୋଇଥିବାରୁ ଗାଡ଼ିଚାଳକମାନେ ଅନେକ ଘଣ୍ଟା ଧରି ଅଟକି ରହିଥିଲେ। ଯାତାୟାତରେ ସହାୟତା ଏବଂ ଉଦ୍ଧାର କାର୍ଯ୍ୟରେ ସୈନ୍ୟ ମୁତୟନ କରାଯାଇଛି।



ନେପାଳ ସାଧାରଣ ନିର୍ବାଚନରେ ରାଷ୍ଟ୍ରୀୟ ସ୍ୱତନ୍ତ୍ର ପାର୍ଟି (ଆର୍ଏସ୍ପି) ବୃହତ୍ ବିଜୟ ଦିଗରେ ଅଗ୍ରସର ହେଉଥିବାବେଳେ ଏହାର ସମର୍ଥକମାନେ ଶନିବାର ଉତ୍ସବ ମନାଉଛନ୍ତି।

# ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ ଦେବ ଟିଏମ୍ସି

ନୂଆଦିଲ୍ଲୀ, ୭।୩(ପି.ଟି.)

ଲୋକ ସଭା ବାଚସ୍ପତି ଓମ୍ ବିର୍ଲାଙ୍କ ବିରୋଧରେ ବିରୋଧୀ ଆଣିଥିବା ଅନାସ୍ଥା ନୋଟିସରେ ସ୍ୱାକ୍ଷର କରିବାକୁ କିଛି ସପ୍ତାହ ପୂର୍ବରୁ ତୃଣମୂଳ କଂଗ୍ରେସ (ଟିଏମ୍ସି) ଏମ୍ପିମାନେ ମନା କରିଥିଲେ। ଏବେ ମମତା ବାନାର୍ଜୀଙ୍କ ଦଳ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ ଆଣିଛି। ବଜେଟ ଅଧିବେଶନର ଦ୍ୱିତୀୟ ପର୍ଯ୍ୟାୟ ଆସନ୍ତା ସୋମବାର ଆରମ୍ଭ ହେବାକୁ ଥିବାବେଳେ ବାଚସ୍ପତିଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଉପରେ ଆଲୋଚନା ହେବ। ଟିଏମ୍ସି ଏମ୍ପିମାନେ ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ଦଳ ନିଷ୍ପତ୍ତି ନେଇଛି। ଅନାସ୍ଥା ପ୍ରସ୍ତାବକୁ ସମର୍ଥନ କରିବା ପାଇଁ ଦଳ ଅଧକ୍ଷା ତଥା ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ଦଳୀୟ ଏମ୍ପିମାନଙ୍କୁ ନିର୍ଦ୍ଦେଶ ଦେଇଥିବା ଦଳର ୨ ଜଣ ବରିଷ୍ଠ ନେତା କହିଛନ୍ତି। ଲୋକ ସଭାରେ ଟିଏମ୍ସିର ୨୮ ଏବଂ ରାଜ୍ୟ ସଭାରେ ୧୨ ସଦସ୍ୟ ରହିଛନ୍ତି।

ଲୋକ ସଭାର ବିରୋଧୀ ଦଳ ନେତାଙ୍କୁ ବାଚସ୍ପତି କହିବାକୁ ସୁଯୋଗ ନ ଦେବା ଏବଂ ପକ୍ଷପାତ ନୀତି ଆପଣାଉଥିବା ଅଭିଯୋଗ କରି ୧୧୮ ଜଣ ବିରୋଧୀ ଏମ୍ପିଙ୍କ ସ୍ୱାକ୍ଷର ଥାଇ ବାଚସ୍ପତି ବିର୍ଲାଙ୍କ ବିରୋଧରେ ଅନାସ୍ଥା ପ୍ରସ୍ତାବ ଆଣିବା ପାଇଁ ଫେବୃଆରୀ ୧୦ରେ ନୋଟିସ୍ ଦିଆଯାଇଥିଲା। ଆମେ ସବୁବେଳେ ଅନାସ୍ଥା ପ୍ରସ୍ତାବ ସପକ୍ଷରେ ଅଛୁ ବୋଲି ଟିଏମ୍ସି ନେତା କହିବା ସହ ସୋମବାର ଦଳର ସମସ୍ତ ଏମ୍ପି ଲୋକ ସଭାରେ ଉପସ୍ଥିତ ରହିବେ ବୋଲି କହିଛନ୍ତି। ଏହି ପ୍ରସଙ୍ଗରେ ଟିଏମ୍ସି ନେତାମାନେ ଇଣ୍ଡିଆ ବ୍ଲକ୍ର ଅନ୍ୟ ନେତାମାନଙ୍କ ସହ ଯୋଗାଯୋଗରେ ରହିଛନ୍ତି। ନିମ୍ନ ସଦନରେ ସାଧାରଣ ସଂଖ୍ୟାଗରିଷ୍ଠତାରେ ବିଲ୍ ଗୃହୀତ ହେଲେ ବାଚସ୍ପତି ବହିଷ୍କୃତ ହୋଇପାରିବେ। ସମ୍ବିଧାନର ଅନୁଚ୍ଛେଦ ୯୪ସିରେ ଏହି ବ୍ୟବସ୍ଥା ରହିଛି। ତେବେ ବାଚସ୍ପତି ଗୃହରେ ନିଜ ସପକ୍ଷରେ ଯୁକ୍ତି ରଖିବାକୁ ଅନୁଚ୍ଛେଦ ୯୬ ଅନୁମତି ଦେଇଛି।



ଓମ୍ ବିର୍ଲା

# ପଡ଼ୋଶୀଙ୍କୁ କ୍ଷମା ମାଗିଲା ଇରାନ

ତେହରାନ୍,୭।୩

ଇରାନ-ଆମେରିକା ଯୁଦ୍ଧକୁ ନେଇ ଏବେ ବି ସ୍ଥିତି ଗମ୍ଭୀର ରହିଛି। ଯୁଦ୍ଧର ଅଷ୍ଟମ ଦିନରେ ଶନିବାର ଇରାନ ଉପରେ ଆମେରିକା ଓ ଇସ୍ରାଏଲର ଆକ୍ରମଣ ଆହୁରି ଜୋର୍ଦାର ହୋଇଥିଲା ବେଳେ ଇରାନ ମଧ୍ୟ ଉପସାଗରୀୟ ଅଞ୍ଚଳର ବିଭିନ୍ନ ଦେଶରେ ଆମେରିକୀୟ ଠିକଣାଗୁଡିକ ଉପରେ ଆକ୍ରମଣ ଜାରି ରଖିଛି। ହେଲେ ଯୁଦ୍ଧକୁ ନେଇ ଇରାନ ନିଜ ଆଭିମୁଖ୍ୟରେ ପରିବର୍ତ୍ତନ କରିବା ସହ ଶନିବାର ପଡ଼ୋଶୀ ରାଷ୍ଟ୍ରଗୁଡିକୁ କ୍ଷମା ମାଗିବା ଘଟଣା ଯୁଦ୍ଧ ପରିସ୍ଥିତିରେ ଏକ ନୂଆ ମୋଡ଼ ଆଣିଛି। ଆମେରିକା ଏବଂ ଇସ୍ରାଏଲ ଇରାନ ଉପରେ ଆକ୍ରମଣ ଆରମ୍ଭ କରିବା ପରେ ସାଉଦି ଆରବ,ୟୁଏଇ, କାତାର, କୁଏତ୍, ବାହାରିନ୍ ଭଳି ବହୁ ଉପସାଗରୀୟ ତଥା ପଡ଼ୋଶୀ ଦେଶରେ ରହିଥିବା ଆମେରିକୀୟ ସାମରିକ ଘାଟିଗୁଡିକ ଉପରେ ଇରାନ ଆକ୍ରମଣ କରିଥିଲା।



ମେହମୁଦ ପେଜେସ୍କିଆନ୍

କେବଳ ସାମରିକ ଘାଟି ନୁହେଁ, ତୈଳ ଓ ଗ୍ୟାସ୍ ରିଫାଇନେରି, ବିମାନ ବନ୍ଦର, ହୋଟେଲ ଏବଂ ଅନ୍ୟ ପ୍ରମୁଖ ଭିତ୍ତିଭୂମି ଉପରେ ଇରାନ ଘନ ଘନ ଡ୍ରୋନ୍ ଓ କ୍ଷେପଣାସ୍ତ୍ର ମାଡ଼ କରିଥିଲା। ଏଥିରେ ଉପରୋକ୍ତ ସବୁ ଦେଶର ପର୍ଯ୍ୟାପ୍ତ କ୍ଷତି ଘଟିବା ସହିତ ଇରାନର ଏହି ଆଭିମୁଖ୍ୟକୁ ନେଇ ସେଗୁଡିକ ଗଭୀର ଉଦ୍ବେଗ ପ୍ରକାଶ କରିଥିଲେ। କିନ୍ତୁ ଆକ୍ରମଣ ପାଇଁ ଅଚାନକ ଇରାନ ଏହିସବୁ ପଡ଼ୋଶୀ ରାଷ୍ଟ୍ରଗୁଡିକୁ ଶନିବାର କ୍ଷମା ମାଗିଛି। ଇରାନ ରାଷ୍ଟ୍ରପତି ମେହମୁଦ୍ ପେଜେସ୍କିଆନ୍ ରାଷ୍ଟ୍ରୀୟ ଟିଭି ପ୍ରସାରଣରେ ଏହି ସମସ୍ତ ଦେଶକୁ କ୍ଷମା ପ୍ରାର୍ଥନା କରିବା ସହ ଆଉ ଆକ୍ରମଣ କରାଯିବ ନାହିଁ ବୋଲି କହିଛନ୍ତି। ଯେପର୍ଯ୍ୟନ୍ତ ଏହିସବୁ ଦେଶ ପକ୍ଷରୁ ଇରାନ ଉପରେ ପ୍ରଥମେ ଆକ୍ରମଣ କରା ନ ଯାଇଛି, ସେପର୍ଯ୍ୟନ୍ତ ଇରାନ କୌଣସି ପଦକ୍ଷେପ ଗ୍ରହଣ କରିବ ନାହିଁ ବୋଲି ପେଜେସ୍କିଆନ୍ କହିଛନ୍ତି।

## ଆମେରିକା, ଇସ୍ରାଏଲ ମାଡ଼ରେ ଇରାନ ସାବାଡ଼:ଟ୍ରମ୍ପ

ଇରାନ ରାଷ୍ଟ୍ରପତି ମେହମୁଦ ପେଜେସ୍କିଆନ୍ ପଡ଼ୋଶୀ ରାଷ୍ଟ୍ରଗୁଡିକୁ କ୍ଷମା ମାଗିଲା ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ଇରାନକୁ ତାଚ୍ଛଲ୍ୟ କରି ଆମେରିକା ଏବଂ ଇସ୍ରାଏଲ ପ୍ରହାରରେ ଇରାନ ଧୂଳିସାତ୍ ହୋଇସାରିଛି ବୋଲି କହିଛନ୍ତି। ଟ୍ରମ୍ପ ସୋସିଆଲ ମିଡିଆ ଟ୍ରୁଥ୍‌ରେ କହିଛନ୍ତି, ଇରାନ ମଧ୍ୟପ୍ରାଚ୍ୟରେ ତାହାର ପଡ଼ୋଶୀ ରାଷ୍ଟ୍ରଗୁଡିକ ଉପରେ ଆଉ ଆକ୍ରମଣ କରିବ ନାହିଁ ବୋଲି ଘୋଷଣା କରିଛି। କିନ୍ତୁ ଏହା କେବଳ ଆମେରିକା ଏବଂ ଇସ୍ରାଏଲର ପ୍ରଚଣ୍ଡ ଆକ୍ରମଣ ଯୋଗୁ ସମ୍ଭବ ହୋଇଛି।



ଡୋନାଲ୍ଡ ଟ୍ରମ୍ପ

ଯେଉଁ ଦେଶ ମଧ୍ୟପ୍ରାଚ୍ୟର ସବୁ ଦେଶ ଉପରେ ପ୍ରଭାବ ବିସ୍ତାର କରି ନିଜର ଆଧିପତ୍ୟ ଜାହିର କରିବାକୁ ଚାହୁଁଥିଲା, ବର୍ତ୍ତମାନ ସେହି ଦେଶ ସବୁ ଦେଶକୁ

### ଆହୁରି ଜୋର୍ଦାର ହେବ ଆକ୍ରମଣ

କ୍ଷମା ପ୍ରାର୍ଥନା କରିବାକୁ ବାଧ ହୋଇଛି ବୋଲି ଟ୍ରମ୍ପ ଇରାନ ଉଦ୍ଦେଶ୍ୟରେ କହିଛନ୍ତି। ଏହାଛଡ଼ା ସେ ଇରାନକୁ ପୁଣି ଚେତାବନୀ ଦେଇ ଆକ୍ରମଣକୁ ଆହୁରି ଜୋର୍ଦାର କରାଯିବ ବୋଲି କହିଛନ୍ତି। ଯଦି ଇରାନ ପରବର୍ତ୍ତୀ ସମୟରେ ପୁଣି ବ୍ୟତିକ୍ରମ କରେ , ତେବେ ସାଂଘାତିକ ଆକ୍ରମଣ କରି ଇରାନକୁ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଯିବ ବୋଲି ଟ୍ରମ୍ପ କହିଛନ୍ତି।

## ଖର୍କିଭ୍‌ରେ ରୁଷିଆର ମିଶାଇଲ ମାଡ଼: ୭ ନିହତ

ଖର୍କିଭ୍,୭।୩

ୟୁକ୍ରେନ୍‌ର ଖର୍କିଭ୍ ସହରରେ ଶୁକ୍ରବାର ବିଳମ୍ବିତ ରାତିରେ ରୁଷିଆ ମିଶାଇଲ୍ ମାଡ଼ କରିବାରୁ ୨ ପିଲାଙ୍କ ସମେତ ଅନ୍ୟୂନ ୭ ଜଣଙ୍କ ମୃତ୍ୟୁ ଘଟିଥିବା ଆଞ୍ଚଳିକ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି। ବାଲିଷ୍ଟିକ୍ ମିଶାଇଲ୍ ମାଡ଼ରେ ଧ୍ୱଂସ ହୋଇଯାଇଥିବା ଏକ ଆବାସିକ ଆପାର୍ଟମେଣ୍ଟର ଭଗ୍ନାବଶେଷ ମଧ୍ୟରୁ ୫ ମୃତଦେହ ମିଳିଛି। ରୁଷିଆ ଜୋର୍ଦାର ମିଶାଇଲ୍ ଓ ଡ୍ରୋନ୍ ଆକ୍ରମଣ କରିବାରୁ ୟୁକ୍ରେନ୍‌ର ଅଧିକାଂଶ ଭାଗରେ ଏୟାର ରେଡ୍ ସତର୍କ ସୂଚନା ଜାରି କରାଯାଇଛି। ଡିନିପ୍ରୋପେଟ୍ରୋଭସ୍କ ଅଞ୍ଚଳରେ ଅନ୍ୟ ଏକ ଆକ୍ରମଣରେ ଜଣେ ପ୍ରାଣ ହରାଇଛନ୍ତି। ଶତ୍ରୁପକ୍ଷର ଆକ୍ରମଣରେ ଖର୍କିଭ୍‌ର କିଭିସ୍କି ଜିଲାରେ ଥିବା ଏକ ୫ ମହଲା ବିଲ୍ଡିଂ ଆଂଶିକ କ୍ଷତିଗ୍ରସ୍ତ ହେବା ସହ ପାଖରେ ଥିବା ଏକ ଘର ଧ୍ୱଂସ ହୋଇଯାଇଛି।

## ଘରୋଇ ଏଲ୍‌ପିଜି ମୂଲ୍ୟ ୬୦ ଟଙ୍କା ବୃଦ୍ଧି

ନୂଆଦିଲ୍ଲୀ,୭।୩

ସର୍ବଭାରତୀୟ ସ୍ତରରେ ଘରୋଇ ଏଲ୍‌ପିଜି ସିଲିଣ୍ଡର ମୂଲ୍ୟରେ ୬୦ ଟଙ୍କା ବୃଦ୍ଧି ଘଟିଛି। ଶନିବାରଠାରୁ ଏହି ବର୍ଦ୍ଧିତ ମୂଲ୍ୟ ଲାଗୁ କରାଯାଇଥିବାରୁ ଖାଉଟିଙ୍କ ଉପରେ ପୁଣି ବୋଝ ପଡ଼ିଛି। ଉଜ୍ଜ୍ୱଳା ଯୋଜନାରେ ଅନ୍ତର୍ଭୁକ୍ତ ଖାଉଟି ମଧ୍ୟ ଏହି ବର୍ଦ୍ଧିତ ମୂଲ୍ୟରେ ଗ୍ୟାସ୍ କିଣିବେ। ବ୍ୟାବସାୟିକ ସିଲିଣ୍ଡର ମୂଲ୍ୟରେ ମଧ୍ୟ ୧୧୫ ଟଙ୍କା ବୃଦ୍ଧି କରାଯାଇଛି। ଇରାନ-ଆମେରିକା ଯୁଦ୍ଧକୁ ନେଇ ଅନ୍ତର୍ଜାତୀୟ ବଜାରରେ ପେଟ୍ରୋଲିୟମ ଓ ଗ୍ୟାସ୍ ମୂଲ୍ୟ ଅସ୍ଥିର ହେବାକୁ ଲାଗିଥିଲା ବେଳେ ଏହାର ପ୍ରଭାବରେ ଏଲ୍‌ପିଜି ମୂଲ୍ୟ ବୃଦ୍ଧି ଘଟିଥିବା କୁହାଯାଉଛି। ଆଗକୁ ପେଟ୍ରୋଲ ଏବଂ ଡିଜେଲ ମୂଲ୍ୟ ବୃଦ୍ଧି ଘଟିପାରେ ବୋଲି ଆଶଙ୍କା ବଢ଼ିଛି।

## ମଧ୍ୟପ୍ରାଚ୍ୟରୁ ସ୍ୱଦେଶ ଫେରିଲେଣି ୫୨ ହଜାର ଭାରତୀୟ

ନୂଆଦିଲ୍ଲୀ,୭।୩

ଇରାନ-ଆମେରିକା ଯୁଦ୍ଧକୁ ନେଇ ମଧ୍ୟପ୍ରାଚ୍ୟରେ ସ୍ଥିତି ଜଟିଳ ହୋଇପଡ଼ିବାରୁ ଭାରତୀୟମାନଙ୍କ ସୁରକ୍ଷା ଚିନ୍ତାର ବିଷୟ ହୋଇଛି। ସାଉଦି ଆରବ, ୟୁଏଇ, କାତାର, ବାହାରିନ, କୁଏତ ଆଦି ଦେଶରେ ଅନେକ ଲକ୍ଷ ଭାରତୀୟ ରହୁଥିବା ବେଳେ ଏହିସବୁ ଦେଶ ଉପରେ ଇରାନ ଆକ୍ରମଣ କରିବା ଘଟଣା ଉଦ୍‌ବେଗ ସୃଷ୍ଟି କରିଛି। ବର୍ତ୍ତମାନ ସୁଦ୍ଧା ୨୮୦ ବିମାନରେ ମୋଟ ୫୨ ହଜାର ୩୬୦ ଜଣଙ୍କୁ ଭାରତ ଅଣାଯାଇଥିବା ବେସାମରିକ ବିମାନ ଚଳାଚଳ ମହାନିର୍ଦ୍ଦେଶାଳୟ (ଡିଜିସିଏ) ପକ୍ଷରୁ କୁହାଯାଇଛି। ୟୁଏଇର ଦୁବାଇ, ଆବୁଧାବି, କାତାର, କୁଏତ୍ ଏବଂ ସାଉଦି ଆରବର ରିଆଦ ଆଦି ସହରରେ ସର୍ବାଧିକ ଭାରତୀୟ କାର୍ଯ୍ୟ କରନ୍ତି। ଇରାନ ଏହିସବୁ ଦେଶ ଉପରେ ଆକ୍ରମଣ କରିଚାଲିଛି। ଭାରତୀୟଙ୍କୁ ଫେରାଇ ଆଣିବା ଲାଗି କେନ୍ଦ୍ର ଅଗ୍ରାଧିକାର ଦେଇଥିଲା। ଭାରତ ଏବଂ ମଧ୍ୟପ୍ରାଚ୍ୟର ବିଭିନ୍ନ ଏୟାରଲାଇନ୍ସ ଦ୍ୱାରା ଭାରତୀୟଙ୍କୁ ସ୍ୱଦେଶ ଫେରାଇ ଅଣାଯାଇଛି।

# ଖବରଦାତା ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଦୋଷମୁକ୍ତ

ଚଣ୍ଡିଗଡ଼,୭।୩(ପି.ଟି.)

୨୦୦୨ରେ ଜଣେ ଖବରଦାତାଙ୍କୁ ହତ୍ୟା ମାମଲାରେ ଡେରା ସଚ୍ଚା ସୌଦା ମୁଖ୍ୟ ଗୁରମିତ୍ ରାମରହିମ୍ ସିଂଙ୍କୁ ପଞ୍ଜାବ ଓ ହରିୟାଣା ହାଇକୋର୍ଟ ଶନିବାର ଦୋଷମୁକ୍ତ କରିଛନ୍ତି। ୭ ବର୍ଷ ପୂର୍ବରୁ ସ୍ୱତନ୍ତ୍ର ସିବିଆଇ କୋର୍ଟ ରାମରହିମ୍‌ଙ୍କୁ ଦୋଷୀସାବ୍ୟସ୍ତ କରିବା ସହ ଆଜୀବନ ଜେଲ ଦଣ୍ଡାଦେଶ ଦେଇଥିଲେ। ୫୮ ବର୍ଷୀୟ ରାମରହିମ୍ ଏବେ ରୋହତକ୍‌ର ସୁନାରିକା ଜେଲରେ ଅଛନ୍ତି। ୨ ଅନୁଗାମୀ ମହିଳାଙ୍କୁ ବଳାତ୍କାର ମାମଲାରେ ତାଙ୍କୁ ୨୦୧୭ରେ ୨୦ ବର୍ଷ ଜେଲ ଦଣ୍ଡାଦେଶ ଦିଆଯାଇଥିଲା।



ଗୁରମିତ୍ ରାମରହିମ୍ ସିଂ

୨୦୦୨ରେ ପୂର୍ବତନ ମ୍ୟାନେଜର ରଞ୍ଜିତ୍ ସିଂଙ୍କୁ ହତ୍ୟା ମାମଲାରେ ହାଇକୋର୍ଟ ୨୦୨୪ ମେ'ରେ ସ୍ୱତନ୍ତ୍ର ସିବିଆଇ କୋର୍ଟଙ୍କ ରାୟକୁ ଖାରଜ କରିଦେଇ ରାମରହିମ୍ ଓ ଅନ୍ୟ ୪ ଜଣଙ୍କୁ ଦୋଷମୁକ୍ତ କରିଥିଲେ।

ସିର୍ସାସ୍ଥିତ ଡେରା ମୁଖ୍ୟାଳୟରେ ମହିଳା ଅନୁଗାମୀମାନଙ୍କୁ ଯୌନ ଶୋଷଣ କରାଯାଉଥିବା ସମ୍ପର୍କରେ ଲେଖାଥିବା ଏକ ବେନାମୀ ପତ୍ର ଖବରଦାତା ରାମଚନ୍ଦ୍ର ଛତ୍ରପତିଙ୍କ ଖବରକାଗଜ 'ପୂରା ସଚ୍'ରେ ପ୍ରକାଶ ପାଇଥିଲା। ୨୦୦୨ ଅକ୍ଟୋବରରେ ଛତ୍ରପତିଙ୍କୁ ସିର୍ସାସ୍ଥିତ ବାସଭବନ ବାହାରେ ଗୁଳିକରି ହତ୍ୟା କରାଯାଇଥିଲା। ଏହି ହତ୍ୟାକାଣ୍ଡ ପଛରେ ରାମରହିମ୍‌ଙ୍କ ଷଡ଼ଯନ୍ତ୍ର ଥିବା ଅଭିଯୋଗରେ ତାଙ୍କ ନାମରେ ମାମଲା ରୁଜୁ ହୋଇଥିଲା। ୨୦୧୯ରେ ପଞ୍ଚକୁଲାର ସ୍ୱତନ୍ତ୍ର ସିବିଆଇ କୋର୍ଟ ରାମରହିମ୍‌ଙ୍କୁ ଦୋଷୀସାବ୍ୟସ୍ତ କରିଥିବାବେଳେ ଏହାକୁ ସେ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ।





ଇରାନ ଉପରେ ଆମେରିକା ଓ ଇସ୍ରାଏଲ୍‌ର ଆକ୍ରମଣକୁ ବିରୋଧ କରି ତୁର୍କୀର ଇସ୍ତାନବୁଲ୍‌ସ୍ଥିତ ଇସ୍ରାଏଲୀ ବାଣିଜ୍ୟିକ ଦୂତାବାସ ବାହାରେ ଲୋକେ ସ୍ଲୋଗାନ ଦେଉଛନ୍ତି।

## ଜିମ୍‌ରେ ସରପଞ୍ଚଙ୍କୁ ଗୁଳିକରି ହତ୍ୟା

ବଠିଣ୍ଡା,୭।୩

ପଞ୍ଜାବର ମୋଗା ଜିଲା ଅନ୍ତର୍ଗତ ବାଘପୁରାନା ସହରରେ ଶୁକ୍ରବାର ସକାଳେ ଜଣେ ସରପଞ୍ଚଙ୍କୁ ଗୁଳିକରି ହତ୍ୟା କରାଯାଇଛି। ପାଞ୍ଚୋ ହୀରାସିଂ ସରପଞ୍ଚ ହରୱିନ୍ଦର ସିଂ ତାଙ୍କ 'ସୁଜନ ଫିଟ୍‌ନେସ୍ କ୍ଲବ୍'ରେ ପହଞ୍ଚିବାମାତ୍ରେ ତାଙ୍କୁ ଗୁଳି କରାଯାଇଥିଲା। ବାଘପୁରାନା ସିଭିଲ୍ ହସ୍ପିଟାଲରେ ତାଙ୍କର ମୃତ୍ୟୁ ଘଟିଛି। ପୂର୍ବରୁ ହରୱିନ୍ଦରଙ୍କୁ ହତ୍ୟା ଧମକ ମିଳିଥିଲା। ଆପ୍ ବିଧାୟକ ଅମ୍ରିତପାଲ ସିଂ ସୁଖାନନ୍ଦ ଧମକ ଦେଇଥିଲେ ବୋଲି ହରୱିନ୍ଦରଙ୍କ ସମ୍ପର୍କୀୟ ଅଭିଯୋଗ କରିବା ସହ ତାଙ୍କ ବିରୋଧରେ ଏତଲା ଦାଏର ପାଇଁ ଦାବି କରିଛନ୍ତି।

# ପଶ୍ଚିମବଙ୍ଗରେ ବେରୋଜଗାରୀଙ୍କୁ ୧,୫୦୦ ଟଙ୍କା ଭତ୍ତା

କୋଲକାତା,୭।୩

### ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀଙ୍କ ଘୋଷଣା

ପଶ୍ଚିମବଙ୍ଗ ବିଧାନସଭା ନିର୍ବାଚନ ପୂର୍ବରୁ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ରାଜ୍ୟରେ ସମସ୍ତ ଦଶମ ଶ୍ରେଣୀ ପାସ୍ ବେରୋଜଗାରୀ ଯୁବବର୍ଗଙ୍କୁ ମାସିକ ୧,୫୦୦ ଟଙ୍କା ଭତ୍ତା ଶନିବାର ପ୍ରଦାନ କରିଛନ୍ତି। ପ୍ରତି ମାସରେ ଏହି ଭତ୍ତା ସେମାନଙ୍କୁ ଭବିଷ୍ୟତରେ ଆତ୍ମନିର୍ଭର ହେବାରେ ସହାୟକ ହେବ ବୋଲି ମମତା କହିଛନ୍ତି। ଭୋଟର ତାଲିକାର ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍ଆଇଆର୍) ବେଳେ ବହୁସଂଖ୍ୟାରେ ଭୋଟରଙ୍କ ନାଁ କାଟିଦିଆଯାଇଥିବାରୁ ଏହାର ପ୍ରତିବାଦରେ ଧାରଣାରେ ବସିଥିବା ଟିଏମ୍ସି ସୁପ୍ରିମୋ ମମତା ୮ ତାରିଖ ଅନ୍ତର୍ଜାତୀୟ ମହିଳା ଦିବସ ଅବ୍ୟବହିତ ପୂର୍ବରୁ ବେରୋଜଗାରୀ ଭତ୍ତା ଘୋଷଣା କରିଛନ୍ତି। ୨୧ରୁ ୪୦ ବର୍ଷ ବୟସବର୍ଗର ମାଧ୍ୟମିକ ପରୀକ୍ଷା ପାସ୍ କରିଥିବା ପୁରୁଷ ଓ ମହିଳାଙ୍କୁ ମାର୍ଚ୍ଚ ୭ରୁ ପ୍ରତି ମାସରେ ୧,୫୦୦ ଟଙ୍କା ଲେଖାଏ ମିଳିବ ବୋଲି ମମତା କହିଛନ୍ତି। ଯେଉଁମାନେ ଏବେ ବି ପଢୁଛନ୍ତି, ଏବଂ ଛାତ୍ରବୃତ୍ତି ବ୍ୟତୀତ ଅନ୍ୟ କୌଣସି ଯୋଜନାର ହିତାଧିକାରୀ ହୋଇନାହାନ୍ତି, ସେମାନଙ୍କୁ ଉକ୍ତ ଭତ୍ତା ମିଳିବ। ଏପ୍ରିଲ ୧ରୁ ଭତ୍ତା ପ୍ରଦାନ କରାଯିବ ବୋଲି ସରକାର ପୂର୍ବରୁ କହିଥିବାବେଳେ ଅନ୍ତର୍ଜାତୀୟ ମହିଳା ଦିବସ ପୂର୍ବରୁ ଏହାକୁ ଏକ ଉପହାର ଭାବେ ଦେବା ପାଇଁ ସ୍ଥିର କରାଗଲା ବୋଲି ମମତା କହିଛନ୍ତି। ଭତ୍ତା ପାଇଁ ଆବେଦନ କରିଥିବା ପ୍ରାୟ ୧ କୋଟି ଯୁବବର୍ଗ ଏଥିରୁ ଉପକୃତ ହେବେ।

# ସାରାଙ୍କ ହାତରେ ବନ୍ଧୁକ

ମୁମ୍ବାଇ

'ଧୁରନ୍ଧର: ଦି ରିଭେଞ୍ଜ'(ଧୁରନ୍ଧର-୨)ର ଟ୍ରେଲର ରିଲିଜ ହୋଇଛି। ଏହା ଏବେ ସୋସିଆଲ ମିଡିଆରେ ଟ୍ରେଣ୍ଡ କରୁଛି। ଦର୍ଶକ ପୁଣି ଆକ୍ସନ-ଭରା କାହାଣୀ ଦେଖିବାକୁ ଉତ୍ସାହିତ ଅଛନ୍ତି। ଟ୍ରେଲରଟି ଅନେକ ଗୁରୁତ୍ୱପୂର୍ଣ୍ଣ ରହସ୍ୟ ମଧ୍ୟ ପ୍ରକାଶ କରିଛି। ଫିଲ୍ମର ନାୟିକା ସାରା ଅର୍ଜୁନ ବନ୍ଧୁକ ଧରିଥିବାର ନଜର ଆସିଛନ୍ତି। ପ୍ରଥମ ପାର୍ଟରେ ସାରାଙ୍କୁ ରୋମାନ୍ସ କରୁଥିବାର ଦେଖିବାକୁ ମିଳିଥିଲା। କିନ୍ତୁ 'ଧୁରନ୍ଧର-୨'ରେ ସେ ବନ୍ଧୁକ ଧରିଥିବା ଦର୍ଶକେ ଦେଖିବାକୁ ପାଇବେ। ସାରାଙ୍କୁ ଏବେ ମାତ୍ର ୨୦ ବର୍ଷ। 'ଧୁରନ୍ଧର'ରେ ସେ ତାଙ୍କଠାରୁ ୨୦ ବର୍ଷ ବଡ଼ ରଣବୀର ସିଂଙ୍କ ସହ ରୋମାନ୍ସ କରିଥିଲେ। ତଥାପି ଏହି ଅନ୍-ସ୍କ୍ରିନ୍ ଯୋଡ଼ି ଦର୍ଶକଙ୍କ ହୃଦୟ ଜିଣିଥିଲା। 'ଧୁରନ୍ଧର'ରେ ସାରାଙ୍କ 'ୟାଲିନା ଜମାଲ' ଚରିତ୍ରରେ ପ୍ରେମର ଝଲକ ଦୃଶ୍ୟମାନ ହେଉଥିଲା। କିନ୍ତୁ ଏବେ ଧୁରନ୍ଧର -୨ ଟ୍ରେଲରରେ ୟାଲିନାଙ୍କ ଆଖିରେ ଏକ ଭୟଙ୍କର ଭାବ ଏବଂ ହାତରେ ବନ୍ଧୁକ ଦେଖିବାକୁ ମିଳିଛି। ଏହା କାହାଣୀରେ ଏକ ଗୁରୁତ୍ୱପୂର୍ଣ୍ଣ ମୋଡ଼ ହୋଇପାରେ ବୋଲି ବିଶ୍ୱାସ କରାଯାଉଛି।



ସାରା ଅର୍ଜୁନ

# ଅସୁରକ୍ଷିତ ରାଜଧାନୀ, କଥା କଥାରେ ବୁଲୁଛି ଖଣ୍ଡା

■ମାମଲା ରୁଜୁ ପରେ ବି ଅପରାଧୀଙ୍କୁ ଧରିପାରୁନି ପୋଲିସ
■ପୁରୁଣା ଅପରାଧୀଙ୍କ ତାଲିକା କରିବାକୁ ଡିସିପିଙ୍କ ନିର୍ଦ୍ଦେଶ
■ଜେଲ ପରେଡ୍ ବନ୍ଦ ହୋଇଯାଇଥିବାରୁ ଭୟ କରୁନାହାନ୍ତି ଅପରାଧୀ

ଭୁବନେଶ୍ୱର,୭।୩(ତ୍ରିନାଥ ମହାନ୍ତି)

ଅସୁରକ୍ଷିତ ହୋଇ ପଡ଼ିଛି ରାଜଧାନୀ ଭୁବନେଶ୍ୱର। କଥା କଥାରେ ଏବେ ଅପରାଧୀମାନେ ଖଣ୍ଡାରେ ଆକ୍ରମଣ କରୁଛନ୍ତି। ସେଥିପାଇଁ ଘରୁ ଗୋଡ଼ କାଢ଼ିବାକୁ ଡର ଲାଗୁଛି। ସାମାନ୍ୟ କଥାରେ କିଏ ବିଚ୍ ରାସ୍ତାରେ ଗୋଡ଼ାଇ ହାଣୁଥିବାବେଳେ ଆଉ ଛୁରିରେ ଭୁସି ହତ୍ୟା କରୁଛନ୍ତି। ରାଜଧାନୀର ଛାତି ଉପରେ ଅପରାଧୀ ବେଧଡ଼କ ଭାବେ ଗୋଟିଏ ପରେ ଗୋଟିଏ ଅପରାଧ ଘଟି ଚାଲିଥିବାବେଳେ ପୋଲିସ ଯେପରି ନାଚାର ହୋଇ ବସିଛି। କେବଳ ମାମଲା ରୁଜୁ କରି ଅପରାଧୀଙ୍କୁ ଧରିବା ବଦଳରେ ବସି ପଡୁଛି।

ଗୁରୁବାର ରାତି ସାଢେ ୯ଟାରେ ସାମନ୍ତରାପୁର ଛକରେ ଥିବା ଜଣେ ମିଠା ଦୋକାନୀଙ୍କୁ ଦୁର୍ବୃତ୍ତମାନେ ସାମାନ୍ୟ କଥାକୁ ନେଇ ଖଣ୍ଡାରେ ହାଣି ହତ୍ୟା ଉଦ୍ୟମ କରିଥିଲେ। ପ୍ଲାଷ୍ଟିକ୍ ଚାମୁଚି ଦେବା ବଦଳରେ ଷ୍ଟିଲ୍ ଚାମଚରେ ମିଠା ଖାଇବାକୁ ଦେବାରୁ ଉତ୍ତେଜିତ ହୋଇ ମିଠା ଦୋକାନୀ ଦିଲ୍ଲୀପଙ୍କୁ ଦୁର୍ବୃତ୍ତମାନେ ଗୋଡ଼ାଇ ହାଣିବା ସହ ଦୋକାନରେ ପଶି ଭଙ୍ଗାରୁଜା କରିଥିଲେ। ପୋଲିସ ଏନେଇ ମାମଲା ରୁଜୁ କରିଥିଲେ ମଧ୍ୟ ଅପରାଧୀଙ୍କୁ ଗିରଫ କରିବାରେ ବିଫଳ ହୋଇଛି। ସେହିପରି ଶୁକ୍ରବାର ସକାଳେ ଚନ୍ଦ୍ରଶେଖରପୁର ଥାନା ନୀଳାଦ୍ରିବିହାର ସେକ୍ଟର-୧ ଏଟିଏମ୍ ଛକ ନିକଟରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଥିଲା। ଯୁବକ ଜଣଙ୍କ ଏକ ଘରୋଇ ଇଞ୍ଜିନିୟର କଲେଜରେ ପାଠ ପଢୁଥିଲେ। ସାମାନ୍ୟ ବଚସାରୁ ବାଇକ୍‌ରେ ୨ଜଣ ଯୁବକ ଆସି ଛୁରାମାଡ଼ କରିଥିଲେ। ଅଭିଯୋଗ ହେବାର ଗୋଟିଏ ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କ ନିକଟରେ ପହଞ୍ଚିପାରିନି।

କେବଳ ଏହି ଘଟଣା ନୁହେଁ ପୂର୍ବରୁ ଏକାଧିକ ହତ୍ୟା ଏବଂ ଛୁରାମାଡ଼ ଦେଖିବାକୁ ମିଳିଛି। ପୋଲିସକୁ ଖୋଲା ଚ୍ୟାଲେଞ୍ଜ ଦେଇ ଘଟାଉଛନ୍ତି ଜଘନ୍ୟ କାଣ୍ଡ। ଗତ ଫେବୃଆରୀ ୨୮ ତାରିଖରେ ରାଜଧାନୀରେ ୟୁଟ୍ୟୁବର ରାହୁଲ ମହାରଣାଙ୍କୁ ଛୁରି ଭୁସି ହତ୍ୟା କରିଥିଲେ ଯବାନ ଦାଦା ଓ ଦୁଇ ପୁତୁରା। ମଞ୍ଚେଶ୍ୱର ଥାନା ଜିଜିପି ହାଇସ୍କୁଲ ପଡ଼ିଆରେ ଦୁଇ ଗୋଷ୍ଠୀ ମଦ ପିଇବା ସମୟରେ ଫୋନ୍‌ରେ ଗାଳିଗୁଲଜକୁ ନେଇ ହୋଇଥିଲା ଗଣ୍ଡଗୋଳ। ଯବାନ ଦାଦା ଏବଂ ଦୁଇ ପୁତୁରା ଛୁରିରେ ରାହୁଲଙ୍କୁ ହତ୍ୟା କରିଥିଲେ। ହତ୍ୟା ପଛରେ ଷଡ଼ଯନ୍ତ୍ର ଥିବା ପରିବାର ଲୋକ କହିଥିବା ବେଳେ ପୋଲିସ କିନ୍ତୁ ଆଉ ଏକ ଥିଓରି କହିଛି। ସେହିପରି ହୋଲି ଦିନ ଭରତପୁର ଫୁଲେଶ୍ୱର ବସ୍ତିରେ ମଦ ପିଇବାକୁ ଟଙ୍କା ନ ଦେବାରୁ ସ୍ତ୍ରୀଙ୍କୁ ଛୁରି ଭୁସି ସ୍ୱାମୀ ହତ୍ୟା କରିଥିଲେ। ସେହିପରି ଫେବୃଆରୀ ୨୮ରେ ପାତ୍ରପଡ଼ା ଭଗବାନପୁରରେ ଏକ କାଫେକୁ ୮ଜଣ ଦୁର୍ବୃତ୍ତ ବାଇକ୍‌ରେ ଆସି ପଶିଥିଲେ। ଆଗରେ ଯାହାକୁ ପାଇଲେ ଖଣ୍ଡା ଓ କାତିରେ ହାଣି ଥିଲେ, ଯାହାର ଦୃଶ୍ୟ ସିସିଟିଭିରେ କଏଦ ହୋଇଥିଲା। ସେହିଦିନ ସକାଳୁ ଚନ୍ଦ୍ରଶେଖପୁର ଥାନା ଅଞ୍ଚଳରେ ଜଣେ ବରିଷ୍ଠ ପୋଲିସ ଅଧିକାରୀଙ୍କ ମା'ଙ୍କ ବେକରୁ ସୁନା ଚେନ୍ ଛିଣ୍ଡାଇ ଦୁର୍ବୃତ୍ତ ଫେରାର ହେବାର ହୋଇଯାଇଥିଲେ। ଆହୁରି ମଧ୍ୟ ସେହିଦିନ ଭରତପୁର ଥାନା କଳିଙ୍ଗନଗର କେ-୪ରେ ଜଣେ ଅଭିଯୁକ୍ତ ସୁନା ଦୋକାନୀଙ୍କ ମୁହଁରେ ସ୍ପ୍ରେ ମାରି ସୁନା ଗହଣା ଲୁଟି ନେଇଥିଲେ। କେବଳ ଏତିକି ଘଟଣା ନୁହେଁ ଗତ ମାସରେ ଏୟାରଫିଲ୍ଡ ଥାନା ସୁନ୍ଦରପଦା ନ୍ୟୁ ଆଜାଦ ନଗରରେ ଏକ ୩ତାଲା ବିଲ୍ଡିଂ ଉପରେ ବୋମା ଭିଡୁଥିବା ବେଳେ ବିସ୍ଫୋରଣ ଘଟିଥିଲା।

କେବଳ ହତ୍ୟାକାଣ୍ଡ ନୁହେଁ, ଖଣ୍ଡା ଭୁଜାଲିରେ ଲୋକଙ୍କୁ ହାଣି ଲହୁଲୁହାଣ କରିବା, ଛିନ୍ତାଇ, ଚୋରି, ଡକାୟତି, ବୋମା ତିଆରି ଭଳି ଅପରାଧ ଦିନକୁ ଦିନ ବଢ଼ିଚାଲିଛି। ପୂର୍ବଭଳି ଜେଲ ପରେଡ୍ କରାଯାଉ ନ ଥିବାରୁ ପୋଲିସର ନଜର ଅପରାଧୀଙ୍କ ଉପରେ ରହୁନାହିଁ। ତେଣୁ ସେମାନେ କେତେବେଳେ ଜେଲରୁ ବାହାରୁଛନ୍ତି, ପୋଲିସ ଜାଣିପାରୁ ନାହିଁ। ସେମାନେ ବାହାରକୁ ବାହାରିବା ପରେ ପୁଣି ଅପରାଧ ଘଟାଉଛନ୍ତି। ଅନ୍ୟପଟରେ ଏଭଳି ଅପରାଧ ବଢ଼ିବା ପରେ ଡିସିପି ଜଗମୋହନ ମୀନା ସବୁ ଥାନା ଅଧିକାରୀଙ୍କୁ ପୁରୁଣା ଅପରାଧୀଙ୍କ ତାଲିକା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଡିସିପି ମୀନା କହିଛନ୍ତି, ହାର୍ଡକୋର ଅପରାଧୀଙ୍କୁ ଚିହ୍ନଟ କରାଯାଇ ତାଙ୍କୁ ସାବାଡ଼ କରାଯିବ। ଅପରାଧୀ ତାଲିକାରେ ଥିବା ବ୍ୟକ୍ତିଙ୍କୁ ଏକାଧିକ ମାମଲାରେ ବୁକ୍ କରାଯିବ ବୋଲି ସେ କହିଛନ୍ତି।

## ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ

■ ପାଚେରି ଡେଇଁ ଗାଁରେ ସୁରକ୍ଷା ମାଗିଲେ ଛାତ୍ରୀ
■ ଗିରଫ ହେଲେ ହିନ୍ଦୀ ଶିକ୍ଷକ

ବାସୁଦେବପୁର,୭।୩(ନାରାୟଣ ପ୍ରସାଦ ବାରିକ୍)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ସାନକୃଷ୍ଣପୁର ପଞ୍ଚାୟତ ଅଧୀନ ଚାନ୍ଦିମାଳସ୍ଥିତ ଜବାହର ନବୋଦୟ ବିଦ୍ୟାଳୟ ହଷ୍ଟେଲରେ ଜଣେ ୭ମ ଶ୍ରେଣୀ ଛାତ୍ରୀଙ୍କୁ ଅସଦାଚରଣ କରାଯାଇଛି। ଶୁକ୍ରବାର ଏହି ଘଟଣା ଘଟିଥିବା ବେଳେ ଛାତ୍ରୀ ଜଣକ ଶନିବାର ଭୋର୍ ସମୟରେ ବିଦ୍ୟାଳୟ ପାଚେରି ଡେଇଁ ନିକଟସ୍ଥ ଗାଁରେ ପହଞ୍ଚି ସୁରକ୍ଷା ମାଗିବାରୁ ଘଟଣା ସାମ୍ନାକୁ ଆସିଛି। ଘଟଣାରେ ସମ୍ପୃକ୍ତ ହିନ୍ଦୀ ଶିକ୍ଷକ କ୍ରୀଷ୍ଣାନନ୍ଦ ମିଶ୍ରଙ୍କୁ ଶନିବାର କଷିଆ ସାମୁଦ୍ରିକ ଥାନା ପୋଲିସ ଗିରଫ କରିଛି। ଏନେଇ ଛାତ୍ରୀଙ୍କ ବାପାଙ୍କ ଅଭିଯୋଗକ୍ରମେ ଥାନାରେ ଏକ ମାମଲା(ନଂ.୩୬/୨୬) ରୁଜୁ ହୋଇଛି।

ସୂଚନା ଅନୁଯାୟୀ, ଶୁକ୍ରବାର ଶିକ୍ଷକ ମିଶ୍ର ଉକ୍ତ ଛାତ୍ରୀଙ୍କୁ ଅସଦାଚରଣ କରିବା ସହ ଘଟଣା ପ୍ରଘଟ ନ କରିବାକୁ ଚେତାବନୀ ଦେଇଥିଲେ। ଛାତ୍ରୀ ଜଣକ ଭୋର୍ ସମୟରେ ବିଦ୍ୟାଳୟ ପାଚେରି ଡେଇଁ ଭୟରେ ନିକଟସ୍ଥ ଗ୍ରାମକୁ ଯାଇ ଜଣେ ବ୍ୟକ୍ତିଙ୍କ ଘରେ ପହଞ୍ଚି ସୁରକ୍ଷା ମାଗିଥିଲେ। ଗ୍ରାମବାସୀ ତାଙ୍କୁ ଆଶ୍ୱାସନା ଦେବା ସହ ପ୍ରାଥମିକ ସୁରକ୍ଷା ପ୍ରଦାନ କରି ଘଟଣା ସମ୍ପର୍କରେ କଷିଆ ସାମୁଦ୍ରିକ ଥାନାକୁ ଅବଗତ କରିଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ଛାତ୍ରୀଙ୍କୁ ଥାନାକୁ ନେଇଥିଲା। ଉତ୍ୟକ୍ତ ଗ୍ରାମବାସୀ ସମ୍ପୃକ୍ତ ଶିକ୍ଷକଙ୍କୁ ଗିରଫ କରିବାକୁ ଦାବି କରିଥିଲେ। ପୋଲିସ ଛାତ୍ରୀଙ୍କଠାରୁ ପ୍ରାଥମିକ ବୟାନ ନେଇ ଶିକ୍ଷକ ମିଶ୍ରଙ୍କୁ ଥାନାକୁ ନେଇ ଅଟକ ରଖିଥିଲା। ଛାତ୍ରୀଙ୍କ ଘର ବନ୍ତ ବ୍ଲକର ଆଗରପଡ଼ା ଅଞ୍ଚଳରେ ହୋଇଥିବା ବେଳେ ଏନେଇ ଖବର ପାଇ ତାଙ୍କ ପରିବାର ଲୋକ ଥାନାରେ ପହଞ୍ଚିଥିଲେ। ଛାତ୍ରୀଙ୍କ ପରିବାର ଲୋକ ଲିଖିତ ଅଭିଯୋଗ କରିବା ପରେ ଏକ ମାମଲା ରୁଜୁ କରି ସମ୍ପୃକ୍ତ ଶିକ୍ଷକଙ୍କୁ ଶନିବାର ଗିରଫ କରାଯାଇଥିବା ଆଇଆଇସି କୁନି ବେସ୍ରା କହିଛନ୍ତି। ତାଙ୍କ ବିରୋଧରେ ଅଣାଯାଇଥିବା ଅଭିଯୋଗର ସତ୍ୟତା ନାହିଁ ବୋଲି ଗିରଫ ଶିକ୍ଷକ ମିଶ୍ର କହିଥିବା ବେଳେ ପୋଲିସ ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ ଆରମ୍ଭ କରିଛି। ପ୍ରକାଶଥାଉ କି, ନିକଟରେ ଏହି ବ୍ଲକ ଅଧୀନ ଏକ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଜଣେ ଛାତ୍ରୀଙ୍କୁ ଶିକ୍ଷକ ଅସଦାଚରଣ କରିବା ନେଇ ଉତ୍ତେଜନା ଦେଖାଦେଇଥିଲା।

## ଘର ଆଗରେ ଅଳିଆ ଫିଙ୍ଗାକୁ ନେଇ ଆକ୍ରମଣ, ୨ଗିରଫ

ଭୁବନେଶ୍ୱର,୭।୩(ତ୍ରିନାଥ ମହାନ୍ତି)

ଏୟାରଫିଲ୍ଡ ଥାନା ଅନ୍ତର୍ଗତ କଲ୍ୟାଣୀ ବିହାର ଫେଜ୍-୨ ଅଞ୍ଚଳରେ ଘର ଆଗରେ ଅଳିଆ ଫିଙ୍ଗିବାକୁ ନେଇ ଦୁଇ ଗୋଷ୍ଠୀ ମୁହାଁମୁହିଁ ହୋଇଛନ୍ତି। ଉଭୟ ପକ୍ଷର ଅଭିଯୋଗ ଆଧାରରେ ପୋଲିସ ୨ଟି ମାମଲା ରୁଜୁ କରି ୨ଗୋଷ୍ଠୀର ୨ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ତାପସ କୁମାର ରାୟ ଏବଂ ପ୍ରେମାଂଶୁ ରଞ୍ଜନ ଗଜେନ୍ଦ୍ର।

ସୂଚନାଯୋଗ୍ୟ, ଶନିବାର ସକାଳ ପ୍ରାୟ ୯ଟା ୧୦ମିନିଟରେ ଅଭିଯୋଗକାରୀ ପ୍ରକାଶ ଚନ୍ଦ୍ର ଗଜେନ୍ଦ୍ର ତାଙ୍କ ଘରେ ଥିବା ସମୟରେ ଅଭିଯୁକ୍ତ ତାପସ ଓରଫ ତପୁ ସେଠାକୁ ଆସି ଘର ସାମ୍ନାରେ ଅଳିଆ ପକାଇଥିଲେ। ଏହାକୁ ବିରୋଧ କରିବାରୁ ତାପସ ରାଗିଯାଇ ପ୍ରକାଶଙ୍କୁ ଏକ ଲୁହା ରଡ଼ରେ ମୁଣ୍ଡ ଏବଂ ହାତକୁ ଆକ୍ରମଣ କରିଥିଲେ। ସେହି ଦିନ ରାତି ପ୍ରାୟ ୧୦ଟା ୨୦ ମିନିଟରେ ଅଭିଯୁକ୍ତ ପ୍ରେମାଂଶୁ ଓରଫ ରିଙ୍କୁ ଅପର ଗୋଷ୍ଠୀର ତାପସଙ୍କ ଘର ସାମ୍ନାକୁ ଯାଇ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିଥିଲେ। ଏଥିସହ ଗୋଟିଏ ଲୁହା ପାଇପ ସାହାଯ୍ୟରେ ଆକ୍ରମଣ କରିଥିଲେ, ଫଳରେ ତାପସଙ୍କ ମୁଣ୍ଡରେ ଆଘାତ ଲାଗିଥିଲା। ତଦନ୍ତ ସମୟରେ ଘଟଣାରେ ବ୍ୟବହୃତ ଅସ୍ତ୍ରଶସ୍ତ୍ର ଗୋଟିଏ ଲୁହା ରଡ ଏବଂ ଗୋଟିଏ ଲୁହା ପାଇପ ଜବତ କରାଯାଇଥିଲା। ଉଭୟ ଅଭିଯୁକ୍ତଙ୍କୁ ଗିରଫ କରାଯାଇ କୋର୍ଟ ଚାଲାଣ କରାଯାଇଛି।

## ଭିଜିଲାନ୍ସ ଜାଲରେ ଜଳସେଚନ ସହକାରୀ ନିର୍ବାହୀ ଯନ୍ତ୍ରୀ




ଗିରଫ ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟ ଏବଂ ଜବତ ଟଙ୍କା।

■ଏକକାଳୀନ ୭ ସ୍ଥାନରେ ଚଢ଼ାଉ
■୪.୪୮ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସମ୍ପତ୍ତି ଠାବ

କଟକ/ଡେରାବିଶ, ୭।୩
(କାର୍ତ୍ତିକ ସାହୁ/ବେବର୍ତ୍ତା ଅଜୟ ଦାସ)

କେନ୍ଦ୍ରାପଡ଼ା ଜଳସେଚନ ଡିଭିଜନ ଅନ୍ତର୍ଗତ ଡେରାବିଶ ସବ୍‌ଡିଭିଜନ୍‌ର ସହକାରୀ ନିର୍ବାହୀ ଯନ୍ତ୍ରୀ ପ୍ରମୋଦ ରାୟଙ୍କ ଘରେ ଶନିବାର ଭିଜିଲାନ୍ସ ଚଢ଼ାଉ କରିଛି। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଶନିବାର ୭ଟି ସ୍ଥାନରେ ଭିଜିଲାନ୍ସ ଚଢ଼ାଉ କରିଛି। ଚଢ଼ାଉ ବେଳେ ନଗଦ ୪,୪୮,୫୮୦ ଟଙ୍କା, ୨ଟି ଦୁଇଚକିଆ ଗାଡ଼ି ସହ ଅନ୍ୟାନ୍ୟ ବହୁ ପରିମାଣର ସ୍ଥାବର ଓ ଅସ୍ଥାବର ସମ୍ପତ୍ତି ଠାବ ହୋଇଛି। ଭୁବନେଶ୍ୱର ବାଲିଅନ୍ତାର ଜୋହଲଠାରେ ୪ ମହଲା ବିଲ୍ଡିଂ, କଟକ ଚୌଦ୍ୱାରର ଯାଜର୍ଭୈରବସ୍ଥିତ ୨ ମହଲା ବିଲ୍ଡିଂ, ବାଙ୍କୀ ରଗଡ଼ିସ୍ଥିତ ପୈତୃକ ଘର, ଭଦ୍ରକ ବୁଢ଼ଙ୍ଗସ୍ଥିତ ସମ୍ପର୍କୀୟ ଘର, ଡେରାବିଶସ୍ଥିତ ଅଫିସ ଚ୍ୟାମ୍ବର ଓ ଅସ୍ଥାୟୀ ବାସଗୃହ, ଢେଙ୍କାନାଳର ସାନସାଥିଏବାଟିଆସ୍ଥିତ ସମ୍ପର୍କୀୟଙ୍କ ଘର, ଭୁବନେଶ୍ୱର ପଟିଆସ୍ଥିତ ସମ୍ପର୍କୀୟଙ୍କ ଘରକୁ ଭିଜିଲାନ୍ସ ଟିମ୍ ତଦନ୍ତ ପରିସରଭୁକ୍ତ କରିଛି। ଏହାବାଦ ଭୁବନେଶ୍ୱର ଓ ଚୌଦ୍ୱାରରେ ୨ଟି ମୂଲ୍ୟବାନ ପ୍ଲଟ ଠାବ ହୋଇଛି। ଭିଜିଲାନ୍ସ ପ୍ରମୋଦଙ୍କ ବ୍ୟାଙ୍କ, ପୋଷ୍ଟାଲ ସମେତ ଅନ୍ୟାନ୍ୟ ଜମା ଉପରେ ତଦନ୍ତ ଚଳାଇଥିବା ଜଣାପଡ଼ିଛି। ପ୍ରମୋଦ ଜଳସମ୍ପଦ ବିଭାଗରେ ଜଣେ କନିଷ୍ଠ ଯନ୍ତ୍ରୀ ଭାବେ ୧୯୮୮ ଜୁନ୍ ୧୦ରେ ମାତ୍ର ୧୫୦୦ ଟଙ୍କା ମାସିକ ଦରମାରେ ସରକାରୀ ଚାକିରି ଆରମ୍ଭ କରିଥିଲେ। ଚଢ଼ାଉରେ ୨ଜଣ ଅତିରିକ୍ତ ଡିଏସ୍‌ପି, ୯ଜଣ ଡିଏସ୍‌ପି, ୯ଜଣ ଇନ୍ସପେକ୍ଟର, ୪ଜଣ ସହକାରୀ ଇନ୍ସପେକ୍ଟରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଅଛନ୍ତି। କଟକ ଭିଜିଲାନ୍ସ ସ୍ୱତନ୍ତ୍ର ଜଜ୍‌ଙ୍କ ଦ୍ୱାରା ଇସ୍ୟୁ ସର୍ଚ୍ଚ ୱାରେଣ୍ଟ ବଳରେ ଅଧିକାରୀମାନେ ୭ଟି ସ୍ଥାନରେ ଚଢ଼ାଉ କରିଥିଲେ।

## ଭାଜପା, ବିଜେଡି ସମର୍ଥକଙ୍କ ମଧ୍ୟରେ ଗୋଷ୍ଠୀ ସଂଘର୍ଷ

■ ଉଭୟ ପକ୍ଷର ୫ ଆହତ, ୩ ଗିରଫ
■ ହରିପୁରରେ ଉତ୍ତେଜନା, ପୋଲିସ ମୁତୟନ

ନୟାଗଡ଼, ୭।୩(ଲୋକନାଥ ମିଶ୍ର)

ଶୁଦ୍ଧିଘର ଭୋଜି ଓ ବିବାହ ଶୋଭାଯାତ୍ରାକୁ ନେଇ ନୟାଗଡ଼ ଜିଲା ଇଟାମାଟି ଥାନା ହରିପୁର ଗାଁରେ ଶୁକ୍ରବାର ରାତି ଓ ଶନିବାର ସକାଳେ ସୃଷ୍ଟ ବିବାଦୀୟ ଘଟଣାରୁ ଗୋଷ୍ଠୀ ସଂଘର୍ଷ ହୋଇଛି । ଏଥିରେ ଭାଜପାର ୩ ଓ ବିଜେଡିର ୨ଜଣ ଆହତ ହୋଇଛନ୍ତି । ପୋଲିସ ଦୁଇଟି ମାମଲା ରୁଜୁ କରି ଉଭୟ ପକ୍ଷର ୩ଜଣଙ୍କୁ ଗିରଫ ପରେ ଶନିବାର କୋର୍ଟ ଚାଲାଣ କରିଛି। ଏହି ଘଟଣାରେ ଗାଁରେ ଉତ୍ତେଜନା ଲାଗି ରହିଛି। ପରିସ୍ଥିତି ନିୟନ୍ତ୍ରଣ ପାଇଁ ହରିପୁରରେ ୧ ପ୍ଲାଟୁନ ଫୋର୍ସ ମୁତୟନ ହୋଇଛନ୍ତି। ଭାଜପା ସମର୍ଥକ ରମେଶ ପ୍ରଧାନଙ୍କ ଅଭିଯୋଗକ୍ରମେ ପୋଲିସ ନଂ.୯୪/୨୬ରେ ମାମଲା ରୁଜୁକରି ବିଜେଡିର ଲିଙ୍ଗରାଜ ପାତ୍ର ଓ ସୁଶାନ୍ତ ନାୟକଙ୍କୁ ଗିରଫ କରିଛି । ସେହିପରି ବିଜେଡିର ପ୍ରହଲାଦ ପଲେଇଙ୍କ ଅଭିଯୋଗ କ୍ରମେ ନଂ.୯୫/୨୬ରେ ମାମଲା ରୁଜୁକରି ଅଜିତ ପ୍ରଧାନଙ୍କୁ ଗିରଫ କରିଛି ।

ସୂଚନା ଅନୁସାରେ, ହରିପୁର ଗାଁରେ ଜଣେ ଭାଜପା ସମର୍ଥକଙ୍କର ଶୁଦ୍ଧିଘର ୧୨ଦିନ ଭୋଜି ଶୁକ୍ରବାର ରାତିରେ ଗାଁ ଦାଣ୍ଡରେ ଚାଲିଥିଲା । ଏହି ସମୟରେ ବିଜେଡି କର୍ମୀଙ୍କ ବାହାଘର ଶୋଭାଯାତ୍ରା ଗାଁ ପରିକ୍ରମା କରିବାକୁ ଆସିଥିଲା। ଘରେ ରୋଗିଣା ବ୍ୟକ୍ତି ଥିବାରୁ ସାଉଣ୍ଡ କମ୍ କରି ଶୋଭାଯାତ୍ରା କରିବାକୁ ଭାଜପା କର୍ମୀ ଅପରପକ୍ଷଙ୍କୁ କହିଥିଲେ। ହେଲେ ଉଭୟ ସମର୍ଥକଙ୍କ ମଧ୍ୟରେ ରାଜନୈତିକ ଶତ୍ରୁତା ଥିବାରୁ କେହି କାହା ସହ ସାଲିସ କରିପାରି ନ ଥିଲେ। ଉଭୟ ସମର୍ଥକଙ୍କ ମଧ୍ୟରେ କଥା କଟାକଟି, ଯୁକ୍ତିତର୍କ ଓ ପରେ ମାରପିଟ ରୂପ ନେଇଥିଲା। ଶୁକ୍ରବାର ରାତିରେ ମାରପିଟ ଘଟଣାରେ ଭାଜପାର ୨ଜଣ, ବିଜେଡିର ଜଣେ ୩ଜଣ ସମର୍ଥକ ଆହତ ହୋଇଥିଲେ। ଶୁକ୍ରବାର ରାତି ଘଟଣାକୁ ନେଇ ଶନିବାର ସକାଳେ ଭାଜପା ସମର୍ଥିତ ଜଣେ କର୍ମୀଙ୍କ ନାବାଳକ ପୁତ୍ରଙ୍କୁ ଥଟ୍ଟା ଓ ଚିଗୁଲି ଘଟଣାକୁ ନେଇ ପୁଣି ଅନୁରୂପ ଭାବେ ଗୋଷ୍ଠୀ ସଂଘର୍ଷ ହୋଇଥିଲା । ଏଥିରେ ଉଭୟ ପକ୍ଷରୁ ଜଣେ ଲେଖାଏ ୨ ଜଣ ଆହତ ହୋଇଛନ୍ତି । ୫ଜଣ ଆହତଙ୍କ ମଧ୍ୟରୁ ୨ଜଣ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସିତ ହେଉଛନ୍ତି । ଇଟାମାଟି ଥାନା ଆଇଆଇସି ପ୍ରିୟବ୍ରତ ରାଉତ କୁହନ୍ତି, ହରିପୁର ଗାଁ ବିବାଦ ଘଟଣାରେ ଉଭୟ ପକ୍ଷର ୩ଜଣଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯାଇଛି। ପରିସ୍ଥିତି ନିୟନ୍ତ୍ରଣାଧୀନ ଥିବା ସେ କହିଛନ୍ତି ।

## ଡକାୟତି ଘଟଣା: ୯ ଗିରଫ

**ଅଳଙ୍କାର, ଟଙ୍କା, ମୋବାଇଲ, ବୋଲେରୋ ଜବତ**

ଝାରସୁଗୁଡ଼ା/ଲଇକେରା,୭।୩
(ଆଶିଷ ରଞ୍ଜନ ଦାଶ/ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ଥାନା ଅଧୀନ ତାଲମୁଣ୍ଡା ଗ୍ରାମରେ ଘଟିଥିବା ଡକାୟତି ଘଟଣାରେ ପୋଲିସ ୯ ଜଣ ଅଭିଯୁକ୍ତଙ୍କୁ ଗିରଫକରି ଶନିବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ସମ୍ବଲପୁର ଅଞ୍ଚଳର ଦୀପକ ଖଡ଼ିଆ(୨୫), ଅଶୋକ ଖଡ଼ିଆ(୨୦), ଆକାଶ ସାହୁ (୨୪), ଅଜୟ ମୁଣ୍ଡା (୧୯), ଧନଞ୍ଜୟ ଖଡ଼ିଆ(୪୭), ବବଲୁ ବରାଭୟା(୨୨), ରେଙ୍ଗାଲି-ଲଇକେରା ଅଞ୍ଚଳର ଭୋଳା ନାୟକ(୨୫), ବିଶାଳ ଓରାମ୍(୨୭) ଓ ବିଶ୍ୱଜିତ୍ ପଶାୟତ(୨୭)। ସେମାନଙ୍କ ନିକଟରୁ ଏକାଧିକ ସୁନାଚେନ୍, ମଙ୍ଗଳସୂତ୍ର, ମୁଦି, ଚୁଡ଼ି ସହ ରୁପା ଅଳଙ୍କାର, ୧ ଲକ୍ଷ ୪୩ ହଜାର ୮୦୩ ଟଙ୍କା, ୮ଟି ମୋବାଇଲ ଫୋନ୍, ପୁରାତନ ରୁପାମୁଦ୍ରା, ଛୁରି, ବେସ୍‌ବଲ୍ ବ୍ୟାଟ୍ ଓ ଡକାୟତିରେ ବ୍ୟବହୃତ ବୋଲେରୋ (ଓଆର୍୧୫-ଏସ୍-୩୫୪୩)କୁ ପୋଲିସ ଜବତ କରିଛି। ତେବେ ଏହି ମାମଲାରେ ଅନ୍ୟ କାହାର ସମ୍ପୃକ୍ତି ଅଛି କି ନାହିଁ ସେନେଇ ଅଧିକ ତଦନ୍ତ ଚାଲିଛି। ଅପରେଶନ ନେତ୍ର ମାଧ୍ୟମରେ ଅପରାଧୀଙ୍କ ଉପରେ କଡ଼ା ନଜର ରଖାଯାଇଛି ବୋଲି ଶନିବାର ଅପରାହ୍ନରେ ଝାରସୁଗୁଡ଼ା ଜିଲା ପୋଲିସ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଏସ୍‌ପି ଗୁଣ୍ଡାଲା ରେଡ୍ଡୀ ରାଘବେନ୍ଦ୍ର ସୂଚନା ଦେଇଛନ୍ତି।

## ଶତାୟୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ଜବତ : ହତ୍ୟା ସନ୍ଦେହ

**ଆହତ ବିଧବା ବୋହୂଙ୍କ ବୟାନ: କୁରାଢ଼ିରେ ଆକ୍ରମଣ କରି ଝୁଲିପଡ଼ିଲେ ଶ୍ୱଶୁର**

ପାରାଦୀପ,୭।୩(ଶରତ ରାଉତ)

ଜଗତ୍‌ସିଂହପୁର ଜିଲା ପାରାଦୀପ ଲକ୍ ଥାନା ଅନ୍ତର୍ଗତ ଭୁତମୁଣ୍ଡାଇ ଗ୍ରାମରେ ଶନିବାର ସକାଳେ ଏକ ଅଭାବନୀୟ ଘଟଣା ଦେଖିବାକୁ ମିଳିଛି। ଜଣେ ଶତାୟୁ ବୃଦ୍ଧଙ୍କ ଝୁଲନ୍ତା ମୃତଦେହ ତାଙ୍କ ଘର ପଙ୍ଖାରୁ ପୋଲିସ ଜବତ କରିଛି। ସେ ହେଲେ ଉକ୍ତ ଗ୍ରାମର ବଟ ମଲ୍ଲିକ। ଭୋଟର ତାଲିକା ଅନୁଯାୟୀ ତାଙ୍କୁ ୧୧୦ ବର୍ଷ ବୋଲି ଜଣାପଡ଼ିଛି। ମୃତଦେହ ଜବତ ସମୟରେ ଘରେ ତାଙ୍କ ବିଧବା ବୋହୂ, ନାତୁଣୀ ଓ ନାତୁଣୀ ଜ୍ୱାଇଁ ଥିଲେ। ବୋହୂଙ୍କ ମୁଣ୍ଡ ଫାଟି ଥିବା ବେଳେ ଘର ଆଗରେ କୁରାଢ଼ି ପଡିଥିବା ଦେଖିବାକୁ ମିଳିଛି। ଆହତ ବୋହୂଙ୍କ ଚିକିତ୍ସା ନିମନ୍ତେ କୁଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ପାରିବାରିକ କଳହକୁ କେନ୍ଦ୍ର କରି ତାଙ୍କ ମୁଣ୍ଡକୁ କୁରାଢ଼ିରେ ହାଣିବା ପରେ ବଟ ପଙ୍ଖାରେ ଝୁଲିପଡ଼ିଥିବା ନେଇ ବୋହୂ ପୋଲିସ ଆଗରେ ବୟାନ ଦେଇଛନ୍ତି। ଯେଉଁ ପଙ୍ଖାରେ ବୃଦ୍ଧଙ୍କୁ ଝୁଲୁଥିବା ଅବସ୍ଥାରେ ଦେଖିବାକୁ ମିଳିଛି, ସେଠାକୁ ସେ ଚଢ଼ିବା ଏକପ୍ରକାର ଅସମ୍ଭବ ପରି ମନେହେଉଛି। ତେଣୁ ବଟଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରାଯାଇଛି। ବଟଙ୍କ ଏକମାତ୍ର ପୁଅଙ୍କ କିଛି ବର୍ଷ ତଳେ ପରଲୋକ ଘଟିଛି। ତାଙ୍କର ନାତି ଏବେ ଗାଡ଼ି ଚାଳନା ତାଲିମ ପାଇଁ ଜିଲା ବାହାରେ ରହୁଛନ୍ତି। ୨୦୨୪ ସାଧାରଣ ନିର୍ବାଚନରେ ଜିଲା ପ୍ରଶାସନ ପକ୍ଷରୁ ବଟଙ୍କୁ ଶତାୟୁ ଭୋଟର ଭାବେ ସମ୍ମାନିତ କରାଯାଇଥିଲା। କିଛି ଦିନ ହେବ ନାତୁଣୀଙ୍କ ସନ୍ତାନ ନାମରେ ଘର ଜମିବାଡ଼ି କରିବା ପାଇଁ ତାଙ୍କ ଉପରେ ଚାପ ପକାଯାଉଥିଲା। ସମ୍ପତ୍ତି ଲୋଭରୁ ତାଙ୍କୁ ହତ୍ୟା କରାଯାଇଥାଇପାରେ ବୋଲି ଚର୍ଚ୍ଚା ହେଉଛି। ଏନେଇ ଲକ୍‌ଥାନାରେ ଅପମୃତ୍ୟୁ ମାମଲା (ନଂ.୮/୨୬) ରୁଜୁ କରାଯାଇଛି।

## ପଦନପୁରରେ ବୋମାମାଡ଼

**ନାବାଳକଙ୍କ ସମେତ ୩ ଆହତ**



ରାସ୍ତା ଅବରୋଧକାରୀଙ୍କୁ ପୋଲିସ ବୁଝାଶୁଝା କରୁଛି।

ଜଟଣୀ,୭।୩(ରବୀନ୍ଦ୍ରନାଥ ମହାକୁଡ଼)

ଖୋର୍ଦ୍ଧା ଜିଲା ଜଟଣୀ ଥାନା ଅଧୀନ ପଦନପୁର ଛକରେ ଶୁକ୍ରବାର ବିଳମ୍ବିତ ରାତିରେ ବୋମାମାଡ଼ ହୋଇଛି। ଏଥିରେ ଜଣେ ନାବାଳକଙ୍କ ସମେତ ୩ ଜଣ ଆହତ ହୋଇଛନ୍ତି। ନାବାଳକଙ୍କ ଅବସ୍ଥା ଗୁରୁତର ଥିବା ଜଣାପଡ଼ିଛି। ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିବାବେଳେ ପରେ ଭୁବନେଶ୍ୱର ଏମ୍‌ସକୁ ସ୍ଥାନାନ୍ତର କରାଯାଇଛି। ସୂଚନା ଅନୁଯାୟୀ, କୌଣସି କାରଣକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏହି ସମୟରେ ଉତ୍କ୍ଷିପ୍ତ ହୋଇ କେତେଜଣ ଯୁବକ ଦୁଇଟି ବୋମାମାଡ଼ କରିଥିଲେ। ଫଳରେ ୩ଜଣ ଆହତ ହୋଇଥିଲେ। ଘଟଣା ପରେ ସ୍ଥାନୀୟ ଲୋକେ ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଖୋର୍ଦ୍ଧା-ପିପିଲିକୁ ସଂଯୋଗ କରୁଥିବା ଜଟଣୀ ମୁଖ୍ୟରାସ୍ତାକୁ ଦୀର୍ଘ ସମୟ ଧରି ଅବରୋଧ କରିଥିଲେ। ଫଳରେ ଗାଡ଼ି ଚଳାଚଳ ବାଧାପ୍ରାପ୍ତ ହେବା ସହ ଲୋକେ ଯାତାୟାତ ପାଇଁ ହଇରାଣ ହୋଇଥିଲେ। ଘଟଣା ସମ୍ପର୍କରେ ଖବର ପାଇ ଜଟଣୀ ଥାନା ଅଧିକାରୀ ଷ୍ଟାଲିନ ବିଶ୍ୱାଳ ସେଠାରେ ପହଞ୍ଚି ସ୍ଥାନୀୟ ଲୋକଙ୍କୁ ବୁଝାଶୁଝା କରି ପରିସ୍ଥିତି ସ୍ୱାଭାବିକ କରିଥିଲେ। ବୋମାମାଡ଼ ନେଇ ପୀଡ଼ିତଙ୍କ ପରିବାର ପକ୍ଷରୁ ଜଟଣୀ ଥାନାରେ ଲିଖିତ ଅଭିଯୋଗ ହୋଇଛି। ପୋଲିସ ୩ଜଣଙ୍କୁ ଅଟକ ରଖି ତଦନ୍ତ କରୁଥିବା ଥାନା ଅଧିକାରୀ ବିଶ୍ୱାଳ କହିଛନ୍ତି। ଅନ୍ୟପକ୍ଷରେ ପୋଲିସ ପାଟ୍ରୋଲିଂ ହେଉ ନ ଥିବାରୁ ଜଟଣୀ ଅଞ୍ଚଳରେ ଆପରାଧିକ କାର୍ଯ୍ୟକଳାପ ବଢ଼ିବାରେ ଲାଗିଛି ବୋଲି ଅଞ୍ଚଳବାସୀ ମତପ୍ରକାଶ କରିଛନ୍ତି।

## ସମ୍ପର୍କୀୟା ଶାଳୀଙ୍କ ଅନ୍ତରଙ୍ଗ ଭିଡିଓ ଭାଇରାଲ: ଭିଣୋଇ ଗିରଫ

ବାଲୁଗାଁ,୭।୩(ସଂଗ୍ରାମ ପାଇକରାୟ): ସମ୍ପର୍କୀୟା ଶାଳୀଙ୍କ ସହ ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓ ଭାଇରାଲ କରିବା ଅଭିଯୋଗରେ ବାଲୁଗାଁ ପୋଲିସ ସମ୍ପୃକ୍ତ ଭିଣୋଇଙ୍କୁ ଗିରଫ କରିଛି। ସେ ହେଲେ ଗଞ୍ଜାମ ଜିଲା ବେଗୁନିଆପଡ଼ା ଥାନା ଅଧୀନ ଗୁରୁଝରି ଗ୍ରାମର ଧନୁ ଜେନା। ଶନିବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଛି। ପୋଲିସ ସୂଚନା ମୁତାବକ, ଧନୁ ବାଲୁଗାଁ ଅଞ୍ଚଳରେ ରହି ବ୍ୟବସାୟ କରୁଥିବାବେଳେ ସ୍ଥାନୀୟ ଅଞ୍ଚଳର ଜଣେ ମହିଳା ତଥା ସମ୍ପର୍କୀୟା ଶାଳୀଙ୍କୁ ନିଜ ପ୍ରେମଜାଲରେ ଫସାଇ ଅନୈତିକ ସମ୍ପର୍କ ରଖିଥିଲେ। ପରବର୍ତ୍ତୀ ସମୟରେ ଧନୁ ସୁରଟ ଚାଲିଯିବା ପରେ ନିଜ ମୋବାଇଲ ଫୋନ୍‌ରେ ଉତ୍ତୋଳନ କରି ରଖିଥିବା ଉଭୟଙ୍କର କିଛି ଅନ୍ତରଙ୍ଗ ମୁହୂର୍ତ୍ତର ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ଭାଇରାଲ କରିଥିଲେ। ଏହା ପ୍ରଘଟ ହେବା ପରେ ମହିଳା ଜଣକ ଜାନୁଆରୀ ୨୧ରେ ବାଲୁଗାଁ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (ନଂ.୩୫/୨୬) ରୁଜୁ କରି ଘଟଣାର ତଦନ୍ତ ଚଳାଇଥିଲା। କିଛିଦିନ ପୂର୍ବେ ଅଭିଯୁକ୍ତ ଧନୁ ନିଜ ଗ୍ରାମକୁ ଆସିଥିଲେ। ଶୁକ୍ରବାର ଖବର ପାଇ ବାଲୁଗାଁ ଥାନା ଆଇଆଇସି ଜୟପ୍ରକାଶ ପରିଡ଼ାଙ୍କ ନେତୃତ୍ୱରେ ଏକ ଟିମ୍ ଚଢ଼ାଉ କରି ବେଗୁନିଆପଡ଼ା ଅଞ୍ଚଳରୁ ଧନୁଙ୍କୁ ଗିରଫ କରିଥିଲା।

## ସ୍ତ୍ରୀ ବିଷଦେବା କଥା ହ୍ୱାଟ୍‌ସଆପ୍‌ରେ ଲେଖିଥିଲେ ସାରଥି

**ଜେଲ ୱାର୍ଡର ମୃତ୍ୟୁ ଘଟଣା: ହତ୍ୟା ଅଭିଯୋଗ ଆଣିଲେ ଭଣଜା, ପୁତୁରା**

**ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ସତ ଜଣାପଡିବ: ପୋଲିସ**





### ସନ୍ଦେହ ସୃଷ୍ଟି କଲା ୯ ଲକ୍ଷ ଲୋନ୍ ଟଙ୍କା

ଗତ ଦୁଇବର୍ଷ ହେବ ଝାରପଡା ଜେଲରୁ ନୟାଗଡ଼ ଜେଲକୁ ବଦଳି ହୋଇଥିଲେ ସାରଥି। ହେଲେ ଝାରପଡା ଜେଲ ପରିସରରେ ଥିବା ଷ୍ଟାଫ୍ କ୍ୱାର୍ଟର୍ସ ଛାଡି ନ ଥିଲେ। ସେଠାରେ ସ୍ତ୍ରୀ, ପୁଅ ଓ ଝିଅ ସହ ରହି ନୟାଗଡ଼ ଜେଲରେ କାର୍ଯ୍ୟ କରୁଥିଲେ। ସୋମବାର ହୋଲି ଛୁଟିରେ ସାରଥି କ୍ୱାର୍ଟର୍ସକୁ ଆସିଥିଲେ। କୌଣସି କାରଣକୁ ନେଇ ଉଭୟ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ପାଟିତୁଣ୍ଡ ଲାଗି ରହିଥିଲା। ଶୁକ୍ରବାର ସକାଳୁ ସାରଥୀଙ୍କ ଝୁଲନ୍ତା ମୃତଦେହ ମିଳିଥିଲା। ସାରଥିଙ୍କ ଭଣଜା କହିଛନ୍ତି, ମାମୁ କିଛିଦିନ ତଳେ ଘର ତିଆରି ପାଇଁ ୯ଲକ୍ଷ ଲୋନ୍ ଟଙ୍କା ଉଠାଇଥିଲେ। ଟଙ୍କା ସବୁକୁ ଘରେ ରଖିଥିବା ବେଳେ ଟଙ୍କା ନ ମିଳିବାରୁ ମାଇଁଙ୍କ ସହ ଝଗଡା କରିଥିଲେ। ଏହାପରେ ନିଜ ଜୀବନ ପ୍ରତି ବିପଦ ଥିବା କହୁଥିଲେ ମାମୁଁ। ତେବେ ଏଠାରେ ପ୍ରଶ୍ନ ଉଠୁଛି, ଦୁଇବର୍ଷ ହେବ ନୟାଗଡ଼ ଜେଲକୁ ବଦଳି ହୋଇଥିଲେ ସୁଦ୍ଧା କାହିଁକି ଝାରପଡା ଜେଲ କ୍ୱାର୍ଟର୍ସରେ ରହୁଥିଲେ ସାରଥି? ୯ଲକ୍ଷ ଟଙ୍କାକୁ ସ୍ତ୍ରୀ କାହାକୁ ଦେଲେ? କାହିଁକି ହ୍ୱାଟ୍ସଆପ୍ ଗ୍ରୁପ୍‌ରେ ସ୍ତ୍ରୀ ବିଷ ଦେଇ ମାରିବାକୁ ଚେଷ୍ଟା କରୁଥିବା କଥା ଲେଖିଥିଲେ ସାରଥି। ଏମିତି ଅନେକ ପ୍ରଶ୍ନର ଉତ୍ତର ଖୋଜୁଛି ପୋଲିସ।

ଭୁବନେଶ୍ୱର,୭।୩(ତ୍ରିନାଥ ମହାନ୍ତି)

ଝାରପଡ଼ା ଜେଲ ପରିସର କ୍ୱାର୍ଟର୍ସରୁ ନୟାଗଡ଼ ଜେଲ ୱାର୍ଡର ସାରଥି ପ୍ରଧାନଙ୍କ ଝୁଲନ୍ତା ମୃତଦେହ ମିଳିବା ଘଟଣା ଭିନ୍ନ ମୋଡ ନେଇଛି। ପ୍ରଥମେ ଆତ୍ମହତ୍ୟା ବୋଲି କୁହାଯାଉଥିବାବେଳେ ଏବେ ତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ଉଠୁଛି। ସାରଥିଙ୍କ ପୁତୁରା ଓ ଭଣଜାଙ୍କ ସହ ଅନ୍ୟ ପରିବାର ସଦସ୍ୟ ଶନିବାର ଲକ୍ଷ୍ମୀସାଗର ଥାନାରେ ପହଞ୍ଚି ହତ୍ୟା ଅଭିଯୋଗ କରିଛନ୍ତି। ସାରଥୀଙ୍କୁ ବିଷ ଦେଇ ହତ୍ୟା କରାଯିବା ପରେ ଆତ୍ମହତ୍ୟାର ରୂପ ଦିଆଯାଇଥିବା ପୁତୁରା ବାଲାଜୀ ପ୍ରଧାନ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ପାଇଁ ସେମାନେ କମିଶନରେଟ ପୋଲିସକୁ ନିବେଦନ କରିଛନ୍ତି। ଅନ୍ୟପକ୍ଷରେ ମୃତ୍ୟୁ ପୂର୍ବରୁ ଅର୍ଥାତ୍ ଗତ ମଙ୍ଗଳବାର ନୟାଗଡ଼ ଜେଲ ହ୍ୱାଟ୍‌ସଆପ୍ ଗ୍ରୁପ୍‌ରେ ସାରଥୀ ଭୟଙ୍କର ତଥ୍ୟ ଲେଖିଥିଲେ। ସ୍ତ୍ରୀ ତାଙ୍କୁ ବିଷ ଦେଇ ମାରିବାକୁ ଚାହୁଁଥିବା ସେ ଉଲ୍ଲେଖ କରିଥିବାବେଳେ ଏବେ ସାରଥୀଙ୍କ ମୃତ୍ୟୁ ଘଟଣା ରହସ୍ୟ ସୃଷ୍ଟି କରିଛି। ଏପଟେ ସାରଥିଙ୍କ ମୃତ୍ୟୁ ପାଇଁ ଭଣଜା ତାଙ୍କ ମାଇଁଙ୍କୁ ଦାୟୀ କରିଛନ୍ତି। ମାଇଁ ବିଷ ଦେଇ ମାରିବା ପରେ କେତେଜଣ ଲୋକଙ୍କ ସହାୟତାରେ ଆତ୍ମହତ୍ୟାର ରୂପ ଦେବାକୁ ମୃତଦେହକୁ ଝୁଲାଇ ଦେଇଥିବା ଭଣଜା ଗଣମାଧ୍ୟମକୁ ଜଣାଇଛନ୍ତି। ସେ କହିଛନ୍ତି, ମାମୁ ନିଜ ଗାଁ ଗଜପତି ଜିଲା ଆର.ଉଦୟଗିରିକୁ ଗଲେ ମାଇଁ ତାଙ୍କୁ ରଖେଇ ଦିଅନ୍ତି ନାହିଁ। ଗାଳିଗୁଲଜ କରି ଭୁବନେଶ୍ୱରକୁ ଡାକି ନେଇଯାଆନ୍ତି। ମାଇଁ କଥାରେ ମାମୁଁ ପୂରା ପରିଚାଳିତ ହେଉଥିଲେ। ତାଙ୍କ ଏଟିଏମ୍ କାର୍ଡଠାରୁ ସବୁ କିଛି ମାଇଁ ନିଜ ପାଖରେ ରଖି ମେଣ୍ଟାଲ ହାରାସ୍‌ମେଣ୍ଟ କରୁଥିଲେ। ପୂର୍ବରୁ ମଧ୍ୟ ମାଇଁ କୋର୍ଟରେ ଛାଡ଼ପତ୍ର ଆବେଦନ କରିବାକୁ ଧମକ ଦେବା ସହ ଥାନାରେ ଅଭିଯୋଗ କରିବେ ବୋଲି ଫୋନ୍‌ରେ କହୁଥିଲେ। ତେଣୁ ମାମୁଁଙ୍କ ମୃତ୍ୟୁକୁ ନେଇ ସନ୍ଦେହ ବଢୁଥିବାରୁ ହତ୍ୟା ମାମଲା ରୁଜୁ କରି ତଦନ୍ତ କରିବାକୁ ପୁତୁରା ବାଲାଜୀ ଦାବି କରିଛନ୍ତି। ଏଥିସହ ଶନିବାର କ୍ୟାପିଟାଲ ହସ୍ପିଟାଲରେ ଶବ ବ୍ୟବଚ୍ଛେଦ ପରେ ମୃତଦେହକୁ ପରିବାର ଲୋକେ ଆର.ଉଦୟଗିରିକୁ ନେଇଯାଇଥିବା ଜଣାପଡିଛି। ଲକ୍ଷ୍ମୀସାଗର ଥାନା ଅଧିକାରୀ ପି.ଶ୍ୟାମସୁନ୍ଦର ରାଓ କହିଛନ୍ତି, ସାରଥିଙ୍କ ପୁତୁରା ଏକ ହତ୍ୟା ଅଭିଯୋଗ ଆଣିଛନ୍ତି। ସେ ମୃତଦେହକୁ ଦେଖିବା ପରେ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିଲା ପରେ ଏହା ଆତ୍ମହତ୍ୟା କି ହତ୍ୟା ସ୍ପଷ୍ଟ ହେବ। ଆହୁରି ମଧ୍ୟ ନୟାଗଡ଼ ଜେଲ ଗ୍ରୁପ୍‌ର ହ୍ୱାଟ୍ସଆପ୍‌ରେ ଲେଖିଥିବା ମେସେଜର ତଦନ୍ତ କରାଯିବ ବୋଲି ସେ କହିଛନ୍ତି।

**ହାତୀ ଆକ୍ରମଣରେ ଜଣେ ମୃତ**

ବନ୍ତଲା,୭।୩(ସୁଶିତ ସାହୁ): ଅନୁଗୋଳ ରେଞ୍ଜ କରତପଟା ସେକ୍ସନ ନନ୍ଦପୁର ପଞ୍ଚାୟତ ହିଂସାଲୋଇ ଗାଁରେ ହାତୀ ଆକ୍ରମଣରେ ପୁରୁଣାକୋଟ ଥାନା ଅନ୍ତର୍ଗତ କୁରୁଡ଼ୁ ଗାଁର ନରୋତ୍ତମ ମାଟିଆରୀ(୬୫)ଙ୍କ ମୃତ୍ୟୁ ଘଟିଛି। ନରୋତ୍ତମ ଶୁକ୍ରବାର ନିଜ ବନ୍ଧୁଘରକୁ ଯାଇ ସନ୍ଧ୍ୟା ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବନ୍ଧୁଘରକୁ ଫୋନ୍ କରି ବୁଝିଥିଲେ। ବନ୍ଧୁଙ୍କଘରୁ ନିଜ ଗାଁକୁ ଅପରାହ୍ନ ୨ଟାରୁ ବାହାରି ଆସିଥିବା ପରିବାରବର୍ଗ ଜାଣିବାକୁ ପାଇଥିଲେ। ତେବେ କୁରୁଡ଼ୁ ଗାଁରୁ ହିଂସାଲୋଇ ପର୍ଯ୍ୟନ୍ତ ଘଞ୍ଚ ଜଙ୍ଗଲ ରାସ୍ତା ହୋଇଥିବାରୁ ସେମାନେ ବ୍ୟସ୍ତ ହୋଇପଡ଼ିଥିଲେ। ବନ ବିଭାଗ କର୍ମଚାରୀମାନେ ରାତି ୧୨ଟାରେ ନରୋତ୍ତମଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟକୁ ନେଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

# ଲୀନ ହୋଇଯିବ ଡମଶାଳା

## ଓଏମ୍‌ସିର ୫୧୩ ହେକ୍ଟର ଜମିର କିସମ ପରିବର୍ତ୍ତନ ପ୍ରସ୍ତାବ



ଡମଶାଳା ନାଳା

ଯାଜପୁର,୭।୩(ହର୍ଷବର୍ଦ୍ଧନ ବେହେରା)

ଓଡ଼ିଶା ଖଣି ନିଗମ(ଓଏମ୍‌ସି)ର କାଳିଆପାଣି କ୍ରୋମାଇଟ ଖଣି ମଧ୍ୟରେ ଥିବା ମୋଟ ୬୨୩.୩୯୪ ହେକ୍ଟର ଖଣି ଲିଜ୍ କ୍ଷେତ୍ର ମଧ୍ୟରୁ ୫୧୩.୮୮୯ ହେକ୍ଟର ଜଙ୍ଗଲ ଜମିକୁ କିସମ ପରିବର୍ତ୍ତନ ପ୍ରସ୍ତାବ ଦିଆଯାଇଛି। ଏହି ପ୍ରସ୍ତାବ ଉପରେ ୧୧।୨।୨୦୨୬ରେ ଅନୁଷ୍ଠିତ ୮୭ତମ ପ୍ରୋଜେକ୍ଟ ସ୍କ୍ରିନିଂ କମିଟି (ପିଏସ୍‌ସି) ବୈଠକରେ ଆଲୋଚନା କରାଯାଇଛି। ଏହି ଜଙ୍ଗଲ ଜମି କିସମ ପରିବର୍ତ୍ତନ ହେଲେ ଲିଜ୍ ଅଞ୍ଚଳର ଉତ୍ତର ପୂର୍ବ ଭାଗରେ ଡମଶାଳା ଚିରସ୍ରୋତା ନାଳା ଓଏମ୍‌ସି ଖଣିରେ ବିଲୀନ ହୋଇଯିବ ବୋଲି ଆଶଙ୍କା କରାଯାଇଛି। ଅନ୍ୟପକ୍ଷେ ଡମଶାଳା ନାଳା ଖଣି ଲିଜ୍ କ୍ଷେତ୍ରର ଏକ ଅଂଶ ହୋଇଥିବାରୁ ଜଳସମ୍ପଦ ବିଭାଗରୁ ଏକ ଆପତ୍ତି ପ୍ରମାଣପତ୍ର(ଏନଓସି) ପ୍ରାପ୍ତ କରାଯାଇ ଜଙ୍ଗଲ ପରିବର୍ତ୍ତନ ପ୍ରସ୍ତାବରେ ସଂଯୁକ୍ତ କରାଯାଇପାରିବ ବୋଲି ପିଏସ୍‌ସି ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହିକ୍ରମରେ ଜଳ ସମ୍ପଦ ବିଭାଗ ପକ୍ଷରୁ ଅନୁସଚିବ ସସ୍ମିତା ମିଶ୍ର ୨୬।୨।୨୦୨୬ରେ ଓଏମ୍‌ସିର ଉକ୍ତ ପ୍ରସ୍ତାବ ଉପରେ ଉପଯୁକ୍ତ ଭାବେ ତଦନ୍ତ କରାଯାଇ ଏକ ସବିଶେଷ ରିପୋର୍ଟ ଦାଖଲ କରିବାକୁ ବିଭାଗୀୟ ଇଞ୍ଜିନିୟର-ଇନ୍-ଚିଫ୍‌ଙ୍କୁ ପତ୍ର ଲେଖିଛନ୍ତି। ଅନ୍ୟପକ୍ଷେ ଉପରୋକ୍ତ ଜଙ୍ଗଲ ଜମିରେ ଥିବା ପ୍ରାୟ ୩୦ ହଜାର ମୂଲ୍ୟବାନ ଗଛ ଓ ଉଦ୍ଭିଦ ନଷ୍ଟ ହେବା ସହ ବିଭିନ୍ନ ପ୍ରଜାତିର ଜୀବଜନ୍ତୁ ଅସ୍ତିତ୍ୱ ହରାଇବେ ବୋଲି ଅଞ୍ଚଳବାସୀଙ୍କ ପକ୍ଷରୁ ମତପ୍ରକାଶ ପାଇଛି।

ଓଏମ୍‌ସିର ଖଣି ଯୋଜନା ଏବଂ ପ୍ରଗତିଶୀଳ ଖଣି ବନ୍ଦ ଯୋଜନାକୁ ଭାରତୀୟ ଖଣି ବ୍ୟୁରୋ ବା ଇଣ୍ଡିଆନ୍ ବ୍ୟୁରୋ ଅଫ୍ ମାଇନ୍ସ(ଆଇବିଏମ୍) ଦ୍ୱାରା ୩।୭।୨୦୨୪ରେ ଅନୁମୋଦନ ମିଳିଛି। ଅନୁମୋଦିତ ଖଣି ଯୋଜନା ଅନୁଯାୟୀ ଡମଶାଳା ନାଳାର ମୂଳ ଗତିପଥକୁ ପରିବର୍ତ୍ତନ କରାଯିବ ନାହିଁ। ନାଳାର ଉଭୟ ପାର୍ଶ୍ୱରେ ୫୦ ମିଟର ପର୍ଯ୍ୟନ୍ତ ସୁରକ୍ଷା କ୍ଷେତ୍ର ଯୋଗାଇ ଦିଆଯିବ। ଏହାସହ ନାଳାର ମୂଳ ଗତିପଥକୁ ଅକ୍ଷୁଣ୍ଣ ରଖାଯିବ ଏବଂ ଏହାକୁ କୌଣସି ଉଦ୍ଦେଶ୍ୟ ପାଇଁ ବ୍ୟବହାର କରାଯିବ ନାହିଁ। ଏହାକୁ କଟକର ଡିଏଫ୍‌ଓ, ସୁକିନ୍ଦା ତହସିଲଦାର ଏବଂ ଯାଜପୁର ରୋଡ୍ ଖଣି ଉପନିର୍ଦ୍ଦେଶକଙ୍କ ଦ୍ୱାରା ପ୍ରମାଣିତ କରାଯାଇଛି ବୋଲି ଓଏମ୍‌ସିର ପ୍ରସ୍ତାବ ପତ୍ରରେ ଦର୍ଶାଯାଇଛି।

ସୂଚନାଯୋଗ୍ୟ, ୨୦୧୮ରେ ଓଏମ୍‌ସି ଦ୍ୱାରା ସୁକୁରୁଙ୍ଗି ଖଣିର ସମ୍ପ୍ରସାରଣ ପାଇଁ ୧୬୨.୪୨ ହେକ୍ଟର ଘନ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ ଜମି ଭାବେ ବ୍ୟବହାର ପାଇଁ ଜନଶୁଣାଣି ହୋଇଥିଲା। ଏହି ଜଙ୍ଗଲ ଜମିରେ ଥିବା ୯୪୯୯ ମୂଲ୍ୟବାନ ଗଛ କଟାଯିବାକୁ ଓଏମ୍‌ସିର ପରିବେଶ ପରିଚାଳନା ଯୋଜନାରେ ଉଲ୍ଲେଖ ରହିଥିଲା। ଏ ସଂକ୍ରାନ୍ତରେ ସେତେବେଳେ ଧରିତ୍ରୀରେ ସବିଶେଷ ତଥ୍ୟମୂଳକ ଖବର ପ୍ରକାଶ ପାଇବା ପରେ ଅଞ୍ଚଳବାସୀ ଜନଶୁଣାଣିକୁ ତୀବ୍ର ଭାବେ ବିରୋଧ କରିଥିଲେ। ପରେ କଳେବଳେ କୌଶଳେ ଓଏମ୍‌ସି ଜନଶୁଣାଣିରେ ସଫଳତା ପାଇଥିଲା। ଏହାର ଠିକ୍ ୮ ବର୍ଷ ପରେ ପୁଣି ୫୧୩.୮୮୯ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ପ୍ରସ୍ତାବ ଦିଆଯାଇଛି।

କଟକ ବନବିଭାଗ ପକ୍ଷରୁ ହୋଇଥିବା ସର୍ଭେ ଅନୁଯାୟୀ ପ୍ରସ୍ତାବିତ ଏହି ଜଙ୍ଗଲରେ ବିସ୍ତାରିତ ଆବରଣ ଓ ଘନ ଜଙ୍ଗଲ ରହିଛି। ଏଥିରେ ଶାଳ, ମଇ, ଚାର, କେନ୍ଦୁ, ଅସନ, ଆମ୍ବ, କୁରେଇ, ମହୁଲ ଇତ୍ୟାଦି ଗଛଗୁଡିକ ପରିପୂର୍ଣ୍ଣ ରହିଛି। ଏହାବାଦ ବିଭିନ୍ନ ପ୍ରଜାତିର ପକ୍ଷୀ, ସରୀସୃପ ଓ ସ୍ତନ୍ୟପାୟୀ ପ୍ରାଣୀଙ୍କ ଚଳପ୍ରଚଳ ହୋଇଥାଏ। ସେଥିମଧ୍ୟରୁ ହାତୀ, ଭାଲୁ, ଶିଆଳ, ବଜ୍ରକାପ୍ତା, ଗଧିଆ, ଶାଳିଆପତନି, ମୟୂର, ଅଜଗର, ଚନ୍ଦନବୋଡ଼ା, ଅହିରାଜ, ନାଗ, ଡମଣା ସାପ ଇତ୍ୟାଦି ଦେଖିବାକୁ ମିଳେ। ଏହି ଦୃଷ୍ଟିରୁ ଏଠାରେ ଖଣି ଖନନ ହେଲେ ଜଙ୍ଗଲ ଧ୍ୱଂସ ହେବା ସହ ଉପରୋକ୍ତ ଜୀବଜନ୍ତୁଙ୍କ ମୃତ୍ୟୁ ହେବା ସୁନିଶ୍ଚିତ। ଅନ୍ୟପକ୍ଷେ ଜଙ୍ଗଲ ଉପରେ ନିର୍ଭର କରୁଥିବା ଆଦିବାସୀ ବନବାସୀଙ୍କ ଜୀବନ ଦୁର୍ବିଷହ ହେବା ନିଶ୍ଚିତ ହୋଇଛି। ଏହି ଡମଶାଳା ଉପରେ ମସସାହି, ଓସ୍ତପାଳ, ଗୁରୁଜଙ୍ଗ, ସରୁଆବିଲ, ଓସ୍ତିଆ, କାଳିଆପାଣି, ଧବାଡି, ଚିଙ୍ଗୁଡିପାଳ, ରଙ୍ଗମାଟିଆ, ଭୀମଟାଙ୍ଗର, କଳରଙ୍ଗୀ, ଘାଗିଆସାହି, ବଣସାହି ପ୍ରଭୃତି ଗ୍ରାମବାସୀ ନିର୍ଭର କରିଥାନ୍ତି। ବ୍ରାହ୍ମଣୀରେ ମିଶିଥିବା ଏହି ନାଳାରେ କ୍ଷୁଦ୍ର ଜଳସେଚନ ପ୍ରକଳ୍ପ ସହ ଅନ୍ୟାନ୍ୟ ଉପାୟରେ ଅଞ୍ଚଳରେ ଜଳସେଚନ ହୋଇଥାଏ। ପୂର୍ବରୁ ହାଇକୋର୍ଟ ଓ ଆଇବିଏମ୍ ପକ୍ଷରୁ ଡମଶାଳା ନାଳାର ପାଣିକୁ ସ୍ୱଚ୍ଛ ଓ ନିର୍ମଳ ରଖିବାକୁ ନିର୍ଦ୍ଦେଶ ଜାରି କରାଯାଇଛି। ତେଣୁ ଓଏମ୍‌ସି ପ୍ରସ୍ତାବରେ ଏହି ଡମଶାଳା ନାଳା ବିଲୀନ ହୋଇଗଲେ ଅଞ୍ଚଳବାସୀ ପାଣି ପାଇଁ ହାହାକାର ହୋଇ ପଡ଼ିବେ ବୋଲି ମତପ୍ରକାଶ ପାଇଛି।

# କୋଲାବ ଜଳଭଣ୍ଡାରରେ ବୁଡ଼ି ୩ ଛାତ୍ର ମୃତ

କୋରାପୁଟ,୭।୩(ଅମିତାଭ ବେହେରା)

କୋଲାବ ଜଳଭଣ୍ଡାରରେ ବୁଡ଼ି କୋରାପୁଟ ସହରର ଲାଣ୍ଡିଗୁଡ଼ା ଗ୍ରାମ ନିକଟ ନବୋଦୟ ବିଦ୍ୟାଳୟର ୩ ଦଶମ ଶ୍ରେଣୀ ଛାତ୍ରଙ୍କ ଶନିବାର ମୃତ୍ୟୁ ହୋଇଛି। ମୃତକମାନେ ହେଲେ କୋରାପୁଟ ସହର ପୂଜାରୀପୁଟ ଅଞ୍ଚଳର ଲିଙ୍ଗରାଜ ଖିଲ, ଲକ୍ଷ୍ମୀପୁର ବ୍ଲକ୍ ବିରିଗୁଡ଼ା ଗ୍ରାମର ସ୍ୱସ୍ତିକ ହଲୱା ଓ ଲମତାପୁଟ ବ୍ଲକ୍‌ର ଓମ୍‌ପ୍ରକାଶ ବେହେରା। ହଷ୍ଟେଲ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଘଟଣା ଘଟିଥିବା ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଟାଉନ ଥାନା ପୋଲିସ ଘଟଣାସ୍ଥଳରୁ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ଚିକିତ୍ସାଳୟକୁ ପଠାଇଛି। ଚିକିତ୍ସାଳୟରେ ଚାପା ଉତ୍ତେଜନା ଦେଖିବାକୁ ମିଳିଛି। ସୂଚନାନୁଯାୟୀ, କୋରାପୁଟ ନବୋଦୟ ବିଦ୍ୟାଳୟର ମାଟ୍ରିକ୍ ପରୀକ୍ଷା ସେଣ୍ଟର ମାଛରାସ୍ଥିତ ଆଦର୍ଶ ବିଦ୍ୟାଳୟରେ ଚାଲିଥିବା ବେଳେ ଶନିବାର ଶେଷ ପରୀକ୍ଷା ଥିଲା। ସମସ୍ତ ଛାତ୍ରୀଛାତ୍ର ପରୀକ୍ଷା ସାରି ନବୋଦୟ ବିଦ୍ୟାଳୟ ହଷ୍ଟେଲକୁ ଫେରିଥିଲେ। କିନ୍ତୁ ଲିଙ୍ଗରାଜ, ସ୍ୱସ୍ତିକ ଏବଂ ଓମ୍ କେତେଜଣ ସାଙ୍ଗଙ୍କ ସହ ନିକଟସ୍ଥ କୋଲାବ ଜଳଭଣ୍ଡାରକୁ ଗାଧୋଇବାକୁ ଯାଇ ଜଣକ ପରେ ଜଣେ ପାଣିରେ ବୁଡ଼ିଯାଇଥିଲେ। ଅନ୍ୟ ସାଙ୍ଗମାନେ ପାଟି କରିବାରୁ ଗ୍ରାମବାସୀ ୩ ଜଣଙ୍କୁ ପାଣିରୁ ବାହାର କରିଥିଲେ। ଏ ନେଇ ହଷ୍ଟେଲ କର୍ତ୍ତୃପକ୍ଷଙ୍କୁ ଖବର ଦେଇଥିଲେ। ଖବର ପାଇ ଟାଉନ ଥାନା ଅଧିକାରୀ ସତ୍ୟାନନ୍ଦ ପାତ୍ର ଘଟଣାସ୍ଥଳରେ ପହଞ୍ଚି ୩ ମୃତଦେହ ଜବତ କରିଥିଲେ। କୋରାପୁଟ ଶହୀଦ ଲକ୍ଷ୍ମଣ ନାୟକ ଭେଷଜ ମେଡିକାଲରେ ମୃତଦେହ ବ୍ୟବଚ୍ଛେଦ ପାଇଁ ରଖାଯାଇଥିବା ସୂଚନା ମିଳିଛି। ମୃତକଙ୍କ ପରିବାର ଲୋକେ ମେଡିକାଲରେ ପହଞ୍ଚି ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଅବହେଳାରୁ ଦୁର୍ଘଟଣା ହୋଇଥିବା ଅଭିଯୋଗ ଆଣିଛନ୍ତି। ଚିକିତ୍ସାଳୟରେ ଚାପା ଉତ୍ତେଜନା ଲାଗି ରହିଥିବାରୁ କୋରାପୁଟ ଏସ୍‌ଡିପିଓ ସଞ୍ଜୟ କୁମାର ମଣ୍ଡଳ, ଟାଉନ ଥାନାଧିକାରୀ ପାତ୍ର, ସଦର ଥାନାଧିକାରୀ ରୁନୁ ମାଝୀ ପ୍ରମୁଖ ଉପସ୍ଥିତ ରହିଛନ୍ତି। ଶାନ୍ତିଶୃଙ୍ଖଳା ପାଇଁ ବ୍ୟାପକ ପୋଲିସ ଫୋର୍ସ ମୁତୟନ କରାଯାଇଛି। ରବିବାର ମୃତଦେହ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯିବ ବୋଲି ସୂଚନା ଦିଆଯାଇଛି।

# ମେ'ରୁ ରବିଧାନ ସଂଗ୍ରହ କରିବେ ସରକାର

ଭୁବନେଶ୍ୱର,୭।୩ (ସୁନିତ୍ ମିଶ୍ର)

ରାଜ୍ୟ ସରକାର ଆସନ୍ତା ମେ ୧ ତାରିଖରୁ ରବିଧାନ ସଂଗ୍ରହ କରିବେ। ରବିଧାନ ସଂଗ୍ରହ ପ୍ରକ୍ରିୟା ୩୦ ଜୁନ୍ ପର୍ଯ୍ୟନ୍ତ ଚାଲିବ। କୁଇଣ୍ଟାଲ ପିଛା ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବାବଦକୁ ଚାଷୀଙ୍କୁ ୨୩୬୯ ଟଙ୍କା ପ୍ରଦାନ କରିବା ସହ 'କୃଷକ ସମୃଦ୍ଧି ଯୋଜନା' ଜରିଆରେ କୃଷକଙ୍କୁ ଅତିରିକ୍ତ ସହାୟତା ବାବଦରେ ୭୩୧ ଟଙ୍କା ପ୍ରଦାନ କରିବାକୁ କୁହାଯାଇଛି। ରବି ଧାନ ସଂଗ୍ରହ ଲାଗି ଆସନ୍ତା ୧୦ ତାରିଖରୁ ରେଜିଷ୍ଟ୍ରେଶନ ଆରମ୍ଭ କରିବାକୁ ସବୁ ଜିଲାପାଳଙ୍କୁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗର ପ୍ରମୁଖ ସଚିବ ସଞ୍ଜୟ କୁମାର ସିଂ ନିର୍ଦ୍ଦେଶ ଦେଇଛନ୍ତି।

ଗତ ୫ ତାରିଖରେ ଲେଖିଥିବା ଚିଠିରେ ସେ ଆହୁରି ଉଲ୍ଲେଖ କରିଛନ୍ତି, ଚାଷୀଙ୍କୁ ଆସନ୍ତା ୧୦ରୁ ୨୦ ତାରିଖ ପର୍ଯ୍ୟନ୍ତ ରେଜିଷ୍ଟ୍ରେଶନ ଫର୍ମ ପ୍ରଦାନ କରାଯିବ। ମାର୍ଚ୍ଚ ୧୦ରୁ ୨୫ ତାରିଖ ମଧ୍ୟରେ ସୋସାଇଟିରେ ଚାଷୀ ତାଙ୍କ ଫର୍ମ ଦାଖଲ କରିପାରିବେ। ଆସନ୍ତା ୧୨ରୁ ଏପ୍ରିଲ ୬ ଯାଏଁ ଚାଷୀଙ୍କ ତାଲିକା ଯାଞ୍ଚ ହେବ। ରିପୋର୍ଟ ତର୍ଜମା ପରେ ଆସନ୍ତା ୨୦ରୁ ଜୁନ୍ ୧୦ ଭିତରେ ପ୍ରଦାନ କରାଯିବ। ଏପ୍ରିଲ ୩୦ରେ ଚାଷୀମାନଙ୍କ ଚୂଡ଼ାନ୍ତ ତାଲିକା ପ୍ରକାଶ ପାଇବ। ରାଜ୍ୟର ୨୦ ଜିଲାରେ ଧାନ ସଂଗ୍ରହ ଚାଲିବ।

## ଜଙ୍ଗଲ ଜମିର ସୀମା ନିର୍ଦ୍ଧାରଣ, ପଟ୍ଟା ସଂଶୋଧନ କରିବେ ଜିଲାପାଳ

ଭୁବନେଶ୍ୱର,୭।୩(ସୁନିତ୍ ମିଶ୍ର)

ରାଜ୍ୟରେ ଅନୁସୂଚିତ ଜନଜାତି ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ (ଜଙ୍ଗଲ ଓ ଅନ୍ୟାନ୍ୟ ପାରମ୍ପରିକ ବନବାସୀ)ଙ୍କ (ଜଙ୍ଗଲ ଅଧିକାର ସ୍ୱୀକୃତି) ସଂଶୋଧନ ଆଇନରେ ଉଲ୍ଲିଖିତ ଅଧିକାର ଅନୁଯାୟୀ ରାଜସ୍ୱ ବିଭାଗ ଦ୍ୱାରା ସେଥିରେ ନିର୍ଦ୍ଦିଷ୍ଟ ଥିବା ଜଙ୍ଗଲ ଜମିର ଅନ୍ତିମ ନକ୍ସା ଏପ୍ରିଲ ୩୦ ସୁଦ୍ଧା ପ୍ରସ୍ତୁତ କରାଯିବ। ରାଜସ୍ୱ ଅଥବା ଜଙ୍ଗଲ ବିଭାଗର ରେକର୍ଡରେ ଥିବା ଜମିକୁ ସମ୍ପୃକ୍ତ କର୍ତ୍ତୃପକ୍ଷ ସମ୍ମିଳିତ କରିବେ। ଏଥିଲାଗି ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅରବିନ୍ଦ ପାଢ଼ୀ ସବୁ ଜିଲାପାଳଙ୍କୁ ଚିଠି ଜାରି କରିଛନ୍ତି। ନିୟମର ପ୍ରାସଙ୍ଗିକତାକୁ ନେଇ ଦିଆଯାଇଥିବା ସମୟସୀମା କିମ୍ବା ୩ ମାସ ମଧ୍ୟରେ ଏହାକୁ ସମ୍ପୂର୍ଣ୍ଣ କରିବା ପାଇଁ ପାଢ଼ୀ ଉଲ୍ଲେଖ କରିଛନ୍ତି। ସବୁ ଜିଲାପାଳଙ୍କୁ କ୍ଷେତ୍ର ଅଧିକାରୀଙ୍କ ଦ୍ୱାରା ସ୍ୱୀକୃତ ହୋଇଥିବା ଜଙ୍ଗଲ ଜମିର ପର୍ଯ୍ୟବେକ୍ଷଣ କରି ବକେୟା ଥିବା ଜଙ୍ଗଲ ଜମି ସ୍ୱତ୍ୱଗୁଡିକର ସୀମା ନିର୍ଦ୍ଧାରଣ ସହ 'ଭୂଲେଖ' ଡାଟାବେସ୍‌ରେ ବକେୟା ଥିବା ପଟ୍ଟା ଓ ନକ୍ସା ସଂଶୋଧନ କାର୍ଯ୍ୟ ଏପ୍ରିଲ ୩୦ ସୁଦ୍ଧା ଶେଷ ପାଇଁ ନିର୍ଦ୍ଦେଶ ଦିଆଯାଇଛି।

## ଗ୍ୟାସ୍ ଦର ବୃଦ୍ଧି ନେଇ ମହିଳା କଂଗ୍ରେସର ପ୍ରତିବାଦ

ଭୁବନେଶ୍ୱର,୭।୩(ସୁନିତ୍ ମିଶ୍ର)

ଦେଶରେ ରନ୍ଧନ ଗ୍ୟାସ୍ ଦର ବୃଦ୍ଧିକୁ ନେଇ କେନ୍ଦ୍ର ସରକାରଙ୍କ ଉପରେ ରାଜ୍ୟ ମହିଳା କଂଗ୍ରେସ ପ୍ରବଳ ବର୍ଷିଛି। ଏହାର ପ୍ରତିବାଦରେ ଦଳ ପକ୍ଷରୁ ମାଷ୍ଟରକ୍ୟାଣ୍ଟିନ ଛକଠାରେ ପ୍ରତିବାଦ କରାଯିବା ସହ କେନ୍ଦ୍ର ପେଟ୍ରୋଲିୟମ ମନ୍ତ୍ରୀ ହରଦୀପ ସିଂ ପୁରୀଙ୍କ ଇସ୍ତଫା ଦାବି କରାଯାଇଛି। ମହିଳା କଂଗ୍ରେସ ସଭାପତି ମୀନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏହି ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ମୀନାକ୍ଷୀ କହିଛନ୍ତି, ମୋଦି ସରକାର ୧୪.୨ କେଜି ସିଲିଣ୍ଡର ପିଛା ୬୦ ଟଙ୍କା ଦର ବୃଦ୍ଧି କରିଛନ୍ତି। ବ୍ୟବସାୟିକ ସିଲିଣ୍ଡର (୧୯ କେଜି) ପିଛା ୧୧୫ ଟଙ୍କା ବୃଦ୍ଧି କରିଛନ୍ତି। ଗତ ୧୧ ମାସ ତଳେ ମୋଦି ସରକାର ଘରୋଇ ସିଲିଣ୍ଡର ପିଛା ୫୦ ଟଙ୍କା ବୃଦ୍ଧି କରିଥିଲେ। ଏହାଦ୍ୱାରା କେନ୍ଦ୍ର ସରକାର ସାଧାରଣ ଜନତାଙ୍କ ଗଳାରେ ଖୋଜ ପକାଇଛନ୍ତି। ଜନତାଙ୍କୁ କିଭଳି ଶୋଷଣ କରାଯିବ ତା'ର କାରସାଦି ମୋଦି ସରକାରଙ୍କୁ ଜଣା। ୨୦୧୪ ପୂର୍ବରୁ ମନମୋହନ ସରକାରଙ୍କ ସମୟରେ ଘରୋଇ ସିଲିଣ୍ଡର ୪୧୦ ଟଙ୍କା ଥିବାବେଳେ ଏହା ବର୍ତ୍ତମାନ ହଜାରେ ଟଙ୍କାରେ ପହଞ୍ଚିଲାଣି। ମୋଦିଙ୍କ ଅଚ୍ଛେ ଦିନ୍ ସ୍ୱପ୍ନର ବାସ୍ତବତାକୁ ଲୋକେ ଅନୁଭବ କରୁଛନ୍ତି। ଏହି ମହଙ୍ଗା ମାଡ଼ ହାଣ୍ଡିଶାଳରେ ପଡ଼ିଛି ବୋଲି ମୀନାକ୍ଷୀ କହିଛନ୍ତି।

# ଆଜିଠୁ ବର୍ଷା, ପବନ

**ଘୂର୍ଣ୍ଣିବଳୟ ପ୍ରଭାବରେ ତାପମାତ୍ରା ୨ ଡିଗ୍ରୀ କମିଲା**

ଭୁବନେଶ୍ୱର,୭।୩(ବନ୍ଦନା ସେଠୀ)

ସମଗ୍ର ଓଡ଼ିଶା ଉପରେ ଏକ ଘୂର୍ଣ୍ଣିବଳୟ ବିସ୍ତାରିତ ହୋଇରହିଛି। ଏହିଠାରୁ ଦୁଇଟି ଟ୍ରଫ୍ ଲାଇନ୍ ଉତ୍ତରପ୍ରଦେଶ ଓ କର୍ଣ୍ଣାଟକ ପର୍ଯ୍ୟନ୍ତ ଯାଇଛି। ଏହାର ପ୍ରଭାବରେ ରବିବାରଠାରୁ ୨ଦିନ ପର୍ଯ୍ୟନ୍ତ ରାଜ୍ୟରେ ହାଲୁକାରୁ ମଧ୍ୟମ ଧରଣର ବର୍ଷା ସହ ପବନ ହେବାର ସମ୍ଭାବନା ରହିଛି ବୋଲି ଆଞ୍ଚଳିକ ପାଣିପାଗ ବିଜ୍ଞାନ କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ବିଶେଷକରି ସୁନ୍ଦରଗଡ଼, କେନ୍ଦୁଝର, ମୟୂରଭଞ୍ଜ ଓ ବାଲେଶ୍ୱର ଜିଲାକୁ ବର୍ଷା, ଘଡ଼ଘଡ଼ି, ବିଜୁଳି ସହ ୪୦ ରୁ ୫୦ କି.ମି. ବେଗରେ ପବନ ବହିବାର ସମ୍ଭାବନା ରହି ଥିବାରୁ ଅରେଞ୍ଜ ଓ୍ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି ଝାରସୁଗୁଡା, ବରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, ଯାଜପୁର, ଭଦ୍ରକ, କେନ୍ଦ୍ରାପଡ଼ା, କଟକ, ଖୋର୍ଦ୍ଧା, ପୁରୀ, ଜଗତ୍‌ସିଂହପୁର, ବୌଦ୍ଧ, ନୟାଗଡ଼, କନ୍ଧମାଳ, ଗଞ୍ଜାମ, କଳାହାଣ୍ଡି, ରାୟଗଡ଼ା, ଗଜପତି, କୋରାପୁଟ, ମାଲକାନଗିରି ଜିଲାରେ ବର୍ଷା ନେଇ ୟେଲୋ ଓ୍ୱାର୍ଣ୍ଣିଂ ଦିଆଯାଇଛି। ସୋମବାର ବର୍ଷାର ପରିମାଣ କମିବା ସହ କାଁ ଭାଁ ସ୍ଥାନରେ ବର୍ଷିବ। ତେବେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଏବଂ ଭଦ୍ରକ ଜିଲାକୁ ବର୍ଷା ପବନ ନେଇ ୟେଲୋ ଓ୍ୱାର୍ଣ୍ଣିଂ ଜାରି ହୋଇଛି। ତେବେ ୧୦ରୁ ୧୪ ତାରିଖ ପର୍ଯ୍ୟନ୍ତ ରାଜ୍ୟରେ ପାଗ ଶୁଖିଲା ରହିବା ନେଇ ସୂଚନା ଦିଆଯାଇଛି।

ଅପରପକ୍ଷେ ଘୂର୍ଣ୍ଣିବଳୟ ପାଇଁ ରାଜ୍ୟରେ ଅସହ୍ୟ ତାତିରୁ ସାମାନ୍ୟ ତ୍ରାହି ମିଳିଛି। ପାରଦ ୨ ଡିଗ୍ରୀ ଖସିଥିବାବେଳେ ଶନିବାର ୧୫ ସହରର ତାପମାତ୍ରା ୩୫ ଡିଗ୍ରୀ କିମ୍ବା ତା'ଠାରୁ ଅଧିକ ରହିଥିଲା। ସର୍ବାଧିକ ତାପମାତ୍ରା ୩୭.୭ ଡିଗ୍ରୀ ସହିତ ସୋନପୁର ରାଜ୍ୟର ସବୁଠାରୁ ଉତ୍ତପ୍ତ ସହର ପାଲଟିଥିଲା।

**ପୃଷ୍ଠା-୩ର ଅବଶିଷ୍ଟାଂଶ**

## ମଧ୍ୟପ୍ରାଚ୍ୟରେ ଯୁଦ୍ଧ...

ମଧ୍ୟପ୍ରାଚ୍ୟରୁ ଆସୁଥିବା ୪୦% ତୈଳ ଷ୍ଟ୍ରେଟ୍ ଅଫ୍ ହୋର୍ମୁଜ ଦେଇ ଆମଦାନୀ କରାଯାଇଥାଏ। ରଣନୈତିକ ଓ ବ୍ୟବସାୟିକ ଦୃଷ୍ଟିରୁ ବିଶେଷ ମହତ୍ତ୍ୱ ରଖୁଥିବା ଏହି ଜଳପଥରେ ଆସୁଥିବା ତୈଳ ଓ ପ୍ରାକୃତିକ ବାଷ୍ପ ପରିବହନକାରୀ ଜାହାଜଗୁଡ଼ିକୁ ଇରାନ୍ ଆକ୍ରମଣ କରୁଥିବାରୁ ଯୋଗାଣରେ ବାଧା ଉପୁଜିଛି। ଏହାକୁ ଦୃଷ୍ଟିରେ ରଖି ଏଲ୍‌ପିଜି ମୂଲ୍ୟ ବୃଦ୍ଧି କରାଯାଇଛି। ଏଭଳି ସ୍ଥିତିରେ ଆଗକୁ ପରିସ୍ଥିତି ଆହୁରି ସଙ୍ଗିନ ହୋଇପାରେ। କେନ୍ଦ୍ର ଜାହାଜ ଚଳାଚଳ, ବନ୍ଦର ଓ ଜଳପଥ ମନ୍ତ୍ରଣାଳୟ ପକ୍ଷରୁ ବନ୍ଦରଗୁଡ଼ିକୁ ରେମିଶନ୍ ଚାର୍ଜ ଓ ଭେସେଲ୍ ଚାର୍ଜ ଛାଡ଼ ପାଇଁ ଅନୁରୋଧ କରାଯାଇଛି। ବିଭିନ୍ନ ପକ୍ଷଙ୍କ ସହ ବିଚାରବିମର୍ଶ କରି ଏକ ଏସ୍‌ଓପି ମଧ୍ୟ ଜାରି କରାଯାଇଛି। ଅନ୍ୟପକ୍ଷେ ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ ସିଂ ପୁରୀ କହିଛନ୍ତି, ବିଭିନ୍ନ ଦେଶରେ ଚିନ୍ତାଜନକ ସ୍ଥିତି ଉପୁଜିଥିବାବେଳେ ଭାରତରେ ଶକ୍ତି ସଙ୍କଟ ନାହିଁ। ଘରୋଇ ଚାହିଦା ପୂରଣ ପାଇଁ ସରକାର ଯତ୍ନବାନ୍ ଅଛନ୍ତି। ତୈଳ ମୂଲ୍ୟକୁ ସ୍ଥିର ରଖିବା ଉପରେ ସରକାର ଗୁରୁତ୍ୱ ଦେଉଥିବାରୁ ଭାରତୀୟ ଉପଭୋକ୍ତା ଚିନ୍ତିତ ହୁଅନ୍ତୁ ନାହିଁ। ସେହିପରି ଓଡ଼ିଶାରେ ମଧ୍ୟ ପର୍ଯ୍ୟାପ୍ତ ପେଟ୍ରୋଲ, ଡିଜେଲ ମହଜୁଦ ରହିଛି। ରାଜ୍ୟରେ ଇରାନ୍ ଯୁଦ୍ଧର ବିଶେଷ ପ୍ରଭାବ ପଡ଼ିବନାହିଁ। ତେଣୁ ଲୋକେ ଆତଙ୍କିତ ହୁଅନ୍ତୁ ନାହିଁ ବୋଲି ଖାଦ୍ୟ, ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ତି।

## ପେଟ୍ରୋଲ ମିଳୁ ନ ଥିବା...

ଅଧିକାରୀ ଲିଙ୍ଗରାଜ ବେହେରାଙ୍କ ସୂଚନା ଅନୁଯାୟୀ ଯଦିଓ ରନ୍ଧନ ଗ୍ୟାସ୍‌ର ଦର ବୃଦ୍ଧି ପାଇଛି କିନ୍ତୁ ମାଲକାନଗିରି ଜିଲାରେ ପେଟ୍ରୋଲ ଓ ଡିଜେଲର କୌଣସି ଅଭାବ ନାହିଁ। ଲୋକ ଏଭଳି ମିଥ୍ୟା ଗୁଜବର ଶିକାର ନ ହୋଇ ଶାନ୍ତିପୂର୍ଣ୍ଣ ଭାବେ ଆବଶ୍ୟକ ପେଟ୍ରୋଲ ଓ ଡିଜେଲ ନେଇପାରିବେ ଏବଂ ଜାର୍‌କିନ୍‌ରେ ନେଇ ଘରେ ଗଚ୍ଛିତ ନ ରଖିବା ପାଇଁ ସେ ଜନସାଧାରଣଙ୍କୁ ଅନୁରୋଧ କରିଛନ୍ତି।

## ଆଜି ଭାରତ-ନ୍ୟୁଜିଲାଣ୍ଡ...

ଫାଇନାଲରେ ପରାସ୍ତ ହୋଇନାହିଁ। ଫାଇନାଲ ଜିତିବା ପାଇଁ ପ୍ରତ୍ୟେକ ଦଳକୁ ସାହସ ସହିତ ଭାଗ୍ୟର ସାଥ୍ ମଧ୍ୟ ଆବଶ୍ୟକ। କିନ୍ତୁ ଏଥିଲାଗି ଠିକ୍ ସମୟରେ ଉଚିତ ଘଟଣା ଘଟିବା ଦରକାର। ସେମିଫାଇନାଲରେ ଇଂଲଣ୍ଡ ଅଧିନାୟକ ହ୍ୟାରୀ ବ୍ରୁକ ମ୍ୟାଚ୍ ଆରମ୍ଭରୁ ସଞ୍ଜୁ ସାମସନଙ୍କ କ୍ୟାଚ୍ ହାତଛଡ଼ା କରିଥିଲେ। ରବିବାର ଖେଳାଯିବାକୁ ଥିବା ଫାଇନାଲରେ ମଧ୍ୟ ଭାରତୀୟ ଦଳକୁ ସେଭଳି ଭାଗ୍ୟର ସହାୟତା ଦରକାର ପଡ଼ିବ। ଅଧିନାୟକ ଭାବେ ସୂର୍ଯ୍ୟକୁମାରଙ୍କ ରେକର୍ଡ ଖୁବ୍ ଭଲ ରହିଛି। ହେଲେ ସେ ବ୍ୟାଟର ଭାବେ ଶକ୍ତିଶାଳୀ ଦଳ ବିପକ୍ଷ ଗୁରୁତ୍ୱପୂର୍ଣ୍ଣ ମ୍ୟାଚ୍‌ରେ ସେଭଳି ପ୍ରଦର୍ଶନ କରିପାରି ନାହାନ୍ତି। ଏଣୁ ରବିବାର ତାଙ୍କ ପାଖରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ କରିବାର ସୁଯୋଗ ରହିଛି।



ପୋଲିସ ଘଟଣାସ୍ଥଳରେ ତଦନ୍ତ ଚଳାଇଛି।

## ସ୍ତ୍ରୀଙ୍କୁ ପିଟି...

ଉଭୟଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ଏଥିରେ ଅଜିତ ଉତ୍କ୍ଷିପ୍ତ ହୋଇ ଏକ ବାଡ଼ିରେ ପିଟି ମଞ୍ଜୁଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ନେଇ କିଛିଦୂରରେ ଫିଙ୍ଗିଦେଇଥିଲେ। ଶନିବାର ସକାଳେ ଘଟଣା ସମ୍ପର୍କରେ ସେ ସାହିବାସିନ୍ଦାଙ୍କୁ ଜଣାଇଥିଲେ। ଖବରପାଇ ଅତିରିକ୍ତ ଏସ୍‌ପି ଧୀରଜ ଚୌପଦାର, ବାରକୋଟ ଥାନାଧିକାରୀ ବଡ଼େଇ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଛନ୍ତି। ଏଥିସହ ଅଭିଯୁକ୍ତ ଅଜିତଙ୍କୁ ଥାନାରେ ଅଟକ ରଖି ପଚରାଉଚରା କରାଯାଉଛି। ଏନେଇ ଥାନାରେ ଏକ ହତ୍ୟା ମାମଲା(ନଂ.୧୦୧/୨୬) ରୁଜୁ ହୋଇଛି, ଅଜିତଙ୍କୁ ଗିରଫ ପରେ କୋର୍ଟ ଚାଲାଣ କରାଯିବ ବୋଲି ଥାନା ଅଧିକାରୀ ବଡ଼େଇ କହିଛନ୍ତି।

# ପୋଖରୀରେ ବୁଡ଼ି ୨ ଶିଶୁଙ୍କ ଜୀବନ ଗଲା

ଉଦଳା,୭।୩(ସନ୍ତୋଷ କୁମାର ବାଛିନି)

ହସଖୁସିରେ ସାଙ୍ଗ ହୋଇ ବିଦ୍ୟାଳୟରୁ ଫେରିଲେ। ଗାଧୋଇ ସାରି ମାମୁଘରକୁ ଯାଇଥାନ୍ତେ। ହେଲେ କିଏ ଜାଣିଥିଲା ଗାଧୋଇବାକୁ ଯାଇଥିବା ୨ ସାଙ୍ଗ ଆଉ ଘରକୁ ଫେରିବେ ନାହିଁ। ଗାଧୋଇବାକୁ ଯାଇ ପୋଖରୀରେ ବୁଡ଼ି ୨ ଶିଶୁଙ୍କ ଜୀବନ ଚାଲିଯାଇଛି। ଶନିବାର ପୂର୍ବାହ୍ନରେ ମୟୂରଭଞ୍ଜ ଜିଲା କପ୍ତିପଦା ଥାନା ଅଧୀନ ବଡ଼ଖଲାଡି ନଛିପୁର ଗ୍ରାମରେ ଏଭଳି ଦୁଃଖଦ ଘଟଣା ଘଟିଛି। ମୃତ ୨ ଛାତ୍ରୀ ହେଲେ ଗ୍ରାମର ଅଜୟ ନାୟକଙ୍କ ଝିଅ ଶୁଭସନ୍ଧ୍ୟା(୭) ଓ ରବୀନ୍ଦ୍ର ଶଙ୍ଖୁଆଳଙ୍କ ଝିଅ ରାଜଲକ୍ଷ୍ମୀ(୮)।

ସୂଚନା ଅନୁଯାୟୀ, କପ୍ତିପଦା ଥାନା ଅଧୀନ ଦାଣ୍ଡଘାଟ ବାଥୁଡିସାହି ବିଦ୍ୟାଳୟରେ ଶୁଭସନ୍ଧ୍ୟା ପ୍ରଥମ ଏବଂ ରାଜଲକ୍ଷ୍ମୀ ଦ୍ୱିତୀୟ ଶ୍ରେଣୀରେ ପଢୁଥିଲେ। ଦୁଇଜଣ ସ୍କୁଲରୁ ଫେରି ଗାଧୋଇବାକୁ ନଳକୂପ ପରିବର୍ତ୍ତେ ନିକଟସ୍ଥ ପୋଖରୀକୁ ଯିବାକୁ ବାହାରିଥିଲେ। ପରିବାର ଲୋକେ ବିରୋଧ କରିଥିଲେ। ପରେ ରାଜି ହେବା ସହ ଶୀଘ୍ର ଗାଧୋଇ ଆସିବାକୁ କହି ପରିବାର ଲୋକେ ନିଜ କାମରେ ବ୍ୟସ୍ତ ରହିଥିଲେ। ଗାଧୋଇ ସାରିବା ପରେ ସେମାନେ ରାଜଲକ୍ଷ୍ମୀଙ୍କ ସମ୍ପର୍କୀୟ ମାମୁଙ୍କ ବାହାଘରକୁ ଯାଇଥାନ୍ତେ। ହେଲେ ଗାଧୋଇବା ସମୟରେ ଦୁଇଜଣ ପୋଖରୀରେ ବୁଡ଼ି ଯାଇଥିଲେ। ପରିବାର ଲୋକେ ସେମାନଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କପ୍ତିପଦା ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ଦୁଇଜଣଙ୍କୁ ମୃତ ଘୋଷଣା କରିଥିଲେ।

# ଶିଶୁଙ୍କୁ ଅପହରଣ ପରେ ଗଳା କାଟି ହତ୍ୟା

ବିଷମକଟକ,୭।୩(ପ୍ରସନ୍ନ କୁମାର ପଣ୍ଡା)



ଋଷି ଗନ୍ତାୟତ

୪ ଲକ୍ଷ ଟଙ୍କା ପାଇଁ ଜଣେ ୭ ବର୍ଷର ଶିଶୁକୁ ଅପହରଣ ପରେ ଗଳା କାଟି ହତ୍ୟା କରାଯାଇଥିବା ଅଭିଯୋଗ ହୋଇଛି। ରାୟଗଡ଼ା ଜିଲା ବିଷମକଟକ ବ୍ଲକ୍ ଅନ୍ତର୍ଗତ ଚାଟିକଣା ଅଞ୍ଚଳରେ ଏହି ଅଭାବନୀୟ ଘଟଣା ସାମ୍ନାକୁ ଆସିଛି। ମୃତ ଶିଶୁ ହେଲେ ଚାଟିକଣାସ୍ଥିତ ପୁରୁଣା ଷ୍ଟେଶନ ସାହିର ପୁରୁଷୋତ୍ତମ ଗନ୍ତାୟତଙ୍କ ପୁଅ ଋଷି ଗନ୍ତାୟତ (୭)। ଶୁକ୍ରବାର ବିଳମ୍ବିତ ରାତ୍ରିରେ ପୁରୁଷୋତ୍ତମଙ୍କ ଘର ପଛପଟୁ ଏକ ବସ୍ତାରେ ବନ୍ଧାଯିବା ଅବସ୍ଥାରେ ଋଷିଙ୍କ ମୃତଦେହ ଜବତ କରାଯାଇଛି। ଶନିବାର ସକାଳେ ବିଷମକଟକ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିବା ସହ ତଦନ୍ତ ଆରମ୍ଭ କରିଛି। ସାଇଣ୍ଟିଫିକ୍ ଟିମ୍ ଓ ସନ୍ଧାନୀ କୁକୁର ସହାୟତାରେ ତଦନ୍ତ କରାଯିବ ବୋଲି ବିଷମକଟକ ଥାନା ଆଇଆଇସି ସମର୍ପିତା ସ୍ୱାଇଁ କହିଛନ୍ତି।

**ODISHA SPACE APPLICATIONS CENTRE (ORSAC)**
Dept. of Science & Technology, Govt. of Odisha
Bhubaneswar-751 023
No.28001/4/2526 Tender Notice No. 02/2026
**Empanelment of Eligible Firms to undertake UAS/ UAV/Drone Imaging Services in Odisha**
Odisha Space Applications Centre (ORSAC) invites sealed Application from reputed, established and reliable Firms for empanelment to undertake USA/ UAV/ Drone Imaging Services in Odisha.
ORSAC reserves the right to accept/reject/ modify & cancel the full tender or part thereof at any time without assigning any reason thereof.
For details, please visit Website odisha.gov.in. & ORSAC Website orsac.odisha.gov.in or ORSAC office.
OIPR-28001/28007/1/25-26/0001 CHIEF EXECUTIVE

No.16001/29/2526
**ODISHA UNIVERSITY OF TECHNOLOGY AND RESEARCH**
**P.O.: MAHALAXMI VIHAR, BHUBANESWAR-751 029**
NOTICE INVITING E-TENDER
**Tender Notice No OUTR/SIP/SL/2025-26/45 Date: 28/02/2026**
Online tenders through E-Procurement under two bid systems are invited from Original Equipment manufacturers/Distributor/Authorised Dealers for supply of various laboratory equipment for Structural Engineering Laboratory of School of Infrastructure and Planning at OUTR, Bhubaneswar.
Date & time of available in Tenders Odisha Portal: 28/02/2026 at 06.00 p.m.
**Last date and time of uploading of Bid : 23/03/2026 upto 6.00 p.m.**
For details : Please visit : http://tendersodisha.gov.in & http://www.outr.ac.in
For Technical query please contact Prof. Chhabirani Tudu, Ph. No. 9439860601, E-mail : chhabiranice@outr.ac.in
OIPR-16001/16005/1/25-26/0007 Sd./- REGISTRAR

No.4001/52/2526
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD, IDCO, CUTTACK DIVISION, JAGATPUR (NEW), CUTTACK-754021**
Tender Call Notice No. IDCO/CTC/CIV/E : 511 Dated : 23.02.2026
NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement
**Name of the Work** : Construction of Paver work at Plot No.31 to Plot No.B/26 (Both side) of Old Industrial Estate, Jagatpur, Cuttack.
1. Estimated cost : Rs.24.12 lakh
2. Period of operation of Restaurant : 4 Months
3. Other details :

| Procurement Officer | Bid ID/Tender Reference No. | Availability of Tender on-line for Bidding | |
|---|---|---|---|
| 1 | 2 | 3 | 4 |
| Divisional Head, IDCO, Cuttack Division | Bid ID/Tender Reference No. CTC/CIV/ EST/E-04/2025-26 | 09.03.2026 at 17.00 Hrs. | 22.03.2026 up to 17.00 Hrs. |

Further details can be seen from the e-procurement portal, www.tendersodisha.gov.in and Corrigendum if any will not be published in newspapers and can only be seen in the e-procurement portal www.tendersodisha.gov.in and www.idco.in.
Sd./- Divisional Head IDCO, Cuttack Division
OIPR-4001/4075/1/25-26/0020

Government of Odisha
Forest, Environment and Climate Change Department, Odisha
ବାଲେଶ୍ୱର ବନ୍ୟଜୀବ ବନଖଣ୍ଡ, ବାଲେଶ୍ୱର
**OFFICE OF THE DIVISIONAL FOREST OFFICER BALASORE WILDLIFE DIVISION**
At/PO : KURUDA, Dist. : BALASORE, PIN - 756056, ODISHA
Control Room No. : 94376-91870, e-mail : dfo.balasorewl@odisha.gov.in
**Bid Identification No. DFO, BWD 07/2025-26, Dated. 5th March, 2026**
**TENDER CALL NOTICE**
**No.8001/126/2526** : The Divisional Forest Officer, Balasore Wildlife Division invites sealed Quotation to be received only in **"OFF LINE"** mode in **Double Cover System** for Procurement from eligible Firms/Vendors/Suppliers as mentioned below

| | | |
|---|---|---|
| **Nature of the Work** | Supply of **Children's Play Equipment and open gym equipments** for Eco-tourism Destinations as Annexure-I of Tender Document | |
| Estimated Cost | Rs.10,00,000/- (Ten Lakh) approx | |
| Tender Paper Cost | Rs.2,000/- (Two Thousand) only | |
| EMD | Earnest Money Deposit (EMD) of Rs.10,000/- (Rupees Ten Thousand) only (Refundable) | |
| Date & Time of availability of the bid document | 07.03.2026 to 13.03.2026 (11.00 A.M.) | |
| Bid Documents & other details can be obtained/ downloaded from | Website | **https://balasore.odisha.gov.in https://odishaforest.in/** |
| | Office | Can be obtained from the O/o the Divisional Forest Officer, Balasore Wildlife Division, Balasore |
| Last date & Time for receipt of bids | Up to 01.00 P.M. of 13.03.2026 | |
| Date & Time of Bid opening | 03.00 P.M. of 13.03.2026 | |
| Note : The undersigned reserves all the rights to accept or reject any or all tenders without assigning any reason thereof. | | |

Sd./- Divisional Forest Officer
Balasore Wildlife Division, Balasore
OIPR-8001/8036/1/25-26/0001

# ଉରୁଗୁଏକୁ ଭେଟି ଭାରତର ଅଭିଯାନ

## ମହିଳା ହକି ବିଶ୍ୱକପ୍ ଯୋଗ୍ୟତା ପର୍ଯ୍ୟାୟ

**ହାଇଦ୍ରାବାଦ, ୭।୩ (ପି.ଟି.)**

ଏଫ୍ଆଇଏଚ୍ ମହିଳା ହକି ବିଶ୍ୱକପ୍ ପାଇଁ ଯୋଗ୍ୟତା ପର୍ଯ୍ୟାୟରେ ଭାରତ ରବିବାର ଉରୁଗୁଏ ବିପକ୍ଷରେ ଖେଳି ଏହାର ଅଭିଯାନ ଆରମ୍ଭ କରିବ। ଟୁର୍ନାମେଣ୍ଟରେ ଆୟୋଜକ ଭାରତ ସମେତ ୮ଟି ଦଳ ଅଂଶଗ୍ରହଣ କରୁଛନ୍ତି। ଅନ୍ୟ ଦଳଗୁଡ଼ିକ ହେଲେ ଇଂଲଣ୍ଡ, ସ୍କଟଲାଣ୍ଡ, କୋରିଆ, ଇଟାଲି, ଉରୁଗୁଏ, ୱେଲ୍ସ ଓ ଅଷ୍ଟ୍ରିଆ। ଏଥିରୁ ୩ଟି ଦଳ ବିଶ୍ୱକପ୍ ୨୦୨୬ ସଂସ୍କରଣ ପାଇଁ ଯୋଗ୍ୟତା ଅର୍ଜନ କରିବେ। ମହିଳା ହକି ବିଶ୍ୱକପ୍ ପୁରୁଷ ଇଭେଣ୍ଟ ସହ ଏକ ସମୟରେ ଅଗଷ୍ଟ ୧୪ରୁ ୩୦ ପର୍ଯ୍ୟନ୍ତ ହେବ। ବେଲଜିୟମ ଓ ନେଦରଲାଣ୍ଡ୍ସ ମିଳିତ ଭାବେ ଟୁର୍ନାମେଣ୍ଟର ଆୟୋଜକ ହୋଇଛନ୍ତି। ଜୋର୍ଡ ମାରିଜନେ ଦ୍ୱିତୀୟ ଥର ମୁଖ୍ୟ କୋଚ୍ ଦାୟିତ୍ୱ ଗ୍ରହଣ କରିବା ପରେ ତାଙ୍କ ତତ୍ତ୍ୱାବଧାନରେ ଭାରତ ପ୍ରଥମ ଥର ଏକ ଟୁର୍ନାମେଣ୍ଟ ଖେଳିବାକୁ ଯାଉଛି। ନେଦରଲାଣ୍ଡ୍ସର ଏହି କୋଚଙ୍କ ଅଧୀନରେ ଭାରତୀୟ ମହିଳା ଦଳ ୨୦୨୧ ଟୋକିଓ ଅଲିମ୍ପିକ୍ସ ଐତିହାସିକ ଚତୁର୍ଥ ସ୍ଥାନ ଅଧିକାର କରିଥିଲା। ଭାରତ ବର୍ତ୍ତମାନ ବିଶ୍ୱ ର୍ୟାଙ୍କିଙ୍ଗରେ ୯ମ ସ୍ଥାନରେ ରହିଛି। ଟୁର୍ନାମେଣ୍ଟରେ ଇଂଲଣ୍ଡ (୭ମ) ପଛକୁ... ଦ୍ୱିତୀୟ ସର୍ବୋଚ୍ଚ ର୍ୟାଙ୍କିଙ୍ଗପ୍ରାପ୍ତ ଦଳ। ଅଧିନାୟିକା ସାଲିମା ଟେଟେ କହିଛନ୍ତି, ଆମେ ଆମର ପ୍ରଶଂସକଙ୍କ ସମ୍ମୁଖରେ ଘରୋଇ ପରିବେଶରେ କ୍ୱାଲିଫାୟର ଖେଳିବାକୁ ପ୍ରକୃତରେ ଉତ୍ସାହିତ। ଟୁର୍ନାମେଣ୍ଟ ପାଇଁ ଆମ ଦଳ ଜୋର୍‌ଦାର ପ୍ରସ୍ତୁତି କରିଛି। ଏଠାକୁ ଆସିଥିବା ପ୍ରତିଟି ଦଳ ପ୍ରତିଯୋଗିତାରେ ଭଲ ପ୍ରଦର୍ଶନ କରି ବିଶ୍ୱକପ୍‌ରେ ସ୍ଥାନ ପାଇବା ପାଇଁ ଲକ୍ଷ୍ୟ ରଖିଛନ୍ତି। ତେଣୁ ଆରମ୍ଭରୁ ଆମେ କଷ୍ଟସାଧ୍ୟ ମ୍ୟାଚ ଆଶା କରୁଛୁ। ଉରୁଗୁଏ ପରେ ଭାରତ ମାର୍ଚ୍ଚ ୯ ଓ ୧୧ରେ ଯଥାକ୍ରମେ ସ୍କଟଲାଣ୍ଡ ଓ ୱେଲ୍ସକୁ ଭେଟିବ। କ୍ୱାଲିଫାୟର୍ସର ଭାଗ ନେଇଥିବା ଦଳଗୁଡ଼ିକୁ ଦୁଇଟି ଗ୍ରୁପ୍‌ରେ ବିଭକ୍ତ କରାଯାଇଛି। ଇଂଲଣ୍ଡ, କୋରିଆ, ଇଟାଲି ଓ ଅଷ୍ଟ୍ରେଲିଆ ପୁଲ୍ 'ଏ'ରେ ସ୍ଥାନ ପାଇଥିବା ବେଳେ ଆୟୋଜକ ଭାରତ, ସ୍କଟଲାଣ୍ଡ, ଉରୁଗୁଏ ଓ ୱେଲ୍ସକୁ ପୁଲ୍'ବି'ରେ ନିଆଯାଇଛି। ପ୍ରତ୍ୟେକ ଗ୍ରୁପ୍‌ରୁ ଶ୍ରେଷ୍ଠ ଦୁଇ ଦଳ ସେମିଫାଇନାଲକୁ ଉନ୍ନୀତ ହେବ। ଉଭୟ ସେମିଫାଇନାଲର ବିଜେତା ଓ ବ୍ରୋଞ୍ଜ ପଦକ ବିଜେତା ଆପେ ବିଶ୍ୱକପ୍ ପାଇଁ ଯୋଗ୍ୟତା ଅର୍ଜନ କରିବେ। ଆସନ୍ତା ବିଶ୍ୱକପ୍‌ରେ ଉଭୟ ପୁରୁଷ ଓ ମହିଳା ବିଭାଗରେ ୧୬ଟି ଲେଖାଏ ଦଳ ଭାଗ ନେବେ। ପ୍ରତ୍ୟେକ କାଟେଗୋରୀରେ ୯ଟି ଲେଖାଏ ଦଳ ଇତିମଧ୍ୟରେ ଯୋଗ୍ୟତା ଅର୍ଜନ କରିସାରିଛନ୍ତି।



ଅତିଥି ଭାବେ ଖେଳାଳିଙ୍କୁ ପୁରସ୍କୃତ କରିବା ଅବସରରେ ଅଲିମ୍ପିଆନ ଅନୁରାଧା ବିଶ୍ୱାଳ (ବାମ)।

## ଭିଏତ୍‌ନାମକୁ ହରାଇଲା ତାଇୱାନ

**ପର୍ଥ, ୭।୩ (ଏପି):** ମହିଳା ଏସିଆ କପ୍ ଫୁଟ୍‌ବଲ ଟୁର୍ନାମେଣ୍ଟର ଶନିବାର ଖେଳାଯାଇଥିବା ଏକ ମ୍ୟାଚରେ ତାଇୱାନ ୧-୦ ଗୋଲ୍‌ରେ ଭିଏତ୍‌ନାମକୁ ପରାସ୍ତ କରିଛି। ଏଥିସହିତ ଆଉ ଗୋଟିଏ ମ୍ୟାଚ ଖେଳିବାକୁ ବାକିଥାଇ ଦଳ ଗ୍ରୁପ୍ 'ସି'ରେ ଦ୍ୱିତୀୟ ସ୍ଥାନ ଅଧିକାର କରିଛି। ଅନ୍ୟ ଏକ ମ୍ୟାଚ୍‌ରେ ଜାପାନ ୧୧-୦ ଗୋଲ୍‌ରେ ଭାରତକୁ ପରାସ୍ତ କରିଛି।

**Marriage Anniversary**



PRAKASH & SAILABALA
ଅମଲାପଡ଼ା, ଢେଙ୍କାନାଳ
ବିବାହ ବାର୍ଷିକ ଉପଲକ୍ଷେ ଆପଣଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରୁଛୁ।
-:ଶୁଭେଚ୍ଛା ସହ:- ଲିନା, ଇନ୍ଦୁ, ଇତି, ଲୋପା, ପରିବାରବର୍ଗ ଓ ଆତ୍ମୀୟସ୍ୱଜନ
ଧ-୩୫୬୬

## ମାଧୁରୀଙ୍କ ଶତକ ; ପୂର୍ବାଞ୍ଚଳ ବିଜୟୀ

**କଟକ, ୭।୩(କୁମାରଶ୍ରୀ)**

ସିନିୟର ମହିଳା ଆନ୍ତଃଜୋନାଲ ଏକଦିବସୀୟ ଟ୍ରଫିରେ ଓଡ଼ିଆ ଖେଳାଳି ମାଧୁରୀ ମେହେଟାଙ୍କ ଶତକୀୟ ଇନିଂସ ବଳରେ ପୂର୍ବାଞ୍ଚଳ ୭ ଉଇକେଟରେ ଉତ୍ତର-ପୂର୍ବାଞ୍ଚଳକୁ ପରାସ୍ତ କରିଛି। ବେଙ୍ଗାଲୁରୁର ବିସିସିଆଇ ସିଓଇ ଗ୍ରାଉଣ୍ଡ-୧ରେ ଶନିବାର ଏହି ମ୍ୟାଚ୍ ଖେଳାଯାଇଥିଲା। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଉତ୍ତର-ପୂର୍ବାଞ୍ଚଳ ୭ ଉଇକେଟ ବିନିମୟରେ ୨୦୬ରନ ସଂଗ୍ରହ କରିଥିଲା। ଅଧିନାୟିକା ଡିଡି ଦତ୍ତ ସର୍ବାଧିକ ୬୭ରନ କରିଥିଲେ। ମିତା ପଲଙ୍କୁ ୪ଟି ଉଇକେଟ ମିଳିଥିଲା। ପୂର୍ବାଞ୍ଚଳ ଦଳରୁ ପ୍ରତିନିଧିତ୍ୱ କରୁଥିବା ଅନ୍ୟତମ ଓଡ଼ିଆ ଖେଳାଳି ସୁଶ୍ରୀ ଦିବ୍ୟଦର୍ଶିନୀ ଗୋଟିଏ ଉଇକେଟ ଦଖଲ କରିଥିଲେ। ୧୧୪ ବଲରୁ ୧୪ଟି ଚୌକା ଏବଂ ଗୋଟିଏ ଛକା ସହାୟତାରେ ଓପନର ମାଧୁରୀ ୧୦୫ରନ ସଂଗ୍ରହ କରି ଦଳ ପାଇଁ ସହଜ ବିଜୟ ପଥ ଉନ୍ମୁକ୍ତ କରି ଦେଇଥିଲେ। ଟୁର୍ନାମେଣ୍ଟର ପ୍ରଥମ ଲିଗ୍‌ରେ କେନ୍ଦ୍ରାଞ୍ଚଳଠାରୁ ପରାସ୍ତ ହୋଇଥିବା ପୂର୍ବାଞ୍ଚଳ ୯ ତାରିଖରେ ୩ୟ ମ୍ୟାଚ୍‌ରେ ଉତ୍ତରାଞ୍ଚଳକୁ ଭେଟିବ।



ମାଧୁରୀ ମେହେଟା

## ଗୁଜରାଟକୁ ହରାଇଲା ଓଡ଼ିଶା

**କଟକ,୭।୩ (କୁମାରଶ୍ରୀ):** ପୁଣେର ଡେକାନ୍ ଜିମ୍‌ଖାନା କ୍ରିକେଟ ଗ୍ରାଉଣ୍ଡରେ ଶନିବାର ଖେଳାଯାଇଥିବା ୨୩ବର୍ଷରୁ କମ୍ ମହିଳା ଏକଦିବସୀୟ ଟ୍ରଫିର ୩ୟ ଲିଗ୍ ମ୍ୟାଚ୍‌ରେ ଓଡ଼ିଶା ୧୫୬ରନରେ ଗୁଜରାଟକୁ ପରାସ୍ତ କରିଛି। ଟୁର୍ନାମେଣ୍ଟରେ କ୍ରମାଗତ ଦୁଇଟି ପରାଜୟ ପରେ ଦଳର ଏହା ପ୍ରଥମ ବିଜୟ। ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ଓଡ଼ିଶା ୪ ଉଇକେଟ ହରାଇ ୨୭୫ରନ କରିଥିଲା। ଅଧିନାୟିକା ଅଲିପ୍ସା ବିଶ୍ୱାଳ ଅପରାଜିତ ୧୦୦ରନ କରିଥିଲେ। ଗୁଜରାଟ ପକ୍ଷରୁ ଗୌରୀ ଗୋୟଲ ଏବଂ ଶିବାନୀ ଗୁପ୍ତା ଗୋଟିଏ ଲେଖାଏ ଉଇକେଟ ଦଖଲ କରିଥିଲେ। ପ୍ରାରମ୍ଭିକ ବ୍ୟାଟିଂ ବିପର୍ଯ୍ୟୟର ସମ୍ମୁଖୀନ ହୋଇଥିବା ଗୁଜରାଟର ଇନିଂସ ୧୧୯ରନରେ ସୀମିତ ରହିଥିଲା। ମଧ୍ୟକ୍ରମର ବ୍ୟାଟର ସ୍ମୁତି ଜୈନ ୩୩ରନର ସଂଘର୍ଷପୂର୍ଣ୍ଣ ଇନିଂସ ଖେଳିଥିଲେ। ଓଡ଼ିଶା ପକ୍ଷରୁ ଅନନ୍ୟା ମିଶ୍ର ୨୯ରନ ବ୍ୟୟ କରି ସର୍ବାଧିକ ୪ଟି ଉଇକେଟ ଦଖଲ କରିଥିଲେ।

## ଏଫ୍ଆଇଭିବି ବିଚ୍ ଭଲିବଲ: ସେମି ଲାଇନଅପ୍ ଚୂଡ଼ାନ୍ତ

**ଭୁବନେଶ୍ୱର,୭।୩(ଅନାଦି କର)**

କିଟ୍ ୟୁନିଭର୍ସିଟିସ୍ଥିତ ଦୂତୀ ଚାନ୍ଦ ଆଥଲେଟିକ୍ ଷ୍ଟାଡିୟମରେ ଚାଲିଥିବା ଏଫ୍ଆଇଭିବି ୱାର୍ଲ୍ଡ ବିଚ୍ ଭଲିବଲ ଟୁର୍ନାମେଣ୍ଟରେ ଶନିବାର ସେମିଫାଇନାଲ ଲାଇନଅପ୍ ଚୂଡ଼ାନ୍ତ ହୋଇଯାଇଛି। ଶନିବାର ଖେଳାଯାଇଥିବା ପୁରୁଷ କ୍ୱାର୍ଟର ଫାଇନାଲରେ ଚେକ୍ ଗଣରାଜ୍ୟର ସେପକା ଓ ଜାଭୋରୋନୋକ ଲିଥୁଆନିଆର ରୁମସେଭିସିଅସ ଓ ପଲୁବିନସ୍କାସଙ୍କୁ, ଇସ୍ରାଏଲର ଏଲଜାର ଓ ସୁଜମିସିଓଭ ନରୱେର ରିଙ୍ଗୋଏନ ଓ ଆସଙ୍କୁ, ଡେନ୍‌ମାର୍କର ବ୍ରିଙ୍କ ଓ ହାଉମେନ ଚେକ୍ ଗଣରାଜ୍ୟର ସେମେରାଡ ଓ ଷ୍ଟୋସେକଙ୍କୁ ଏବଂ ବେଲଜିୟମର ବେରକାଉଟରନ ଓ ଭାନ ଲାଙ୍ଗେନଡୋକଙ୍କୁ ହରାଇ ସେମିଫାଇନାଲରେ ପ୍ରବେଶ କରିଛନ୍ତି। ସେମିରେ ଚେକ୍ ଗଣରାଜ୍ୟର ସେପକା ଓ ଜାଭୋରୋନୋକ ଇସ୍ରାଏଲର ଏଲଜାର ଓ ସୁଜମିସିଓଭଙ୍କୁ ଏବଂ ଡେନ୍‌ମାର୍କର ବ୍ରିଙ୍କ ଓ ହାଉମେନ ବେଲ୍‌ଜିୟମର ବେରକାଉଟରନ ଓ ଭାନ ଲାଙ୍ଗେନଡୋକଙ୍କୁ ଭେଟିବେ। ମହିଳା ବିଭାଗରେ ଜାପାନର ଶିବା ଓ ରେଇକା ରୋମାନିଆର ଅଲୁପେଇ ଓ ବୈଦାଙ୍କୁ, ଆମେରିକାର ମାଇଜକୋସ୍କି ଓ କାନ ଜାପାନର ରେନ ଓ ନନ୍‌ଙ୍କୁ, ଆମେରିକାର ଡୁରିଶ ଓ କୋଏନିଗ ଚାଇନାର ୟାନ ଓ ଜିଆଙ୍କୁ ଏବଂ ଆମେରିକାର ହ୍ୟୁଜସ ଓ ବାଟେନହର୍ଷ୍ଟ ୟୁକ୍ରେନ୍‌ର ସେର୍ଡିଉକ ଓ କୁର୍ନିକୋଭାଙ୍କୁ ହରାଇ ସେମିରେ ସ୍ଥାନ ପକ୍କା କରିଛନ୍ତି। ମହିଳା ସେମିଫାଇନାଲରେ ଶିବା ଓ ରେଇକା (ଜାପାନ) ଆମେରିକାର ମାଇଜକୋସ୍କି ଓ କାନଙ୍କ ଯୋଡ଼ିକୁ ଭେଟିବାକୁ ଥିବା ବେଳେ ଡୁରିଶ ଓ କୋଏନିଜ (ଆମେରିକା) ନିଜ ଦେଶର ହ୍ୟୁଜସ ଓ ବାଟେନହର୍ଷ୍ଟଙ୍କ ସହ ପ୍ରତିଦ୍ୱନ୍ଦ୍ୱିତା କରିବେ।

## ଲକ୍ଷ୍ୟ ସେନ୍ ଫାଇନାଲରେ

**ବର୍ମିଂହାମ୍, ୭।୩ (ପି.ଟି.)**

ଭାରତ ଅଗ୍ରଣୀ ବ୍ୟାଡ୍‌ମିଣ୍ଟନ ଖେଳାଳି ଲକ୍ଷ୍ୟ ସେନ୍ ଅଲ୍ ଇଂଲଣ୍ଡ ଓପନ ବ୍ୟାଡ୍‌ମିଣ୍ଟନ ଚାମ୍ପିୟନଶିପ୍ ପୁରୁଷ ସିଙ୍ଗଲ୍ସ ଫାଇନାଲରେ ପ୍ରବେଶ କରିଛନ୍ତି। ଶନିବାର ଏକ ସଂଘର୍ଷପୂର୍ଣ୍ଣ ସେମିଫାଇନାଲରେ ସେ କାନାଡାର ଭିକ୍ଟର ଲାଇଙ୍କୁ ପରାସ୍ତ କରିଛନ୍ତି। ୧୨ତମ ର୍ୟାଙ୍କିଙ୍ଗ ସେନ୍ ବିଶ୍ୱର ୧୬ନମ୍ବର ଖେଳାଳି ଲାଇଙ୍କୁ ୨୧-୧୬, ୧୮-୨୧, ୨୧-୧୫ରେ ହରାଇ ଦେଇଛନ୍ତି। ଏହି ମ୍ୟାଚ ୧ ଘଣ୍ଟା ୩୭ ମିନିଟ ଧରିସ ଚାଲିଥିଲା। ସୂଚନାଯୋଗ୍ୟ ଲାଇ ଗତବର୍ଷ ପ୍ୟାରିସରେ ଅନୁଷ୍ଠିତ ବିଶ୍ୱ ଚାମ୍ପିୟନଶିପ୍‌ରେ ଏକ ବ୍ରୋଞ୍ଜ ପଦକ ଜିତିଥିଲେ। ମର୍ଯ୍ୟାଦାପୂର୍ଣ୍ଣ ଟୁର୍ନାମେଣ୍ଟରେ ସେନ୍‌ଙ୍କର ଏହା ହେଉଛି ଦ୍ୱିତୀୟ ଫାଇନାଲ। ୨୦୨୨ରେ ସେ ରନରଅପ୍ ହୋଇଥିଲେ। ସେନ୍ ରବିବାର ଫାଇନାଲରେ ଚାଇନିଜ ତାଇପେର ଲିନ୍ ଚୁନ୍-ୟିଙ୍କୁ ଭେଟିବେ। ଚୁନ୍ ଶନିବାର ଅନୁଷ୍ଠିତ ଅନ୍ୟ ଏକ ସେମିଫାଇନାଲରେଚୁନ୍ ୟି' ଥାଇଲାଣ୍ଡର ତଥା ବିଶ୍ୱର ୨ନମ୍ବର ଖେଳାଳି କୁନ୍‌ଲାଭଟ ଭିଦିତସରଣଙ୍କୁ ହରାଇ ଦେଇଥିଲେ।


# Classified Everyday
0674-2580101, 9692975378



MATRIMONIAL

GROOM WANTED

Beautiful Brahmin girl 1998, 5'4", B- Tech (Burla) only daughter settled Bhubaneswar. ''SUNASANSAR" 9937512659. D-3573

49 ବୟସ୍କା ଅଙ୍ଗନୱାଡି Supervisor divorcee ନିଃସନ୍ତାନ ସୁନ୍ଦର ବ୍ରାହ୍ମଣ ଝିଅଙ୍କୁ ଘରଜ୍ୱାଇଁ ଦରକାର। 7873680393. D-3564

58 ବୟସ୍କା Kolkata ବାସିନ୍ଦା 90,000 ଦରମା Puriରେ ଏକାକୀ ରହୁଥିବା ବଙ୍ଗାଳୀ ଝିଅଙ୍କୁ ଯେ କୌଣସି ଜାତିର ପୁଅ ଦରକାର। 9776705242. D-3565



REAL ESTATE

SALE

A brand new 3bhk premium category flat in Assotech Pride for immediate sale at a reasonable price. 7008265039 Broker Excuse. D-3540

Premium BDA plot 3750sqft., Kalinga Vihar- K3-33 near to Sum Ultimate Hospital. All litigation free, BDA Park Main Gate front. Dr. Sanjay- 7077144498. D-246

30500sqft.Commercial Plot, Pipili Konark main road side Gharabari Boundary wall. ROR Ok. Mob- 9439583949. D-3543

ଭୁବନେଶ୍ୱର ଜଟଣୀଗେଟ୍ ପାଖରେ 1500sqft. ପ୍ଲଟ୍ 6,75,000/-ରେ ତୁରନ୍ତ ବିକ୍ରି ହେବ। 9776974912. D-22

*BARIPADA* Lands for sale: in Heart of Town, Nil Litigation, Ancestral Lands belonging to reputed family contact: 9439006718 /9437001134. D-3498

ପାହାଳ, ତ୍ରିଶୁଳିଆ, ସୁନ୍ଦରପଦାଠାରେ ରିସେଲ ପ୍ଲଟ୍ କିଣି immediate ଘର କରନ୍ତୁ। 9439363944. D-3495

Plots/Apartment for sale, Bhubaneswar KIIT University Boundary, Road with Electricity available. 7978416795, 9937513595. D-23

ଭୁବନେଶ୍ୱର KEC College ନିକଟରେ ପାଚେରି ପ୍ଲଟ୍ ପଟାରୁ ବିକ୍ରିହେବ contact 9178660666 ଧ-୩୫୭୪

Email ମାଧ୍ୟମରେ କ୍ଲାସିଫାଏଡକୁ ବିଜ୍ଞାପନ ପଠାଇବାର ଠିକଣା:- classifieddharitri@gmail.com



TO LET

2 BHK Flat (3rd floor) with Kitchen, Drawing cum Dining, Two toilets, Front side Balcony, 24 hour Water supply, Garage, Lift Service available. Bhutia Apartment, Gudianali, Dhenkanal Town. 'Allopathic Doctor' is preferred. Contact- 9007369329. D-3563



All types of physiotherapy and massage contact 9556924059 / 7656969134. D-3523

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଓ ବିବାହ ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ରଙ୍ଗୀନ ଟ୪୨୦/-ରେ। (ଫଟୋ ସହ) ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।

LOST

କବଲା ହଜିଛି- ଆମ୍ଭେ ଶ୍ରୀ ଜୀବନ ଜ୍ୟୋତି ବେହେରା, ସା. ଆଠବାଟିଆ, ଥାନା- ମାର୍ଶାଘାଇ, ଜିଲ୍ଲା-କେନ୍ଦ୍ରାପଡ଼ା ସର୍ବସାଧାରଣରେ ଜଣାଉଅଛୁକି, ମୋ ବୋଉ କମଳିନୀ ବେହେରା, ସ୍ୱାମୀ- ରାଜକିଶୋର ବେହେରାଙ୍କ ନାମରେ ଥିବା ଖାତା ନଂ. 428/678, ଖସଡ଼ା ନଂ.- 264/2642ର କବଲା ଘରୁ ମାର୍ଶାଘାଇ ଆସିବା ବେଳେ ହଜିଯାଇଛି। ସହୃଦୟ ବ୍ୟକ୍ତି ପାଇଥିଲେ, ମୋ-ନଂ- 9668213847ରେ ଜଣାନ୍ତୁ। ଧ-୩୫୬୮

ଏଠାରେ ଜଣାଇଦିଆଯାଉଛି କି ମୁଁ, ଶ୍ରୀ ମିହିର କୁମାର ସେନାପତି, ବୟସ- ୫୫ ବର୍ଷ, ପିତା- ସ୍ୱର୍ଗତ କେଦାର ସେନାପତି, କୁହା, ଖୋର୍ଦ୍ଧା, ଭୁବନେଶ୍ୱର- ୭୫୧୦୦୨, ଆମ୍ଭ ଗ୍ରାମ ନିକଟସ୍ଥ ଏକ ଜେରକ୍ସ ଦୋକାନକୁ ଜରୁରୀ କାମରେ ଯାଇଥିଲି, କିନ୍ତୁ ଦୁର୍ଭାଗ୍ୟବଶତଃ ମୋର ଜାଗାର ମୂଳ ପ୍ରମାଣପତ୍ର ଡିଡ୍ ନଂ. ୧୧୧୨୨୦୦୪୩୨୧ ଗତ ତା.୧୦।୦୨।୨୦୨୬ ଦିନ ହଜିଯାଇଛି। ଯଦି କୌଣସି ସହୃଦୟ ବ୍ୟକ୍ତି ଏହାକୁ ପାଆନ୍ତି, ତେବେ ମୋର ଫୋନ୍ ନମ୍ବର ୮୬୫୮୦୧୯୫୨୧ରେ ଯୋଗସୂତ୍ର କରିବାକୁ ଅନୁରୋଧ। ଧ-୩୫୬୧

AFFIDAVIT

I, Subhashakti Mishra, S/o- Jagadis Narayan Mishra, resident of Duplex#26, Arya Homes, Rangabazaar, P.O.- Gadasrirampur, P.S.- Balianta, Dist.- Khurda, PIN- 752100, Odisha, declare by this affidavit No. CF-N 127, dated: 09.10.2025 that from now onwards I shall be known as SHUBHASHAKTI MISHRA for all future purposes. D-3571

I, Pawan Parida, F/o- Sawan Kumar Parida, resident of Nehrupalli, Town- Mishra Khatal Rourkela, P.S.- Rajgangpur, Dist.- Sundergarh, PIN- 769005, Odisha declare by this affidavit No.15AA 229258 dtd.- 06.03.2026 that now onwards I shall be known as PABAN PARIDA for all future purposes. D-3560

By virtue of an affidavit sworn before the Executive Magistrate, Berhampur, Ganjam, I, Manoswini Nahak, 20 years, D/o: Ajit Nahak, Vill: Mukundapur, P.O.- Baragaon, P.S.- Aska, Dist.- Ganjam declare by this affidavit No.- A-487/ 06.03.2026 that now onwards my father's name shall be known as Ajita Kumar Nahak for all future purposes. Both Ajit Nahak & Ajita Kumar Nahak is one and same person. D-3570

Your Classified Advertisement published in Dharitri will be listed free in Dharitri Online Edition: dharitriepaper.in

By virtue of an affidavit No. 465, dtd.- 06.02.2026 sworn before the Executive Magistrate, Baramba, I, Manoj Kumar Parida, S/o.- Trilochan Parida of Vill.- Chandimangal, P.O.- Singhanathpitha, P.S.- Badamba, Dist.- Cuttack do hereby declare that my minor son's actual name is Smrutiranjan Parida as per his birth certificate. But his Aadhaar card vide No. xxxx xxxx 7712 my minor son's name has been wrongly mentioned as Srutiranjan Parida instead of Smrutiranjan Parida. Henceforth, he shall be known as Smrutiranjan Parida for all purpose. D-3567

GENERAL

SALE

WELDING Works contact for any type of Roof Shedes, Gril Gates, Shutters. 7809525452, 9937507638. D-247

**ପାଠକଙ୍କ ପାଇଁ ସୂଚନା**

କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ମନେ ପଡ଼ନ୍ତି

ଅଷ୍ଟାଦଶ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱସରସ୍ୱତୀ ପ୍ରଧାନ
୩୪, ଗୌତମ ନଗର, ଭୁବନେଶ୍ୱର
ଆବିର୍ଭାବ: ୦୪।୧୧।୧୯୪୨ (କାର୍ତ୍ତିକ ପୂର୍ଣ୍ଣିମା)
ତିରୋଧାନ: ୨୬।୦୩।୨୦୦୮ (ଦୋଳ ପଞ୍ଚମୀ)
ତୁମର ସରଳ ହୃଦୟର ସ୍ନେହ, ଶ୍ରଦ୍ଧା, କର୍ତ୍ତବ୍ୟ ପରାୟଣତା ଆମ ପାଇଁ ପ୍ରେରଣାର ଉତ୍ସ ହେଉ। ତୁମ ଆତ୍ମାର ସଦ୍‌ଗତି ପାଇଁ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା କରୁଛୁ।
ତୁମର ହତଭାଗ୍ୟ: ଦିଅର-ଯାଆ, ପୁଅ-ବୋହୂ, ଝିଅ-ଜ୍ୱାଇଁ, ନାତି-ନାତୁଣୀ ଓ ଆତ୍ମୀୟସ୍ୱଜନବୃନ୍ଦ।
ଧ-୬୬୦୯୭

ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ୱ ପର୍ଶୁରାମ ଧଳଙ୍କ ଧର୍ମପତ୍ନୀ
ୱ ରେବତୀଲତା ଧଳ
କୁଆଁଣିଆ, ଆଳି, କେନ୍ଦ୍ରାପଡ଼ା
ଆବିର୍ଭାବ : ୦୧।୦୧।୧୯୪୦
ତିରୋଧାନ : ୧୫।୦୫।୨୦୨୫
ତୁମ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ଶ୍ରୀଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।
-:ଶୋକସନ୍ତପ୍ତ:-
ପୁତ୍ର- ପ୍ରଦୀପ୍ତ, ପବିତ୍ର, ବୋହୂ- ସଂଯୁକ୍ତା, ପ୍ରଭାସିନୀ, ଝିଅ- ଜୟନ୍ତୀ, ସୁକାନ୍ତି, ମିନତି, ଜ୍ୱାଇଁ- ବୃନ୍ଦାବନ, ଗୁଣନିଧି, ନାତି, ନାତୁଣୀ, ବନ୍ଧୁବର୍ଗ।
ଧ-୩୫୬୨

# ନୂଆ ଜବ୍ ଆଉ ଅଫିସ୍ ପଲିଟିକ୍ସ



**ନୂଆ ନୂଆ ଜବ୍ କରିବା ବେଳେ ଜଣେ ଦକ୍ଷ କର୍ମଚାରୀ ଭାବେ ନିଜର ପରିଚୟ ସୃଷ୍ଟି କରିବା ଲାଗି ଧୈର୍ଯ୍ୟ ଓ ନିଷ୍ଠାର ସହିତ କାର୍ଯ୍ୟ କରିବାକୁ ହୋଇଥାଏ। ହେଲେ କେବେ କେବେ ଅଫିସ୍ ପଲିଟିକ୍ସ ଭଳି ଅନେକ ବାଧାବିଘ୍ନ ବି ଆସିଥାଏ। କେହି କେହି ଏଥିରେ ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ନ୍ତି ତ ଆଉ କେହି ଜବ୍ ଛାଡ଼ିବାକୁ ବି ପଛାନ୍ତି ନାହିଁ। ହେଲେ ଏପରି ନ କରି ଦୃଢ଼ ଆତ୍ମବିଶ୍ୱାସ ରଖି ନିଜ କାମରେ ଫୋକସ୍ କରିବା ସହ କେତୋଟି ଦିଗ ପ୍ରତି ଧ୍ୟାନ ଦେଲେ ଏହି ସମସ୍ୟାରୁ ଦୂରେଇ ରହିପାରିବେ...**

ପ୍ରତ୍ୟେକ ଯୁବତୀଯୁବକ ପାଠ ପଢ଼ାପରେ ଭଲ ଜବ୍‌ଟିଏ ଚାହାନ୍ତି। ଜବ୍ କରିବା ପରେ ନିଜ କର୍ମକ୍ଷେତ୍ରରେ ଜଣେ ଦକ୍ଷ କର୍ମଚାରୀ ପରିଚୟ ସୃଷ୍ଟି କରିବାକୁ ବି ଚାହାନ୍ତି। ହେଲେ କେବେକେବେ ଅଫିସ୍‌ରେ ଏଭଳି କିଛି ପରିସ୍ଥିତିର ସାମ୍ନା କରିବାକୁ ହୁଏ, ଯାହାର ନକାରାତ୍ମକ ପ୍ରଭାବରେ ନା ଅଫିସ୍‌ରେ ଠିକ୍ ଭାବେ କାମ କରି ହୁଏ ନା ଘରେ ଥିବାବେଳେ ବି ଖୁସିର ମୁହୂର୍ତ୍ତଗୁଡ଼ିକୁ ଉପଭୋଗ କରିହୁଏ। ଏଥିରୁ ଜଣେ ଅଫିସ୍ ପଲିଟିକ୍ସର ଶିକାର ସ୍ପଷ୍ଟ ଜଣାପଡ଼େ।

**କେମିତି ଜାଣିବେ ଅଫିସ୍ ପଲିଟିକ୍ସ:** ମୁଖ୍ୟତଃ କେତୋଟି ଦିଗ ପ୍ରତି ଧ୍ୟାନ ଦେଲେ ଅଫିସ୍ ପଲିଟିକ୍ସ ଚାଲିଥିବା ଜାଣିହୁଏ। ଯେପରିକି

→ କର୍ମଚାରୀମାନେ ଅନ୍ୟ ପଛରେ ଗପିବା, ଅନ୍ୟକୁ ନୀଚ ଦେଖାଇବା ଅବା ଅସୁବିଧାରେ ପକାଇବା ଲାଗି ଯୋଜନା କରିବା କିମ୍ବା କାହାର ସଫଳତାରେ ଈର୍ଷା କରିବା ଏବଂ ପରସ୍ପର ମଧ୍ୟରେ ଗୋଷ୍ଠୀ ଆରମ୍ଭ କରିଦେବା ଇତ୍ୟାଦି।

→ ଜଣଙ୍କ କାମର କ୍ରେଡିଟ୍ ଆଉ ଜଣେ ନେବାକୁ ଚେଷ୍ଟା କରିବା।

→ ଅନ୍ୟ ନାମରେ ଭୁଲ୍ ତଥ୍ୟ ପ୍ରଚାର କରିବା।

→ କୌଣସି କାରଣକୁ ନେଇ ବସ୍‌ଙ୍କ ଦ୍ୱାରା କର୍ମଚାରୀଙ୍କ ମଧ୍ୟରେ ଭେଦଭାବ କରାଯିବା। କେତେଜଣଙ୍କୁ ଅଧିକ ସୁଯୋଗ ମିଳିବା ବେଳେ ଅନ୍ୟମାନଙ୍କୁ ଅବହେଳା କରାଯିବା।

**କିପରି ଦୂରେଇ ରହିବେ:** ଯଦି ଆପଣ ବି କେବେ ଏଭଳି ଅଫିସ୍ ପଲିଟିକ୍ସର ଶିକାର ହୁଅନ୍ତି, ତେବେ ସେଥିରୁ ନିଜକୁ କିପରି ଦୂରେଇ ରଖିପାରିବେ ; ଜାଣିରଖନ୍ତୁ ସେ ସମ୍ପର୍କରେ...

**ଜରୁରୀ ଆତ୍ମବିଶ୍ୱାସ:** କର୍ମକ୍ଷେତ୍ରରେ ଯେଭଳି ପରିସ୍ଥିତି ଆସୁନା କାହିଁକି, ମନକୁ ଦୁର୍ବଳ ନ କରି ସବୁବେଳେ ନିଜ ଉପରେ ବିଶ୍ୱାସ ରଖିବା ଦରକାର। କିଏ କ'ଣ କହିଲା, ସେସବୁ ଶୁଣି ମନ ଖରାପ କରିବା ପରିବର୍ତ୍ତେ ନିଜ କାମ ଉପରେ ଅଧିକ ଫୋକସ୍ କରି ସମୟ ପୂର୍ବରୁ ନିଜ ଆସାଇନ୍‌ମେଣ୍ଟ ସମାପ୍ତ କରିବା ଭଲ। ଏହାଦ୍ୱାରା ଆପଣ ନିଜକୁ ଜଣେ ଦକ୍ଷ କର୍ମଚାରୀ ଭାବେ ପରିଚୟ ସୃଷ୍ଟି କରିପାରିବା ସହ ଅଫିସ ପଲିଟିକ୍ସରୁ ବି ଦୂରେଇ ରହିପାରିବେ।

**ଧୈର୍ଯ୍ୟ ରଖନ୍ତୁ:** ଅଫିସ୍ ପଲିଟିକ୍ସର ଶିକାର ହେଲେ ଅନେକେ ଆଦୌ ଅଧୈର୍ଯ୍ୟ ହୁଅନ୍ତୁ ନାହିଁ କିମ୍ବା ହାର୍ ମାନି ଜବ୍ ସ୍ୱିଚ୍ କରିବା ଅବା ଛାଡିଦେବା ଭଳି ଭୁଲ୍ ଆଦୌ କରନ୍ତୁ ନାହିଁ। ସବୁବେଳେ ଧୈର୍ଯ୍ୟର ସହ ଆଗକୁ ବଢନ୍ତୁ, ପରିସ୍ଥିତିର ମୁକାବିଲା କରନ୍ତୁ।

**ଡର ଛାଡ଼ନ୍ତୁ:** ଅନେକ କର୍ମଚାରୀ ଅଫିସ୍ ପଲିଟିକ୍ସରେ ଏପରି ଛନ୍ଦି ହୋଇପଡ଼ନ୍ତି ଯେ, ସିନିୟରମାନଙ୍କ କଥା ନ ଶୁଣିଲେ ଜବ୍ ଚାଲିଯିବାର ଭୟ ସେମାନଙ୍କୁ ଚିନ୍ତାଗ୍ରସ୍ତ କରିପକାଏ। ଆଉ ଏହି ଡରରେ ସେମାନେ ଯେକୌଣସି କାମ ଦେଲେ ସାରିବାକୁ ଚେଷ୍ଟା କରନ୍ତି ଓ କାମର ଚାପ ବହୁତ ବଢ଼ିଯାଏ। ଯଦି ଆପଣଙ୍କୁ ବି ଅଫିସ୍‌ରେ ଏମିତି ପରିସ୍ଥିତିର ସାମ୍ନା କରିବାକୁ ପଡୁଛି, ତେବେ ପ୍ରଥମେ ନିଜ ଭିତରୁ ଡର ବାହାର କରନ୍ତୁ ଏବଂ କାମକୁ ପର୍‌ଫେକ୍ଟ କରିବାକୁ ଚେଷ୍ଟା କରନ୍ତୁ। ଅନ୍ୟକୁ ସାହାଯ୍ୟ କରିବା ଭଲ। ହେଲେ ଯଦି କେହି ଆପଣଙ୍କୁ ନିଜ କାମ ପାଇଁ ବ୍ୟବହାର କରୁଥାଏ ଅବା ଚାପ ପକାଉଥାଏ, ତେବେ ବିରକ୍ତ ନ ହୋଇ ଜଣେ ପ୍ରଫେଶନାଲ୍ ଭାବେ ନା କହିବା ବି ଶିଖନ୍ତୁ।

**କାମର ପ୍ରମାଣ ରଖନ୍ତୁ:** ଅଫିସ୍ ପଲିଟିକ୍ସରୁ ନିଜକୁ ଦୂରେଇ ରଖିବା ଲାଗି ଆପଣ ଯାହା କାମ କରୁଛନ୍ତି ତାହାର ରିପୋର୍ଟ, ଇ-ମେଲ୍ ଆଦି ସେଭ୍ କରିରଖନ୍ତୁ, ଯଦ୍ଦ୍ୱାରା ଏହା ପରେ ପ୍ରମାଣ ଭଳି କାମ କରିବ।





**ସଭିଙ୍କ ସହ ଉତ୍ତମ ସମ୍ପର୍କ ରଖନ୍ତୁ:** ପ୍ରତ୍ୟେକ କାର୍ଯ୍ୟାନୁଷ୍ଠାନରେ ଭିନ୍ନ ଭିନ୍ନ ସ୍ୱଭାବର ମଣିଷ କାର୍ଯ୍ୟ କରନ୍ତି। କେହି କେହି ଅନ୍ୟର ସଫଳତାରେ ଖୁସି ହୋଇ ଆହୁରି ଉନ୍ନତି କରିବାକୁ ପ୍ରେରଣା ଯୋଗାଇ ଦିଅନ୍ତି ତ ଆଉ କେହି ଅନ୍ୟର ସଫଳତାରେ ଈର୍ଷା ବି କରନ୍ତି। ଏମିତିକି ନିଜକୁ ବେଷ୍ଟ ଏବଂ ତାଙ୍କୁ ନୀଚ ଦେଖାଇବା ଲାଗି ପଛରେ ଗପିବାଠୁ ଆରମ୍ଭ କରି ବିଭିନ୍ନ ଉପାୟରେ ଅସୁବିଧାରେ ପକାଇବା ଭଳି କାର୍ଯ୍ୟ କରିବାକୁ ବି ପଛାନ୍ତି ନାହିଁ। ଆଉ ଏଭଳି ଅଫିସ୍ ପଲିଟିକ୍ସ ପାଇଁ ଭଲ କର୍ମଚାରୀ ବି ମାନସିକ ସ୍ତରରେ ଦୁର୍ବଳ ହୋଇପଡ଼ନ୍ତି ଏବଂ ଡିପ୍ରେସନ୍‌ର ଶିକାର ହୁଅନ୍ତି। ଯଦି ଏପରି ପରିସ୍ଥିତିର ସମ୍ମୁଖୀନ ହେବାକୁ ପଡ଼େ, ତେବେ ପ୍ରଥମେ ଆପଣଙ୍କୁ ଅସୁବିଧାରେ ପକାଉଥିବା ସହକର୍ମୀଙ୍କୁ ଚିହ୍ନନ୍ତୁ। ପ୍ରତିକ୍ରିୟା ପ୍ରକାଶ ନ କରି କିମ୍ବା ଝଗଡ଼ା ନ କରି ପ୍ରଥମେ ସିଧାସଳଖ କଥା ହୋଇ ସମାଧାନ କରିବାକୁ ଚେଷ୍ଟା କରନ୍ତୁ। ସବୁବେଳେ ନିଜର ଉତ୍ତମ ବ୍ୟବହାର ଏବଂ ଆଚରଣ ଦ୍ୱାରା ଅନ୍ୟମାନଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରନ୍ତୁ। କାରଣ ବୁଝାମଣା ଠିକ୍ ରହିବା ଏବଂ ପରସ୍ପରକୁ ସାହାଯ୍ୟ ମନୋବୃତ୍ତି ରହିଲେ ହିଁ କାମ କରିବା ଲାଗି



ଏକ ଅନୁକୂଳ ପରିବେଶ ସୃଷ୍ଟି ହୋଇପାରିବ। ସର୍ବୋପରି ଜୁନିୟର, ସିନିୟର ସମସ୍ତଙ୍କୁ ସମ୍ମାନ ଦେଲେ ଲୋକେ ଆପଣଙ୍କୁ ସପୋର୍ଟ କରିବେ।

**ବସ୍‌ଙ୍କ ସହ ଯୋଗାଯୋଗ ରଖନ୍ତୁ:** ସବୁବେଳେ ବସ୍‌ଙ୍କ ସହ ଯୋଗାଯୋଗରେ ରହିବା ଭଲ। ନିଜ କାମର ପ୍ରଗତି ବିଷୟରେ ଏବଂ ମନକୁ କିଛି ନୂଆ ଆଇଡିଆ ଆସିଲେ ସେ ସମ୍ପର୍କରେ ବସ୍‌ଙ୍କୁ ଜଣାଇବା ଦ୍ୱାରା ଆପଣଙ୍କ ପ୍ରତି ତାଙ୍କର ସକାରାତ୍ମକ ମନୋଭାବ ରହିବ। ଏପରି ହେଲେ, ଯଦି କେବେ ଅଫିସ୍ ପଲିଟିକ୍ସର ଶିକାର ହୁଅନ୍ତି ଏବଂ ଆପଣଙ୍କ ଦ୍ୱାରା ତାହା ସମାଧାନ ନ ହୋଇପାରେ ; ତେବେ ବସ୍‌ଙ୍କୁ ଏ ସମ୍ପର୍କରେ ଜଣାଇପାରିବେ।

**ପର୍ସନାଲ୍ କଥା ଶେୟାର୍ କରନ୍ତୁ ନାହିଁ:** ଅନେକେ ଅଫିସ୍‌ରେ ପର୍ସନାଲ୍ କଥା ଶେୟାର କରିଥା'ନ୍ତି। ହେଲେ ଏପରି କରିବା ଠିକ୍ ନୁହେଁ। କାରଣ ଏହାଦ୍ୱାରା ଅନେକେ ଆପଣଙ୍କ ଦୁର୍ବଳତା ଜାଣିଯିବା ସହ ଏହାର ସୁଯୋଗ ନେଇପାରନ୍ତି।

**ଗସିପ୍‌ଠୁ ଦୂରେଇ ରୁହନ୍ତୁ:** ନୂଆ ନୂଆ ଜବ୍ କରିବା ବେଳେ ଅଫିସ୍‌ରେ କ'ଣ ହେଉଛି କିମ୍ବା କିଏ କ'ଣ କହିଲା ସେ ସମ୍ପର୍କରେ କାହା ସହ କଥା ହୁଅନ୍ତୁ ନାହିଁ । ଯଥା ସମ୍ଭବ ଅଫିସ୍ ଗସିପ୍‌ଠୁ ଦୂରେଇ ରହିବାକୁ ଚେଷ୍ଟା କରନ୍ତୁ।



---

**ୟୁଥ୍ ଆଲର୍ଟ**

## ଶର୍ଟ୍ସ ଭିଡିଓ ଅଧିକ ଦେଖୁଥିଲେ...

**ବର୍ତ୍ତମାନ ୟୁଟ୍ୟୁବ୍, ଇନ୍‌ଷ୍ଟାଗ୍ରାମ୍ ଆଦି ଖୋଲିବାମାତ୍ରେ ପ୍ରଥମ ଆକର୍ଷଣ ପାଲଟୁଛି ଶର୍ଟ୍ସ ଭିଡିଓ କିମ୍ବା ରିଲ୍ସ। ଗୋଟିଏ ପରେ ଗୋଟିଏ ଶର୍ଟ୍ସ ଦେଖୁଦେଖୁ କେତେବେଳେ ଘଣ୍ଟା ଘଣ୍ଟା ସମୟ ଚାଲିଯାଉଛି ଜଣାପଡୁନାହିଁ। ଯଦିଓ ଏସବୁ ଦେଖିବାକୁ ଭଲ ଲାଗୁଛି, ହେଲେ ଦୀର୍ଘ ସମୟ ଧରି ଏଭଳି ଭିଡିଓ ଦେଖିବା ଦ୍ୱାରା ମସ୍ତିଷ୍କ ଉପରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ ଏବଂ ବିଭିନ୍ନ ସମସ୍ୟା ସୃଷ୍ଟି ହୋଇଥାଏ...**

➔ ବର୍ତ୍ତମାନ ଶର୍ଟ୍ସ ଭିଡିଓରେ କମେଡି, ଏଜୁକେଶନ୍, ଆର୍ଟ ଆଣ୍ଡ କ୍ରାଫ୍ଟ, ଡ୍ୟାନ୍ସ ଭଳି ବିଭିନ୍ନ ପ୍ରକାରର କଣ୍ଟେଣ୍ଟ ଆସୁଛି। ସବୁ ସୋସିଆଲ୍ ମିଡିଆ ପ୍ଲାଟ୍‌ଫର୍ମରେ ଶର୍ଟ୍ସ ଆସୁଥିବାରୁ ଯୁବପିଢ଼ି ଭିନ୍ନଭିନ୍ନ କଣ୍ଟେଣ୍ଟ ଦେଖିବାକୁ ପସନ୍ଦ କରୁଛନ୍ତି। ଭିଡିଓଗୁଡ଼ିକରେ ସେଭଳି କିଛି ରେଷ୍ଟ୍ରିକ୍ସନ ନ ଥିବାରୁ କେବେକେବେ ଏଭଳି କଣ୍ଟେଣ୍ଟ ମଧ୍ୟ ଆସିଯାଉଛି, ଯାହାକି ସେମାନଙ୍କ ମାନସିକସ୍ତରରେ ନକାରାତ୍ମକ ପ୍ରଭାବ ପକାଉଛି।

➔ ଶର୍ଟ୍ସ ଭିଡିଓରେ କମ୍ କମ୍ ସମୟରେ ଗୋଟିଏ ପରେ ଆଉ ଏକ ଭିଡିଓ ଆସୁଥିବାରୁ ମସ୍ତିଷ୍କ ଏହି ଶୀଘ୍ର ବଦଳୁଥିବା ସିନ୍‌ଗୁଡ଼ିକୁ ଅନୁଭବ କରିଥାଏ ଏବଂ କ୍ୱିକ୍ ରିୱାର୍ଡ ଖୋଜିବାରେ ଲାଗିପଡ଼େ। ଫଳରେ ଧୈର୍ଯ୍ୟର ସହ ବସିବା, ଶିଖିବାର କ୍ଷମତା ଧୀରେ ଧୀରେ କମିଯାଏ। ତେଣୁ ଯେଉଁମାନେ ବେଶି ଶର୍ଟ୍ସ ଦେଖନ୍ତି, ସେମାନଙ୍କୁ ଗୋଟିଏ ସ୍ଥାନରେ ବସି ଅଧିକ ସମୟ ପର୍ଯ୍ୟନ୍ତ ପଢ଼ିବାରେ ମଧ୍ୟ ଅସୁବିଧା ହୋଇଥାଏ।



➔ ଏକ ଗବେଷଣା ରିପୋର୍ଟ ମୁତାବକ ବାରମ୍ବାର ଶର୍ଟ୍ସ ଦେଖୁଥିବା ଯୁବପିଢ଼ିଙ୍କଠାରେ ପଢ଼ାରେ ମନ ନ ଲାଗିବା ବା ଏକାଗ୍ରତା ହ୍ରାସ ପାଇବା ସହ ଶର୍ଟ୍ସ ଦେଖିବା ନିଶାରେ ଜରୁରୀ କାର୍ଯ୍ୟକୁ ଟାଳିବା ଆଦି ବଦାଭ୍ୟାସରେ ପରିଣତ ହୋଇଯାଏ।

➔ ଶର୍ଟ୍ସରେ ଶୀଘ୍ର ଶୀଘ୍ର ସ୍କିନ୍ ଚେଞ୍ଜ ହେଉଥିବାରୁ ଏହାର ଆଖି ଉପରେ ମଧ୍ୟ ଚାପ ପଡ଼ିଥାଏ ଏବଂ ଦୃଷ୍ଟିଶକ୍ତି ହ୍ରାସ ପାଇଥାଏ। ରାତିରେ ଶୋଇବା ପୂର୍ବରୁ ଶର୍ଟ୍ସ ଦେଖିବାର ଅଭ୍ୟାସ ଅନେକଙ୍କର ରହିଛି, ଯାହାକି ନିଦ୍ରାହୀନତାର ବି ଏକ ବଡ଼ କାରଣ ହୋଇଥାଏ।

➔ ଏହି ବଦାଭ୍ୟାସ କମ୍ କରିବା ଲାଗି ସ୍କ୍ରିନ୍ ଟାଇବା ବା ଦେଖିବାର ସମୟସୀମା କମ୍ କରିବା ନିହାତି ଆବଶ୍ୟକ।

➔ ପଢ଼ିବାବେଳେ ପାଖରେ ମୋବାଇଲ୍ ଫୋନ୍, ଟ୍ୟାବ୍ ଆଦି ନ ରଖିବା ଦରକାର। ସେହିପରି ଖାଇବା ବେଳେ ଏବଂ ଶୋଇବା ବେଳେ ଏସବୁଠାରୁ ନିଜକୁ ଦୂରେଇ ରଖିବା ଭଲ।

➔ ଫାଙ୍କା ସମୟ ପାଇଲେ ଇ-ଗ୍ୟାଜେଟ୍ ଧରି ଶର୍ଟ୍ସ ଦେଖିବା ବଦଳରେ ଯୋଗ, ବ୍ୟାୟାମ ଆଦି



କରିବା ଭଲ।

➔ ତେବେ ନିୟମ ଅନୁଯାୟୀ ପ୍ରତ୍ୟେକ ସୁମୋ ଫାଇଟର ନିଜ ଖାଦ୍ୟ ନିଜେ ପ୍ରସ୍ତୁତ କରିଥା'ନ୍ତି।

---

## ଏ ସପ୍ତାହର ପ୍ରଶ୍ନ ?

୧- ............ ରାଜ୍ୟ ସରକାରଙ୍କ ଦ୍ୱାରା ଇନ୍ଦିରା ଗାନ୍ଧୀ ସୁଖ ଶିକ୍ଷା ଯୋଜନା ଆରମ୍ଭ କରାଯାଇଛି ?
୨- ଭବାନୀ ନଦୀ ......... ନଦୀର ଉପନଦୀ ?
୩- ପ୍ରସାଦ ସ୍କିମ୍ .......... ପକ୍ଷରୁ ଆରମ୍ଭ କରାଯାଇଛି ?
୪- ରୋଡ୍-ମୋବାଇଲ୍ ମିସାଇଲ୍ ସିଜେ(CJ)-୧୦୦୦କୁ ......... ଦେଶ ନିର୍ମାଣ କରିଛି ?
୫- କାନ୍‌ଲାଓନ୍ ଆଗ୍ନେୟଗିରି .......... ଦେଶରେ ଅବସ୍ଥିତ ?

## ଗତ ଥରର ଉତ୍ତର

୧ ଫେବୃଆରୀ ୧୩ ତାରିଖ
୨ ୩ୟ ସ୍ଥାନ
୩ ବାର୍ବାଡସ୍
୪ ଉତ୍ତରାଖଣ୍ଡ
୫ ୧୯୬୩ ମସିହା

## ଉତ୍ତରଦାତା


ଶେଖ୍ ୟାକୁବ୍
ଗୋପ


ମନମଥ ମଣ୍ଡଳ
ବାଲେଶ୍ୱର


ଦେବେନ୍ଦ୍ର ରାଉଳ
କେନ୍ଦ୍ରାପଡା


ମଦନ ହରିଜନ
କୋରାପୁଟ

**ସୂଚନା:** ଆଗାମୀ ଆଶା ପୃଷ୍ଠାରେ ଦିଆଯାଇଥିବା ପ୍ରଶ୍ନର ଉତ୍ତର ସହ ନିଜ ନାମ, ଠିକଣା, ଫଟୋ ଏବଂ ମତାମତ ଲେଖି ପଠାନ୍ତୁ।
**ଇ-ମେଲ୍ ଠିକଣା:** dharitriagamiasha@gmail.com

## ଟପ୍ ଟେନ୍ ୧୦

### ଗୋଲ୍ଡ ମାଇନିଂ କମ୍ପାନି

୧. ନ୍ୟୁମଣ୍ଟ କର୍ପୋରେଶନ୍ ........................ ଆମେରିକା
୨. ବ୍ୟାରିକ୍ ଗୋଲ୍ଡ ........................ କାନାଡା
୩. ଅଗ୍ନିକୋ ଇଗଲ୍ ମାଇନ୍ସ ........................ କାନାଡା
୪. ଜିଜିନ୍ ମାଇନିଂ ଗ୍ରୁପ୍ ........................ ଚାଇନା
୫. ପୋଲିଅସ୍ ........................ ରୁଷିଆ
୬. ଆଙ୍ଗ୍ଲୋଗୋଲ୍ଡ ଅଶାନ୍ତି ........................ ସାଉଥ୍ ଆଫ୍ରିକା
୭. ଗୋଲ୍ଡ ଫିଲ୍ଡସ୍ ........................ ସାଉଥ୍ ଆଫ୍ରିକା
୮. କିନ୍‌ରସ୍ ଗୋଲ୍ଡ ........................ କାନାଡା
୯. ନର୍ଦ୍ଦେନ୍ ଷ୍ଟାର୍ ରିସୋର୍ସେସ୍ ........................ ଅଷ୍ଟ୍ରେଲିଆ
୧୦. ଫ୍ରିପୋର୍ଟ-ମ୍ୟାକ୍‌ମୋରାନ୍ ........................ ଆମେରିକା

## ବ୍ୟକ୍ତିତ୍ୱର ପରିଚୟ ଦିଏ ହାତଲେଖା



**ପିଲାବେଳେ ଲେଖିବାର ପ୍ରାରମ୍ଭ ସମୟରେ ଝିଅଙ୍କ ତୁଳନାରେ ପୁଅଙ୍କଠାରେ ଲେଖିବାରେ ଅଧିକ ସମସ୍ୟା ଦେଖାଦେଇଥାଏ। ଧୀରେ ଧୀରେ ବଡ଼ ହେବା ସହ ଲେଖିବାର ଶୈଳୀ ମଧ୍ୟ ବଦଳିଥାଏ। ତେବେ ଆପଣ ଜାଣିଲେ ଆଶ୍ଚର୍ଯ୍ୟ ହେବେ, ଏକ ଗବେଷଣା ମୁତାବକ ଜଣଙ୍କ ହାତଲେଖାରୁ ମଧ୍ୟ ତାଙ୍କ ବ୍ୟକ୍ତିତ୍ୱ ଜାଣିହୁଏ। ଜାଣିବା ଏ ସମ୍ପର୍କରେ...**

➤ ଏକ ଗବେଷଣା ମୁତାବକ ଅକ୍ଷରରୁ ମଣିଷର ବ୍ୟକ୍ତିତ୍ୱ ଜଣାପଡ଼ିଥାଏ। ଛୋଟ ଅକ୍ଷର ଥିବା ମଣିଷ ଅନ୍ତର୍ମୁଖୀ ହୋଇଥିବା ବେଳେ ବଡ଼ ଅକ୍ଷର ଥିଲେ ବହିର୍ମୁଖୀ ବୋଲି ଜଣାପଡ଼ିଥାଏ।-

ଯେଉଁମାନଙ୍କ ଲେଖାରେ ଶବ୍ଦ-ଶବ୍ଦ ମଧ୍ୟରେ କମ୍ ଅନ୍ତର ରହିଥାଏ, ସେମାନେ ସଭିଙ୍କ ସହ ଏକାଠି ରହିବାକୁ ପସନ୍ଦ କରିଥା'ନ୍ତି। ହେଲେ ଯେଉଁମାନଙ୍କ ଲେଖା ମଧ୍ୟରେ ଅନ୍ତର ବେଶି, ସେମାନେ ଅଧିକ ଭିଡ଼ରେ ରହିବା ଅପେକ୍ଷା ଏକାକୀ ଆରାମଦାୟକ ଜୀବନ ଜିଇବାକୁ ପସନ୍ଦ କରିଥା'ନ୍ତି।

➤ ଧାଡ଼ି ସିଧା କରି ଲେଖୁଥିବା ବ୍ୟକ୍ତି ସର୍ବଦା ପ୍ରାକ୍ଟିକାଲ୍ ହୋଇଥା'ନ୍ତି। ହେଲେ ଯେଉଁମାନେ ସାମାନ୍ୟ ଡାହାଣକୁ ଢଳିଲା ଭଳି ଅକ୍ଷର ଲେଖନ୍ତି, ସେମାନେ ସର୍ବଦା ନୂଆ ନୂଆ ଲୋକଙ୍କୁ ଭେଟିବା ସହ ନୂଆ ଅନୁଭବ ନେବାରେ ରୁଚି ରଖନ୍ତି। ସେହିପରି ବାମକୁ ଢଳିଲା ବା ବଙ୍କା ଭଳି ଅକ୍ଷର ଲେଖୁଥିବା ବ୍ୟକ୍ତି ନିଜ ଭାବନାରେ ରହିବାକୁ ପସନ୍ଦ କରୁଥିବା ବେଳେ କେବେକେବେ ବିଦ୍ରୋହୀ ସ୍ୱଭାବର ମଧ୍ୟ ହୋଇଥା'ନ୍ତି।

- ଗୋଲ ଗୋଲ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଅଧିକ କଳାତ୍ମକ ହୋଇଥା'ନ୍ତି।
- ଖୁବ୍‌ଶୀଘ୍ର ଏବଂ ତରତର ହୋଇ ଲେଖୁଥିବା ବ୍ୟକ୍ତି ଅସ୍ଥିର ହୋଇଥିବା ବେଳେ ଧୀରେ ଲେଖୁଥିବା ବ୍ୟକ୍ତି



ବ୍ୟବସ୍ଥିତ, ସ୍ଥିରମନା ଏବଂ କଳାତ୍ମକ ହୋଇଥା'ନ୍ତି।

➤ କଲମକୁ ପ୍ରେସର ଦେଇ ବା ଦବାଇ ଲେଖୁଥିବା ବ୍ୟକ୍ତି ଅତ୍ୟନ୍ତ ପ୍ରତିଶ୍ରୁତିବଦ୍ଧ ହୋଇଥିବା ବେଳେ ପ୍ରତ୍ୟେକ କଥାକୁ ଗଭୀର ଭାବେ ଗ୍ରହଣ କରିଥା'ନ୍ତି। ଯେଉଁମାନେ ଅତ୍ୟଧିକ ଦବାଇ ଲେଖନ୍ତି, ସେମାନେ ବ୍ୟସ୍ତ ବିବ୍ରତ ସ୍ୱଭାବର ହୋଇଥିବା ବେଳେ ଅବସାଦଗ୍ରସ୍ତ ରହିଥା'ନ୍ତି। ଯେଉଁମାନେ କଲମକୁ ନ ଦବାଇ ଆରାମରେ ଲେଖିଥା'ନ୍ତି, ସେମାନେ ଅନ୍ୟମାନଙ୍କ ପ୍ରତି ସହାନୁଭୂତି ସମ୍ପନ୍ନ ହୋଇଥା'ନ୍ତି।

➤ ଯେଉଁମାନଙ୍କ ଦସ୍ତଖତ ସ୍ପଷ୍ଟ, ସେମାନେ ଆତ୍ମବିଶ୍ୱାସୀ ହୋଇଥିବା ବେଳେ ଅସ୍ପଷ୍ଟ ଅକ୍ଷରରେ ଲେଖୁଥିବା ବ୍ୟକ୍ତି ଏକାକୀ ଏବଂ ଦୁର୍ବଳମନା ହୋଇଥା'ନ୍ତି। ସେହିପରି ଦସ୍ତଖତ ତଳେ ଗାର ପକାଉଥିବା ବ୍ୟକ୍ତି ଆତ୍ମସମ୍ମାନପ୍ରିୟ ହୋଇଥା'ନ୍ତି।

# ଧରିତ୍ରୀ DHARITRI

ଧରିତ୍ରୀ 52 Years

www.orissakhabar.com/ www.dharitri.com | ପୃଷ୍ଠା ୧୪ Press Regd. No. R.N. 21326/74 Postal Regd. No. BN/42/24-26. | ଭୁବନେଶ୍ୱର, ରବିବାର, ମାର୍ଚ୍ଚ ୮/୨୦୨୬ | Bhubaneswar, Sunday, March 8/ 2026







# ଭାରତୀୟ ଦଳରେ ପରିବର୍ତ୍ତନ ସମ୍ଭାବନା

**ଅହମଦାବାଦ,୭।୩**

ରବିବାର ହେବାକୁ ଥିବା ନ୍ୟୁଜିଲାଣ୍ଡ ବିପକ୍ଷ ଟି୨୦ ବିଶ୍ୱକପ୍ ଫାଇନାଲ ପାଇଁ ଭାରତୀୟ ଦଳରେ ପରିବର୍ତ୍ତନ ସମ୍ଭାବନା ଦେଖାଦେଇଛି। ଦଳର ଦୁଇ ପ୍ରମୁଖ ଖେଳାଳି ଅଭିଷେକ ଶର୍ମା ଓ ବରୁଣ ଚକ୍ରବର୍ତ୍ତୀ ଫର୍ମରେ ନ ଥିବା ବେଳେ ସେମିଫାଇନାଲରେ ୨୫୦ରୁ ଊର୍ଦ୍ଧ୍ୱ ସ୍କୋର କରିବା ପରେ ବି ଭାରତକୁ ଷଷ୍ଠ ବୋଲରଙ୍କ ଆବଶ୍ୟକତା ଅନୁଭବ ହୋଇଥିଲା।

ଟି୨୦ ବିଶ୍ୱକପ୍ ଆରମ୍ଭ ହେବା ପୂର୍ବରୁ ଅଭିଷେକ ଦେଶର ସବୁଠୁ ଚର୍ଚ୍ଚିତ କ୍ରିକେଟର ଥିଲେ। କିନ୍ତୁ ଫାଇନାଲରେ ତାଙ୍କର ସ୍ଥାନକୁ ନେଇ ଦ୍ୱନ୍ଦ୍ୱ ଦେଖାଦେଇଛି। ତାଙ୍କର ବ୍ୟାଟିଂରେ ଥିବା ଟେକ୍‌ନିକାଲ ତ୍ରୁଟି ଓ ଏକପ୍ରକାର ଖେଳିବା ଶୈଳୀ ସମ୍ପୂର୍ଣ୍ଣ ରୂପେ ପଦାରେ ପଡ଼ିଛି। ଯଦି ସେ ଫାଇନାଲ ଖେଳନ୍ତି, ତେବେ ତାଙ୍କୁ ପ୍ରତିପକ୍ଷ ଦଳର ଅଫ୍ ସ୍ପିନର କୋଲ ମ୍ୟାକୋଞ୍ଚି ଫସାଇବାକୁ ଉଦ୍ୟମ କରିବେ। ଯଦି ତାଙ୍କୁ ବାଦ୍ ଦିଆଯାଏ, ତେବେ ମଧ୍ୟକ୍ରମରେ ରିଙ୍କୁ ସିଂ କିମ୍ବା ୱାଶିଂଟନ ସୁନ୍ଦରଙ୍କୁ ସାମିଲ କରାଯାଇପାରେ। ସେହିଭଳି ଟି୨୦ କ୍ରିକେଟର ନଂ-୧ ବୋଲର ବରୁଣ ମଧ୍ୟ ଖରାପ ଫର୍ମ ଦେଇ ଗତି କରୁଛନ୍ତି। ବ୍ୟାଟିଂ ଲାଗି



ଅଭ୍ୟାସ ଅବସରରେ ସଞ୍ଜୁ ସାମସନ ଓ ଇଶାନ କିଶନ।

ଉପଯୋଗୀ ପିଚ୍‌ରେ ତାଙ୍କ ବୋଲିଂରେ ଥିବା ରହସ୍ୟ ଉଭାନ ହୋଇଯାଉଥିବା ଅନୁଭବ ହେଉଛି। ସେ ଇଂଲଣ୍ଡ ବିପକ୍ଷ ସେମିଫାଇନାଲରେ ୪ ଓଭରରେ ୬୪ ରନ ବ୍ୟୟରେ ୧ ଉଇକେଟ ନେଇଥିଲେ। ଏଣୁ ତାଙ୍କ ସ୍ଥାନରେ ବାମହାତୀ କୁଲଦୀପ ଯାଦବଙ୍କୁ ଦଳରେ ସାମିଲ କରାଯିବାର ଆବଶ୍ୟକତା ରହିଥିବା କିଛି ପୂର୍ବତନ ଖେଳାଳି ମତ ଦେଇଛନ୍ତି। ହେଲେ ଏ ସମ୍ପର୍କରେ ଭାରତୀୟ ଅଧିନାୟକ ସୂର୍ଯ୍ୟକୁମାର ଯାଦବ ଭିନ୍ନ ମତ ଦେଇଛନ୍ତି।

## ବରୁଣଙ୍କ ଫର୍ମକୁ ନେଇ ଚିନ୍ତିତ ନୁହନ୍ତି ସୂର୍ଯ୍ୟ

ଲଗାତର ଖରାପ ପ୍ରଦର୍ଶନ ସତ୍ତ୍ୱେ ବରୁଣଙ୍କ ଫର୍ମକୁ ନେଇ ଭାରତୀୟ ଦଳର ଚିନ୍ତିତ ନ ଥିବା ଅଧିନାୟକ ସୂର୍ଯ୍ୟକୁମାର ଶନିବାର କହିଛନ୍ତି। ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ହେବାକୁ ଥିବା ଫାଇନାଲରେ ଦର୍ଶକଙ୍କୁ ଚୁପ କରିବାକୁ ଲକ୍ଷ୍ୟ ରଖିଥିବା ନେଇ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର ଦେଇଥିବା ଟିପ୍ପଣି ଉପରେ ସେ ପ୍ରତିକ୍ରିୟା ରଖିଛନ୍ତି।

ବରୁଣଙ୍କ ଫର୍ମକୁ ନେଇ ଦଳରେ କୌଣସି ଚିନ୍ତା ନାହିଁ। ଆମେ ମିଳିତ ଉଦ୍ୟମ ବଳରେ ଏପର୍ଯ୍ୟନ୍ତ ମ୍ୟାଚ୍ ଜିତୁଛୁ। ଏଣୁ କାହାକୁ ଅଧିକ ଚିନ୍ତା କରିବାର ଆବଶ୍ୟକତା ନାହିଁ। ଦଳରେ ୧୧ ଖେଳାଳି ଅଛନ୍ତି। କିନ୍ତୁ ପ୍ରତ୍ୟେକ ଦିନ ସମସ୍ତେ ପ୍ରଦର୍ଶନ କରିବେ ନାହିଁ। ମୁଁ ବରୁଣଙ୍କ ଫର୍ମକୁ ନେଇ ଚିନ୍ତିତ ନୁହେଁ। କାରଣ ସେ ବିଶ୍ୱର ନଂ-୧ ବୋଲର। ବଡ଼ ମ୍ୟାଚ୍‌ରେ ତାଙ୍କୁ କେଉଁଭଳି ପ୍ରଦର୍ଶନ କରିବା ଦରକାର ତାହା ତାଙ୍କୁ ଭଲ ଭାବେ ଜଣା। ମୁଁ ନିଶ୍ଚିତ ଯେ, ସେ ଆମକୁ ଫାଇନାଲ ଜିତାଇବେ ବୋଲି ସୂର୍ଯ୍ୟକୁମାର ଖବରଦାତା ସମ୍ମିଳନୀରେ କହିଛନ୍ତି। ଏହାବାଦ୍ ସାଣ୍ଟନର ଦେଇଥିବା ବୟାନ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି ଯେ, ସମସ୍ତେ ସମାନ କଥା କହୁଛନ୍ତି। କିଛି ତ ନୂଆ କୁହ। ଫାଇନାଲ ମ୍ୟାଚ୍ ପୂର୍ବରୁ ଭାରତୀୟ ଦଳର ଡ୍ରେସିଂ ରୁମ୍ ପରିବେଶ ସମ୍ପର୍କରେ ସେ କହିଛନ୍ତି, ସମସ୍ତ ଖେଳାଳି ଉତ୍ସାହିତ ଅଛନ୍ତି।

**ସମୟ: ସନ୍ଧ୍ୟା ୭ଟା**
**ପ୍ରସାରଣ: ଜିଓ ହଟଷ୍ଟାର**

# ଭାରତକୁ 'ଅଶୁଭ' ଡର

**କଟକ,୭।୩ (କୁମାରଶ୍ରୀ)**

କ୍ରମାଗତ ଦୁଇଥର ଟି-୨୦ ବିଶ୍ୱକପ୍ ଟାଇଟଲ ଜିତି ନୂତନ ରେକର୍ଡ କରିବା ଲକ୍ଷ୍ୟରେ ରହିଛି ଭାରତ। ରବିବାର ସନ୍ଧ୍ୟାରେ ହେବାକୁ ଥିବା ଫାଇନାଲ ମୁକାବିଲାରେ ଭାରତ ନ୍ୟୁଜିଲାଣ୍ଡକୁ ଭେଟିବ। ଅହମ୍ମଦାବାଦର ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଚଳିତ ବିଶ୍ୱକପ୍‌ର ଶେଷ ଲଢ଼େଇ ହେବ। ତେବେ ଭାରତୀୟ ଦଳର ପ୍ରଦର୍ଶନ ବ୍ୟତୀତ ଏବେ ଷ୍ଟାଡିୟମର ରେକର୍ଡକୁ ନେଇ ଚର୍ଚ୍ଚା ବଢ଼ିଛି। ୨୦୨୩ ଏକଦିବସୀୟ ବିଶ୍ୱକପ୍‌ରେ ଅପରାଜେୟ ରହିଥିବା ଭାରତ ଏହି ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ଠାରୁ ପରାସ୍ତ ହୋଇଥିଲା। ସେହିପରି ଚଳିତ ବିଶ୍ୱକପରେ ଦଳ ଗୋଟିଏ ପରାଜୟର ସମ୍ମୁଖୀନ ହୋଇଥିବା ବେଳେ ତାହା ମଧ୍ୟ ଉକ୍ତ ଷ୍ଟାଡିୟମରେ ଦେଖିବାକୁ ମିଳିଛି। ସାମାଜିକ ଗଣମାଧ୍ୟମରେ ନରେନ୍ଦ୍ର ମୋଦି ଷ୍ଟାଡିୟମକୁ ଆଇସିସି ଇଭେଣ୍ଟରେ ଭାରତ ପାଇଁ 'ଅଶୁଭ' ବୋଲି ବିବେଚନା କରାଯାଉଛି। ଏ ବାବଦରେ ଓଡ଼ିଆ କ୍ରିକେଟରମାନେ ଯାହା କୁହନ୍ତି...



ଟ୍ରଫି ସହ ଅଧିନାୟକ ସୂର୍ଯ୍ୟକୁମାର ଯାଦବ।

### ଶୁଭଫଳ ମିଳୁ

ପୁରୁଣା କିଛି ମ୍ୟାଚ୍ ରେକର୍ଡରୁ ନରେନ୍ଦ୍ର ମୋଦି ଷ୍ଟାଡିୟମକୁ ପନୋତି ତଥା ଅଶୁଭ ବୋଲି



କୁହାଯାଉଛି। ହେଲେ ସମସ୍ତ ଭାରତୀୟଙ୍କ ଭଲପାଇବା ବଳରେ ଏବେ ଶୁଭ ଫଳ ମିଳୁ। ମନରେ ଯେଉଁ ଭୟ ରହିଛି, ତାହା ସତରେ ପରିଣତ ହୋଇନଯାଉ। ନ୍ୟୁଜିଲାଣ୍ଡର ଓପନର ବ୍ୟାଟର ଭାରତ ପାଇଁ ଚିନ୍ତା ବଢ଼ାଇ ପାରନ୍ତି। ବୁମ୍‌ରାଙ୍କ ଯାଦୁ ଚାଲିଲେ ଖେଳ ବଦଳି ଯାଇପାରେ। ବରୁଣ ଚକ୍ରବର୍ତ୍ତୀଙ୍କ ପ୍ରଦର୍ଶନକୁ ନେଇ ଚିନ୍ତା ବଢ଼ିଛି। ତଥାପି ତାଙ୍କ ଉପରେ ଦଳ ଯେଉଁ ଭରସା ଏବଂ ବିଶ୍ୱାସ ରଖିଛି ସେଥିରୁ ସେ 'ଏକ୍ସ-ଫ୍ୟାକ୍ଟର' ଭାବେ ପରିଗଣିତ ହୋଇପାରନ୍ତି।

- ଶୁଭ୍ରାଂଶୁ ଶେଖର ସେନାପତି

### ସବୁଦିନ ସମାନ ନ ଥାଏ

ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଫାଇନାଲ ମ୍ୟାଚ୍ ଖେଳାଯିବା ପ୍ରସଙ୍ଗକୁ ନେଇ ସମସ୍ତଙ୍କ ମନରେ ଅଳ୍ପବହୁତେ ଆଶଙ୍କା ରହିଛି। ଫଳାଫଳ ଭାରତ ବିପକ୍ଷରେ ନଯାଉ ବୋଲି ଡର ରହିଛି। ତଥାପି ସବୁଦିନ ସମାନ ନଥାଏ। ଫାଇନାଲ ମୁକାବିଲାରେ କଡା ଟକ୍କର ହେବା ନିଶ୍ଚିତ। ଅଭିଷେକ ଶର୍ମାଙ୍କ ଠାରୁ କିଛି ବିସ୍ଫୋରକ ପାଳି ଆଶା କରାଯାଉଛି। କ୍ରିକେଟ ଇତିହାସରେ ଭାରତ ଯେଉଁ ବ୍ରାଣ୍ଡ୍ ସେଟ୍ କରିସାରିଛି, ସେହି ଅନୁସାରେ ଖେଳିଲେ ବିଶ୍ୱକପ୍ ପୁଣି ଥରେ ଭାରତବାସୀଙ୍କ ପାଖକୁ ଫେରିବ। ବୋଲିଂ ଲାଇନ୍‌ଅପରେ ବୁମ୍‌ରାଙ୍କ ସମେତ ଅନ୍ୟମାନେ ଶାଣିତ ବୋଲିଂ କରି ପାରିଲେ ନ୍ୟୁଜିଲାଣ୍ଡକୁ ସହଜରେ ଧୂଳି ଚଟାଇ ପାରିବ।



- ବିପ୍ଲବ ସାମନ୍ତରାୟ

# ଦର୍ଶକଙ୍କୁ ଚୁପ୍ କରିବା ଆମର ଲକ୍ଷ୍ୟ: ସାଣ୍ଟନର



ଖବରଦାତା ସମ୍ମିଳନୀରେ ନ୍ୟୁଜିଲାଣ୍ଡ ଅଧିନାୟକ ମିଚେଲ ସାଣ୍ଟନର।

**ଅହମଦାବାଦ,୭।୩:** ଟୁର୍ନାମେଣ୍ଟ ଜିତିବା ପାଇଁ ଆମେ ଫେଭରାଇଟ୍ ଦଳ ନୁହେଁ। କିନ୍ତୁ ଥରେ ଟ୍ରଫି ଉଠାଇବା ପାଇଁ ଯଦି ଆମକୁ କିଛି ହୃଦୟ ଭାଙ୍ଗିବାକୁ ପଡ଼େ, ତେବେ ଆମେ ମନା କରିବୁ ନାହିଁ। ଫାଇନାଲ ମ୍ୟାଚ୍ ପୂର୍ବରୁ ଆୟୋଜିତ ଖବରଦାତା ସମ୍ମିଳନୀରେ ନ୍ୟୁଜିଲାଣ୍ଡ ଦଳର ଅଧିନାୟକ ମିଚେଲ ସାଣ୍ଟନର କହିଛନ୍ତି।

ଆମର ଲକ୍ଷ୍ୟ ହେଉଛି, ନରେନ୍ଦ୍ର ମୋଦି ଷ୍ଟାଡିୟମରେ ଉପସ୍ଥିତ ଦର୍ଶକଙ୍କୁ ଚୁପ କରିବା। ଟି୨୦ କ୍ରିକେଟରେ ସମୟ କ୍ରମେ ଅନେକ ପରିବର୍ତ୍ତନ ଆସୁଛି। ପୂରା ଟୁର୍ନାମେଣ୍ଟରେ ଅନେକ ଦଳ ସମାନ ପରିସ୍ଥିତିରେ ଥିଲେ ଏବଂ ମ୍ୟାଚ୍‌ର କିଛି ଛୋଟ ଛୋଟ ମୁହୂର୍ତ୍ତରେ ଘଟୁଥିବା ଘଟଣା ଫଳାଫଳ ପରିବର୍ତ୍ତନ କରିଥିଲା। ଭାରତ ବିପକ୍ଷ ସେମିଫାଇନାଲରେ ଇଂଲଣ୍ଡ ବିଜୟ ଲକ୍ଷ୍ୟର ଖୁବ ନିକଟରେ ପହଞ୍ଚି ଯାଇଥିଲା। ଦକ୍ଷିଣ ଆଫ୍ରିକା ମଧ୍ୟ ପୂରା ଟୁର୍ନାମେଣ୍ଟରେ ଭଲ କ୍ରିକେଟ ଖେଳିଥିଲା। ଏଣୁ ଛୋଟ ଛୋଟ ତ୍ରୁଟି ମ୍ୟାଚ୍‌ରୁ ବିଦା କରିପାରେ। ଯଦି ଆମେ ଆମର ଶ୍ରେଷ୍ଠ ପ୍ରଦର୍ଶନ କରିବା, ତେବେ ଆମେ ଆଉ ଏକ ବଡ଼ ଦଳକୁ ଅପସେଟ୍ କରିପାରିବୁ। ମୋ ମତରେ ଭାରତୀୟ ଦଳ ଉପରେ ଘରୋଇ ପରିବେଶରେ ବିଶ୍ୱକପ୍ ଜିତିବାର ଖୁବ ଚାପ ରହିଛି। ଯଦି ଆମେ ଏହି ମ୍ୟାଚ୍ ଜିତିବାରେ ବିଫଳ ହେଉ, ତେବେ ଘରୋଇ ଦଳ ଲାଗି ବିଶ୍ୱକପ୍ ଜିତିବା ଖୁବ ସୁଖଦ ହେବ। ଏଣୁ ଆମେ ସେମାନଙ୍କ ଉପରେ ଆହୁରି ଅଧିକ ଚାପ ପକାଇବାକୁ ଉଦ୍ୟମ କରିବୁ ବୋଲି ସାଣ୍ଟନର କହିଛନ୍ତି। ନ୍ୟୁଜିଲାଣ୍ଡ ଗତ ୧୧ ବର୍ଷରେ ପଞ୍ଚମ ଥର ପାଇଁ ଆଇସିସି ଟୁର୍ନାମେଣ୍ଟର ଫାଇନାଲ ଖେଳିବାକୁ ଯାଉଛି। ଏ ସମ୍ପର୍କରେ ସେ ପ୍ରକାଶ କରିଛନ୍ତି, ଟ୍ରଫି ଜିତିବାରେ ମୋର କୌଣସି ଆପତ୍ତି ନାହିଁ। ଆମ ଦଳର ଖେଳାଳିମାନେ ଆଇସିସି ଟୁର୍ନାମେଣ୍ଟରେ ଖୁବ ସ୍ଥିର ପ୍ରଦର୍ଶନ କରି ଆସୁଛନ୍ତି। କାରଣ ଆମେ ପରିସ୍ଥିତି କିମ୍ବା ପ୍ରତିପକ୍ଷ ଦଳକୁ ନେଇ ବିଚଳିତ ହେଉ ନାହିଁ। ସଭିଙ୍କୁ ଜଣା ଯେ, ଆମେ ଟୁର୍ନାମେଣ୍ଟ ଜିତିବା ଲାଗି ଫେଭରାଇଟ୍ ନୁହେଁ। କିନ୍ତୁ ହଁ, ଥରେ ଟ୍ରଫି ଉଠାଇବା ପାଇଁ ମୁଁ କିଛି ହୃଦୟ ଭାଙ୍ଗିବାକୁ ମନା କରିବି ନାହିଁ।

# ହଟଷ୍ଟାରରେ ଦେଖିଲେ ରେକର୍ଡ ସଂଖ୍ୟକ ଦର୍ଶକ

ଆଇସିସି ଟି୨୦ ବିଶ୍ୱକପ୍‌ରେ ଭାରତ-ଇଂଲଣ୍ଡ ସେମିଫାଇନାଲ ମ୍ୟାଚ୍‌କୁ ଜିଓ ହଟ୍‌ଷ୍ଟାର ଜରିଆରେ ୬୫.୨ ନିୟୁତ ଦର୍ଶକ ଉପଭୋଗ କରିଛନ୍ତି, ଯାହାକି ଏକ ନୂଆ ବିଶ୍ୱ ରେକର୍ଡ। ଡିଜିଟାଲ ଯୁଗରେ ଏହା ହେଉଛି ଏକ ନୂଆ ମାଇଲଖୁଣ୍ଟ ବୋଲି ଆଇସିସି ଚେୟାରମ୍ୟାନ୍ ଜୟ ଶାହା 'ଏକ୍ସ'ରେ ଉଲ୍ଲେଖ କରିଛନ୍ତି। ଏହା ଆମ ପାଇଁ ଏକ ଐତିହାସିକ ମୁହୂର୍ତ୍ତ। କ୍ରୀଡ଼ା ମିଡିଆ ଓ ଷ୍ଟ୍ରିମିଂ ଜଗତରେ ନୂତନ ବିଶ୍ୱ ମାନଦଣ୍ଡ ସ୍ଥାପନ କରିବା ଆମ ପାଇଁ ଗର୍ବର ମୁହୂର୍ତ୍ତ।

# ପିଚ୍ ବ୍ୟାଟରଙ୍କୁ ସୁହାଇବ

ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ହେବାକୁ ଥିବା ଫାଇନାଲ ମ୍ୟାଚ୍ ଲାଗି କେଉଁ ପିଚ୍ ବ୍ୟବହାର କରାଯିବ, ତାହା ଚର୍ଚ୍ଚାର ବିଷୟ ରହିଛି। ଏହି ଭେନ୍ୟୁ ଚଳିତ ଟୁର୍ନାମେଣ୍ଟରେ ବ୍ୟାଟରଙ୍କୁ ସୁହାଇଛି। ଏଠାରେ ପ୍ରଥମ ଇନିଂସରେ ହାରାହାରି ସ୍କୋର ୧୮୯ ରହିଛି। ୨୦୨୧ଠାରୁ ସନ୍ଧ୍ୟାରେ ୧୧ ଟି୨୦ ମ୍ୟାଚ୍ ଖେଳାଯାଇଥିବା ବେଳେ ପ୍ରଥମେ ବ୍ୟାଟିଂ କରିଥିବା ଦଳ ୭ ଥର ବାଜି ମାରିଛି। ପ୍ରଥମେ ବ୍ୟାଟିଂ କରି ମ୍ୟାଚ୍ ଜିତିଥିବା ସମସ୍ତ ଦଳ ୧୮୫ରୁ ଊର୍ଦ୍ଧ୍ୱ ସ୍କୋର କରିଥିଲେ। ଅନ୍ୟ ୪ ଥର ୧୮୦ରୁ କମ୍ ସ୍କୋର ଥିଲା। ଅନ୍ୟପକ୍ଷରେ ନ୍ୟୁଜିଲାଣ୍ଡ ଲକ୍ଷ୍ୟର ପିଛା କରିବାକୁ ଇଚ୍ଛୁକ। କାରଣ ପ୍ରଥମେ ବ୍ୟାଟିଂ କରିଥିବା ୨ ମ୍ୟାଚ୍‌ରେ ଦଳକୁ ପରାଜିତ ହେବାକୁ ପଡ଼ିଛି।

# ହୋଟେଲ ଭଡ଼ା ୪୦୦% ବଢ଼ିଲା

**ଅହମଦାବାଦ,୭।୩:** ମୋଟେରାସ୍ଥିତ ନରେନ୍ଦ୍ର ମୋଦି ଷ୍ଟାଡିୟମରେ ରବିବାର ସନ୍ଧ୍ୟାରେ ଭାରତ ଓ ନ୍ୟୁଜିଲାଣ୍ଡ ମଧ୍ୟରେ ଟି୨୦ ବିଶ୍ୱକପ୍ ଫାଇନାଲ ମ୍ୟାଚ୍ ଖେଳାଯିବ। ଏଥିଲାଗି ସହରର ପ୍ରାୟତଃ ହୋଟେଲରେ ରୁମ ଭଡ଼ା ବୃଦ୍ଧି ପାଇଛି। ଏପରିକି ରୁମ ଭଡ଼ା ୩୦୦ରୁ ୪୦୦ ପ୍ରତିଶତ ବୃଦ୍ଧି ପାଇଛି। ଏ ସମ୍ପର୍କରେ ହୋଟେଲ୍ସ ଆଣ୍ଡ ରେଷ୍ଟୁରାଣ୍ଟ୍ସ ଆସୋସିଏଶନ ଅଫ୍ ଗୁଜରାଟ ସଭାପତି ତଥା ହୋଟେଲିଅର ନରେନ୍ଦ୍ର ସୋମାନି କହିଛନ୍ତି, ପୂର୍ବରୁ ଯେଉଁ ରୁମର ମୂଲ୍ୟ ୫ ହଜାର ଥିଲା, ତାହା ଏବେ ୩୦୦ରୁ ୪୦୦% ବୃଦ୍ଧି ପାଇ ୨୦ ହଜାରରେ ପହଞ୍ଚିଛି। ଫାଇନାଲରେ ଭାରତ ଖେଳୁଥିବାରୁ କ୍ରିକେଟ ପ୍ରଶଂସକଙ୍କ ମଧ୍ୟରେ ହୋଟେଲ ରୁମ ଚାହିଦା ବୃଦ୍ଧି ପାଇଛି। ଏଥିଯୋଗୁ ଅନଲାଇନରେ ଅନେକ ପ୍ରମୁଖ ହୋଟେଲରେ ରୁମ୍ ଭଡ଼ାରେ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି। ସିନ୍ଧୁ ଭବନ ରୋଡ୍‌ରେ ଥିବା ତାଜ ସ୍କାଇଲାଇନରେ ଏକ ଡିଲକ୍ସ ରୁମ୍‌ର ଭଡ଼ା ରବିବାର ରାତିପାଇଁ ୨.୦୧ ଲକ୍ଷ ଟଙ୍କା ସହିତ ଜିଏସ୍‌ଟି ବାବଦକୁ ୩୬ ହଜାର ଅଧିକ ଦେବାକୁ ପଡ଼ିବ।







1-Printed and published by Adyasha Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ